# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୨୪/୨୦୨୨ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 24/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-





**୨୩ ଭାରତୀୟ ମତ୍ସ୍ୟଜୀବୀଙ୍କୁ ମୁକ୍ତକଲା ଶ୍ରୀଲଙ୍କା**

ଶ୍ରୀଲଙ୍କାରୁ ୨୩ ଜଣ ମତ୍ସ୍ୟଜୀବୀ ଶନିବାର ଭାରତ ପ୍ରତ୍ୟାର୍ପଣ କରିଛନ୍ତି। ଭାରତୀୟ ଉଚ୍ଚାୟୁକ୍ତ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସାମୁଦ୍ରିକ ପଥ ଦେଇ ଶ୍ରୀଲଙ୍କାକୁ ଅନୁପ୍ରବେଶ କରିବା ଅଭିଯୋଗରେ ଶ୍ରୀଲଙ୍କା ନୌସେନା ଉକ୍ତ ମତ୍ସ୍ୟଜୀବୀଙ୍କୁ ଗିରଫ କରିଥିଲା। ଜୁଲାଇ ୩ରେ ଶ୍ରୀଲଙ୍କା ନୌସେନା ୧୨ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଥିବାବେଳେ ୧୨ ତାରିଖରେ ଆଉ ୬ଜଣଙ୍କୁ ଗିରଫ କରିଛି।



ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ଟ୍ୟୁନିସିଆ ରାଷ୍ଟ୍ରପତି କାଇସ୍ ସଇଦ୍ ଏକ ଚିଠା ସମ୍ବିଧାନ ପ୍ରସ୍ତୁତ କରିଛନ୍ତି, ଯାହା ଉପରେ ସୋମବାର ଗଣଭୋଟ କରାଯିବ। ଏହାର ପ୍ରତିବାଦରେ ବିରୋଧୀ ମେଣ୍ଟ ନ୍ୟାଶନାଲ ସାଲଭେଶନ ଫ୍ରଣ୍ଟ ନେତୃତ୍ୱରେ ରାଜଧାନୀ ଟ୍ୟୁନିସ୍‌ରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। ଏଥିରେ ବହୁସଂଖ୍ୟକ ବରିଷ୍ଠ ନାଗରିକ ଭାଗନେଇଛନ୍ତି।

## ଡାଉନିଂ ଷ୍ଟ୍ରିଟ୍ ଦୌଡ଼ ସର୍ଭେ
# ଟ୍ରସ୍‌ଙ୍କ ପଲା ଭାରି

ଲଣ୍ଡନ, ୨୩।୭

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍‌ଙ୍କ ଉତ୍ତରାଧିକାରୀ ଦୌଡ଼ରେ ଭାରତୀୟ ବଂଶୋଦ୍ଭବ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକ(୪୨) ଆଗରେ ଥିଲେ ହେଁ ଏକ ସର୍ଭେ ରିପୋର୍ଟରେ କିନ୍ତୁ ଏହାର ବିପରୀତ ଫଳାଫଳ ଆକଳନ କରାଯାଇଛି। ତଥ୍ୟ ବିଶ୍ଳେଷଣ କମ୍ପାନୀ 'ୟୁ ଗଭ୍' ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ବହିର୍ବ୍ୟାପାର ମନ୍ତ୍ରୀ ୪୬ ବର୍ଷୀୟା ଲିଜ୍ ଟ୍ରସ୍ ଡାଉନିଂ ଷ୍ଟ୍ରିଟ୍ ରେସ୍‌ରେ ସୁନକଙ୍କୁ ପଛରେ ପକାଇ ପାରନ୍ତି। ଟ୍ରସ୍ ୧୯ ପଏଣ୍ଟ ଅଧିକ ପାଇ ଦୌଡ଼ରେ ଆଗୁଆ ରହିପାରନ୍ତି। ଦୁଇ ଦିନ ପୂର୍ବରୁ ଟ୍ରସ୍‌ଙ୍କ ପାଖରେ ୨୦ ପଏଣ୍ଟ ଅଧିକ ଥିବାବେଳେ ଏବେ ସେ ସୁନକଙ୍କଠାରୁ



ଲିଜ୍ ଟ୍ରସ୍



ଋଷି ସୁନକ

୨୪% ଅଧିକ ପଏଣ୍ଟ ହାସଲ କରିଛନ୍ତି। ବୁଧବାର ଏବଂ ଗୁରୁବାର କଞ୍ଜରଭେଟିଭ୍ ପାର୍ଟିର ୭୩୦ ସଦସ୍ୟଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୨% ଟ୍ରସ୍‌ଙ୍କ ସପକ୍ଷରେ ମତ ଦେଇଥିବାବେଳେ ମାତ୍ର ୩୮% ସୁନକଙ୍କୁ ଭୋଟ ଦେବେ ବୋଲି କହିଛନ୍ତି। ତେଣୁ ଆଗକୁ ସୁନକଙ୍କ ପାଇଁ ବିଜୟ ସହଜ ହୋଇ ନ ପାରେ ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ଦୌଡ଼ରେ ଟ୍ରସ୍ ଏବଂ ସୁନକ ଶେଷ ପ୍ରତିଯୋଗୀ ହୋଇଥିବାବେଳେ ଏବେ ଉଭୟେ ନିଜ ସପକ୍ଷରେ ଅଧିକ ସମର୍ଥନ ହାସଲ କରିବା ପାଇଁ ପ୍ରଚାରରେ ଲାଗିଛନ୍ତି। ଏକ ସାକ୍ଷାତକାରରେ ସୁନକ କହିଛନ୍ତି, ବ୍ରିଟେନକୁ ସବୁପ୍ରକାର ସଙ୍କଟରୁ ବାହାର କରିବାକୁ ସେ ପ୍ରତିଶ୍ରୁତିବଦ୍ଧ। ଦେଶ ଗମ୍ଭୀର ଆର୍ଥିକ ଚ୍ୟାଲେଞ୍ଜର ସାମ୍ନା କରୁଛି। କେବଳ ବାଣିଜ୍ୟ କାରବାର ଦୃଷ୍ଟିକୋଣରୁ ଏହାର ସମାଧାନ ସମ୍ଭବ ନୁହେଁ। ସରକାରୀ ବ୍ୟବସ୍ଥା ଠିକ୍ ଭାବେ କାମ କରୁ ନ ଥିବା ସେ ଅନୁଭବ କରୁଛନ୍ତି। ଦୀର୍ଘ ଦିନ ଧରି ତ୍ରୁଟିପୂର୍ଣ୍ଣ ଉପାୟରେ ଚାଲିଥିବା ସିଷ୍ଟମକୁ ସଜାଡ଼ିବାକୁ ପଡ଼ିବ। ସେହିପରି ଲିଜ୍ ଟ୍ରସ୍ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେଲେ ବ୍ରିଟେନରେ ଲାଗୁ ହେଉଥିବା ୟୁରୋପୀୟ ସଂଘର ନିୟମଗୁଡ଼ିକୁ ୨୦୨୩ ସୁଦ୍ଧା ହଟାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବେଆଇନ ଖଣି ଖନନକୁ ବିରୋଧ: ସନ୍ଥଙ୍କ ଆତ୍ମାହୁତି

**ଜୟପୁର, ୨୩।୭:** ରାଜସ୍ଥାନର ଭରତପୁର ଜିଲା ଦୀଗ ନିକଟ ପାହାଡ଼ରୁ ବେଆଇନ ଖଣି ଖନନକୁ ବିରୋଧ କରି ସନ୍ଥ ବିଜୟ୍ ଦାସ ଆତ୍ମାହୁତି ଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲକୁ ଅଣାଯାଇଥିବାବେଳେ ଶନିବାର



ଭୋରରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଶରୀରର ୮୦%ରୁ ଊର୍ଦ୍ଧ୍ୱ ଭାଗ ଜଳିଯାଇଥିଲା ବୋଲି ଡାକ୍ତର କହିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଉତ୍ତରପ୍ରଦେଶର ମଥୁରା ସ୍ଥିତ ବର୍ସାନାଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ। ପ୍ରାୟ ଦେଢ଼ ବର୍ଷ ହେଲା ସାଧୁ ବିଜୟ୍ ଦାସ ବେଆଇନ ଖଣି ଖନନ ବିରୋଧରେ ଆନ୍ଦୋଳନ କରି ଆସୁଥିଲେ। କନକାଚଲ ଏବଂ ଆଦି ବଦ୍ରି ପାହାଡ଼ ପ୍ରସିଦ୍ଧ ବ୍ରଜ ଚୌରାସୀ ତୀର୍ଥଯାତ୍ରା ସର୍କିଟର ଅଂଶ। ତୀର୍ଥଯାତ୍ରା ଦାୟିତ୍ୱ ନେଉଥିବା ସାଧୁସନ୍ଥମାନେ ସେଠାରୁ ଖଣିଖନନ ବନ୍ଦ କରାଇବା ସହ ବିଜ୍ଞପ୍ତି ମାଧ୍ୟମରେ ଉକ୍ତ ଅଞ୍ଚଳକୁ ଜଙ୍ଗଲ ଜମି ଘୋଷଣା ପାଇଁ ଦାବି କରିଆସୁଛନ୍ତି। ଏହାକୁ ନେଇ ବୁଧବାର ସେ ଆନ୍ଦୋଳନସ୍ଥଳୀରେ ହିଁ ନିଜ ଦେହରେ ନିଆଁ ଲଗାଇଦେଇଥିଲେ। ସାଧୁଙ୍କ ମୃତ୍ୟୁ ପାଇଁ ଭାଜପା ଅଶୋକ ଗେହଲଟ ସରକାରଙ୍କୁ ଦାୟୀ କରିଛି।

# ପାର୍ଥ, ଅର୍ପିତା ଗିରଫ

କୋଲକାତା/ନୂଆଦିଲ୍ଲୀ, ୨୩।୭

- ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲାରେ ଇଡି କାର୍ଯ୍ୟାନୁଷ୍ଠାନ
- ୨ ଦିନିଆ ରିମାଣ୍ଡରେ ଗଲେ ମମତାଙ୍କ ମନ୍ତ୍ରୀ
- ସହଯୋଗୀ ଅର୍ପିତାଙ୍କ ଘରୁ ୨୧ କୋଟି ଜବତ

ପଶ୍ଚିମବଙ୍ଗର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଏବଂ ତାଙ୍କ ସହଯୋଗୀ ତଥା ଅଭିନେତ୍ରୀ ଅର୍ପିତା ମୁଖାର୍ଜୀଙ୍କୁ ଏକ ମନି ଲଣ୍ଡରିଂ ମାମଲାରେ ଶନିବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ଅର୍ପିତାଙ୍କ ଘରୁ ଶୁକ୍ରବାର ରାତିରେ ୨୧ କୋଟି ଟଙ୍କା ଜବତ ହୋଇଥିଲା। ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବରିଷ୍ଠ ନେତା ପାର୍ଥଙ୍କୁ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଇଡି ୨୬ ଘଣ୍ଟା ଧରି ଜେରା କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ପାର୍ଥଙ୍କୁ ଶନିବାର କୋଲକାତା ସ୍ଥିତ ଏକ ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) କୋର୍ଟରେ ଇଡି ହାଜର କରାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ତଦନ୍ତକାରୀ ସଂସ୍ଥା ତାଙ୍କୁ ୨ ଦିନିଆ ରିମାଣ୍ଡରେ ନେଇଛି। ଇତିମଧ୍ୟରେ ପାର୍ଥ ହଠାତ୍ ଅସୁସ୍ଥ ହୋଇଯିବାରୁ ରାତିରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଟିଏମ୍‌ସି ସାଧାରଣ ସମ୍ପାଦକ ପାର୍ଥ ଚାଟାର୍ଜୀ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଶିକ୍ଷାମନ୍ତ୍ରୀ ଥିବାବେଳେ ପଶ୍ଚିମବଙ୍ଗ ବିଦ୍ୟାଳୟ ସେବା ଆୟୋଗ (ଡବ୍ଲୁବିଏସ୍‌ଏସ୍‌ସି) ଅଧୀନରେ ଶିକ୍ଷକ ନିଯୁକ୍ତି ବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଥିଲା। ୨୦୧୬ରେ ଡବ୍ଲୁବିଏସ୍‌ଏସ୍‌ସିଙ୍କ ସୁପାରିସ କ୍ରମେ ସରକାରୀ ଓ ସରକାରଙ୍କ ପକ୍ଷରୁ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ଗ୍ରୁପ୍-ସି, ଗ୍ରୁପ୍-ଡି ଷ୍ଟାଫ୍ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ମାମଲା କାଲ୍‌କାଟା ହାଇକୋର୍ଟରେ ପହଞ୍ଚିଲା। ହାଇକୋର୍ଟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗତ ଏପ୍ରିଲ ଓ ମେ'ରେ ପାର୍ଥଙ୍କୁ ସିବିଆଇ ଜେରା କରିଥିଲା। ସେହିପରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ଏହାର ଆର୍ଥିକ ଅନିୟମିତତା ଦିଗକୁ ନେଇ ତଦନ୍ତ ଚଳାଇଥିଲା। ଶୁକ୍ରବାର ଇଡି ପକ୍ଷରୁ ପାର୍ଥ ଚାଟାର୍ଜୀଙ୍କ ଘନିଷ୍ଠ କୁହାଯାଉଥିବା ଅର୍ପିତା ମୁଖାର୍ଜୀଙ୍କ ଘରେ ଚଢ଼ାଉବେଳେ ବିପୁଳ ଅର୍ଥ ଜବତ କରାଯାଇଥିଲା। ଟଙ୍କାର ପରିମାଣ ଏତେ ଥିଲା ଯେ, ତାକୁ ଗଣିବା ପାଇଁ ନୋଟ୍ କାଉଣ୍ଟିଂ ମେସିନ ଅଣାଯାଇଥିଲା। ଇଡି ପାର୍ଥଙ୍କୁ ଶୁକ୍ରବାର ସକାଳୁ ଜେରା ଆରମ୍ଭ କରିଥିଲା। ରାତି ସାରା ବିଭିନ୍ନ ପ୍ରଶ୍ନ ପଚାରିବାବେଳେ ପାର୍ଥ ତଦନ୍ତକାରୀ ଅଧିକାରୀମାନଙ୍କୁ ସହଯୋଗ କରି ନ ଥିବା ଦର୍ଶାଇ ଇଡି ତାଙ୍କୁ ଗିରଫ କରିଥିଲା। ଅଦାଲତଙ୍କ ଅନୁମତିକ୍ରମେ ଇଡି ତାଙ୍କୁ ୨ ଦିନିଆ ରିମାଣ୍ଡରେ ନେଇଛି। ସେ କୌଣସି ଭୁଲ୍ କାର୍ଯ୍ୟ କରିନାହାନ୍ତି। ତାଙ୍କୁ ବଦନାମ କରିବା ପାଇଁ ଏହା ଭାଜପାର ଏକ ଷଡ଼ଯନ୍ତ୍ର ବୋଲି ପାର୍ଥ କହିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପାନେ ଦେବା ପାଇଁ ତତ୍ପର ଭାଜପା ଏହାକୁ ନେଇ ଉତ୍‌ଫୁଲ୍ଲିତ ଜଣାପଡ଼ୁଛି। ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦିଲୀପ ଘୋଷ କହିଛନ୍ତି, ଟିଏମ୍‌ସି ଆକଣ୍ଠ ଦୁର୍ନୀତିରେ ବୁଡ଼ି ରହିଛି। ମମତାଙ୍କ ଜଣେ କ୍ୟାବିନେଟ ମନ୍ତ୍ରୀ ଗିରଫ ହେବା ଏହାକୁ ପ୍ରମାଣିତ କରିଛି। ମମତାଙ୍କ ପୂର୍ବ ସହଯୋଗୀ ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଜବତ ୨୧ କୋଟି ଟଙ୍କା ହେଉଛି ସମୁଦ୍ରରୁ ଶଙ୍ଖେ। ଏହା ଟ୍ରେଲର ମାତ୍ର। ଆଗକୁ ପୂରା ଫିଲ୍ମ ବାକି ଅଛି।

> ଅର୍ପିତା ମୁଖାର୍ଜୀଙ୍କ ଘରୁ ଜବତ ହିସାବ ବହିର୍ଭୂତ ୨୧ କୋଟି ଟଙ୍କା ସହ ଗିରଫ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ କିଛି ସମ୍ପର୍କ ନାହିଁ। ନ୍ୟାୟପାଳିକା ଉପରେ ଟିଏମ୍‌ସିର ପୂର୍ଣ୍ଣ ବିଶ୍ୱାସ ରହିଛି। କୋର୍ଟରେ ଅଭିଯୋଗ ପ୍ରମାଣିତ ହେଲେ ପାର୍ଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ବର୍ତ୍ତମାନ ଟିଏମ୍‌ସି ତାଙ୍କୁ ମନ୍ତ୍ରିମଣ୍ଡଳ କିମ୍ବା ଦଳର ସାଧାରଣ ସମ୍ପାଦକ ପଦରୁ ବାହାର କରିବ ନାହିଁ।
>
> **-କୁନାଲ ଘୋଷ, ଟିଏମ୍‌ସି ମୁଖପାତ୍ର**



ପଶ୍ଚିମବଙ୍ଗ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସହ ଅଭିନେତ୍ରୀ ଅର୍ପିତା ମୁଖାର୍ଜୀ।

## ଅଳ୍ପରେ ଅର୍ପିତା

କୋଲକାତା, ୨୩।୭

ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ନିକଟତମ ସହଯୋଗୀ ଅର୍ପିତା ମୁଖାର୍ଜୀ ଜଣେ ଅଭିନେତ୍ରୀ। ସେ କେତେକ ଓଡ଼ିଆ, ବଙ୍ଗାଳୀ ଏବଂ ତାମିଲ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ୨୦୦୯ରେ ସେ ବଙ୍ଗାଳୀ ସୁପରଷ୍ଟାର ପ୍ରସନ୍ନଜିତ୍ ଚାଟାର୍ଜୀଙ୍କ ସହ 'ମାମା ଭଗ୍ନେ' ଏବଂ ୨୦୦୮ରେ ଅଭିନେତା ଜିତ୍‌ଙ୍କ ସହ 'ପାର୍ଟନର' ଫିଲ୍ମରେ ଅଭିନୟ କରିଥିଲେ। ପାର୍ଥ ଚାଟାର୍ଜୀଙ୍କ ଦୁର୍ଗା ପୂଜା କମିଟି ନାକତଲ୍ ଉଦୟନ୍ ସଂଘ ପାଇଁ ୨୦୧୯ ଓ ୨୦୨୦ରେ ପ୍ରଚାର ଅଭିଯାନର ମୁଖ୍ୟ ଚେହେରା ଥିଲେ। ପାର୍ଥ ଅନେକ ସମୟରେ ଅର୍ପିତାଙ୍କ ବାସଭବନକୁ ଯାଉଥିଲେ ବୋଲି ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ୬-୭ ବର୍ଷ ଧରି ଅର୍ପିତା ମଡେଲିଂ କରୁଥିଲେ। ନେଲ୍-ଆର୍ଟ ପାଇଁ ତାଙ୍କର ୩ଟି ଆଉଟଲେଟ୍ ରହିଛି। ଅଧିକାଂଶ ସମୟରେ ସେ ତାଙ୍କ ପୈତୃକ ଘରେ ରହୁଥିବାବେଳେ ବେଳେବେଳେ ଫ୍ଲାଟ୍‌କୁ ଆସିଥାନ୍ତି। ଏକ ପୂଜା କମିଟି ମାଧ୍ୟମରେ ୩/୪ ବର୍ଷ ପୂର୍ବେ ସେ ପାର୍ଥଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ମା' ନର୍ଥ ୨୪-ପ୍ରଗଣାର ବେଲଘରିଆରେ ରହୁଛନ୍ତି। ଏକ ପ୍ରଡକ୍ସନ କମ୍ପାନୀ ସହ ମଧ୍ୟ ସେ କାମ କରୁଥିବା ତାଙ୍କ ମା' ମିନତୀ ମୁଖାର୍ଜୀ କହିଛନ୍ତି।

## ଯାତ୍ରୀଙ୍କ ଜୀବନ ରକ୍ଷାକଲେ ରାଜ୍ୟପାଳ



ଡ. ତାମିଲିସାଇ ସୌନ୍ଦରାଜନ

**ହାଇଦ୍ରାବାଦ, ୨୩।୭:** ଏକ ଇଣ୍ଡିଗୋ ବିମାନ ଯୋଗେ ନୂଆଦିଲ୍ଲୀରୁ ହାଇଦ୍ରାବାଦ୍ ଆସୁଥିବାବେଳେ ତେଲଙ୍ଗାନା ରାଜ୍ୟପାଳ ଡ. ତାମିଲିସାଇ ସୌନ୍ଦରାଜନ ଜଣେ ଯାତ୍ରୀଙ୍କ ଜୀବନ ବଞ୍ଚାଇଛନ୍ତି। ଶୁକ୍ରବାର ରାତିରେ ସୌନ୍ଦରାଜନ ବିମାନରେ ଯାତ୍ରା କରୁଥିବାବେଳେ ଜଣେ ଯାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ଛାତିରେ ଯନ୍ତ୍ରଣା ହେଉଥିବାନେଇ କ୍ରିଉ ସଦସ୍ୟ ଘୋଷଣା କରିବା ପରେ ସୌନ୍ଦରାଜନ ଯାତ୍ରୀଙ୍କ ଜରୁରୀ ପ୍ରାଥମିକ ଚିକିତ୍ସା କରିଥିଲେ। ତେଲଙ୍ଗାନା ରାଜ୍ୟପାଳ ସହ ପଣ୍ଡିଚେରୀ ଉପରାଜ୍ୟପାଳ ଥିବା ସୌନ୍ଦରାଜନ ରାଜନୀତିକୁ ଆସିବା ପୂର୍ବରୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ ଅଭ୍ୟାସ କରୁଥିଲେ।

# ଓଡେସା ବନ୍ଦରରେ ମିଶାଇଲ ମାଡ଼

## ପ୍ରଭାବିତ ହୋଇପାରେ କୃଷ୍ଣସାଗର ଚୁକ୍ତି

କିଭ୍, ୨୩।୭

କୃଷ୍ଣସାଗର ଦେଇ ଜାହାଜରେ ଖାଦ୍ୟଶସ୍ୟ, ସାର ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ରୁଷିଆ ଏବଂ ୟୁକ୍ରେନ୍ ଶୁକ୍ରବାର ଆନୁଷ୍ଠାନିକ ଭାବେ ଚୁକ୍ତି ସ୍ୱାକ୍ଷର ପରେ ଶନିବାର ଓଡେସା ବନ୍ଦରରେ ମିଶାଇଲ ଆକ୍ରମଣ କରିଛି। ଜାତିସଂଘ ଏବଂ ତୁର୍କୀ ମଧ୍ୟସ୍ଥତାରେ ହୋଇଥିବା ଏହି ଚୁକ୍ତି କିଛି ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ ହେବାକୁ ନେଇ ଆଶା କରାଯାଉଥିବାବେଳେ ଏବେ ରୁଷିଆର ଆକ୍ରମଣ ପରେ ଏହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରୁଷିଆ ଓଡେସା ବନ୍ଦରର ଭିତ୍ତିଭୂମିକୁ ୪ଟି କାଲିବର କ୍ରୁଜ୍ ମିଶାଇଲ ଛାଡ଼ିଥିବାବେଳେ ସେଥିରୁ ଦୁଇଟିକୁ ୟୁକ୍ରେନ୍ ନଷ୍ଟ କରିଦେଇଥିଲା। ଅନ୍ୟ ଦୁଇଟି ବନ୍ଦରରେ ମାଡ଼ ହୋଇଥିଲା। ତେବେ ଏଥିଯୋଗୁ କେତେ କ୍ଷତି ହୋଇଛି ଏବଂ ମୃତାହତଙ୍କ ସଂଖ୍ୟା ଜଣାପଡ଼ିନାହିଁ।

### 'ଜାତିସଂଘ ମୁହଁରେ ଛେପ ପକାଇଛନ୍ତି ପୁଟିନ୍'

ବିଶ୍ୱ ଖାଦ୍ୟସଙ୍କଟ ଦୂର ପାଇଁ କୃଷ୍ଣସାଗର ଚୁକ୍ତିକୁ ୨୪ ଘଣ୍ଟା ନ ପୂରୁଣୁ ରୁଷିଆ ୟୁକ୍ରେନ୍‌ର ଓଡେସା ବନ୍ଦର ଉପରେ ଆକ୍ରମଣକୁ କିଭ୍ ପକ୍ଷରୁ ନିନ୍ଦା କରାଯାଇଛି। ଏପରି କରି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଉଭୟ ଜାତିସଂଘ ଏବଂ ତୁର୍କୀ ମୁହଁରେ ଛେପ ପକାଇଛନ୍ତି ବୋଲି ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଓଲେଗ୍ ନିକୋଲେଙ୍କୋ କହିଛନ୍ତି। ବିଶ୍ୱ ଖାଦ୍ୟ ସଙ୍କଟ ଦୂର ପାଇଁ ଇସ୍ତାନବୁଲରେ ହୋଇଥିବା ଏହି ରାଜିନାମା ଫଳପ୍ରଦ ନ ହେଲେ ରୁଷିଆ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ରୁଷିଆ ଖାଦ୍ୟଶସ୍ୟ ପରିବହନକୁ ରୋକିବା ପାଇଁ ଚାହୁଁଥିବା ଏହି ଆକ୍ରମଣରୁ ସ୍ପଷ୍ଟ ହୋଇଛି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ମଧ୍ୟ ମସ୍କୋ ଆକ୍ରମଣକୁ ନିନ୍ଦା କରିଛନ୍ତି।

## ଦ୍ରୌପଦୀଙ୍କୁ ଶୁଭେଚ୍ଛା ଜଣାଇଲେ ପୁଟିନ୍



ନୂଆଦିଲ୍ଲୀ, ୨୩।୭

ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ଶୁଭେଚ୍ଛା ଜଣାଇଛନ୍ତି। ରୁଷିଆ ଭାରତ ସହ ରଣନୈତିକ ସମ୍ପର୍କକୁ ଗୁରୁତ୍ୱ ଦେଇଥାଏ। ରାଷ୍ଟ୍ରମୁଖ୍ୟ ଭାବେ ଦ୍ରୌପଦୀଙ୍କ କାର୍ଯ୍ୟ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ସହ ଅନ୍ତର୍ଜାତୀୟ ସ୍ଥିରତାକୁ ପ୍ରୋତ୍ସାହିତ କରିବ ବୋଲି ଆଶା ଥିବା ପୁଟିନ୍ ଏକ ବିବୃତିରେ କହିଛନ୍ତି। ସୂଚନାଯୋଗ୍ୟ, ଦ୍ରୌପଦୀ ମୁର୍ମୁ ଆସନ୍ତା ୨୫ ତାରିଖରେ ଭାରତର ରାଷ୍ଟ୍ରପତି ଭାବେ ଶପଥ ନେବେ।

## ନ୍ୟାୟପାଳିକାକୁ ସଶକ୍ତ କରିବାକୁ ପଡ଼ିବ



ଆମେ ଯଦି ଏକ ଜୀବନ୍ତ ଗଣତନ୍ତ୍ର ଚାହୁଁ ତେବେ ଆମକୁ ନ୍ୟାୟପାଳିକାକୁ ସଶକ୍ତ କରି ବିଚାରପତିମାନଙ୍କୁ ଅଧିକ କ୍ଷମତା ଦେବାକୁ ପଡ଼ିବ। ଆଜିକାଲି ବିଚାରପତିମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଥିବା ଦେଖିବାକୁ ମିଳୁଛି। ରାଜନେତା, ଅମଲାତନ୍ତ୍ରୀ, ପୋଲିସ ଅଧିକାରୀ ଓ ଅନ୍ୟ ସରକାରୀ ପ୍ରତିନିଧିମାନଙ୍କୁ ଅବସର ପରେ ବି ସୁରକ୍ଷା ଯୋଗାଇ ଦିଆଯାଉଛି। କିନ୍ତୁ ବିଚାରପତିମାନଙ୍କୁ ଅନୁରୂପ ସୁରକ୍ଷା ଦିଆ ନ ଯିବା ଦୁର୍ଭାଗ୍ୟଜନକ। ମୋ ମତରେ ନ୍ୟାୟିକ ସମୀକ୍ଷାର ଅଭାବ ହେତୁ ଆମ ସମ୍ବିଧାନ ଉପରେ ଲୋକଙ୍କ ଆସ୍ଥା କମିଛି। ସମ୍ବିଧାନ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ନ୍ୟାୟପାଳିକା ଏପରି ଏକ ଅଙ୍ଗ, ଯାହା ସମ୍ବିଧାନକୁ ଜୀବନ ଦେଇଥାଏ। ବିଚାରପତିମାନେ ସାମାଜିକ ବାସ୍ତବତା ପ୍ରତି ଆଖି ବୁଜି ଦେଇପାରିବେ ନାହିଁ। ନ୍ୟାୟ ପ୍ରଦାନ ଏକ ସହଜ ଉତ୍ତରଦାୟିତ୍ୱ ନୁହେଁ। ପ୍ରତିଦିନ ଏହା ଆହ୍ୱାନପୂର୍ଣ୍ଣ। କିନ୍ତୁ ଗଣମାଧ୍ୟମ ଓ ସୋସିଆଲ ମିଡିଆ ବିଚାରପତିମାନଙ୍କ ବିରୋଧରେ ଚଳାଇଥିବା ଅଭିଯାନ ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

**-ଜଷ୍ଟିସ୍ ଏନ୍.ଭି. ରମନା, ଭାରତର ପ୍ରଧାନ ବିଚାରପତି**



ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଏବଂ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା।

# ରେଳ ଷ୍ଟେଶନରେ ମହିଳାଙ୍କୁ ଗଣବଳାତ୍କାର

## ଦିଲ୍ଲୀରେ ଲଜ୍ଜା
## ୪ କର୍ମଚାରୀ ଗିରଫ

ନୂଆଦିଲ୍ଲୀ, ୨୩।୭

ଦିଲ୍ଲୀର ଏକ ରେଳଷ୍ଟେଶନରେ ଥିବା ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ଷ୍ଟାଫ୍ ରୁମ୍‌ରେ ଗୁରୁବାର ରାତିରେ ଜଣେ ୩୦ ବର୍ଷୀୟା ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ୪ ରେଳ କର୍ମଚାରୀଙ୍କୁ ଗିରଫ କରିବା ସହ ମାମଲା ରୁଜୁ କରିଛି। ସେମାନେ ହେଲେ ଇଲେକ୍ଟ୍ରିକାଲ ଡିପାର୍ଟମେଣ୍ଟର ସତୀଶ କୁମାର (୩୫), ବିନୋଦ କୁମାର (୩୮), ମଙ୍ଗଲ ଚାନ୍ଦ ମୀନା (୩୩) ଏବଂ ଜଗଦୀଶ ଚାନ୍ଦ(୩୭)। ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ମହିଳାଙ୍କୁ ବଳାତ୍କାର କରିଥିବାବେଳେ ଆଉ ୨ ଜଣ ବାହାରେ ଜଗିଥିଲେ ବୋଲି ରେଲଓ୍ୱେ ଡିସିପି ହରେନ୍ଦ୍ର ସିଂ କହିଛନ୍ତି। ମାମଲା ହେବାର ୨ ଘଣ୍ଟା ମଧ୍ୟରେ ପୋଲିସ ଅଭିଯୁକ୍ତଙ୍କୁ ଦିଲ୍ଲୀର ଏକ କୋର୍ଟରେ ହାଜର କରାଇବା ପରେ ସେମାନଙ୍କୁ ୧୪ ଦିନିଆ ରିମାଣ୍ଡରେ ନେଇଛି।

ପୋଲିସ ସୂଚନା ଅନୁସାରେ, ମହିଳା ଜଣକ ବର୍ଷେ ହେଲା ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ରହୁଥିବାବେଳେ କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ପୀଡ଼ିତା ତାଙ୍କର ବନ୍ଧୁଙ୍କ ଜରିଆରେ ଜଣେ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ଅଭିଯୁକ୍ତ ନିଜକୁ ଜଣେ ରେଳ କର୍ମଚାରୀ କହିବା ସହ ସେ ତାଙ୍କ ପାଇଁ ଚାକିରି ଖୋଜିଦେବେ ବୋଲି ମହିଳାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପୁଅର ଜନ୍ମଦିନ ଏବଂ ଘର କିଣିବା ଖୁସିରେ ଅଭିଯୁକ୍ତ ଜଣକ ପାର୍ଟି ଦେଉଥିବା କହି ଗୁରୁବାର ରାତିରେ ମହିଳାଙ୍କୁ ଘରକୁ ନିମନ୍ତ୍ରଣ କରିଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଅଭିଯୁକ୍ତମାନେ ମହିଳାଙ୍କୁ କୀର୍ତ୍ତିନଗର ମେଟ୍ରୋ ଷ୍ଟେଶନରୁ ଗାଡ଼ିରେ ନେଇ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଥିବା ଷ୍ଟାଫ୍ ରୁମ୍‌ରେ ସେମାନେ ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୨୪/୨୦୨୨ | Bhubaneswar, Sunday, July 24/2022




**ନିଜକୁ ପରଦାରେ ଦେଖିବା ପସନ୍ଦ ନୁହେଁ**
ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ନିଜକୁ ପରଦାରେ ଦେଖିବାକୁ ପସନ୍ଦ କରନ୍ତି ନାହିଁ ବୋଲି କହିଛନ୍ତି।
୧୨

୧୪
**୪୦୦ ରନ୍ କ୍ଲବରେ ସାମ୍**
କାଉଣ୍ଟି କ୍ରିକେଟରେ ୮ମ ଖେଳାଳି ଭାବରେ ୪୦୦ ରନ୍ ପୂରଣ କରିଛନ୍ତି ଗ୍ଲାମରଗାନ୍ର ସାମ୍ ।







# ରାସ୍ତାରେ ବାବୁସାନ୍ଙ୍କ 'ପ୍ରେମ'

## ଧରାପକାଇଲେ ସ୍ତ୍ରୀ ତୃପ୍ତି

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି। ବାବୁସାନ୍ଙ୍କୁ କବଳିତ କରି ମୋ ଠାରୁ ଛଡ଼ାଇ ନେବାକୁ ଚେଷ୍ଟା କରାଯାଉଛି। ମୁଁ ଏହାକୁ କେବେବି ହେବାକୁ ଦେବିନି ବୋଲି ସ୍ତ୍ରୀ ତୃପ୍ତି ଶତପଥୀ ଏଭଳି କିଛି ଅଭିଯୋଗ ଆଣିଛନ୍ତି। ଚେନ୍ନାଇଠାରେ ଆଗାମୀ ଫିଲ୍ମ ପ୍ରମୋଶନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଶନିବାର ସକାଳେ ବାବୁସାନ ଗାଡ଼ିରେ ପ୍ରକୃତିଙ୍କୁ ସାଙ୍ଗରେ ଧରି ବିମାନ ବନ୍ଦର ନେଇ ଯାଉଥିବାବେଳେ ଭୁବନେଶ୍ୱର ସତ୍ୟନଗରଠାରେ ତୃପ୍ତି ଏବଂ ତାଙ୍କ ପରିବାର ଲୋକ ରାସ୍ତା ଉପରେ ଉଭୟଙ୍କୁ ଅଟକାଇଥିଲେ। ଦୁଇ ଜଣଙ୍କୁ ଗାଡ଼ି ଭିତରେ ଟଣାଓଟରା କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିବା ବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଥମେ ଭାଇରାଲ ହୋଇଥିଲା। ଏହାପରେ ପ୍ରକୃତି ଏବଂ ବାବୁସାନ ପ୍ରତିକ୍ରିୟା ରଖି ନିଜର ବନ୍ଧୁତ୍ୱ ସମ୍ପର୍କକୁ ଦୋହରାଇ ଥିବାବେଳେ ଉଭୟ ପରିବାର ପକ୍ଷରୁ ଖାରବେଳ ନଗର ଥାନାରେ ୨ଟି ମାମଲା ରୁଜୁ ହୋଇଛି। ମାମଲାକୁ ଗୁରୁତର ସହ ଗ୍ରହଣ କରି ତଦନ୍ତ ଆରମ୍ଭ କରାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଭାଇରାଲ ହୋଇଥିବା ଭିଡିଓରେ ବାବୁସାନଙ୍କ ଗାଡ଼ିକୁ ତୃପ୍ତି ଅଟକାଇ ତାଙ୍କୁ ଗାଡ଼ିରୁ ☞ପୃଷ୍ଠା-୨

" ମୁଁ ମୋର ପରିବାରକୁ ବଞ୍ଚାଇବାକୁ ଚାହୁଁଥିଲି। ତେଣୁ ଆଗରୁ ଚୁପ୍ ରହୁଥିଲି। ମୋ ଶାଶୁ ମଧ୍ୟ ବାବୁସାନ୍ଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ମାତ୍ର ପରିସ୍ଥିତି ନ ସୁଧୁରିବାରୁ ଏପରି ପଦକ୍ଷେପ ନେବାକୁ ବାଧ ହେଲି।

**– ତୃପ୍ତି ଶତପଥୀ, ବାବୁସାନ୍ଙ୍କ ସ୍ତ୍ରୀ**

" ମୋ ସ୍ତ୍ରୀ ତୃପ୍ତିଙ୍କ ଉପରେ ମୋର କୌଣସି ରାଗ ନାହିଁ। ଏନେଇ ତାଙ୍କୁ ମୁଁ ଦୋଷ ଦେବିନି। କାରଣ ସେ ଫିଲ୍ମ ଲାଇନ୍ର ନୁହନ୍ତି କି, ଏ ଲାଇନ୍ ବିଷୟରେ କିଛି ବୁଝନ୍ତି ନାହିଁ। ମୋତେ ବହୁତ ଝିଅଙ୍କ ସହ କାମ କରିବାକୁ ପଡ଼ିବ। ପ୍ରକୃତି ମୋ ପିଲାଦିନର ସାଙ୍ଗ। ମୁଁ ଠିକ୍ ଅଛି। ମୁଁ ଆଇନର ଦ୍ୱାରସ୍ଥ ହେବିନି।

**– ବାବୁସାନ୍, ଅଭିନେତା**

" ଦୁର୍ଭାଗ୍ୟବଶତଃ ଆମେ ଏମିତି ଏକ ସମାଜରେ ବାସ କରୁଛୁ, ଯେଉଁଠାରେ କିଛି ଶୁଣିବା ପୂର୍ବରୁ ହିଁ ମହିଳାଙ୍କୁ ଦୋଷୀ ସଜାଇ ଦିଆଯାଏ। ବାବୁସାନଙ୍କ ସ୍ତ୍ରୀଙ୍କ ଏଭଳି ବ୍ୟବହାର ମୋ ପକ୍ଷରେ କେବେବି ଗ୍ରହଣୀୟ ନୁହେଁ।

**– ପ୍ରକୃତି ମିଶ୍ର, ଅଭିନେତ୍ରୀ**

# ମଙ୍କିପକ୍ସ ସ୍ୱାସ୍ଥ୍ୟ ଏମର୍ଜେନ୍ସି

## ଘୋଷଣା କଲା ଡବ୍ଲ୍ୟୁଏଚ୍ଓ

**ଲଣ୍ଡନ,୨୩।୭**

ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା ସଂକ୍ରାମକ ରୋଗ 'ମଙ୍କିପକ୍ସ'କୁ ଶନିବାର ବୈଶ୍ୱିକ ସ୍ୱାସ୍ଥ୍ୟ ଜରୁରୀସ୍ଥିତି ବା ଗ୍ଲୋବାଲ୍ ହେଲ୍ଥ ଏମର୍ଜେନ୍ସି ଘୋଷଣା କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍ଓ)। ଏହି ଭୂତାଣୁଜନିତ ରୋଗ ବ୍ୟାପିବା ଯୋଗୁ ୭୦ ଦେଶରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି। ମଙ୍କିପକ୍ସରେ ଆକ୍ରାନ୍ତ ହେଲେ ଜ୍ୱର ସହ ଶରୀର ସାରା ଫୋଟକା ଭଳି ହୋଇଯାଇଥାଏ। ବର୍ତ୍ତମାନ ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ଡବ୍ଲ୍ୟୁଏଚ୍ଓ ଉପରୋକ୍ତ ପଦକ୍ଷେପ ନେବା ସହ ଆଗାମୀ କିଛି ସପ୍ତାହ ସତର୍କ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛି। ମଙ୍କିପକ୍ସ ନିମନ୍ତେ ଅନ୍ତର୍ଜାତୀୟ ସ୍ତରରେ ଗବେଷଣା, ଚିକିତ୍ସା ଏବଂ ଟିକା ବଣ୍ଟନ ଲାଗି ବୈଶ୍ୱିକ ପ୍ରୟାସ ଏବଂ ଆବଶ୍ୟକ ପାଣ୍ଠି ଯୋଗାଡ଼ ପାଇଁ ସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଘୋଷଣା ହୋଇଥିବା ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ ଡ. ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍ କହିଛନ୍ତି।

ବ୍ରିଟେନରେ ଗତ ମେ ୬ ତାରିଖରେ ପ୍ରଥମ ମଙ୍କିପକ୍ସ ରୋଗୀ ଚିହ୍ନଟ ହୋଇଥିଲେ, ଯାହାଙ୍କର ☞ପୃଷ୍ଠା-୨

# କଙ୍ଗାରୁ କୋର୍ଟ ଚଳାଉଛି ଗଣମାଧ୍ୟମ

### କ୍ଷୋଭ ବ୍ୟକ୍ତକଲେ ସିଜେଆଇ

**ନୂଆଦିଲ୍ଲୀ,୨୩।୭**

ଦେଶରେ ବିଭିନ୍ନ ପ୍ରସଙ୍ଗରେ ଗଣମାଧ୍ୟମ କଙ୍ଗାରୁ କୋର୍ଟ ଚଳାଉଛି। ଅଦାଲତରେ କୌଣସି ମାମଲାର ଶୁଣାଣି ପୂର୍ବରୁ ମିଡିଆ ଟ୍ରାଏଲ୍ କରାଯାଉଛି। ଏଥିଯୋଗୁ ଅଭିଜ୍ଞ ବିଚାରପତିମାନଙ୍କୁ ମଧ୍ୟ ନିଷ୍ପତ୍ତି ନେବାରେ ଅସୁବିଧା ହେଉଛି ବୋଲି ଶନିବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କ୍ଷୋଭବ୍ୟକ୍ତ କରିଛନ୍ତି। ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କ ମହମ୍ମଦ ବିରୋଧୀ ମନ୍ତବ୍ୟ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକରି ସାରା ଦେଶରେ ନିଆଁ ଲଗାଇଛି ବୋଲି ଗତମାସରେ ସୁପ୍ରିମକୋର୍ଟ ଦେଇଥିବା ମନ୍ତବ୍ୟକୁ ନେଇ ଗଣମାଧ୍ୟମରେ ହଟଚମଟ ହେବା ପରେ ସିଜେଆଇଙ୍କ ☞ପୃଷ୍ଠା-୨


**ପ୍ରଥମ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ ଉମା ନନ୍ଦ



ଭୁବନେଶ୍ୱରକୁ ନୂଆ ରାଜଧାନୀ ଭାବେ ଗଢ଼ି ତୋଳିବାର ମୁଖ୍ୟ ପୁରୋଧା ଥିବା ସ୍ୱର୍ଗତ ଉମାକାନ୍ତ ନନ୍ଦ (କାଲୁବାବୁ)ଙ୍କ ସହଧର୍ମିଣୀ ଥିଲେ ଆପଣ। ସହରର ଜୀବନଧାରଣ ମାନକୁ ବଦଳାଇବାର ଯେଉଁ ଚେଷ୍ଟା କାଲୁବାବୁ କରିଥିଲେ ସେଥିରେ ଆପଣଙ୍କର ସହଯୋଗ ଓ ସମର୍ପଣ ଭାବ ଥିଲା ବେଶ୍ ଅଧିକ। ଆପଣଙ୍କ ସ୍ନେହ ଶ୍ରଦ୍ଧା ପରିବାରକୁ, ବନ୍ଧୁ ଓ ପରିଜନଙ୍କୁ ଏକତାର ସୂତାରେ ବାନ୍ଧି ରଖିଥିଲା। ଆପଣଙ୍କର ଏହି ଆଦର୍ଶରେ ଆମେ ଅନୁପ୍ରାଣିତ ହୋଇ ଚାଲୁଥିବୁ।

ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣ ଏତିକି ଆଶୀର୍ବାଦ କରନ୍ତୁ ଏହା ଆମର କାମନା।

**ପରିବାରବର୍ଗ**


**ଆଜିର ସମ୍ପାଦକୀୟ**

ଜରୁରୀ ପ୍ରସଙ୍ଗକୁ ଅଣଦେଖା

**ଆଜିର ମନ୍ତବ୍ୟ**

" ମୁଦ୍ରାସ୍ଫୀତି ଓ ଖାଦ୍ୟ ସାମଗ୍ରୀ ଦରଦାମ ବୃଦ୍ଧିକୁ ନେଇ ଗମ୍ଭୀର ଚିନ୍ତନ ଆବଶ୍ୟକ। ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ଲୋକଙ୍କ ମୌଳିକ ଆବଶ୍ୟକତା ଉଚିତ ମୂଲ୍ୟରେ ପୂରଣ ହେବା ଜରୁରୀ।

**-ଦତ୍ତାତ୍ରେୟ ଖୋସାବଲେ, ଆର୍ଏସ୍ଏସ୍ ମହାସଚିବ**

# ପକ୍ଷପାତୀ ରାଜନୀତିରୁ ଊର୍ଦ୍ଧ୍ୱଗାମୀ ହୁଅନ୍ତୁ ଦଳ

### ରାଷ୍ଟ୍ରପତିଙ୍କ ବିଦାୟୀ ଅଭିଭାଷଣ

**ନୂଆଦିଲ୍ଲୀ,୨୩।୭**

ରାଜନୈତିକ ଦଳଗୁଡ଼ିକ ଜନମଙ୍ଗଳ ପାଇଁ ପକ୍ଷପାତୀ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠିବା ଆବଶ୍ୟକ ବୋଲି ଶନିବାର ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଜ ବିଦାୟୀ ଅଭିଭାଷଣରେ ପରାମର୍ଶ ଦେଇଛନ୍ତି। ଦେଶର ପଞ୍ଚଦଶ ରାଷ୍ଟ୍ରପତି ରୂପେ ଏନ୍ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ନିର୍ବାଚିତ ହୋଇସାରିଛନ୍ତି। ସେ ଆସନ୍ତା ସୋମବାର ଶପଥ ନେବେ। ଏହା ପୂର୍ବରୁ ଚତୁର୍ଦ୍ଦଶ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ରବିବାର ଶେଷ ହେଉଥିବାରୁ ତାଙ୍କୁ ସଂସଦ ବିଦାୟ ଜଣାଇଛି। ଏହି ଅବସରରେ ରାମନାଥ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍ରେ ସାଂସଦମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ଭାରତର ସଂସଦୀୟ ବ୍ୟବସ୍ଥା ଏକ ବୃହତ୍ ପରିବାର। ଶାନ୍ତି, ସହାବସ୍ଥାନ ଓ ଆଲୋଚନା ଜରିଆରେ ପରିବାରର ସବୁ ମତଭେଦକୁ ଦୂର କରାଯାଇପାରିବ। ବିରୋଧ ଜଣାଇବା ଓ ନିଜ ଦାବି ପୂରଣ ପାଇଁ ଚାପ ସୃଷ୍ଟି କରିବା ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର। କିନ୍ତୁ ସେମାନେ ଏଥିପାଇଁ ଶାନ୍ତିପୂର୍ଣ୍ଣ ଉପାୟରେ ଗାନ୍ଧୀଙ୍କ ମାର୍ଗ ଅବଲମ୍ବନ କରିବା ଉଚିତ। ରାଜନୈତିକ ଦଳଗୁଡ଼ିକ ଉଦ୍ଦେଶ୍ୟରେ ରାମନାଥ କହିଥିଲେ, ଅନେକ ସମୟରେ ସଂସଦରେ ମତଭେଦ ☞ପୃଷ୍ଠା-୭







## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ:..............................................
ଜନ୍ମ ତାରିଖ: ..............................................



ଡିଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନ ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଓଦ୍ୟୋଗିକ କ୍ଷେତ୍ର, ଭୁବନେଶ୍ୱର-୧୦ ଠିକଣାରେ ପଠାନ୍ତୁ ଆବଶ୍ୟକ ।


## ପ୍ରଥମ ପୃଷ୍ଠାରୁ...

# ରାସ୍ତାରେ ବାବୁସାନଙ୍କ ...

ବାହାରକୁ ଆସିବା ପାଇଁ ବାଧ୍ୟ କରିବା ସହ ଟଣାଓଟରା କରିଥିଲେ । ପରେ ତୃପ୍ତି ଗାଡ଼ି ଭିତରେ ପଶି ପ୍ରକୃତିଙ୍କୁ ଟଣାଓଟରା କରିଥିଲେ । ପ୍ରକୃତି ଗାଡ଼ିରୁ ବାହାରି ସେଠାରୁ ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ତୃପ୍ତି ପଛରୁ ଗୋଡ଼େଇ ତାଙ୍କୁ ମାଡ଼ ମାରିଥିବା ଦେଖିବାକୁ ମିଳିଛି । ଏହି ସମୟରେ ପ୍ରକୃତି ତାଙ୍କ ଘର ଭାଙ୍ଗିଦେଇଛି ବୋଲି ତୃପ୍ତି କହୁଥିବା ଭିଡିଓରୁ ଜଣାପଡ଼ିଛି । ଭିଡିଓ ଭାଇରାଲ୍ ହେବା ପରେ ତୃପ୍ତି କହିଛନ୍ତି, ଶନିବାର ବାବୁସାନ ଚେନାଇ ଯିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲି । ପ୍ରକୃତି ମିଶ୍ର ମଧ୍ୟ ତାଙ୍କ ସାଙ୍ଗରେ ଯିବେ ବୋଲି ମୋର ସନ୍ଦେହ ହୋଇଥିଲା । ବାବୁସାନଙ୍କ ସହ ସମ୍ପର୍କକୁ ଦୂରେଇ ରହିବା ଲାଗି ତୃପ୍ତି ଏକଦା ତାଙ୍କୁ ତାଗିଦ୍ କରିଥିବା ବେଳେ ଆମ ଭିତରେ ଝିଅ ସହ, ପରିଣାମ ଭୋଗିବ ବୋଲି ପ୍ରକୃତି କହିଥିଲେ । ମୁଁ ବାବୁସାନଙ୍କୁ ସେଠାରୁ କାଢ଼ିବାକୁ ଚାହୁଁଥିଲି । ପ୍ରକୃତି ମୋତେ ପ୍ରଥମେ ଧକ୍କା ମାରିଥିଲେ । ଆମ ଘରେ କିଛି ମାସ ଧରି ବାବୁସାନ ରହୁ ନ ଥିଲେ ବୋଲି ତୃପ୍ତି ସୂଚନା ଦେଇଛନ୍ତି । ତୃପ୍ତି ଆହୁରି ମଧ୍ୟ କହିଛନ୍ତି, ୨୦୨୦ ସେପ୍ଟେମ୍ବର ୨୨ରେ ମୁଁ ଗର୍ଭବତୀ ଥିବା ଜାଣିଲି । ୨୩ ତାରିଖରେ ସେମାନଙ୍କ ସମ୍ପର୍କ ବିଷୟରେ ଜାଣିବାକୁ ପାଇଥିଲି । ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର ମଧ୍ୟ ଏକଥା ଜାଣିଥିଲେ । ଏନେଇ ମନ୍ମଥ ଅଙ୍କଲଙ୍କୁ ପଚାରିବାରେ ସେ ପୁଅଙ୍କୁ ଆଉ ହାତରେ ନ ଥିବା କହିଥିବା ତୃପ୍ତି କହିଛନ୍ତି । ୨୦୨୨ ମାର୍ଚ୍ଚ ୨ରେ ପ୍ରକୃତିଙ୍କ ଜନ୍ମଦିନରେ ବାବୁସାନ ଏକ ଲକେଟ ଉପହାର ଦେଇଥିଲେ । ଏହି ସମୟରେ ମୁଁ ତାଙ୍କୁ ଧରିଥିଲି । ମୁଁ ମୋର ପରିବାରକୁ ବଞ୍ଚାଇବାକୁ ଚାହୁଁଥିଲି । ତେଣୁ ଆଗରୁ ଚୁପ୍ ରହୁଥିଲି । ମୋ ଶାଶୁ ମଧ୍ୟ ଏକଥା ଜାଣିଛନ୍ତି । ବାବୁସାନଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି । ମାତ୍ର ପରିସ୍ଥିତି ନ ସୁଧୁରିବାରୁ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହେଲି । ସେ ଆହୁରି ମଧ୍ୟ କହିଛନ୍ତି, ପ୍ରକୃତି ବାବୁସାନଙ୍କୁ ବ୍ଲାକମେଲିଂ କରୁଥିଲେ । ଛାତ ଉପରୁ ଡେଇଁ ପଡ଼ିବି କହୁଥିଲେ । ହାତ କାଟି ଦେବାକୁ ଧମକ ଦେଉଥିଲେ । ଉଭୟ ବାବୁସାନ ଓ ପ୍ରକୃତିଙ୍କ ମଧ୍ୟରେ ସମ୍ପର୍କ ରହିଛି । ଅନେକ ଥର ଉଭୟଙ୍କୁ ଧରିଛି । ଉଭୟଙ୍କୁ ମୁଁ ପୁରୀ, ଭୁବନେଶ୍ୱର ଓ ଗୋଆରେ ଧରିଛି । ପ୍ରକୃତିଙ୍କୁ ଛାଡ଼ିବା ପାଇଁ ବାବୁସାନଙ୍କୁ କହୁଥିଲି । କିନ୍ତୁ ସେମାନେ ଶୁଣୁ ନ ଥିଲେ । ରାତି ରାତି ଧରି ଉଭୟ ବାବୁସାନ୍ ଓ ପ୍ରକୃତି ବାହାରେ ରହୁଥିଲେ ।

ତେବେ ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରକୃତି ଲେଖିଛନ୍ତି, ପ୍ରତ୍ୟେକ କାହାଣୀର ଦୁଇଟି ପାର୍ଶ୍ୱ ଥାଏ । ଦୁର୍ଭାଗ୍ୟବଶତଃ ଆମେ ଏମିତି ଏକ ସମାଜରେ ବାସ କରୁଛୁ, ଯେଉଁଠାରେ କିଛି ଶୁଣିବା ପୂର୍ବରୁ ହିଁ ମହିଳାଙ୍କୁ ଦୋଷୀ ସଜାଇ ଦିଆଯାଏ । ମୁଁ ଏବଂ ମୋର ଭାଇ-ଷ୍ଟାର ବାବୁସାନ ଚେନାଇରେ ରହୁଥିବା ଉତ୍କଳ ସମାଜର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାହାରିଥିଲୁ । ସେହି ସମୟରେ ତାଙ୍କ ସ୍ତ୍ରୀ କିଛି ଗୁଣ୍ଡାଙ୍କୁ ଧରି ବାବୁସାନଙ୍କ ନିର୍ଯାତନା ଦେବା ସହିତ ମୋତେ ଅତର୍କିତ ଭାବେ ଶାରୀରିକ ଏବଂ ମାନସିକ ଆଘାତ କରିଥିଲେ । ତାଙ୍କ ସ୍ତ୍ରୀଙ୍କ ଏଭଳି ବ୍ୟବହାର ମୋ ପକ୍ଷରେ ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ପ୍ରକୃତି ଉଲ୍ଲେଖ କରିଛନ୍ତି ।

ଏ ସମ୍ପର୍କରେ ବାବୁସାନ କହିଛନ୍ତି, ଚେନାଇର ଉତ୍କଳ ଆସୋସିଏସନ ପକ୍ଷରୁ ଆୟୋଜିତ ଉତ୍ସବରେ ଆମ ନୂଆ ଫିଲ୍ମର ପ୍ରମୋସନ ପାଇଁ ବିମାନବନ୍ଦରକୁ ବାହାରିଥିଲୁ । କିନ୍ତୁ ହଠାତ୍ ସ୍ତ୍ରୀ ତୃପ୍ତି ଆସି ତାଙ୍କର ଗାଡ଼ି ଅଟକାଇ ପ୍ରକୃତି ମିଶ୍ରଙ୍କୁ ଟଣାଓଟରା କରିଥିଲେ । ଏଥିରେ ମୋ ସ୍ତ୍ରୀଙ୍କ ଉପରେ ମୋର କୌଣସି ରାଗ ନାହିଁ । ଏନେଇ ତାଙ୍କୁ ମୁଁ ଦୋଷ ଦେବିନି କାରଣ ସେ ପିଲ୍ମ ଲାଇନର ଗୁରୁତ୍ୱ କି ଏ ଲାଇନ୍ ବିଷୟରେ କିଛି ବୁଝନ୍ତି ନାହିଁ । ମୋତେ ବହୁତ ଝିଅଙ୍କ ସହ କାମ କରିବାକୁ ପଡ଼ିବ । ପ୍ରକୃତି ମୋ ପିଲାଦିନର ସାଙ୍ଗ । ମୁଁ ଠିକ୍ ଅଛି । ମୁଁ ଆଇନର ଦ୍ୱାରସ୍ଥ ହେବିନାହିଁ । କିନ୍ତୁ ଯଦି ପ୍ରକୃତି ସେଭଳି କିଛି କରେ ସେଥିରେ ମୋର କିଛି କହିବାର ନାହିଁ ଅପରପକ୍ଷେ ବାବୁସାନଙ୍କ ବାପା ତଥା ଅଭିନେତା ଉତ୍ତମ ମହାନ୍ତି ନିଜ ପୁଅ ଭୁଲ୍ କରିଥିବା କହିବା ସହ ହେଉଛି ତୃପ୍ତିର ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଆପଣ ସୁନା ଭଉଣୀ, କାହାକୁ କ'ଣ କହିବି । ପ୍ରକୃତିଠାରୁ ଦୂରେଇ ରହିବା ପାଇଁ ବାବୁସାନଙ୍କୁ ବହୁଥର ବୁଝାଇଛୁ । କିନ୍ତୁ ସେ ମାନି ନାହିଁ । ତୃପ୍ତି ଜଣେ ଭଲ ଝିଅ । ତା'ର ଇଣ୍ଡଷ୍ଟ୍ରି ସହିତ କୌଣସି ସମ୍ପର୍କ ନାହିଁ । ବାବୁସାନ ଓ ପ୍ରକୃତିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା କେବଳ ତୃପ୍ତି ପାଖରେ ପ୍ରମାଣ ଥିବା ସେଥିପାଇଁ ସେ ଏଭଳି ପଦକ୍ଷେପ ନେଇଥିବା ସୂଚନା ମିଳିଛି, ନିକଟରେ ମୁକ୍ତିଲାଭ କରିଥିବା ଓଡ଼ିଆ ଫିଲ୍ମ 'ପ୍ରେମମ୍'ରେ ବାବୁସାନଙ୍କ ସହ ପ୍ରକୃତିଙ୍କୁ ଦେଖିବାକୁ ମିଳିଥିଲା ।

ପ୍ରକୃତିଙ୍କ ଗାଡ଼ି ଭିତରୁ ଟାଣି ଆଣି ବାବୁସାନଙ୍କ ସ୍ତ୍ରୀ ଏବଂ କେତେକ ଲୋକ ମାଡ଼ ମାରୁଥିବା ଭିଡିଓ ଭାଇରାଲ ହେବା ଜାଣିବା ପରେ ତାଙ୍କ ମା' କୃଷ୍ଣପ୍ରିୟା ମିଶ୍ର ଖାରବେଳନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଝିଅ କାମକୁ ଯାଉଥିବାବେଳେ ଲଳିତ ଶତପଥୀ ଓ କିଛି ଲୋକ ଆସି ତାଙ୍କ ଗାଡି ଅଟକାଇଥିଲେ । ପରେ ତାଙ୍କୁ ଆକ୍ରମଣ କରିବା ସହ ଜାଣିଶୁଣି ତୃପ୍ତି ଓ ତାଙ୍କ ବାପା ଶାରୀରିକ ଓ ମାନସିକ ନିର୍ଯାତନା ଦେଇଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି । ସେପଟେ ଏ ଘଟଣାକୁ ଦୁର୍ଭାଗ୍ୟଜନକ କହିଛନ୍ତି ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର । ବାବୁସାନଙ୍କ ସ୍ତ୍ରୀ ଯାହା କହିଛନ୍ତି ଏହା ଏକ ଅପବାଦ । ପ୍ରକୃତି ଓ ବାବୁସାନ ଉଭୟ ଭଲ ବନ୍ଧୁ ବୋଲି ମନ୍ମଥ କହିଛନ୍ତି । ସଭ୍ୟ ସମାଜରେ ଏଭଳି ହୁଏନି ବୋଲି ସେ କହିଛନ୍ତି । ଯଦି କିଛି ସମସ୍ୟା ଥିଲା ତେବେ ସେ ଥାନାକୁ ଯାଇ ପାରିଥାନ୍ତେ ବୋଲି କହିଛନ୍ତି । କୃଷ୍ଣପ୍ରିୟାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଆଇପିସି ଦଫା ୩୪୧, ୨୯୪, ୩୨୩, ୫୦୬, ୩୪ରେ ଏକ ମାମଲା(ନଂ. ୨୧୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅପରପକ୍ଷରେ ଅପରାହ୍ଣରେ ତୃପ୍ତି ନିଜ ଶାଶୁ ଅପରାଜିତା ମହାନ୍ତି ଏବଂ ମାଉସୀ ସଙ୍ଗୀତା ପ୍ରହରାଜଙ୍କ ସହ ଖାରବେଳ ନଗର ଥାନା ଆସି ବାବୁସାନ ଏବଂ ପ୍ରକୃତିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକୃତି ତାଙ୍କ ସ୍ୱାମୀ ବାବୁସାନଙ୍କୁ କବଳିତ କରି ବିଭିନ୍ନ ସମୟରେ ଧମକ ଦେବା ସହ ଗାଳିଗୁଲଜ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଉକ୍ତ ଅଭିଯୋଗକୁ ଭିତ୍ତିକରି ଆଇପିସି ଦଫା ୪୯୮(କ), ୫୦୬,୩୪ରେ ପୋଲିସ ଏକ ମାମଲା(ନଂ.୨୧୯/୨୦୨୨) ରୁଜୁ କରିଛି । ଏଥିସହ ତୃପ୍ତି, ଅପରାଜିତା ଏବଂ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରାଯାଇଥିବା ଥାନା ଅଧିକାରୀ ଅରୁଣ ସ୍ୱାଇଁ କହିଛନ୍ତି । ପ୍ରକୃତିଙ୍କ ବିରୋଧରେ ତୃପ୍ତିଙ୍କ ଏତଲା ପରେ ବାପା ମନ୍ମଥ ପ୍ରତିକ୍ରିୟା ରଖି କହିଛନ୍ତି, ମୋର ମୋ ଝିଅ ଉପରେ ସମ୍ପୂର୍ଣ୍ଣ ଭରସା ଅଛି । ଅପରାଜିତା (ଟିଙ୍କି) ଅପା ପ୍ରଥମେ ନିଜ ପୁଅକୁ ବୁଝାଇବା ଆବଶ୍ୟକ । ଯାହାବି କାର୍ଯ୍ୟାନୁଷ୍ଠାନ ନେବା କଥା ସେ ତାଙ୍କ ପୁଅ ବିରୋଧରେ ନିଅନ୍ତୁ । ଅଯଥା ଗୋଟେ ଝିଅକୁ ଏଭଳି ବଦ୍‌ନାମ କରିବା ଉଚିତ୍ ନୁହେଁ ।

# ମଙ୍କିପକ୍ସ ସ୍ୱାସ୍ଥ୍ୟ ...

ନାଇଜେରିଆ ଗସ୍ତ ଲିଙ୍କ୍ ରହିଥିଲା । ଏହାପରେ ସେଠାରେ ତାହା ଗୋଷ୍ଠୀ ସଂକ୍ରମଣର ରୂପ ନେଇଥିଲା । ୧୮ ମେ ପରଠାରୁ ଏହି ସଂକ୍ରାମକ ରୋଗ ବିଭିନ୍ନ ଦେଶରେ ପାଦ ଥାପିଥିଲା । ଇତିମଧ୍ୟରେ ଏହା ୟୁରୋପରେ କାୟାବିସ୍ତାର କରିବା ସହ ଉତ୍ତର ଓ ଦକ୍ଷିଣ ଆମେରିକା, ଏସିଆ, ଆଫ୍ରିକା, ଅଷ୍ଟ୍ରେଲିଆ ମହାଦେଶର ବିଭିନ୍ନ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି । ଶନିବାର ସୁଦ୍ଧା ମୋଟ ବିଶ୍ୱରେ ୧୭,୦୫୮ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଆରମ୍ଭରୁ ଏଯାଏ ୭୨ଜଣ ଏହି ରୋଗରେ ପ୍ରାଣ ହରାଇଛନ୍ତି । ସେମାନେ ସମସ୍ତେ ଆଫ୍ରିକୀୟ ବୋଲି ଜଣାପଡ଼ିଛି । ମଙ୍କିପକ୍ସର ଦୁଇଟି ଷ୍ଟ୍ରେନ୍ ଚିହ୍ନଟ ହୋଇଛି । ସେଥିମଧ୍ୟରୁ କଙ୍ଗୋ ଷ୍ଟ୍ରେନ୍ ଅଧିକ ସଂକ୍ରାମକ । ମୋଟ ରୋଗୀଙ୍କ ୧୦% କଙ୍ଗୋ ଷ୍ଟ୍ରେନ୍‌ରେ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି । ଅନ୍ୟଟି ହେଲା ୱେଷ୍ଟ ଆଫ୍ରିକାନ୍ ଷ୍ଟ୍ରେନ୍ । ଏଥିରେ ମୃତ୍ୟୁହାର ପ୍ରାୟ ୧% ରହିଛି । ୧୯୫୮ରେ ପ୍ରଥମେ ମାଙ୍କଡ଼ଠାରେ ଏହି ଭୂତାଣୁ ଚିହ୍ନଟ ହୋଇଥିବାରୁ ଏହାର ନାମ ମଙ୍କିପକ୍ସ ରଖାଯାଇଛି । ଡବ୍ଲ୍ୟୁଏଚ୍‌ଓର ପ୍ରମୁଖ ମଙ୍କିପକ୍ସ ରୋଗ ବିଶେଷଜ୍ଞ ଡ. ରୋସମୁଣ୍ଡ ଲୁଇସ୍ କହିଛନ୍ତି, ଚଳିତ ସପ୍ତାହରେ ଆଫ୍ରିକା ବାହାରେ ଚିହ୍ନଟ ହୋଇଥିବା ମୋଟ ସଂକ୍ରମିତଙ୍କ ମଧ୍ୟରୁ ୯୯% ହେଉଛନ୍ତି ପୁରୁଷ । ସେମାନଙ୍କ ମଧ୍ୟରୁ ୯୮% ଅନ୍ୟ ପୁରୁଷଙ୍କ ସହ ଯୌନ ସମ୍ପର୍କରେ ରଖିଥିଲେ । ବେଲଜିୟମ ଏବଂ ସ୍ପେନ୍‌ର ୨ଟି ରେଭ୍ ପାର୍ଟିରେ ସେକ୍ସ ଜରିଆରେ ୟୁରୋପ ଏବଂ ଉତ୍ତର ଆମେରିକାରେ ମଙ୍କିପକ୍ସର ପ୍ରକୋପ ଦେଖାଦେଇଥିବା ନେଇ ବିଶେଷଜ୍ଞମାନେ ସନ୍ଦେହ କରୁଥିବା ଲୁଇସ୍ କହିଛନ୍ତି ।

ଭାରତରେ ମଧ୍ୟ ମଙ୍କିପକ୍ସ ପହଞ୍ଚି ସାରିଛି । ଗତ ୧୪ ତାରିଖରେ କେରଳରେ ପ୍ରଥମ ରୋଗୀ (୩୫ ବର୍ଷୀୟ ଯୁବକ) ଚିହ୍ନଟ ହୋଇଛନ୍ତି । ସେ କିଛିଦିନ ତଳେ ୟୁଏଇ ଗସ୍ତ କରିବା ପରେ ଥିରୁଭାନନ୍ତପୁରମ୍ ବିମାନବନ୍ଦରରେ ଓହ୍ଲାଇଥିଲେ । ତାଙ୍କଠାରେ ମଙ୍କିପକ୍ସର ସମସ୍ତ ଲକ୍ଷଣ ଦେଖାଦେବାରୁ ତାଙ୍କୁ ସ୍ୱତନ୍ତ୍ର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଇତିମଧ୍ୟରେ କେରଳରେ ଆଉ ୨ ଜଣ ୟୁଏଇ ଫେରନ୍ତା ମଙ୍କିପକ୍ସରେ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛି । ଏହାର ଭୟାବହତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦେଶର ସମସ୍ତ ଏୟାରପୋର୍ଟ ଏବଂ ବନ୍ଦରଗୁଡ଼ିକରେ ସ୍କ୍ରିନିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି । ଅନ୍ତର୍ଜାତୀୟ ପ୍ରବେଶ ପଥ, ହସ୍ପିଟାଲ ଏବଂ ହାଇ-ରିସ୍କ ଅଞ୍ଚଳଗୁଡ଼ିକରେ କଡ଼ା ନଜର ରଖିବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କେନ୍ଦ୍ର ସରକାର ସତର୍କ କରାଇଦେଇଛନ୍ତି । ସନ୍ଦିଗ୍ଧ ମଙ୍କିପକ୍ସ ସଂକ୍ରମିତଙ୍କ ଉପରେ ନଜର ରଖାଯିବା ସହ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ, ନମୁନା ସଂଗ୍ରହ ପାଇଁ ଗୁରୁତ୍ୱ ଦିଆଯାଇଛି । ସଂକ୍ରମିତ ଚିହ୍ନଟ ହେଲେ ସେମାନଙ୍କୁ ତୁରନ୍ତ ଆବଶ୍ୟକ ଚିକିତ୍ସା ଯୋଗାଇଦେବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

# କଙ୍ଗାରୁ କୋର୍ଟ ...

ସଦ୍ୟ ମନ୍ତବ୍ୟକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି । ସିଜେଆଇ ରମନା ଝାଡ଼ଖଣ୍ଡର ରାଞ୍ଚିରେ ଏକ ଶୈକ୍ଷିକ କାର୍ଯ୍ୟକ୍ରମରେ ଯୋଗଦେଇ 'ନ୍ୟାୟପାଳିକାର ଭୂମିକା ଓ ବିଚାରପତିମାନଙ୍କ ଆହ୍ୱାନ' ଶୀର୍ଷକ ବକ୍ତୃତାମାଳାରେ ଗଣମାଧ୍ୟମର ସାମ୍ପ୍ରତିକ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ସାମାଜିକ ଗଣମାଧ୍ୟମରେ ବିଚାରପତିମାନଙ୍କ ବିରୋଧରେ ସୁପରିକଳ୍ପିତ ଅଭିଯାନ ଚାଲିଛି । ଏହା ଉପରେ ବିଚାରପତିମାନେ ତତ୍କାଳ ପ୍ରତିକ୍ରିୟା ପ୍ରକାଶ କରି ନ ପାରନ୍ତି । ଦୟାକରି ଏହାକୁ କେହି ସେମାନଙ୍କ ଦୁର୍ବଳତା କିମ୍ବା ଅସହାୟତା ବୋଲି ବିବେଚନା କରନ୍ତୁ ନାହିଁ । ସିଜେଆଇ ଆହୁରି କହିଛନ୍ତି, ବର୍ତ୍ତମାନ ବିସ୍ତୃତ ଭାବେ ବ୍ୟାଖ୍ୟା କରିବା ପାଇଁ ଗଣମାଧ୍ୟମର ପର୍ଯ୍ୟାପ୍ତ ସାମର୍ଥ୍ୟ ରହିଛି । କିନ୍ତୁ ଏହା ଠିକ୍ ଓ ଭୁଲ୍ ମଧ୍ୟରେ ରହିଥିବା ପ୍ରଭେଦକୁ ନିର୍ଦ୍ଧାରଣ କରିବାରେ ସକ୍ଷମ ହେଉ ନ ଥିବା ଜଣାପଡୁଛି । ମିଡିଆ ଟ୍ରାଏଲ୍‌କୁ ଏକ ମାମଲାର ରାୟ ପାଇଁ ଆଧାର ଭାବେ ଗ୍ରହଣ କରାଯାଇପାରିବ ନାହିଁ । ଆମେ ଦେଖୁଛୁ ଯେ, ବିଭିନ୍ନ ପ୍ରସଙ୍ଗରେ ମିଡିଆ କଙ୍ଗାରୁ କୋର୍ଟ ଚଳାଉଛି, ଯଦ୍ୱାରା ଅଭିଜ୍ଞ ବିଚାରପତିମାନଙ୍କୁ ନିଷ୍ପତ୍ତି ନେବାରେ ଅସୁବିଧା ହେଉଛି । ନ୍ୟାୟ ପ୍ରଦାନ ଉପରେ ଭୁଲ୍ ତଥ୍ୟ ଆଧାରିତ ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଦ୍ୱାରା ପ୍ରେରିତ ବିତର୍କ ଗଣତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହେଉଛି । ଆସନ୍ତା ସପ୍ତାହରେ ଅବସର ନେବାକୁ ଥିବା ସିଜେଆଇ ରମନା କହିଛନ୍ତି, ପକ୍ଷପାତୀ ମତଗୁଡ଼ିକୁ ଗଣମାଧ୍ୟମରେ ବିସ୍ତାର କରାଯିବା ଫଳରେ ଗଣତନ୍ତ୍ର ଦୁର୍ବଳ ହେବା ସହ ବ୍ୟବସ୍ଥାକୁ କ୍ଷତି ପହଞ୍ଚୁଛି । ଏହି ପ୍ରକ୍ରିୟାରେ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପଡୁଛି । ଗଣମାଧ୍ୟମ ଉପରେ ପଡ଼ି ନିଜ ଉତ୍ତରଦାୟିତ୍ୱ ଲଘିଂବା ଯୋଗୁ ଆମ ଗଣତନ୍ତ୍ର ଦୁଇପାଦ ପଛକୁ ଘୁଞ୍ଚିଯାଉଛି । ପ୍ରିଣ୍ଟ ମିଡିଆ (ଛାପା ଗଣମାଧ୍ୟମ)ର ଏକ ନିର୍ଦ୍ଦିଷ୍ଟ ଉତ୍ତରଦାୟିତ୍ୱ ରହିଥିବାବେଳେ ବୈଦ୍ୟୁତିକ ଗଣମାଧ୍ୟମର ଶୂନ ଉତ୍ତରଦାୟିତ୍ୱ ଦେଖିବାକୁ ମିଳୁଛି । ସୋସିଆଲ ମିଡିଆ ଅବସ୍ଥା ଆହୁରି ନିକୃଷ୍ଟ । ତେଣୁ ଗଣମାଧ୍ୟମ ଆତ୍ମନିୟନ୍ତ୍ରଣ ରଖି ନିଜ ଭାଷାକୁ ପରଖିବା ପାଇଁ ଏହା ହେଉଛି ପ୍ରକୃଷ୍ଟ ସମୟ । ଇଲେକ୍ଟ୍ରୋନିକ୍ ଏବଂ ସୋସିଆଲ ମିଡିଆ ଦାୟିତ୍ୱପୂର୍ଣ୍ଣ ବ୍ୟବହାର କରନ୍ତୁ । ଇଲେକ୍ଟ୍ରୋନିକ୍ ମିଡିଆ ଲୋକଙ୍କୁ ଶିକ୍ଷା ଦେଇ ରାଷ୍ଟ୍ରକୁ ତତ୍ପର କରାଇବା ଉଚିତ ବୋଲି ପ୍ରଧାନ ବିଚାରପତି ରମନା ମତବ୍ୟକ୍ତ କରିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଧର୍ମୀୟ ଭାବନା, ବନ୍ଧୁମିଳନରୁ ଖୁସି ରହିବେ । ପାରିବାରିକ, ପରିବହନ କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିବେ । ବନ୍ଧୁଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ଗାଡ଼ିମୋଟର ଚଳାଇବା ସମୟରେ ଅନ୍ୟମନସ୍କ ଅସୁବିଧାର କାରଣ ହୋଇପାରେ ।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ । ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ । ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ । ଆଜି ଆପଣ କଳା, ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ ।

**ମିଥୁନ** ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ । ସାଧାରଣ ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି । ଅର୍ଥ ସମ୍ପର୍କ, ବ୍ୟବସାୟ, ଯାତ୍ରା, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ । ଆର୍ଦ୍ରା ନକ୍ଷତ୍ର ବିଭିନ୍ନ ସମସ୍ୟାକୁ ବିମର୍ଷ ରହିପାରନ୍ତି । ସନ୍ତାନହେତୁକ ଚିନ୍ତା ଦୂର ହେବ ।

**କର୍କଟ** ସକାଳ ସମୟଟି ବହୁତ ଭଲରେ କଟିବ ଏବଂ ଆପଣଙ୍କ କୌଣସି କାମ ଅଟକିବ ନାହିଁ । ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ । ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି । ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ଖୁସି ରହିବେ ।

**ସିଂହ** ବିଭିନ୍ନ ପ୍ରକାରର ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇପାରନ୍ତି । ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଜିର ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ । ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା ପ୍ରଭୃତିରେ ସଫଳତା ପାଇବେ । ଧର୍ମଚର୍ଚ୍ଚା ତଥା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ ।

**କନ୍ୟା** ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିରତା ରହିବ ନାହିଁ । କର୍ମକ୍ଷେତ୍ରରେ କାମଗୁଡ଼ିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିବେ । ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ପାଇଁ ସମ୍ପର୍କୀୟମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ । ବହୁତ ଦିନରୁ ଅଟକି ରହିଯାଇଥିବା ଅର୍ଥ ଲାଭରୁ ଖୁସି ରହିବେ ।

**ତୁଳା** କଥା ଦେଇ କଥା ରଖିନଥିବା କାରଣରୁ ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ । ଯାନବାହନରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି । ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ପ୍ରତିବନ୍ଧକ ଲାଗି ରହିବ । ଚିତ୍ରା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ ।

**ବିଛା** କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ । ବନ୍ଧୁମାନଙ୍କ ଗହଣରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ । ଜ୍ୟେଷ୍ଠା ନକ୍ଷତ୍ର ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି । ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ ।

**ଧନୁ** କର୍ମକ୍ଷେତ୍ରରେ ଦକ୍ଷତା ହେତୁକ ପ୍ରତିଷ୍ଠିତ ହେବ । ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ଅଶାନ୍ତିକୁ ନିମନ୍ତ୍ରଣ କରିବ । ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ଦୈହିକ ଦୁର୍ବଳତା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିପାରେ ।

**ମକର** ସକାଳୁ ସକାଳୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ । ଚେଷ୍ଟା କରୁଥିବା କାମରେ କେତେକ ପ୍ରତିବନ୍ଧକ ଦେଖାଦେବାର ସୂଚନା ରହିଛି । ପଡ଼ୋଶୀ କେହି ପ୍ରତିବାଦ କରି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି । ଶିକ୍ଷା, ପରୀକ୍ଷା, ସନ୍ତାନ, ଲେଖାପଢ଼ା, ଆଲୋଚନା ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହେବେ ।

**କୁମ୍ଭ** ଆଜି ସକାଳୁ ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ । ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ । ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବ । ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ ।

**ମୀନ** କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ । ପରୋକ୍ଷ ଶତ୍ରୁତା କାରଣରୁ ସମସ୍ୟା ଆସିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ । ଦୂରସମ୍ପର୍କୀୟ ବନ୍ଧୁ ଆଜି ଆସିପାରନ୍ତି ।


# classifieds Everyday

0674-2580101, 2549302




## BRIDE WANTED

ବ୍ରାହ୍ମଣ ପାତ୍ର, ବୟସ ୩୩, ୫ଫୁଟ ୧୦ ଇଞ୍ଚ ଦିଲ୍ଲୀ IITରୁ M.Tech. କରିଥିବା ଏକ ପ୍ରତିଷ୍ଠିତ କମ୍ପାନୀରେ ଉଚ୍ଚ ଦରମାରେ ଅବସ୍ଥାପିତ ପାତ୍ର ପାଇଁ ସୁନ୍ଦର ଗୌରବର୍ଣ୍ଣା ଶିକ୍ଷିତା ଚାକିରି କରିଥିବା ପାତ୍ରୀ ଆବଶ୍ୟକ । Mobile No-7735580114, 9650493259. D-1032

ବ୍ୟବସାୟ କରୁଥିବା ଉଚ୍ଚ ଶିକ୍ଷିତ ବ୍ରାହ୍ମଣ ପୁଅ ୩୭ବର୍ଷ, ୫'୮'', ଗୌରବର୍ଣ୍ଣ ପାଇଁ ସୁନ୍ଦର ପାତ୍ରୀ ଆବଶ୍ୟକ। ବାପା ଓ ମା ଉଭୟ ରିଟାର୍ଡ ସରକାରୀ ଚାକିରିଆ। (ଭୁବନେଶ୍ୱରରେ ପ୍ରତିଷ୍ଠିତ)। Contact: 9040070093. D-73849

## GROOM WANTED

43 ବର୍ଷର Divorcee ମହିଳା Rural Development Officer ଭାବରେ କାର୍ଯ୍ୟରତ। ଘର- କେନ୍ଦୁଝର, ଜାତି- ଖଣ୍ଡାୟତ। ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7655858756. D-1074

49 ବୟସ୍କା ଏକାକୀ ରହୁଥିବା ଚାକିରିଆ, ନିଃସନ୍ତାନ, ବିଧବା, ଖଣ୍ଡାୟତ ସୁନ୍ଦରୀ ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 8093860535. D-1078




## SALE

ALTO K10 VXI AMT (O) 2017, ran 28500KM, price Rs. 3,35,000. Only secondparty deal.Contact Mobile 9124140371. D-1077

## HIRE

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73944




## SALE

Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666. D-73211

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320. D-73283

Hurry! Ready to move BDA/Bank project approved One BHK flat Three Numbers in ground floor remain near Shani Temple, 500 meters from National Highway near Shani Temple Patrapada, Bhubaneswar. 9238326233. D-38581

Bhubaneswar ରେତଙ୍ଗ, ଗଂଗପଡ଼ା, କାଟେଣୀରେ ୩୦'ରାସ୍ତା, ଇଲେକ୍ଟ୍ରିଥାଇ ବର୍ଗଫୁଟକୁ 649/699/849/ କିଣନ୍ତୁ। Sasmita. 9853150290. D-73288

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186. D-73541

Gharabari conversion plot with 30ft. internal road for sale near DN Regalia Patrapada, Bhubaneswar @ 7978801755. D-73850

3BHK 1660sqft. 4th Floor at Palm Heights opposite Sum Hospital. Call- 7205072051. D-71647

Bhubaneswar to Pipili NHକୁ ଲାଗି boundary plot, 30ft. Road, Electrification, Temple, Drainage, Streetlight, Security, Gate, Plantation, Gated community ଥାଇ sqft.-980/ରେ ମିଳୁଛି। 9937006862. D-73284

Land Investments starting from One Lakh in and around Bhubaneswar. Contact: 9078020885. D-73336

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 9668344479, 9437607388. D-73268

Freehold land corner plot 19906, 2nd plot 6534sqft. with boundary, landmark- Malatipatapur Waterpark ମୌଜା- କଞ୍ଚିଶାସନ, RI-ମୋରଡପଡ଼ା, Tahashil- Puri. Contact: 9437184488. D-73848

5000sqft. (50ft. X100ft.) gharabari, sthitiban yellowzone, 100% clear single Patta owner plot for sale with boundary, filling & outhouse completed. Address- Bhargavi Vihar, just 3rd plot from Dhauli & Uttara NH with 25ft. wide concrete road Price Rs.1,35,00,000/-. Contact owner. 9040026465 (BABU BHAI). D-1039

ଭୁବନେଶ୍ୱର ଗଙ୍ଗପଡ଼ା Adyanta College ପାଖରେ ପିଚୁ ରୋଡ୍‌କୁ ଲାଗି commercial ଏବଂ ଘର ଉପଯୋଗୀ yellowzone plot କିଣି ଘର କରନ୍ତୁ। 9938066403, 9777067303. D-73287

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ sqft.-1500/-, ଦାଶପୁରରେ sqft.-800/-, ପାତ୍ରପଡ଼ାରେ 2BHK ତିଆରି ଫ୍ଲାଟ୍ 60,000,00/-ରେ ବିକ୍ରି ହେଉଅଛି। 9348549059, 8984896693, 06747964979. D-73839

Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452. D-73938

Hanspal near Balianta Rangabazar Middle pointରେ road, electricity, boundary ସହିତ plot କିଣନ୍ତୁ। sqft.-1350/-. 7008425796. D-73286

## PURCHASE

ଜମି ଆବଶ୍ୟକ: ଭୁବନେଶ୍ୱର, ବାଲିଅନ୍ତା, ଖୋର୍ଦ୍ଧା, ପିପିଲି, ପୁରୀ ତହସିଲ ଅଧୀନରେ ଥିବା ଜମି ଆବଶ୍ୟକ। Outright/Share ହିସାବରେ ଦେବାକୁ ଇଚ୍ଛୁକ ଥିବା ଜମି ମାଲିକ ଯୋଗାଯୋଗ କରନ୍ତୁ। 9438109040, 8144658008. D-1065




Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73278




Shoproom (10'x10') infront of Bijupattnaik College mainroad Jayadevvihar, Bhubaneswar. Contact: 9938511622. D-1090

6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298. D-1047

Three Bedroom house at Satyanagar for Family only. Contact: 7205386140. D-74201




Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73847

Newly open full body massage, ladies and gents. 7846923244. D-73943

Fullbody massage relax your body, mind by best therapist. 7008773793. D-73626

"Only Professional Massage & Steam Bath- Trupti Spa. 9337337007, 9861550765." D-1058

Newly opened full body massage center by expert therapist. 7381172169. D-73622

Newly open SPA positively health benifit with expert. Contact: 7749976301. D-73845

Newly open full body massage ladies & gents available. 8093726714. D-73620

Relax, Refresh your body, Mind at Saikrupa Spa with best therapies. 8984068077. D-980

## AFFIDAVIT

I, Sunita Dora, aged-42, Duplex No.- RA-02, Royal Avenue, Haridaspur, Balianta, Bhubaneswar-752101 by affidavit C.F. No.- 62 dt. 22.07.2022. Corrected my name to SUNITA DORA instead of M.SUNITA RAO. That I, hereby declare that M. Sunita Roa & Sunita Dora is one & same person i.e my self. D-1081

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୪୨,୩୪,୮୭୪ | ୬୪,୦୧,୮୩୯ | ୫୪,୩୮,୯୪,୫୬୪ |
| ଭାରତ | ୪,୩୮,୬୮,୪୭୬ | ୫,୨୫,୯୯୭ | ୪,୩୧,୯୨,୩୭୯ |
| ଓଡ଼ିଶା | ୧୩,୦୫,୪୯୯ | ୯୧୩୧(+୫୩) | ୧୨,୮୯,୮୮୫ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

**ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେ**

ନବୀନ ପଟ୍ଟନାୟକ ଶନିବାରଠାରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତା ୨୫ତାରିଖରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣ ଉତ୍ସବରେ ସେ ଯୋଗ ଦେବେ। ଏହି ଗସ୍ତ ଅବସରରେ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ କେନ୍ଦ୍ରୀୟ ନେତାଙ୍କ ସହ ନବୀନ ଆଲୋଚନା କରିବେ । ୨୬ ତାରିଖରେ ସେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ଶପଥ ଗ୍ରହଣରେ ଯୋଗଦେବାକୁ ନବୀନଙ୍କୁ ନିମନ୍ତ୍ରଣ କରାଯାଇଛି। ଚଳିତ ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କୁ ବିଜୟୀ କରିବାରେ ମୁଖ୍ୟମନ୍ତ୍ରୀ ପ୍ରମୁଖ ଭୂମିକା ତୁଲାଇଥିଲେ। ନିର୍ବାଚନରେ ଯେପରି ଓଡ଼ିଶାରୁ କୌଣସି ଭୋଟ୍ ନାକଚ ନ ହୁଏ ସେଥିପ୍ରତି ଧ୍ୟାନ ଦେଇଥିଲେ। ଦଳମତ ନିର୍ବିଶେଷରେ ସବୁ ଦଳ ଓଡ଼ିଆ ଝିଅଙ୍କୁ ଭୋଟ୍ ଦେବାକୁ ମଧ୍ୟ ସେ କହିଥିଲେ।




# ରଣ ଚିନ୍ତାରେ ଜୀବନ ହାରିଲେ ଚାଷୀ

**ପୋଲସରା(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୨୩।୭**

ରଣ ଟଙ୍କା ଶୁଝି ନ ପାରିବାରୁ ବିଷ ପିଇ ଦେଇଥିବା ଚାଷୀଙ୍କ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ପୋଲସରା ବ୍ଲକ ପାତାଳସିଙ୍ଗି ଗ୍ରାମ ଶୁଣ୍ଡିସାହିର ରମେଶ ରାହା (୫୬)। ରମେଶ ବିଭିନ୍ନ ବ୍ୟାଙ୍କ ଓ କିଛି ସାଧାରଣ ଲୋକଙ୍କଠାରୁ ରଣ ନେଇ ଚାଷ କରିଥିଲେ। ପୂର୍ବରୁ ରଣ ଥିବା ବେଳେ ଏଥର ମଧ୍ୟ ବିଭିନ୍ନ ଲୋକଙ୍କଠାରୁ ଟଙ୍କା ଉଧାର ଆଣିଥିଲେ। ବିଲରେ ଧାନତଳି ପକାଇଥିବା ବେଳେ ବର୍ଷାରେ ତାହା ନଷ୍ଟ ହୋଇଯାଇଥିଲା। ଏଥିପାଇଁ ଗତ ୨୦ ତାରିଖରେ ରମେଶ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଦେଇଥିଲେ। ପରେ ଘରକୁ ଆସି ସ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକେ ତାଙ୍କୁ ପାଣ୍ଡିରିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୋଲସରା ମେଡିକାଲକୁ ନେଇଥିଲେ। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏମ୍‌କେସିଜି ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୩୧୭/୨୨ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ କହିଛି।








ଆସନ୍ତା ୨୮ ତାରିଖରେ ଚେନ୍ନାଇରେ ହେବାକୁ ଥିବା ୪୪ତମ ଅନ୍ତର୍ଜାତୀୟ ଚେସ୍ ଅଲିମ୍ପିଆଡ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍‌ଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣପତ୍ର ଦିଆଯାଉଛି।

# ଭୁଲ୍ ଇଞ୍ଜେକ୍ସନରୁ ଗର୍ଭସ୍ଥ ଶିଶୁ, ମା' ମୃତ

- **ଅଭିଯୋଗ ଆଣିଲେ ପରିବାର ଲୋକେ**
- **ବ୍ୟବଚ୍ଛେଦ ବିଳମ୍ବ ନେଇ ଉତ୍ତେଜନା**

**ବାରିପଦା ଅଫିସ,୨୩।୭**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭୁଲ୍ ଇଞ୍ଜେକ୍ସନ ଯୋଗୁ ଶନିବାର ଗର୍ଭସ୍ଥ ଶିଶୁ ସମେତ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏଥିସହ ପ୍ରସବକାଳୀନ ଚିକିତ୍ସାରେ ଅବହେଳା ଓ ମୃତଦେହ ବ୍ୟବଚ୍ଛେଦ ବିଳମ୍ବ ନେଇ ମୃତା ମହିଳାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ସନ୍ଧ୍ୟାରେ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ରିପୋର୍ଟ ଲେଖାହେବା ବେଳକୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା।

ସୂଚନା ଅନୁଯାୟୀ, ବେତନଟୀ ବ୍ଲକ ହାତୀକୋଟ ଗ୍ରାମର ସସ୍ମିତା ମହାନ୍ତ(୨୭)ଙ୍କୁ ପ୍ରସବକାଳୀନ ଚିକିତ୍ସା ନିମନ୍ତେ ପରିବାର ଲୋକେ ଗତ ୧୮ତାରିଖରେ ଏହି ମେଡିକାଲରେ ଭର୍ତ୍ତି କରିଥିଲେ। ୫ ଦିନ ଧରି ଚିକିତ୍ସା ଚାଲିଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ସସ୍ମିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ଦାୟିତ୍ୱରେ ଥିବା କର୍ମଚାରୀମାନେ ତାଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଥିବା ବେଳେ ଡାକ୍ତରଙ୍କ ଭୁଲ୍ ଇଞ୍ଜେକ୍ସନ ପାଇଁ ଶନିବାର ଦିନ ପ୍ରାୟ ୧୨ଟା ୪୮ମିନିଟରେ ସସ୍ମିତାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସମ୍ପର୍କୀୟ କନକଲତା ମହାନ୍ତ ଅଭିଯୋଗ କରିଛନ୍ତି। ଦିନତମାମ ମୃତଦେହ ପଡ଼ି ରହିବା ପରେ ସନ୍ଧ୍ୟାରେ ବ୍ୟବଚ୍ଛେଦ କରାଯାଇପାରିବ ନାହିଁ ବୋଲି କର୍ମଚାରୀମାନେ କହିବାରୁ ପାଟିତୁଣ୍ଡ ହୋଇଥିଲା। ଏ ସମ୍ପର୍କରେ ବେତନଟୀ ପୋଲିସକୁ ଅବଗତ କରିଥିଲେ। ମାତ୍ର ପୋଲିସ ନ ପହଞ୍ଚିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ମୃତା ସସ୍ମିତାଙ୍କ ଦିଅର ସୌମ୍ୟରଞ୍ଜନ କହିଛନ୍ତି। ତେବେ ରାତିରେ ବ୍ୟବଚ୍ଛେଦ କରିବାକୁ ନିର୍ଦ୍ଦେଶ ରହିଥିଲେ ହେଁ ଡାକ୍ତରଖାନା ପକ୍ଷରୁ ଆବଶ୍ୟକ ପଦକ୍ଷେପ ନ ନେବାରୁ ଅସନ୍ତୋଷ ପ୍ରକାଶ ପାଇଛି।






# ହୀରାକୁଦ ଜଳଭଣ୍ଡାରର ୩ ଗେଟ୍ ବନ୍ଦ

**୭ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ**

**ସମ୍ବଲପୁର,୨୩।୭(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରର ୩ ଗେଟ୍ ଶନିବାର ବନ୍ଦ କରାଯାଇଛି। ଏବେ ୭ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ କମିଯାଇଥିବାରୁ କର୍ତ୍ତୃପକ୍ଷ ଗେଟ୍ ଖୋଲିବା ସଂଖ୍ୟା ହ୍ରାସ କରିଛନ୍ତି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୩ହଜାର ୪୫୪ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ୧ ଲକ୍ଷ ୪୨ ହଜାର ୫୨୪ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଜଳସ୍ତର ଏବେ ୬୦୯.୯୭ ଫୁଟ୍ ରହିଛି। ପାୱାର ଚ୍ୟାନେଲକୁ ୩୩ ହଜାର ୭୦୨ କ୍ୟୁସେକ, ଜଳସେଚନ ପାଇଁ ୪ ହଜାର ୫୪୩, ଶିଳ୍ପ ପାଇଁ ୨୭୩ କ୍ୟୁସେକ ପାଣି ନିଷ୍କାସନ ହେଉଛି। ସୂଚନାଯୋଗ୍ୟ ଗତ ୧୮ ତାରିଖରେ ୫ ଗେଟ୍ ଦେଇ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିଲା। ପୁନର୍ବାର ୨୧ତାରିଖ ପୂର୍ବାହ୍ନରେ ୩ ଓ ପରେ ସନ୍ଧ୍ୟାରେ ଆଉ ୨ ଗେଟ୍ ଖୋଲାଯାଇଥିଲା।







ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ

# ଜରୁରୀ ପ୍ରସଙ୍ଗକୁ ଅଣଦେଖା



ଆକାର ପଟେଲ

ସୁପ୍ରିମ୍‌କୋର୍ଟରେ ଇଲେକ୍‌ଟୋରାଲ ବଣ୍ଡ୍‌କୁ ଚ୍ୟାଲେଞ୍ଜ କରାଯିବାର ପାଖାପାଖି ୫ ବର୍ଷ ବିତିଯାଇଥିଲେ ମଧ୍ୟ କୋର୍ଟ ଏହା ଉପରେ କିଛି ନିଷ୍ପତ୍ତି ନେଇନାହାନ୍ତି। ୨୦୧୭ର ବଜେଟରେ ଏହି ସ୍କିମ୍ ବା ଯୋଜନା ଏକ 'ମନି ବିଲ୍' ଭାବେ ଅଣାଯାଇଥିଲା, ଯାହା ଉପରେ ରାଜ୍ୟ ସଭାରେ ବିତର୍କ କିମ୍ବା ଭୋଟ କରାଯାଇପାରିଲା ନାହିଁ। ବିଶେଷ କରି ଏହି ଯୋଜନା ବିଦେଶୀ ସରକାର, ବିଦେଶୀ କମ୍ପାନୀ ଏପରି କି ଅପରାଧିତତ୍ତ୍ୱମାନଙ୍କ ସମେତ ସମସ୍ତଙ୍କୁ ଗୁପ୍ତରେ ରାଜନୈତିକ ପାର୍ଟିଗୁଡ଼ିକୁ ଅସୀମିତ ଅର୍ଥ ଦାନ ଦେବାକୁ ଅନୁମତି ଦେଇଛି। ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ଏହି ଯୋଜନାକୁ ବିରୋଧ କରିଥିଲା। ବିୟରର୍ ବଣ୍ଡଟି କ୍ୟାଶ ହେବା ଅନିବାର୍ଯ୍ୟ ବୋଲି ଆର୍‌ବିଆଇ କହିଥିଲା, କିନ୍ତୁ ସରକାର ଆର୍‌ବିଆଇର ପ୍ରତିବାଦକୁ ଅସ୍ୱୀକାର କରି ଏହାକୁ ଲାଗୁ କରିଥିଲେ। ତେବେ ସୁପ୍ରିମ୍‌କୋର୍ଟ ଏହି ବିଷୟକୁ ଗୁରୁତ୍ୱ ଦେଇ ନାହାନ୍ତି କି କିଛି ନିଷ୍ପତ୍ତି ନେଇନାହାନ୍ତି। ସେହିପରି ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)ପାସ୍ ହେବା ସମ୍ବିଧାନର ଉଲ୍ଲଂଘନ ବୋଲି ଦର୍ଶାଯାଇ ତା' ବିରୋଧରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବାର ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି। ସିଏଏ ପାସ୍ ହେଲା ପରେ ଏହା ବିରୋଧରେ ଭାରତର ସବୁ ସହରରେ କଡ଼ା ପ୍ରତିବାଦ ହୋଇଥିଲା। ତେବେ କିଛି କାରଣ ପାଇଁ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗ ଉପରେ ଶୁଣାଣି ନ କରିବାକୁ ନିଷ୍ପତ୍ତି ନେଇଥିଲେ। ପାଖାପାଖି ସେହି ସମୟରେ ଜମ୍ମୁ ଓ କଶ୍ମୀର ଷ୍ଟାଟସ ପରିବର୍ତ୍ତନ ହୋଇଗଲା। ୩୭୦ ଅନୁଚ୍ଛେଦ ଉଠାଇଦିଆଯାଇ ତାହାକୁ କେନ୍ଦ୍ରଶାସିତ ଅଞ୍ଚଳ କରିଦିଆଗଲା ଓ ସେଥିରୁ ଲଦାଖ ଅଲଗା ହୋଇଗଲା। କଶ୍ମୀରର ନିର୍ବାଚିତ ପ୍ରତିନିଧିମାନଙ୍କୁ ବରଖାସ୍ତ କରାଯାଇ ଅନେକଙ୍କୁ ଜେଲରେ ରଖାଗଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହେବୁବା ମୁଫତିଙ୍କ ସମେତ ଅଟକଥିବା ନେତାମାନଙ୍କ ବେଆଇନ ଗିରଫଦାରି ଆବେଦନ ଉପରେ ମଧ୍ୟ ସୁପ୍ରିମକୋର୍ଟ ଶୁଣାଣି କଲେ ନାହିଁ କି କୌଣସି ନିଷ୍ପତ୍ତି ନେଲେ ନାହିଁ। ଏପରି କି ଏହା ସାମ୍ବିଧାନିକ ଥିଲା କି ନାହିଁ ଏଯାବତ୍ ସୁପ୍ରିମକୋର୍ଟ କିଛି ନିଷ୍ପତ୍ତି ନେଇପାରି ନାହାନ୍ତି। ଅନେକଙ୍କ ମତରେ କୋର୍ଟ ଏହିସବୁ କେସ୍‌ଗୁଡ଼ିକର ମହତ୍ତ୍ୱକୁ ଅଣଦେଖା କରିଛନ୍ତି।

ସରକାରଙ୍କ ସମର୍ଥିତ ତଥାକଥିତ ବିଭେଦକାରୀ ଲଭ୍ ଜିହାଦ ଆଇନଗୁଡ଼ିକ ୨୦୧୮ ପରେ ୭ ଭାଜପା ଶାସିତ ରାଜ୍ୟରେ ପାସ୍ ହୋଇଛି। ଏହିସବୁ ଆଇନ ଉପରେ ସୁପ୍ରିମ୍‌କୋର୍ଟ ତ୍ୱରିତ ଶୁଣାଣି କରିବାକୁ ଗୁରୁତ୍ୱ ଦେଇନାହାନ୍ତି। ଏହାବାଦ୍ କୃଷି ଆଇନଗୁଡ଼ିକ ସମ୍ପର୍କରେ କୋର୍ଟ ଅନେକ କିଛି କଲେ ଓ କହିଲେ। କିନ୍ତୁ ଏକ କମିଟି ଗଠନ ହେବା ପରେ ସରକାର ନିଜ ତରଫରୁ ଆଇନ ପ୍ରତ୍ୟାହାର କରିବା ପର୍ଯ୍ୟନ୍ତ କୋର୍ଟ ଏହି ପ୍ରସଙ୍ଗକୁ ଭୁଲିଗଲେ। ସ୍ପାଏୱେର ପେଗାସସ୍ ଘଟଣାରେ କ୍ରିମିନାଲ ହ୍ୟାକ୍‌ର ଶିକାର ହୋଇଥିବା ଲୋକମାନେ କୋର୍ଟକୁ ଯିବାର ୧ ବର୍ଷ ହୋଇଯାଇଥିଲେ ବି ତା' ଉପରେ କିଛି ଉଲ୍ଲେଖନୀୟ କାର୍ଯ୍ୟ କରାଯାଇନାହିଁ। ଅବଶ୍ୟ ପେଗାସସ୍‌କୁ ମିଡ଼ିଆ, ବିରୋଧୀ, ନିଜ ମନ୍ତ୍ରୀ ଏବଂ ନ୍ୟାୟିକ ପ୍ରକ୍ରିୟା କ୍ଷେତ୍ରରେ ବ୍ୟବହାର କରାଯାଇଥିଲା କି ନାହିଁ ସେ ସମ୍ପର୍କରେ ଏକ ସତ୍ୟପାଠ ଦାଖଲ କରିବା ଲାଗି କୋର୍ଟ କହିଥିଲେ ମଧ୍ୟ ସରକାର ତାହା କରିବାକୁ ମନା କରିଦେଇଥିଲେ। ଦେଶର ଏହିସବୁ ପ୍ରସଙ୍ଗ ସହ ଅନ୍ୟ ଯେଉଁ ବିଷୟଗୁଡ଼ିକ ଉପରେ କୋର୍ଟ ନିଷ୍ପତ୍ତି ନେଇଛନ୍ତି ସେସବୁକୁ ତୁଳନା କରିବାକୁ ପଡ଼ିବ। ୨୦୧୯ ଅଗଷ୍ଟ ୧୬ରେ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ସୁପ୍ରିମକୋର୍ଟର ବିଚାରପତିମାନଙ୍କ ନିକଟକୁ ଏକ ପତ୍ର ଲେଖି ପୂର୍ବରୁ ଉଠିଥିବା ଅଭିଯୋଗ ସମ୍ପର୍କରେ ପୁନର୍ବାର ଦର୍ଶାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରିୟ କେସ୍‌ଗୁଡ଼ିକୁ ପାଳି ବାହାରେ ବିଚାରପତି ଅରୁଣ ମିଶ୍ରାଙ୍କୁ ନେଇ ଗଠିତ ବେଞ୍ଚକୁ ଦିଆଯାଉଥିଲା ବୋଲି ସେ ଅଭିଯୋଗ କରିଥିଲେ। ଡାଭେ କହିଥିଲେ ଯେ, ୨୦୧୯ରେ ଖରାଦିନେ ଭ୍ୟାକେସନ ବେଞ୍ଚଗୁଡ଼ିକରେ ବିଚାରପତିମାନଙ୍କ ଗ୍ରୁପରେ ଗୋଗୋଇ ଏବଂ ମିଶ୍ରାଙ୍କୁ ରଖାଯାଇ ଗୁରୁତ୍ୱପୂର୍ଣ୍ଣ କେସ୍‌ଗୁଡ଼ିକର ବିଚାର ଓ ନିଷ୍ପତ୍ତି କିପରି କରାଯାଇଥିଲା, ତାକୁ ନେଇ ସେତେବେଳର ପ୍ରଧାନ ବିଚାରପତି ଗୋଗୋଇ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଆଦାନୀ ଗ୍ରୁପ୍‌ର କେସ୍‌ଗୁଡ଼ିକର ଶୁଣାଣି ପାଳିରେ ଥିବା ନିୟମିତ ବେଞ୍ଚ ବଦଳରେ ଭ୍ୟାକେସନ ବେଞ୍ଚରେ ଏଗୁଡ଼ିକର ଶୁଣାଣି କରାଯାଇଥିଲା। ଏଭଳି ଏକ କେସ୍‌ର ଶୁଣାଣି କରି ମେ ୨୨ରେ ରାୟ ପ୍ରଦାନ କରାଗଲା। ଠିକ୍ ତା'ପରଦିନ ୨୦୧୭ ଫେବୃଆରୀରେ ଶେଷଥର ପାଇଁ ଶୁଣାଣି ହୋଇଥିବା ଆଦାନୀର ଆଉ ଏକ କେସ୍‌କୁ ବିଚାରକୁ ନିଆଗଲା। ତା' ପରଦିନ ମିଶ୍ରା ଏହାର ଶୁଣାଣି ଶେଷ କରିଥିଲେ। ଡାଭେ କହିଥିଲେ ଯେ, ମିଶ୍ରାଙ୍କୁ ଆବଣ୍ଟିତ ପାଳି ବାହାରେ ୨୦୧୯ ଜାନୁୟାରୀ ୨୯ ଏବଂ ୨୦୧୮ ମେ ୨୯ରେ ଆଦାନୀଙ୍କ ସପକ୍ଷରେ ତ୍ୱରିତ ରାୟ ପ୍ରକାଶ କରାଯାଇଥିଲା। ଡାଭେଙ୍କ ଏଭଳି ଅଭିଯୋଗରେ ମିଶ୍ରା ଏବଂ ଗୋଗୋଇ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ କି କିଛି ପଦକ୍ଷେପ ନେଇ ନ ଥିଲେ। କେବଳ ଏତିକି ନୁହେଁ, ଅନ୍ୟ ବିଚାରପତିମାନେ ମଧ୍ୟ ଏହା ଉପରେ କିଛି କହି ନ ଥିଲେ। ସାମ୍ବାଦିକ ଅବିର ଦାସଗୁପ୍ତା ଏବଂ ପରଞ୍ଜୟ ଗୁହା ଠାକୁର୍‌ତାଙ୍କ ଦ୍ୱାରା ୭ଟି ଆଦାନୀ କେସ୍ ଉପରେ ଖୋଳତାଡ଼ କରିବାରୁ ଜଣାପଡ଼ିଲା ଯେ, ମିଶ୍ରା ସବୁ କ୍ଷେତ୍ରରେ ଆଦାନୀ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ମିଶ୍ରା ଅବସର ନେବା ପରେ ତାଙ୍କୁ ଜାତୀୟ ମାନବ ଅଧିକାର କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଗଲା ଏବଂ ସେବେଠାରୁ ମାନବ ଅଧିକାର ପ୍ରସଙ୍ଗରେ ସରକାରଙ୍କୁ ଚ୍ୟାଲେଞ୍ଜ କରିବାରେ ସେ ଆଗ୍ରହ ପ୍ରକାଶ କରି ନାହାନ୍ତି।

ରାଜନୀତିରୁ ଊର୍ଦ୍ଧ୍ୱରେ ରହିବା ଓ ସମ୍ବିଧାନର ସୁରକ୍ଷା କରିବାରେ ସକ୍ଷମ ତଥା ଏକ ସ୍ୱାଧୀନ ସଂସ୍ଥା ଭାବେ ସୁପ୍ରିମକୋର୍ଟର ବିଶ୍ୱସନିୟତା ରହିଛି। ଏହି ଖ୍ୟାତି ଆଣିବା ସହଜ କଥା ନୁହେଁ ଓ ଏହା ସମ୍ଭବ ହୋଇଛି କେବଳ ବିଗତ ଦଶନ୍ଧିଗୁଡ଼ିକରେ ସରକାରଙ୍କୁ ଏବଂ ରାଜନେତାମାନଙ୍କୁ ସାହସର ସହ ସାମ୍ନା କରିଥିବା କେତେଜଣ ବିଚାରପତିଙ୍କ ଯୋଗୁ। ନ୍ୟାୟିକ ବ୍ୟବସ୍ଥା ବିଶେଷକରି ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। କିନ୍ତୁ ଆମ ସମୟର କେତେକ ଅତ୍ୟଧିକ ଜରୁରୀ ପ୍ରସଙ୍ଗଗୁଡ଼ିକର ଶୁଣାଣି ଓ ନିଷ୍ପତ୍ତି ନେବାରେ ଯେଉଁଭଳି ଲଗାତର ଅଣଦେଖା କରାଯିବା ଦେଖାଯାଉଛି ତାହାକୁ ଇତିହାସ କେବେ ବି ସ୍ୱୀକାର କରିବନି।

Email:aakar.patel@gmail.com

# ବୋଲ ମାନୁ ନ ଥିବା ପୁଅ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରତ୍ୟେକ ହିରଣ୍ୟକଶିପୁ ଜାତୀୟ ପିତାମାନଙ୍କ ପାଇଁ ପ୍ରହ୍ଲାଦଙ୍କ ଭଳି ପୁଅମାନେ ଜଣେ ଜଣେ ବୋଲ ମାନୁ ନ ଥିବା ଅବାଧ୍ୟ ସନ୍ତାନ। ହରିନାମ ପ୍ରତି କାଳ କାଳ ଧରି ଅନ୍ତରରେ ଘୃଣା ପ୍ରକଟ କରିଆସୁଥିବା ହିରଣ୍ୟକଶିପୁଙ୍କ ପାଇଁ ପୁତ୍ର ପ୍ରହ୍ଲାଦର ଅତିରିକ୍ତ ହରିପ୍ରୀତି ଥିଲା ଅତ୍ୟନ୍ତ ଅତୃପ୍ତିକର। ସେ ବହୁମତେ ପୁଅଟିକୁ ବୁଝାଇଲେ। ହରି ତାଙ୍କ ରାକ୍ଷସକୁଳର ଅରି ବୋଲି ଅଭିହିତ କରି ତାଙ୍କ ନାମଠାରୁ ବି ଦୂରେଇ ରହିବାକୁ ବହୁଭାବେ ପ୍ରବର୍ତ୍ତାଇଲେ। ମାତ୍ର ପ୍ରହ୍ଲାଦଙ୍କୁ ସାମାନ୍ୟ ପ୍ରଭାବିତ କରିପାରି ନ ଥିଲା ପିତାଙ୍କର ଯାବତୀୟ ହରିଦ୍ରୋହୀ ମନ୍ତବ୍ୟ। ଏହା ପରର କାହାଣୀ ସର୍ବଜନବିଦିତ। ନିଜ ନିଜର ଆଦର୍ଶର ଏଇ ଯୁଦ୍ଧରେ ପିତାପୁତ୍ରଙ୍କ ମଧ୍ୟରେ କିଏ ଜିତିଲା ଓ କିଏ ହାରିଲା, ତାହାର ପ୍ରମାଣ ପୁରାଣ ବହନ କରିଆସୁଛି। ତେବେ ଏ ପ୍ରକାର ଯୁଦ୍ଧ ଯେ କେବଳ ସେଇ ପୁରାଣ ଯୁଗରେ ହେଉଥିଲା ତାହା ନୁହେଁ, ଏଇ ଆଧୁନିକ ଯୁଗରେ ବି ସଂଘଟିତ ହୋଇ ଚାଲିଛି ସନ୍ତାନ ଏବଂ ଜନ୍ମଦାତାମାନଙ୍କ ମଧ୍ୟରେ ଆଦର୍ଶ ଓ ଅନାଦର୍ଶର ଲଢ଼େଇ।

ଯାବତୀୟ ଅନ୍ୟାୟ ଅନାଚାରକୁ ପୁଞ୍ଜି କରି ସଫଳତା ଗୋଟାଉଥିବା ବାପା ଜଣେ ତା' ପୁଅକୁ ସେଇ ରାସ୍ତାରେ ଚାଲିବାକୁ ବାଟ କଢ଼ାଇନେଲେ, ପୁଅ ପ୍ରତିବାଦ କରେ। ଏମିତି ଅବାଧ ସନ୍ତାନକୁ ନେଇ ବାପା ବିଚଳିତ ବୋଧକରେ। ସେ ଚେତାବନୀ ଶୁଣାଏ- ''ଏପରି କଲେ ଢେର୍ ପଛରେ ପଡ଼ିଯିବୁରେ ପୁଅ! ସମୟର ଆହ୍ୱାନକୁ ମାନି ବାଟ ଚାଲି ନ ଶିଖିଲେ କେବେ ବି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବୁ ନାହିଁ।'' ଦୃଢ଼ମନା ପୁଅ ନିଜ ଭିତରେ ବିପ୍ଲବୀ ହୋଇଉଠେ ଓ ଜବାବ ଦିଏ - ''ଲୋଡ଼ା ନାହିଁ ମୋର ସେଇ ଲକ୍ଷ୍ୟସ୍ଥଳ, ଯେଉଁଠି ପହଞ୍ଚିବାକୁ ହେଲେ ନିଜ ସଂସ୍କାର ଓ ସ୍ୱାଭିମାନକୁ ପଛକୁ ଠେଲି ଆଗକୁ ବଢ଼ିବାକୁ ହୁଏ; ନିଜ ମୌଳିକତାକୁ ବଳି ଦେଇ ଅନ୍ୟକୁ ଆପଣାଇବାକୁ ହୁଏ!''ଆଃ, ଯୁବମାନସର କି ଅମୃତମୟ ଏ ଉଚ୍ଚାରଣ! ମନ ଲୋଡ଼ୁଥାଏ ଭେଟିବାକୁ ସେଇ ଅବାଧ୍ୟ ସନ୍ତାନମାନଙ୍କୁ, ଯେଉଁମାନେ ଯେନତେନ ପ୍ରକାରେଣ ସ୍ୱାର୍ଥର ସଡ଼କରେ ବାଟ ଚାଲିବାକୁ ନିଜ ପୁରୁଷାର୍ଥ ବିଚାରୁଥିବା ବାପାମାନଙ୍କ ହାତ ଛାଡ଼ି ଚାଲିଆସନ୍ତି ଓ ବାଟ ଭାଙ୍ଗି ଭିନ୍ନ ରାସ୍ତାରେ ଚାଲିବାର ସାହସ ରଖନ୍ତି। ଲାଭ-କ୍ଷତିର ହିସାବ ନ ରଖି ସ୍ୱାଭିମାନର ଜୀବନଟିଏ ବଞ୍ଚିବାକୁ ପଣ କରନ୍ତି। ନିଜ ଆଲୋକରେ ଚଉଦିଗକୁ ଆଲୋକିତ କରୁଥିବା ଏଇ ଦୀପ୍ତିମାନ୍‌ମାନଙ୍କ ମଧ୍ୟରୁ ଦୁଇଟି ଦୁର୍ଲଭ ଦୃଷ୍ଟାନ୍ତ।

ପୁରୀର ସମୁଦ୍ରକୂଳ। ପର୍ଯ୍ୟଟକମାନଙ୍କ ପାଇଁ ଏଠାରେ ଉଠା ଚା' ଦୋକାନଟିଏ ମେଲିଥାଆନ୍ତି ଜଣେ ମଧ୍ୟବୟସ୍କ ଓଡ଼ିଆ ଲୋକ। ପର୍ବପର୍ବାଣିରେ ପର୍ଯ୍ୟଟକମାନଙ୍କ ଭିଡ଼ ହେଲେ ନବମ ଶ୍ରେଣୀରେ ପଢୁଥିବା ତାଙ୍କ ପୁଅ ଆସି ବାପାଙ୍କୁ ବେପାରରେ ସାହାଯ୍ୟ କରେ। ପୁଅର ସହଯୋଗରେ ବାପାଙ୍କ ବେପାର ଆଗକୁ ବଢୁଥିଲେ ମଧ୍ୟ ପୁଅ ବିରୋଧରେ ତାଙ୍କର



ଥିଲା ଏକ ଗୁରୁତର ଅଭିଯୋଗ। ତା' ଦୋକାନରେ ଓଡ଼ିଆଙ୍କ ଅପେକ୍ଷା ବଙ୍ଗାଳୀ ଗରାଖଙ୍କ ସଂଖ୍ୟା ଥିଲା ଢେର୍ ଅଧିକ। ସେମାନଙ୍କ ସହ ତାଙ୍କ ବଙ୍ଗଳା ଭାଷାରେ ଦୁଇପଦ କଥା ହୋଇ ଚା' କପଟିଏ ବଢ଼ାଇ ଦେଉଥିଲେ ପାଞ୍ଚଟଙ୍କା ଜାଗାରେ ଦଶଟଙ୍କା ମିଳି ଯାଉଥିଲା। ଓଡ଼ିଶା ମାଟିରେ ଓଡ଼ିଆ ଦୋକାନୀ ମୁହଁରୁ ନିଜ ମାତୃଭାଷାର ସ୍ୱାଦ ବଙ୍ଗାଳୀବାବୁମାନଙ୍କ ପାଇଁ ସମ୍ଭବତଃ ଚା'ଠାରୁ ଅଧିକ ମିଠା ଲାଗୁଥିଲା। ସୁତରାଂ, ସେମାନେ ଯେତିକି ଖୁସି ହେଉଥିଲେ, କପେ ଚା' ପାଇଁ ଦୁଇକପ୍‌ର ଦାମ ମିଳୁଥିବା ଲାଭରେ ଦୋକାନୀଙ୍କ ଖୁସି ଥିଲା ତତୋଽଧିକ। ମାତ୍ର ଉତ୍କଳୀୟତାର ଏକ ଆତ୍ମିକ ଅନୁଭବରେ ପରିପୁଷ୍ଟ ହୋଇଥିବା ନିଜ ସ୍ୱାଭିମାନୀ ପୁଅଟି ବଙ୍ଗାଳୀ ଗରାଖଙ୍କ ସହ ତାଙ୍କ ଭାଷାରେ କଥା ହେବାକୁ ସର୍ବଦା ଅସ୍ୱୀକାର କରି ଆସୁଥିବାରୁ ବେପାରୀ ବାପାଙ୍କ କଣ୍ଠରେ ଥିଲା ଅଭିଯୋଗର ଉଚ୍ଚାରଣ।

''ଆମ ଓଡ଼ିଆ ଭାଷାଠାରୁ କେତେ ମଧୁର ଏଇ ବଙ୍ଗଳା ଭାଷା! ପଦଟିଏ କଥା ହେଲେ ଯେତେବେଳେ ପାଞ୍ଚଟଙ୍କା ଅଧିକ ମିଳୁଛି, ସେତେବେଳେ ଏ ଭାଷା ଶିଖିବାକୁ ତୁ ଏତେ ବିମୁଖ କାହିଁକି?'' ବାପାର ଏଇ ଅଭିଯୋଗ ପ୍ରତି ପୁଅର ଥିଲା ସ୍ପଷ୍ଟ ଓ ସିଧା କୈଫିୟତ- ''ମୋ ପ୍ରଦେଶରେ ମୁଁ କାହିଁକି ଅନ୍ୟ ପ୍ରଦେଶର ଭାଷାରେ କଥା ହେବି? ମୁଁ ବଙ୍ଗଳା ଭାଷା ଶିଖିବି ସେତେବେଳେ, ଯେତେବେଳେ ମୋର କଲିକତା ବା ବଙ୍ଗଳାର ଅନ୍ୟ କୌଣସି ସ୍ଥାନକୁ ଯିବା ଆବଶ୍ୟକ ହେବ। ମୁଁ କଲିକତାରେ କୌଣସି ବଙ୍ଗାଳୀଙ୍କ ଦୋକାନରୁ କିଛି କିଣିବାକୁ ଗଲେ ସେମାନେ କ'ଣ ମୋଠୁଁ କିଛି ଅଧିକ ଅର୍ଥ ପାଇବାକୁ ମୋ ସହ ଓଡ଼ିଆ ଭାଷାରେ କଥା ହୋଇପାରିବେ?''

ଅଶିକ୍ଷିତ ଚା' ଦୋକାନୀର ପୁଅ ଅର୍ଦ୍ଧଶିକ୍ଷିତ ପତଳା ପିଲାଟିଏ। ଅଥଚ ନିଜ ରାଜ୍ୟର ଭାଷା ପ୍ରତି ଅପୂର୍ବ ଅନୁରାଗ ପ୍ରକଟ କରୁଥିବା କି ଉଜ୍ଜ୍ୱଳ ଅଙ୍ଗୀକାର ଭରି ରହିଛି ସେଇ ଅନାମଧେୟ ତରୁଣଟି ପାଖରେ! ବେପାରୀ ବାପାର ବୋଲ ମାନୁ ନ ଥିବା ଏଇ ଅବାଧ ପୁଅଟିକୁ କେଉଁ ନାମରେ ଡକାଯାଇପାରେ? କୁଳାଙ୍ଗାର ନା କୁଳ ଉଜ୍ଜ୍ୱଳ?

ଆଉ ଜଣେ ଅବାଧ ଓଡ଼ିଆ ପୁଅର କଥା। ଭୁବନେଶ୍ୱର ପୁସ୍ତକମେଳାରେ ନିଜ ମା'ବାପାଙ୍କ ସହ ବିଭିନ୍ନ ଷ୍ଟଲ ବୁଲି ବହି ଦେଖୁଥିବା ଏହି ଦଶବର୍ଷ ବୟସର ପିଲାଟି ଦୁଇଟି ଶିଶୁକିଶୋର ପଠନୋପଯୋଗୀ ବହି ବାଛି କିଣିବାକୁ ଚାହିଁବାରୁ ତା'ର ମା' ତାଗିଦା କରି କହିଲେ, ''ଏଇ ବହି ଦୁଇଟି କିଣି ଅଯଥାରେ କାହିଁକି ଟଙ୍କା ସାରିବା! ତୁ ତ ଇଂଲିଶ୍ ସ୍କୁଲର ପିଲା। ଯେ ଓଡ଼ିଆ ଗପବହିରୁ ତୋତେ କ'ଣ ମିଳିବ? ଚାଲ, ଅନ୍ୟ ଷ୍ଟଲ ଯାଇ କିଛି ଇଂଲିଶ୍ ରାଇମ ବା କମିକ ବହି କିଣିନେବା।'' ଯେଉଁ ଭାଷାରେ ସେଇ ସମ୍ଭ୍ରାନ୍ତଦର୍ଶନା ମା'ଜଣକ ନିଜ ପୁଅକୁ ଆକଟ କରୁଥିଲେ, ସେଇ ଭାଷାର ବହି ପଢ଼ିବାକୁ ସେ ଯେମିତି ବିରୋଧ କରୁଥିଲେ, ତହିଁରୁ ଜଣାପଡୁଥିଲା ସତେ ଯେମିତି ନିଜ ଇଂଲିଶ୍‌ପଢୁଆ ପିଲାଟିକୁ ଓଡ଼ିଆ ବହି ଦୁଇଖଣ୍ଡ କିଣିଦେଲେ ତାଙ୍କ ଆଧୁନିକ ମାତୃତ୍ୱର ମାନ ହ୍ରାସ ପାଇଯିବ! ଉଚ୍ଚ ପଦବୀଧାରୀ ସ୍ୱାମୀଙ୍କ ସ୍ତ୍ରୀ ବୋଲାଇବାର ଆଭିଜାତ୍ୟରେ କାଳିଦାଗ ଲାଗିଯିବ! ମାତ୍ର ଧନ୍ୟ କହିବ ତାଙ୍କର ସେଇ ଟିକି ପୁଅଟିକୁ, ନିଜ ମା'ର ଏ ପ୍ରକାର ଅନୁଚିତ ବାରଣକୁ ସେ ସେଇଠି ସର୍ବଜନ ସମ୍ମୁଖରେ ଅବଜ୍ଞା କରି ବସିଲା। କହିଲା, ''ଘରେ, ସ୍କୁଲରେ ସବୁଆଡ଼େ ତ ଖାଲି ଇଂଲିଶ୍ ପଢୁଛି। ବର୍ଷକରେ ଥରେ ଗାଁକୁ ଯାଇ ଜେଜେଙ୍କ ପାଖରୁ ଶିଖିଥିବା ଓଡ଼ିଆ ଯେତିକି ଭଲ ଲାଗେ, ତା'ଠାରୁ ଅଧିକ ଭଲ ଲାଗେ ତାଙ୍କଠାରୁ ଶୁଣିଥିବା ଓଡ଼ିଆ ଗପ। ଗତଥର ଗାଁରେ ବହୁ ଗପ ଶୁଣାଇ ଜେଜେ କହିଥିଲେ, ଓଡ଼ିଆ ଗପ ବହି ପଢ଼ି ଆହୁରି କେତେ ନୂଆ କଥା ଜାଣିବା ପାଇଁ। ଯେତେ ଉପରକୁ ପଢ଼ିବି ତ ସେତେ ବେଶୀ ଇଂଲିଶ୍ ଜାଣିବି। ଆଉ ଓଡ଼ିଆ ଗପ ପଢ଼ିବି କେତେବେଳେ? ତୁମେ ନ ଦିଅ ପଛେ, ଜେଜେ ମୋତେ ଦେଇଥିବା ଟଙ୍କାରେ ଓଡ଼ିଆ ବହି ନିଶ୍ଚୟ କିଣିବି।''

ମଫସଲି ଜେଜେଙ୍କ ସହରୀ ପୁଅବୋହୂ ଦୁହେଁ ସର୍ବସାଧାରଣ ସ୍ଥାନରେ ନିଜ ଟିକି ପୁଅଟି ପାଖରୁ ଏ ପ୍ରକାର ପରାଭବ ଭୋଗିବା ଏକ ବିଡ଼ମ୍ବନା ନିଶ୍ଚୟ। ମାତ୍ର ଯେଉଁଠି 'ଡାଡି ମମି'ର ସମ୍ବୋଧନ ମଧ୍ୟରେ ଆହ୍ଲାଦିତ ହେଉଥିବା ଆଧୁନିକ ପିତୃତ୍ୱ ବା ମାତୃତ୍ୱ ନିଜ ମାତୃଭାଷା ପ୍ରତି ନାସିକା କୁଞ୍ଚନ କରେ, ସେଠି ନିଜ ମାତୃଭାଷା ପ୍ରତି ପ୍ରୀତି ପ୍ରକଟ କରୁଥିବା ଗୋଟିଏ ଦଶବର୍ଷ ବାଳକର ପ୍ରତିକ୍ରିୟାକୁ କ'ଣ ନାମ ଦିଆଯାଇପାରେ? ସେମିତି ପୁଅକୁ କ'ଣ କୁହାଯାଇପାରେ? ମା'ବାପାଙ୍କର ବୋଲ ମାନୁ ନ ଥିବା ଅବାଧ ସନ୍ତାନ ନା ମିଥ୍ୟା ଆଧୁନିକତାର ନବ୍ୟ ଆହ୍ୱାନ ମଧ୍ୟରେ ତଥାପି ସଂସ୍କାରର ଓଁକାର ଉଚ୍ଚାରଣ କରୁଥିବା ଆସନ୍ତାକାଲିର ଉଜ୍ଜ୍ୱଳ ଆବାହନ? ବିଜ୍ଞଜନେ ବିଚାର କରନ୍ତୁ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ସାମାଜିକ ସଶକ୍ତୀକରଣର ପ୍ରତୀକ

ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ରାଷ୍ଟ୍ର ଆମେରିକା ଏ ଯାଏ ମହିଳା ରାଷ୍ଟ୍ରପତି ପାଇପାରି ନାହିଁ। ହେଲେ ବୃହତ୍ ସାଧାରଣତନ୍ତ୍ର ଭାବେ ପରିଚିତ ଭାରତ ତା'ର ସ୍ୱାଧୀନତାର ୭୫ ବର୍ଷ ପାଳନ କରୁଥିବା ବେଳେ ଦ୍ୱିତୀୟ ମହିଳା ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁଙ୍କୁ ପାଇଛି। ଏଥିସହିତ ଏହି ପଦବୀରେ ଆସୀନ ହେବାରେ ସେ ହେଉଛନ୍ତି ପ୍ରଥମ ଆଦିବାସୀ। ଆସନ୍ତାକାଲି ଅର୍ଥାତ୍ ୨୫ ଜୁଲାଇ ୨୦୨୨ରେ ଦ୍ରୌପଦୀ ଭାରତର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ୨୦୧୧ ଜନଗଣନା ଅନୁଯାୟୀ ଦେଶ ଜନସଂଖ୍ୟାର ୧୦ କୋଟି ୪୩ ଲକ୍ଷ ଅର୍ଥାତ୍ ୮.୬ ପ୍ରତିଶତ (ଏବେ ସେମାନଙ୍କ ସଂଖ୍ୟା ବଢ଼ିଯିବା ସ୍ୱାଭାବିକ) ଆଦିବାସୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଦ୍ରୌପଦୀ ଜଣେ ହୋଇପାରିଥିବାରୁ ସେହି ବର୍ଗ ଆଜି ଭାରତୀୟ ରାଜନୀତିରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିପାରିଛି ବୋଲି କୁହାଯାଇପାରେ। ଜୁଲାଇ ୨୪ରେ ରାମନାଥ କୋବିନ୍ଦ ଦଳିତ ରାଷ୍ଟ୍ରପତି ଭାବେ ବିଦାୟ ନେଉଥିବା ବେଳେ ତାଙ୍କ ଉତ୍ତରାଧିକାରୀ ରୂପେ ଆଦିବାସୀ ମହିଳା ଦ୍ରୌପଦୀ ସେହି ପଦବୀଯୁକ୍ତ ହେବା ସୂଚାଇ ଦେଉଛି ଯେ, ନିଷ୍ପୀଡ଼ିତ ବର୍ଗ ସାମାଜିକ ଓ ରାଜନୈତିକ ମୁଖ୍ୟସ୍ରୋତରେ ସମ୍ପୂର୍ଣ୍ଣ ସାମିଲ ହେବାରେ ଲାଗିଛି। ଭାରତରେ ଏଭଳି ସମୟ ଯଥାର୍ଥରେ ବିଭେଦତାକୁ ଦୂରେଇ ଦେଇ ଏକତ୍ୱ ଆଡ଼କୁ ମୁହାଁଇବା ସହ ବିଶ୍ୱ ସମ୍ମୁଖରେ ନୂଆ ଦୃଷ୍ଟାନ୍ତ ସୃଷ୍ଟି କରିଛି।

ଦ୍ରୌପଦୀ ଓଡ଼ିଶାର ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକର ଉପରବେଡ଼ାରେ ୨୦ ଜୁନ୍ ୧୯୫୮ରେ ଏକ ସାନ୍ତାଳ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସ୍ୱାଧୀନତା ପରେ ଜନ୍ମ ହୋଇଥିବା ଏହି ମହିଳା ଦେଶର ସର୍ବକନିଷ୍ଠା ରାଷ୍ଟ୍ରପତି ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ପିତା ଓ ଜେଜେବାପା ଗ୍ରାମର ପାରମ୍ପରିକ ମୁଖିଆ ରହିଆସିଥିଲେ। ସମ୍ଭବତଃ ସେହି ନେତୃତ୍ୱର କଳା ତାଙ୍କ ଭିତରେ ପିଲାଟି ବେଳୁ ରହିଆସିଛି। ଗାଁ ସ୍କୁଲରେ ପଢ଼ିଲା ବେଳେ ସ୍କୁଲରେ ମନିଟର ହେବାଠାରୁ ଆରମ୍ଭ କରି ଦୌଡ଼କୁଦରେ ସେ ଭଲ କରୁଥିଲେ। ଆଦିବାସୀ ହୋଇଥିଲେ ହେଁ ତାଙ୍କ ପିତାଙ୍କ ଦୂରଦୃଷ୍ଟି ଥିବାରୁ ଝିଅକୁ ଭୁବନେଶ୍ୱର ରମାଦେବୀ କଲେଜରେ



ବ୍ୟକ୍ତିତ୍ୱ

ଦ୍ରୌପଦୀ ମୁର୍ମୁ

ପଢ଼ିବା ଲାଗି ସୁଯୋଗ ଦେଇଥିଲେ। ସେହିଠାରୁ ସେ କଳାରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ବ୍ୟାଙ୍କରେ ଚାକିରି କରୁଥିବା ଶ୍ୟାମଚରଣ ମୁର୍ମୁଙ୍କୁ ସେ ବିବାହ କରିଥିଲେ। କିଛି ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ତିନି ସନ୍ତାନଙ୍କ ମଧ୍ୟରୁ ବଡ଼ ପୁଅ ଲକ୍ଷ୍ମଣ ଓ ସାନ ପୁଅ ବିରଞ୍ଚିଙ୍କ ଅକାଳ ମୃତ୍ୟୁ ହୋଇଥିବା ବେଳେ ଝିଅ ଇତିଶ୍ରୀ ଏବେ ବ୍ୟାଙ୍କରେ କାର୍ଯ୍ୟ କରୁଛନ୍ତି। ତାଙ୍କର ଜଣେ ନାତୁଣୀ ଅଛନ୍ତି। ତାଙ୍କ ଉପରେ ଦୁଃଖର ବୋଝ ୨୦୦୯ରୁ ୨୦୧୫ ମଧ୍ୟରେ ଲଦି ହୋଇଯାଇଥିଲା। ଏହି ସମୟ ମଧ୍ୟରେ ସେ ସ୍ୱାମୀ, ଦୁଇ ପୁଅ, ମା' ଏବଂ ଜଣେ ଭାଇଙ୍କୁ ହରାଇଥିଲେ। ସେ ବ୍ରହ୍ମାକୁମାରୀ ଆଧ୍ୟାତ୍ମିକ ଆନ୍ଦୋଳନର ଅନୁଗାମୀ ରହିଆସିଛନ୍ତି।

ଦ୍ରୌପଦୀଙ୍କ ଜୀବନଯାତ୍ରାକୁ ଅନୁଧ୍ୟାନ କଲେ ସେ କେତେ କଷ୍ଟ ସହି ଆଜି ଦେଶର ସର୍ବୋଚ୍ଚ ଆସନରେ ଅବସ୍ଥାପିତ ହେବାକୁ ଯାଉଛନ୍ତି, ତାହା ବୁଝାପଡ଼େ। ୧୯୭୯ରୁ ୧୯୮୩ ଯାଏ ସେ ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗରେ ଜୁନିୟର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ତା' ପରେ ସେ ରାଇରଙ୍ଗପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷୟିତ୍ରୀ ହୋଇଥିଲେ। ସେଠାରେ ସେ ହିନ୍ଦୀ, ଓଡ଼ିଆ, ଗଣିତ ଓ ଭୂଗୋଳ ପଢ଼ାଉଥିଲେ। ରାଜନୀତିକୁ ପ୍ରବେଶ କରିବାର ସୁଯୋଗ ମିଳିବାରୁ ସେ ଭାରତୀୟ ଜନତା ପାର୍ଟି (ଭାଜପା)ରେ ସାମିଲ ହୋଇଥିଲେ। ଫଳରେ ୧୯୯୭ରେ ସେ ରାଇରଙ୍ଗପୁର ନଗର ପଞ୍ଚାୟତର କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଥିଲେ। ଏହି ସଫଳତା ତାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥିଲା। ଯେତେବେଳେ ବିଜେଡି ଓ ଭାଜପା ମିଶି ଓଡ଼ିଶାରେ ସରକାର ଗଢ଼ିଥିଲେ ସେହି ସମୟରେ ଦ୍ରୌପଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ୬ ମାର୍ଚ୍ଚ ୨୦୦୦ରୁ ୬ ଅଗଷ୍ଟ ୨୦୦୨ ଯାଏ ସେ ବାଣିଜ୍ୟ ଓ ପରିବହନ ବିଭାଗ (ସ୍ୱାଧୀନ) ମନ୍ତ୍ରୀ ରହିଥିବା ବେଳେ ୬ ଅଗଷ୍ଟ ୨୦୦୨ରୁ ୧୬ ମେ ୨୦୦୪ ପର୍ଯ୍ୟନ୍ତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ପରବର୍ତ୍ତୀ ସମୟରେ ବିଜେଡି-ଭାଜପା ସମ୍ପର୍କ ତୁଟିଯିବାରୁ ୨୦୦୯ରେ ସେ ମୟୂରଭଞ୍ଜ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ। ଏହାସତ୍ତ୍ୱେ ପାର୍ଟି ପାଇଁ କାର୍ଯ୍ୟ ଜାରି ରଖିଥିବାରୁ ରାଷ୍ଟ୍ରୀୟ ନେତୃତ୍ୱ ତାଙ୍କୁ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ୧୮ ମେ ୨୦୧୫ରେ ଅବସ୍ଥାପିତ କରିଥିଲା। ଜୀବନର ମଧ୍ୟାହ୍ନରେ ଅନେକ ଝଡ଼ଝଞ୍ଜା ସହିଥିବା ଏହି ମହିଳାଙ୍କୁ ଶେଷରେ ଭାଗ୍ୟଦେବୀ ସହାୟ ହୋଇଥିଲେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ତାଙ୍କ ନାମ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ଦ୍ରୌପଦୀ ନିଜକୁ ନିଜେ ବିଶ୍ୱାସ କରିପାରି ନ ଥିଲେ। ଇତିମଧ୍ୟରେ ମିଳିତ ବିରୋଧୀ ଦଳ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ହରାଇ ସେ ରାଷ୍ଟ୍ରପତି ହୋଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ସେ ବିରୋଧୀଙ୍କ ଶିବିରରୁ ଭୋଟ ଆଣି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅବଶ୍ୟ କୁହାଯାଉଛି ଭାଜପା ଦେଶର ଆଦିବାସୀ ଭୋଟକୁ ଆଖିଆଗରେ ରଖି ଦ୍ରୌପଦୀଙ୍କୁ ମାଧ୍ୟମ କରିଛି। ଆଲୋଚନା ଯାହା ହେଉଥିଲେ ମଧ୍ୟ ଦ୍ରୌପଦୀ ସାମାଜିକ ଓ ରାଜନୈତିକ ସଶକ୍ତୀକରଣର ନୂଆ ପ୍ରତୀକ ହୋଇଯାଇଥିବାରୁ ତାଙ୍କ ଜୀବନ କାହାଣୀ ପରବର୍ତ୍ତୀ ପିଢ଼ି ପାଇଁ ଅନୁସରଣୀୟ।

- ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପରିବେଶ ସୁରକ୍ଷା ପାଇଁ ଏକ ଗ୍ରୀନ୍ ବା ସବୁଜ ବିବାହ ସାମ୍ନାକୁ ଆସିଛି ଦିଲ୍ଲୀରେ। ମାଧୁରୀ ବାଲୋଦି ଏବଂ ଆଦିତ୍ୟ ଅଗ୍ରୱାଲ ଏହି ଗ୍ରୀନ୍ ବିବାହ କରିଛନ୍ତି। ଏଥିରେ ବର ଇ-ବାଇକ୍‌ରେ ଯିବାବେଳେ ୩୦ରୁ ୩୫ ଜଣ ବରଯାତ୍ରୀ ସାଇକେଲରେ କନ୍ୟା ଘରେ ପହଞ୍ଚିଛନ୍ତି। ସାଇକେଲ ଓ ଇ-ବାଇକ୍ ସେମାନେ ଭଡ଼ାରେ ଆଣିଥିଲେ। ମାଧୁରୀ ବିଭିନ୍ନ ସ୍ଥାନକୁ କେବଳ ସାଇକେଲରେ ଯାଇଥା'ନ୍ତି। ଏଣୁ ସେ ଏଭଳି ଏକ ସବୁଜ ବିବାହ ପାଇଁ ଆଦିତ୍ୟଙ୍କ ସହ ଯୋଜନା କରିଥିଲେ ଓ ଏଥିରେ ଆଦିତ୍ୟ ମଧ୍ୟ ସମ୍ମତି ପ୍ରଦାନ କରିଥିଲେ। ମାଧୁରୀଙ୍କ ପରିବାର ପରିବେଶ ଉପଯୋଗୀ ଜୀବନଶୈଳୀ ଆପଣାଇଥାଆନ୍ତି। ସେମାନେ ଏବେ ସୁଦ୍ଧା ପ୍ଲାଷ୍ଟିକ ବୋତଲ ବ୍ୟବହାର କରୁନାହାନ୍ତି। ଉକ୍ତ ବିବାହରେ ଡେକୋରେଶନ ଓ କ୍ୟାଟରିଂ ବି ଥିଲା ପରିବେଶ ଉପଯୋଗୀ। ଏଭଳି କି ସେମାନଙ୍କ ପଣ୍ଡିତ ସାଙ୍ଗ ବିବାହ ସମ୍ପନ୍ନ କରିଥିଲେ। ସେମାନେ ସାଧାରଣ ପରିବହନ, ସାଇକେଲ କିମ୍ବା ଇ-ଯାନ ଯୋଗେ ସେମାନଙ୍କ ଘରକୁ ଆସିବା ଲାଗି ଅତିଥିମାନଙ୍କୁ ନିମନ୍ତ୍ରଣ କରିଥିଲେ। ଫୁଲ ବଦଳରେ ଗଛ ଆଣିବା ଏବଂ ଉପହାରକୁ ଖବରକାଗଜରେ ଗୁଡ଼ାଇ ଆଣିବା ଲାଗି ଅନୁରୋଧ କରିଥିଲେ। ବିବାହ ଭୋଜିରେ ଅପ୍‌ସାଇକ୍ଲିଂ ଯୋଗ୍ୟ କଟଲେରି ବ୍ୟବହାର କରାଯାଇଥିଲା। ଏଭଳି ବିବାହ କରି ଏହି ଦମ୍ପତି ଆଗକୁ ପରିବେଶ ଉପଯୋଗୀ ଜୀବନଶୈଳୀ ଆପଣାଇବା ଲାଗି ସଙ୍କଳ୍ପ ନେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

### ୨୪ ଜୁଲାଇ ୧୯୯୭

- ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ସଙ୍ଗଠନ 'ଏସିଆନ'ରେ ଲାଓସ ଏବଂ ମ୍ୟାନ୍‌ମାରକୁ ସାମିଲ କରାଯାଇଛି।
- ୬୫ କୋଟି ଟଙ୍କାର ଜୈନ ହାୱାଲା ମାମଲା ଦୁର୍ନୀତିରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଜିତ ପାଞ୍ଜା, ପି. ଶିବଶଙ୍କର, ମୋତିଲାଲ ଭୋରା, ଯଶୱନ୍ତ ସିହ୍ନା ଓ ୪ ଜଣ ଜୈନ ଭ୍ରାତୃଗଣ ମୁକ୍ତି ପାଇଛନ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 3 | | 8 | |
| 5 | | | | | 8 | | 3 | 6 |
| 2 | | | 6 | | | | | |
| | 9 | | | | | | 6 | |
| | 5 | | 4 | | | | | |
| 8 | | 7 | | | | | 1 | |
| | | 4 | | | 2 | | | |
| | | | 9 | 8 | | 4 | | |
| 3 | 6 | 8 | | | | | | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 1 | 7 | 5 | 8 | 3 | 9 |
| 3 | 5 | 9 | 2 | 4 | 8 | 7 | 6 | 1 |
| 8 | 1 | 7 | 6 | 3 | 9 | 4 | 5 | 2 |
| 6 | 4 | 5 | 7 | 9 | 3 | 2 | 1 | 8 |
| 1 | 2 | 8 | 4 | 5 | 6 | 9 | 7 | 3 |
| 9 | 7 | 3 | 8 | 1 | 2 | 5 | 4 | 6 |
| 5 | 8 | 2 | 3 | 6 | 7 | 1 | 9 | 4 |
| 4 | 9 | 6 | 5 | 8 | 1 | 3 | 2 | 7 |
| 7 | 3 | 1 | 9 | 2 | 4 | 6 | 8 | 5 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଷାକ୍ତ ଛତୁ ପ୍ରତି ସାବଧାନ

ମହାଶୟ,

ଯେଉଁମାନେ ଛତୁଚାଷ କରିଥା'ନ୍ତି, ସେମାନଙ୍କଠାରୁ ଛତୁ କିଣି ଖାଇଲେ କିଛି କ୍ଷତି ହେବାର ଆଶଙ୍କାକୁ ଏଡ଼େଇ ଦିଆଯାଇପାରେ। କିନ୍ତୁ ବର୍ଷା ଦିନରେ ଗ୍ରାମାଞ୍ଚଳମାନଙ୍କରେ ବିଭିନ୍ନ ହୁଙ୍କା ଏବଂ ଚାଳ ଉପରେ ଛତୁ ହୋଇଥାଏ। ଲୋକମାନେ ଛତୁ ଖାଇବା ଲୋଭରେ ସେ ସବୁକୁ ଘରକୁ ଆଣି ବ୍ୟଞ୍ଜନ ପ୍ରସ୍ତୁତ କରି ଖାଇଥାଆନ୍ତି। ଦୁଃଖର କଥା ଛତୁ ଭଲ କି ବିଷାକ୍ତ ନ ଜାଣି ବହୁ ଲୋକ ଖାଇଦେବା ଦ୍ୱାରା ଗୁରୁତର ଭାବେ ଅସୁସ୍ଥ ହୋଇ ଡାକ୍ତରଖାନା ଯିବାକୁ ବାଧ୍ୟ ହୋଇଥାଆନ୍ତି। ଏଭଳି ଖବର ଅନେକ ସମୟରେ ପ୍ରକାଶ ପାଉଛି। ଏହି ଦୃଷ୍ଟିରୁ ଛତୁ ଭଲ କି ବିଷାକ୍ତ ଭଲ ରୂପେ ନ ଜାଣି ଖାଆନ୍ତୁନି। ଆଜିକାଲି ତ ଚାରିଆଡ଼େ ଛତୁଚାଷ ପ୍ରବଳ। ବଜାରରେ ଛତୁ ବିକ୍ରି ହେଉଛି। ବଜାରରେ ଛତୁଦର ଅଳ୍ପ ହେଉ କି ବେଶି, ବିଷାକ୍ତ ଛତୁ ନ ଖାଇ ବିଶୁଦ୍ଧ ଚାଷଛତୁ କିଣି କରି ଖାଆନ୍ତୁ। ହୁଙ୍କାଛତୁ ମଧ୍ୟ ବିଷାକ୍ତ। ତାକୁ ବି ଆଣି ଖାଆନ୍ତୁନି।

- ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ମୋର କଳପନା ମାନସୀ ରାଣୀ!
ପ୍ରଭାତେ ନିତି ଯେହୁ ଫୁଟାଅ ବାଣୀ
ନିଶାର ନୀରବତା ତୁଟାଇ କହ କଥା
ଅନ୍ଧାର ଆଲୋକର ମିଳନ ଆଣି
ପ୍ରଭାତେ ନିତି ଯେହୁ ଫୁଟାଅ ବାଣୀ।
(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଗ୍ରୀଷ୍ମ ପ୍ରବାହଜନିତ ତାପମାତ୍ରା ବୃଦ୍ଧି ଯୋଗୁ ଆମେରିକା କାଲିଫର୍ନିଆର ମାରିପୋସା କାଉଣ୍ଟି ଜଙ୍ଗଲରେ ନିଆଁ ଲାଗିଛି। ୬,୫୫୫ ଏକର ପରିବ୍ୟାପ୍ତ ଓକ୍ ଗଛ ପୋଡ଼ିଯାଇଛି।

# ସୁପ୍ରିମକୋର୍ଟରେ ଚିଲିକା ବିଧାୟକଙ୍କ ଜାମିନ ଆବେଦନକୁ ଓଡ଼ିଶା ପୋଲିସର ବିରୋଧ

**ନୂଆଦିଲ୍ଲୀ,୨୩।୭**

ସୁପ୍ରିମକୋର୍ଟରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଆବେଦନକୁ ଓଡ଼ିଶା ପୋଲିସ ବିରୋଧ କରିଛି। ପ୍ରଶାନ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ବିରୋଧରେ ୧୩ ମାମଲା ଥିବା ପୋଲିସ ପକ୍ଷରୁ କୁହାଯାଇଛି।

ଆଇନଜୀବୀ ଶିବ ଶଙ୍କର ମିଶ୍ରଙ୍କ ଜରିଆରେ ଦାଖଲ ସତ୍ୟପାଠରେ ରାଜ୍ୟ ପୋଲିସ ଦର୍ଶାଇଛି ଯେ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଅନ୍ୟ ମାମଲାଗୁଡ଼ିକରେ ଆଗକୁ ଅପରାଧ ନ ଘଟାଇବା ସର୍ତ୍ତରେ ଜାମିନ ମିଳିଛି। କିନ୍ତୁ ସେ ଅଧିକ ବର୍ବର ଅପରାଧ ଘଟାଇ ଜାମିନ ସର୍ତ୍ତକୁ ଉଲ୍ଲଂଘନ କରିଛନ୍ତି। ତେଣୁ ଅନ୍ୟ ମାମଲାଗୁଡ଼ିକରେ ତାଙ୍କୁ ଦିଆଯାଇଥିବା ଜାମିନକୁ ରଦ୍ଦ କରାଯାଉ ବୋଲି ଆବେଦନ କରାଯାଇଛି। ପ୍ରଶାନ୍ତଙ୍କ ଜାମିନ ଆବେଦନକୁ ବିରୋଧ କରି ପୋଲିସ ଆହୁରି କହିଛି, ବର୍ତ୍ତମାନ ସ୍ଥିତିରେ ତାଙ୍କୁ ଜାମିନ ଦିଆଗଲେ ସାକ୍ଷୀମାନେ ଅସୁରକ୍ଷିତ ହୋଇପାରନ୍ତି। ଗତ ମାର୍ଚ୍ଚ ୧୨ ବାଣପୁର ବ୍ଲକ୍‌ରେ ଗାଡ଼ି ମଡ଼ାଇବା ଘଟଣାରେ ଲୋକେ ସାମାନ୍ୟ ଆହତ ହୋଇଥିଲେ ବୋଲି ପ୍ରଶାନ୍ତଙ୍କ ଦାବିକୁ ପୋଲିସ ଖଣ୍ଡନ କରିଛି। ପୋଲିସର କହିବା ହେଲା, ଏଥିରେ ୨୦ ଆହତଙ୍କ ମଧ୍ୟରୁ ଜଣେ ଏସ୍‌ଏଚ୍‌ଓଙ୍କ ସମେତ ୨ ଜଣ ଗୁରୁତର ହୋଇଛନ୍ତି। ଜଣେ ଆହତ ୫ ମାସ ହେଲା ଶଯ୍ୟାଶାୟୀ ହୋଇ ରହିଛନ୍ତି। ପ୍ରଶାନ୍ତ ବିନା ଲାଇସେନ୍ସରେ ନିଜେ କାର୍ ଚଳାଉଥିଲେ। ଏପରି କି ଉକ୍ତ କାର୍‌ରେ ଲାଗିଥିବା ନମ୍ବର ପ୍ଲେଟ୍ ମଧ୍ୟ ଜାଲ୍ ଥିଲା ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ବିଜେଡିରୁ ନିଲମ୍ବିତ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଆବେଦନକୁ ଓଡ଼ିଶା ହାଇକୋର୍ଟ ଗତ ମେ’ ୨୦ରେ ଖାରଜ କରିବା ସହ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜଗଦ୍ଦେବ ଏହା ବିରୋଧରେ ସୁପ୍ରିମକୋର୍ଟରେ ଏକ ସ୍ପେଶାଲ ଲିଭ୍ ପିଟିଶନ ଦାଖଲ କରିଛନ୍ତି। ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ, ପୋଲିସ କର୍ମଚାରୀଙ୍କୁ କର୍ତ୍ତବ୍ୟ ପାଳନରେ ବାଧା ସୃଷ୍ଟି କରିବା, ଲୋକଙ୍କୁ ଆଘାତ ଦେବା ଏବଂ ନିଜ କାର୍‌କୁ ଅସ୍ତ୍ର ରୂପେ ବ୍ୟବହାର କରିବା ଭଳି ଅଭିଯୋଗ ତାଙ୍କ ବିରୋଧରେ ରହିଛି।

# ଦ୍ରୌପଦୀଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବେ ରାଇରଙ୍ଗପୁରର ୭ଜଣିଆ ଦଳ

**ବାରିପଦା ଅଫିସ,୨୩।୭:** ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ ପାଇ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରରୁ ୭ଜଣିଆ ଦଳ ଶନିବାର ଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ଦ୍ରୌପଦୀ ରାଜ୍ୟପାଳ ଥିବା ସମୟରେ ଘନିଷ୍ଠ ବିକାଶ ମହାନ୍ତ, ପ୍ରାକ୍ତନ ଏମ୍‌ପି ଲକ୍ଷ୍ମଣ ଟୁଡୁ, ଇଶାନ ମିଶ୍ର, ଶିବୁ ଅଗ୍ରୱାଲ, ସୁନ୍ଦର ମହାନ୍ତ, ବାପି ଦାସ ଓ ଖବରଦାତା ସୌରଭ ପଟ୍ଟନାୟକ ଏହି ଦଳରେ ଅଛନ୍ତି। ଆସନ୍ତା ୨୫ରେ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଘନିଷ୍ଠମାନଙ୍କୁ ସ୍ଥାନ ମିଳିଥିବାରୁ ସମସ୍ତେ କୃତଜ୍ଞତା ଜଣାଇଛନ୍ତି।

# ହ୍ୱାଟ୍ସଆପ୍ ନମ୍ବର ଦେବେ ଛାତ୍ରୀଛାତ୍ର

## ଯୁକ୍ତ୨ ଫର୍ମ ପୂରଣ ପାଇଁ ନୂଆ ନିୟମ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ଚଳିତ ଶିକ୍ଷାବର୍ଷରେ ଯୁକ୍ତ୨ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ଗତ ୨୦ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ ଶନିବାର ସୁଦ୍ଧା ଅଢ଼େଇ ଲକ୍ଷ ଛାତ୍ରୀଛାତ୍ର ସାମ୍ସ ପୋର୍ଟାଲ ମାଧ୍ୟମରେ ଆବେଦନ କରିସାରିଛନ୍ତି। ୨,୦୫୮ ଉଚ୍ଚ ମାଧ୍ୟମିକ ସ୍କୁଲରେ ୫ଲକ୍ଷ ୪ ହଜାର ସିଟ୍ ରହିଛି। ତେବେ ଚଳିତବର୍ଷ ଆବେଦନ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଜଣେ ପିଲା ସର୍ବାଧିକ ୧୦ଟି କଲେଜ ପାଇଁ ଆବେଦନ କରିପାରୁଥିଲେ। ଏବେ ଯେତେ ସଂଖ୍ୟକ କଲେଜରେ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। କିନ୍ତୁ ଅତି କମ୍‌ରେ ୫ଟି କଲେଜ ପାଇଁ ଆବେଦନ କରିବା ବାଧ୍ୟତାମୂଳକ କରାଯାଇଛି। ସେହିପରି ନାମଲେଖା ପ୍ରକ୍ରିୟା ଓ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ହେଉଥିବା ଦୃଷ୍ଟିରୁ ଏଥର ଆବେଦନ ଫର୍ମରେ ହ୍ୱାଟସଆପ୍ ନମ୍ବର ଦେବାକୁ କୁହାଯାଇଛି। ଏ ନେଇ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ହ୍ୱାଟ୍‌ସଆପ୍ ଜରିଆରେ ପିଲାଙ୍କୁ ନାମଲେଖା ସମ୍ପର୍କିତ ସମସ୍ତ ସୂଚନା ସହ ପାଠପଢ଼ା ସମ୍ପର୍କିତ ଖବର ଦିଆଯିବ। ସେହିଭଳି ସ୍କୁଲ ତରଫରୁ ମିଳିଥିବା ୟୁନିକ୍ ଷ୍ଟୁଡେଣ୍ଟ ଆଇଡି ମଧ୍ୟ ଫର୍ମ ପୂରଣ ସମୟରେ ଦେବା ବାଧ୍ୟତାମୂଳକ କରାଯାଇଛି। ନାମଲେଖା ସମ୍ପର୍କିତ କୌଣସି ସୂଚନା ପାଇଁ ଦୁଇଟି ଟୋଲ ଫ୍ରି ନମ୍ବର (୧୫୫୩୩୫, ୧୮୦୦୩୪୫୬୭୭୦)ରେ ଛାତ୍ରୀଛାତ୍ର ଯୋଗାଯୋଗ କରିପାରିବେ। ସେହିଭଳି odishacareerportal.comରେ ଛାତ୍ରୀଛାତ୍ର ନିଜ କ୍ୟାରିୟର ସମ୍ବନ୍ଧିତ ସମସ୍ତ ତଥ୍ୟ ପାଇପାରିବେ। ଉଚ୍ଚଶିକ୍ଷା ପାଇଁ କେଉଁ କ୍ୟାରିୟର ବାଛିବେ, କେଉଁଠି ପଢ଼ିବେ ସେସବୁ ତଥ୍ୟ ନିଜର ଲଗ୍‌ଇନ୍ ଆଇଡି ଦେଇ ପାଇପାରିବେ। ଆବଶ୍ୟକ ପଡ଼ିଲେ ଯୁକ୍ତ୨ରେ ସିଟ୍ ସଂଖ୍ୟା ବଢ଼ାଯିବ। ସେପ୍ଟେମ୍ବର ପହିଲାରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ପାଇଁ ଯୋଜନା ଚାଲିଥିବା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ର୍‍ୟାଗିଂ ବନ୍ଦ ଉପରେ ଗୁରୁତ୍ୱ ଦେଇଛି। କୌଣସି ଛାତ୍ରୀଛାତ୍ର ଯଦି ର୍‍ୟାଗିଂର ଶିକାର ହୁଅନ୍ତି, ତା’ହେଲେ ନିଜ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଜଣାଇବାକୁ ଅନୁରୋଧ କରାଯାଇଛି।

# ସମୁଦ୍ରରେ ମାଛଧରା ବୋଟ୍‌ରେ ନିଆଁ

**ପାରାଦୀପ,୨୩।୭(ସ୍ୱ.ପ୍ର.)**

ପାରାଦୀପ ମାଛଧରା ବନ୍ଦରରୁ ଗତ ୫ ଦିନ ତଳେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିବା ଶ୍ରୀଲକ୍ଷ୍ମୀ ନାରାୟଣ ନାମକ ବୋଟ୍‌ରେ ଶନିବାର ରାତି ପ୍ରାୟ ୮ ଟାରେ ନିଆଁ ଲାଗିଛି। କୋଣାର୍କ ଚନ୍ଦ୍ରଭାଗା ସୀମା କୂଳଠାରୁ ୧୫ ମାଇଲ (୨୭ କି.ମି.)ସମୁଦ୍ର ମଝିରେ ଏପରି ଘଟଣା ଘଟିଛି। ଖବରପାଇ ବୋଟ୍ ମାଲିକ ଏ.ସତ୍ୟନାରାୟଣ ମାତୃଶକ୍ତି ନାମକ ଅନ୍ୟ ଏକ ବୋଟ୍ ପଠାଇ ୮ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବୋଟ୍‌ରୁ ନିଆଁ ଲିଭି ନ ଥିବା ଜଣାପଡ଼ିଛି। ନିଆଁ ଆୟତ୍ତ ହୋଇ ନ ପାରିଲେ ବୋଟ୍ ବୁଡ଼ିଯିବ ବୋଲି ସତ୍ୟନାରାୟଣ ଆଶଙ୍କାବ୍ୟକ୍ତ କରିଛନ୍ତି। ବୋଟ୍‌ର ସାଇଲେନ୍‌ସର ପାଇପରୁ ଫାୟାର ହୋଇ ନିଆଁ ଲାଗିଥିବା କୁହାଯାଇଛି। ଉଦ୍ଧାର ମତ୍ସ୍ୟଜୀବୀମାନେ ରବିବାର ପାରାଦୀପରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ଏହି ନିଆଁ ଲାଗିବା ଯୋଗୁ ପ୍ରାୟ ୫୦ ଲକ୍ଷ ଟଙ୍କା କ୍ଷତି ହୋଇଛି ବୋଲି ସତ୍ୟନାରାୟଣ କହିଛନ୍ତି।


**OFFICE OF THE PRINCIPAL**
**GOVERNMENT COLLEGE, SUNDARGARH**
At/P.O.- Rangadhipa, Sundargarh, Pin- 770002
Ph.-0662272240, email: govcolsng@gmail.com
Website: www.govtcollegesundargarh.org, NAAC ACCREDITATED: B+

No.1896 Date: 22.07.2022

**NOTICE**

A Walk-in-interview for engagement of guest faculty for +2, +3 & P.G. wing of this college to be held on dt.04.08.2022 from 11.00 A.M. to 2.00 P.M. in the concerned / respective department of this college. For details, please visit our college website www.govtcollegesundargarh.org.

Sd./- Principal
Govt. College, Sundargarh

**KHADI AND VILLAGE INDUSTRIES COMMISSION**
Ministry of Micro, Small & Medium Enterprises
Government of India
(7th Floor) 33, Chitta Ranjan Avenue, Kolkata - 700 012
e-mail: dyceoez@gmail.com

**ENGAGEMENT OF YOUNG PROFESSIONALS ON CONTRACTUAL BASIS**

**Advt. No. Adm./RW/Engagement Y.Ps./(105)/2022-23**

Khadi and Village Industries Commission (KVIC) is a Statutory Body established by an Act. of Parliament and functioning under the administrative control of Ministry of Micro, Small and Medium Enterprises (Govt. of India). In order to accelerate future growth and transformation challenges, KVIC invites Online Applications for engagement of **10 (Ten) - Young Professionals Possessing Master Degree/Post Graduation (in relevant disciplines) from a recognized university** as per detailed terms and condition uploaded on the KVIC website **www.kvic.gov.in**.

**IMPORTANT DATES**

| Particulars | Date |
|---|---|
| Opening Date & Time for Online Registration of Applications | 25.07.2022 (From 10.00 hrs.) |
| Last date & time of closing of Registration and submission of Application | 24.08.2022 (Upto 23.00 hrs.) |

Sd./- Dy. CEO (East Zone)

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/22-23/E-Tender/50,ତା.20.07.2022ରିଖ

(1) ଟେଣ୍ଡର ସଂ.e-tender-North-KUR-112-2022,ତା.14.07.2022ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଟମକା-ଜାରୋଲି ସେକ୍ସନ ମଧ୍ୟସ୍ଥ ପ୍ୟାଚ୍‌ଗୁଡ଼ିକରେ ଡାଉନ୍ ଏବଂ SL ଲାଇନ୍‌ରେ କି.ମି.90.35 ଠାରୁ କି.ମି.144.30 ପର୍ଯ୍ୟନ୍ତ 20.80 କି.ମି. ଲମ୍ବ ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 504.39 ଲକ୍ଷ, EMD (ଟଙ୍କାରେ) : 4,02,200/-।

(2) ଟେଣ୍ଡର ସଂ.e-tender-EAST-KUR-109-2022,ତା.14.07.2022ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ପାରାଦ୍ୱୀପ ସେକ୍ସନ ମଧ୍ୟରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ବର୍ତ୍ତମାନର କ୍ଷତିଗ୍ରସ୍ତ PSC ଫ୍ୟାନ୍‌ସେପ୍‌ଡ (Fanshaped) ଲେଆଉଟ୍‌ଗୁଡ଼ିକର ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 116.77 ଲକ୍ଷ, EMD (ଟଙ୍କାରେ) : 2,08,400/-।

(3) ଟେଣ୍ଡର ସଂ.e-tender-South-KUR-126-2022,ତା.14.07.2022ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ବାଲୁଗାଁ ସେକ୍ସନ ମଧ୍ୟସ୍ଥ ପ୍ୟାଚ୍‌ଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 17.00 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 336.86 ଲକ୍ଷ, EMD (ଟଙ୍କାରେ) : 3,18,400/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ଏବଂ 3 ପାଇଁ) ଏବଂ 10 ମାସ (କ୍ରମ ସଂ.2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.08.2022 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-318/N/22-23


## ୩ଲକ୍ଷ ୧୦ ହଜାର ଟଙ୍କାରେ ବିକ୍ରି ହେଲା ତେଲିଆ ମାଛ



ଚାନ୍ଦବାଲି,୨୩।୭ (ଡି.ଏନ.ଏ.) ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ଉପକୂଳରେ ଶୁକ୍ରବାର ମତ୍ସ୍ୟଜୀବୀଙ୍କ ଜାଲରେ ୩୨କେଜିର ଏକ ତେଲିଆ ମାଛ ପଡ଼ିଥିଲା। ଉକ୍ତ ମାଛକୁ ୩ ଲକ୍ଷ ୧୦ ହଜାର ଟଙ୍କାରେ କୋଲକାତାର ଜଣେ ବେପାରୀ କିଣି ନେଇଛନ୍ତି। ସୂଚନା ଅନୁଯାୟୀ, ଧାମରା ଉପକୂଳ ତାଳଚୁଆର ହାପିଜ ଉଲ୍ଲାଙ୍କ ଜାଲରେ ଏହି ମାଛଟି ପଡ଼ିଥିଲା। ପରେ ମତ୍ସ୍ୟଜୀବୀମାନେ ଏକ ଟ୍ରଲିରେ ମାଛକୁ ଚନ୍ଦିନୀପାଳ ଓଜନ କଣ୍ଟାକୁ ନେଇ ଓଜନ କରିଥିଲେ। ଏହି ମାଛକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ତେଲିଆ ମାଛ ଔଷଧ ପ୍ରସ୍ତୁତିରେ ବ୍ୟବହାର ହେଉଥିବାରୁ ବଜାରରେ ଏହାର ଚାହିଦା ଓ ଦର ଅଧିକ ରହିଥିବା ମତ୍ସ୍ୟଜୀବୀମାନେ କହିଛନ୍ତି।

## ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ରୂପ୍‌ସା,୨୩।୭(ଡି.ଏନ.ଏ.):** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଜିଲା ଅନ୍ତର୍ଗତ ନୂଆଗାଁ ରେଳ ଷ୍ଟେଶନ ନିକଟରେ ଶନିବାର ଟ୍ରେନ୍ ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ଝିଙ୍କିରିଆ ଗ୍ରାମର ସୁକାନ୍ତି ରାୟ (୫୫)। ରେଳ ଲାଇନ ପାରି ହେଉଥିବା ବେଳେ ଏକ ମାଲଗାଡ଼ି ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଲେଶ୍ୱର ଜିଆର୍‌ପି ଏଏସ୍‌ଆଇ ଆର୍ ପାଲଟାସିଂ ପହଞ୍ଚି ଡାଉନ ଲାଇନ ରେଳଧାରଣାରୁ ମୃତଦେହ ଜବତ କରିଥିଲେ।


**TATA STEEL** TATA

**Advertisement for the post of Associate Engineer (SB D level) on permanent rolls of Tata Steel Limited (Meramandali Unit)**

Applications are invited from candidates interested to join Tata Steel Limited on permanent rolls. The location of posting would be Meramandali (Odisha)

| | |
|---|---|
| Minimum Educational Qualification | Three (3) years full time diploma in Electrical / Electronics / Instrumentation / Mechanical / Mechatronics / Civil / Ceramics / Metallurgy / Chemical Engineering from any institute, recognized by AICTE. Candidates with Part Time / Correspondence / Distance Learning will not be eligible. |
| Mandatory Experience | Minimum three (3) years of work experience as on 1st July’2022 after acquiring the Diploma qualification. |
| Marks | Minimum 55% marks aggregate in Diploma Engineering for General Candidates. Minimum 50% marks aggregate in Diploma Engineering for SC/ ST Candidates. |
| Age | General candidates should have been born on or after, 1st July 1990 and before 1st July, 2004. SC/ ST candidates should have been born on or after, 1st July 1987 and before 1st July, 2004. |
| Emoluments | The selected candidates will be provisionally placed at starting Basic Salary of Rs.17,530/-pm with CTC of Rs 4.6 LPA, in the grade of SB D. The other emoluments & benefits will be as per Company’s rule applicable to this grade. Candidates possessing 4 years or more of relevant experience will be additionally compensated as per norms. |
| How to Apply | Application should be filled in through Tata Steel Intranet or Website. Steps for using website: (1) Visit https://tslhr.tatasteel.co.in/recruit/Default.aspx (2) Click on “Application” (3) Click on the link "Application form for vacancies in Tata Steel (Angul/Meramandali, Khopoli and Sahibabad units)" (4) Fill up the application form. |
| Selection Procedure | 1. Eligible candidates will have to appear for Written Test and Interview process. Each stage will be an elimination stage. 2. Eligible candidates, who are currently employed with Tata Group Company / Subsidiaries/ Associate Company will need to furnish an NOC from the present employer before being considered for employment in Tata Steel. The NOC will have to be produced before the candidate is called for the interview. |

Last date of submission of online application: 31st July 2022

Registered Office: Bombay House, 24, Homi Mody Street, Fort, Mumbai: 400 001, India * Tel.: 022 66658282
Fax: 022 66657724 * (CIN) -L27100MH1907PLC000260
Website: www.tatasteel.com






ଦିଲ୍ଲୀ ସରକାରଙ୍କ ଅବକାରୀ ନୀତିକୁ ବିରୋଧ କରି ଭାଜପା ପକ୍ଷରୁ ଶନିବାର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆଙ୍କ ବାସଭବନ ଆଗରେ ବିକ୍ଷୋଭ।

# ଇରାନୀଙ୍କ ଝିଅ ଗୋଆରେ ବେଆଇନ ବାର୍ ଚଳାଉଛନ୍ତି

## କୋର୍ଟରେ ଦେଖିନେବି କହିଲେ କେନ୍ଦ୍ରମନ୍ତ୍ରୀ


ସ୍ମୃତି ଇରାନୀ


ପବନ ଖେରା

**ନୂଆଦିଲ୍ଲୀ,୨୩।୭**

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଝିଅ ଜୋଇସ୍ ଗୋଆରେ ବେଆଇନ ଭାବେ ଏକ ବାର୍ ଚଳାଉଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନୀଙ୍କୁ ନିଜ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରନ୍ତୁ ବୋଲି ଶନିବାର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଇରାନୀ ଏହି ଅଭିଯୋଗକୁ ଖଣ୍ଡନ କରି କୋର୍ଟରେ ଦେଖିନେବି ବୋଲି ଚେତାବନୀ ଦେଇଛନ୍ତି।

କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, ସ୍ମୃତି ଇରାନୀଙ୍କ ପରିବାର ବିରୋଧରେ ଗମ୍ଭୀର ଦୁର୍ନୀତି ଅଭିଯୋଗ ରହିଛି। ତାଙ୍କ ଝିଅ ଏକ ଜାଲ୍ ଲାଇସେନ୍ସ ବଳରେ ଗୋଆରେ ରେଷ୍ଟୁରାଣ୍ଟ ଚଳାଉଛନ୍ତି। ଉକ୍ତ ଲାଇସେନ୍ସ ଏପରି ଜଣେ ବ୍ୟକ୍ତିଙ୍କ ନାମରେ ରହିଛି, ଯାହାଙ୍କ ମୃତ୍ୟୁ ୨୦୨୧ ମେ'ରେ ଘଟିଛି। ୨୦୨୨ ଜୁନ୍‌ରେ ସେ ଏହି ଲାଇସେନ୍ସ ନେଇଛନ୍ତି। ଏହା ବେଆଇନ କାର୍ଯ୍ୟ। ଗୋଆରେ ଗୋଟିଏ ରେଷ୍ଟୁରାଣ୍ଟକୁ ମାତ୍ର ଗୋଟିଏ ବାର୍ ଲାଇସେନ୍ସ ମିଳିବାର ନିୟମ ରହିଛି। ମାତ୍ର ଇରାନୀଙ୍କ ଝିଅ ଦୁଇଟି ଲାଇସେନ୍ସ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଇରାନୀଙ୍କୁ ତୁରନ୍ତ ନିଜ ମନ୍ତ୍ରିମଣ୍ଡଳରୁ ବାହାର କରନ୍ତୁ ବୋଲି ପବନ ଦାବି କରିଛନ୍ତି। ଅନ୍ୟପକ୍ଷେ ସ୍ମୃତି ଇରାନୀଙ୍କ ଝିଅ ଓକିଲ କିରତ୍ ନାଗ୍ରା ଏକ ବିବୃତିରେ କହିଛନ୍ତି, ତାଙ୍କ ମହକିଲ ସିଲି ସୋଲ୍ସ ଗୋଆ ରେଷ୍ଟୁରାଣ୍ଟର ମାଲିକାଣୀ ନୁହନ୍ତି। ତାଙ୍କ ପାଖକୁ କୌଣସି କର୍ତ୍ତୃପକ୍ଷଙ୍କଠାରୁ କାରଣ ଦର୍ଶାଅ ନୋଟିସ ଆସିନାହିଁ। କେନ୍ଦ୍ରମନ୍ତ୍ରୀଙ୍କୁ ବଦନାମ କରିବା ପାଇଁ ସୋସିଆଲ ମିଡିଆରେ ମିଛ, ବିଭ୍ରାନ୍ତିକର ଓ ଅପମାନଜନକ ପୋଷ୍ଟ କରାଯାଉଛି। ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। ଇରାନୀ କହିଛନ୍ତି, ତାଙ୍କ ୧୮ ବର୍ଷୀୟା ଝିଅ ଜଣେ କଲେଜ ଛାତ୍ରୀ। ସେ କୌଣସି ରେଷ୍ଟୁରାଣ୍ଟ କିମ୍ବା ବାର୍ ଚଳାଉନାହାନ୍ତି। ନ୍ୟାଶନାଲ ହେରାଲ୍ଡ ଜରିଆରେ ୫୦୦ କୋଟି ଲୁଟ୍ ନେଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରୁଥିବାରୁ ତାଙ୍କୁ ବିରୋଧୀ ଦଳ ଟାର୍ଗେଟ କରୁଛି। ସେ କୋର୍ଟରେ କଂଗ୍ରେସକୁ ଦେଖିନେବେ।

# ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗଙ୍କୁ ସଂରକ୍ଷଣ ଦାବି

- ବିଧାନସଭା ସମ୍ମୁଖରେ ଭାଜପାର ପ୍ରତିବାଦ
- ରାଜ୍ୟ ଶିକ୍ଷାନୁଷ୍ଠାନରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ରହୁ: ଭାଜପା

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ଓଡ଼ିଶା ଜନସଂଖ୍ୟାର ୫୨ ପ୍ରତିଶତ ହେଉଛନ୍ତି ଓବିସି ବର୍ଗ। ବୈମାତୃକ ମନୋଭାବ ରଖିଥିବା ରାଜ୍ୟ ସରକାର ଓବିସି ବର୍ଗକୁ କେବଳ ଅଣଦେଖା କରୁନାହାନ୍ତି ବରଂ ସେମାନଙ୍କୁ ସାମ୍ବିଧାନିକ ଅଧିକାର ଶିକ୍ଷା, ଚାକିରି ଆଦି କ୍ଷେତ୍ରରେ ବଞ୍ଚିତ ରଖୁଛନ୍ତି। ନିର୍ବାଚନ ଆସିଲେ କୁମ୍ଭୀର କାନ୍ଦଣାର ଛଳନା କରି ଭ୍ରମିତ କରୁଥିବା ରାଜ୍ୟ ସରକାରଙ୍କ ବାସ୍ତବରେ ଓବିସିଙ୍କ ବିକାଶ ପାଇଁ କୌଣସି ଇଚ୍ଛାଶକ୍ତି ନାହିଁ। ଏପରି କି ଏହି ବର୍ଗର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳିବାକୁ ମଧ୍ୟ ପଛାଉନାହାନ୍ତି। କେନ୍ଦ୍ର ସରକାର ଦେଶର ବିଭିନ୍ନ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ସଂରକ୍ଷଣର ବ୍ୟବସ୍ଥା କରିଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଏଥିପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟ ସରକାର ଅହେତୁକ ନୀରବତା ଅବଲମ୍ବନ କରି ଓବିସି ବର୍ଗର ଛାତ୍ରୀଛାତ୍ରଙ୍କ ପ୍ରତି ପକ୍ଷପାତିତା କରୁଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଶିକ୍ଷାରେ ସଂରକ୍ଷଣ ଦାବି କରି ଭାଜପା ପକ୍ଷରୁ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଶନିବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କ ସମେତ ବହୁ ବିଧାୟକ ପ୍ରମୁଖ ପ୍ରତିବାଦ ସଭାରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଓବିସି ବର୍ଗ ପ୍ରତି ଥିବା ବୈମାତୃକ ମନୋଭାବକୁ କଡ଼ା ସମାଲୋଚନା କରିଥିଲେ। ସଂରକ୍ଷଣ ପ୍ରସଙ୍ଗରେ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ସେମାନେ ଦାବି କରିଛନ୍ତି। ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି କହିଛନ୍ତି ଯେ, ନୂତନ ଶିକ୍ଷା ବର୍ଷ ଆରମ୍ଭ ହେବାକୁ ବସିଛି। ମାଟ୍ରିକ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ବାହାରି ସାରିଛି। ଖୁବ୍ ଶୀଘ୍ର ଉଚ୍ଚଶିକ୍ଷା ଏବଂ ନୂତନ ପାଠ୍ୟକ୍ରମ ପାଇଁ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇଯିବ। ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ଚିନ୍ତାରେ ଅଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ଥିବାବେଳେ ଓଡ଼ିଶାରେ ଏହି ସଂରକ୍ଷଣ ବ୍ୟବସ୍ଥା ନାହିଁ। ଏଥିଯୋଗୁ ବହୁ ଛାତ୍ରଛାତ୍ରୀ ଉଚିତ ଶିକ୍ଷା ପାଇବାରୁ ବଞ୍ଚିତ ହେବାର ସମ୍ଭାବନା ପୁଣି ଥରେ ଦେଖାଦେଇଛି। ମଧ୍ୟପ୍ରଦେଶ ସରକାର ନିଜ ପ୍ରତିବଦ୍ଧତା କାରଣରୁ ଓବିସିଙ୍କୁ ସଂରକ୍ଷଣ ଦେବାରେ ସଫଳ ହୋଇଥିବା ବେଳେ ଓଡ଼ିଶା ସରକାର ଇଚ୍ଛାକୃତ ଭାବେ ସଂଖ୍ୟାଧିକ ଓବିସିବର୍ଗଙ୍କୁ ସଂରକ୍ଷଣରୁ ବଞ୍ଚିତ କରିଛନ୍ତି। ବିଭିନ୍ନ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଭଳି ରାଜ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ବିଶ୍ୱାଳ ଦାବି କରିଛନ୍ତି। ରାଜ୍ୟ ସରକାର ଓବିସି ବିରୋଧୀ ମନୋଭାବକୁ ପରିତ୍ୟାଗ ନ କଲେ ଓବିସି ମୋର୍ଚ୍ଚା ଲୋକଙ୍କ ପାଖକୁ ଯାଇ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଓବିସି ମୋର୍ଚ୍ଚା କେନ୍ଦ୍ରୀୟ ସହପ୍ରଭାରୀ ଲକ୍ଷ୍ମଣ ଟି ତପଶି, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୁଷ୍ମନ୍ତ ଦାସ, ରାଜ୍ୟ ଉପସଭାପତି ସୁକାନ୍ତ ବିଶ୍ୱାଳ, ପ୍ରଶାନ୍ତ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରତାପ ପ୍ରଧାନ, ରାଜ୍ୟ ସମ୍ପାଦକ ଦୁର୍ଗାପ୍ରସନ୍ନ ନାୟକ,ସିଦ୍ଧାର୍ଥ ଶଙ୍କର ପତି, ସଂଗ୍ରାମ ନାୟକ, ଭୁବନେଶ୍ୱର ଜିଲା ସଭାପତି ଉପେନ୍ଦ୍ର ଭଞ୍ଜ ପ୍ରମୁଖଙ୍କ ସମେତ ରାଜ୍ୟ ମୁଖପାତ୍ର ରମା ରଞ୍ଜନ ବଳିୟାରସିଂହ, ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ସୁଶାନ୍ତ ଜେନା, ପ୍ରଶାନ୍ତ ନାୟକ, ସାବିତ୍ରୀ ବିଶ୍ୱାଳ, ସୁଜାତା ବାରିକ ଏବଂ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ମାନ୍‌ଙ୍କୁ ୧୦ ହଜାର ଜରିମାନା


ଭଗଓ୍ୱନ୍ତ ସିଂ ମାନ୍

**ଚଣ୍ଡିଗଡ଼,୨୩।୭:** ଚଣ୍ଡିଗଡ଼ରେ ଥିବା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ସିଂ ମାନ୍‌ଙ୍କ ଘରଲୋକେ ରାସ୍ତାରେ ଅଳିଆ ପକାଇବା ନେଇ ଚଣ୍ଡିଗଡ଼ ମ୍ୟୁନିସିପାଲିଟି କର୍ପୋରେଶନ୍ ୧୦ ହଜାର ଚାଲାଣ କାଟିଛି। ସିଆର୍‌ପିଏଫ୍ ବାଟାଲିଅନ୍ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ହରଜିନ୍ଦର ସିଂଙ୍କ ନାମରେ ଏହି ଚାଲାଣ କଟାଯାଇଥିବା ଖବର ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ଭାଜପା ନେତା ମହେଶିନ୍ଦର ସିଂ ସିଦ୍ଧୁ କହିଛନ୍ତି, ବିଗତ କିଛି ଦିନ ହେବ ରାସ୍ତାରେ ଅଳିଆ ପକାଇବା ନେଇ ଅଭିଯୋଗ ଆସୁଥିଲା। ତେବେ ଉକ୍ତ ଖବରକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡନ କରାଯାଇଛି। ରାସ୍ତାରେ ଅଳିଆ ଫୋପାଡ଼ିବା ନେଇ ମାନ୍‌ଙ୍କ ଘର ବାବଦରେ କୌଣସି ଚାଲାଣ କଟାଯାଇ ନାହିଁ ବୋଲି କୁହାଯାଇଛି। ସେକ୍ଟର ୨ରେ ଥିବା ହାଉସ୍ ନମ୍ବର ୭ ଉଦ୍ଦେଶ୍ୟରେ ଚାଲାଣ କଟାଯାଇଛି, ଯେଉଁଠାରେ ଜଣେ ପାରା ମିଲିଟାରୀ ଫୋର୍ସର କର୍ମଚାରୀ ରହୁଥିବା ସେ କହିଛନ୍ତି।

# ସୋନିଆ-ରାହୁଲଙ୍କୁ ନେଇ ପୁଣି ତାତି

- ମୁହାଁମୁହିଁ ହେଲେ ଭାଜପା-କଂଗ୍ରେସ
- ଆମେ ଦୁଇ, ଆମର ଦୁଇ: କଂଗ୍ରେସ
- ଦୁର୍ନୀତିଗ୍ରସ୍ତଙ୍କୁ ମୋଦି ସରକାର ଛାଡ଼ିବେ ନାହିଁ: ଭାଜପା
- ହଟ୍ଟଗୋଳ, ଗୃହ ମୁଲତବୀ

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ଇଡି ଡାକିବା ପରେ କଂଗ୍ରେସ କର୍ମୀମାନେ ଇଡି ଅଫିସ ଘେରାଉ କରିଛନ୍ତି। ଯାହା ଗୃହର ବିଷୟ ନୁହେଁ ସେସବୁକୁ ଆଣି ହୋହଲ୍ଲା କରୁଛନ୍ତି। ଗତକାଲି ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀଙ୍କ ବାସଭବନରେ ଚଢ଼ାଉ କରାଯାଇ ୨୦ କୋଟି ଟଙ୍କା ଜବତ ହୋଇଛି। ସେ ଟଙ୍କାକୁ ବ୍ୟାଙ୍କ କର୍ମଚାରୀମାନେ ଗଣିପାରୁନାହାନ୍ତି। ମେଶିନ ସାହାଯ୍ୟରେ ତାହା ଗଣାଯାଉଛି। ଗରିବ ଲୋକଙ୍କ ପଇସା ହଡ଼ପ କରୁଥିବା ନେତାଙ୍କ ଉପରେ ଇଡି ଚଢ଼ାଉ କଲେ କଂଗ୍ରେସକୁ ଭାରି ବାଧୁଛି। ଏହି ପ୍ରସଙ୍ଗକୁ ନେଇ ଶନିବାର ବିଧାନସଭା ଶୂନ୍ୟକାଳରେ ଭାଜପା-କଂଗ୍ରେସ ସଦସ୍ୟମାନେ ମୁହାଁମୁହିଁ ହୋଇଥିଲେ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଲେ, ଯିଏ ଦୁର୍ନୀତି କରିବ ମୋଦି ସରକାର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଗତ ୮ ବର୍ଷ ମଧ୍ୟରେ ଭାଜପାର ଜଣେ ସାଂସଦଙ୍କ ନାମରେ ଦୁର୍ନୀତିର ଅଭିଯୋଗ ନାହିଁ। ଯେଉଁ ପ୍ରସଙ୍ଗ ଏହି ଗୃହର ନୁହେଁ କଂଗ୍ରେସ ତାହାକୁ ଉଠାଇ ଅଯଥାରେ ଗୃହରେ ହଟ୍ଟଗୋଳ କରୁଛି। ବାଚସ୍ପତି ମଧ୍ୟ ଗୃହକୁ ସଙ୍ଗେସଙ୍ଗେ ମୁଲତବୀ ଘୋଷଣା କରିଦେଉଛନ୍ତି। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ବିଷ୍ଣୁଙ୍କ ବକ୍ତବ୍ୟକୁ ବିରୋଧ କରି କହିଲେ ଯେ ବିରୋଧୀ ଦଳ ଉପନେତା କହିଥିଲେ ଗୃହରେ ଯେଉଁମାନେ ନାହାନ୍ତି, ସେମାନଙ୍କ ନାଁ ନେବା କଥା ନୁହେଁ। କିନ୍ତୁ ସେ କଂଗ୍ରେସ ସଦସ୍ୟ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଇଡି କଥା ଗୃହରେ ବାରମ୍ବାର ଉଠାଉଛନ୍ତି। କେନ୍ଦ୍ରର ମୋଦି ସରକାର ଇଡି ଏବଂ ସିବିଆଇକୁ ବ୍ୟବହାର କରି ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି। ଗତ ୮ ବର୍ଷରେ ଅମିତ ଶାହାଙ୍କ ସମ୍ପତ୍ତି ୪୦୦୦ କୋଟି ବୃଦ୍ଧି ପାଇଛି। ଆଦାନୀ ଏବଂ ଅମ୍ବାନୀ ପ୍ରଧାନମନ୍ତ୍ରୀଙ୍କର ଅତି ଘନିଷ୍ଠ। ଲୋକଙ୍କୁ ଶୋଷଣ କରି ବିଶ୍ୱର ଧନୀ ତାଲିକାରେ ୫ମ ସ୍ଥାନକୁ ଉଠିଛନ୍ତି। ଓଡ଼ିଶାରେ ଯେତେ ବନ୍ଦର ଆଦାନୀ ଏବଂ ଅମ୍ବାନୀ ନେଉଛନ୍ତି। ମୋଦି ଏବଂ ଶାହା ଦୁଇ, ଆଦାନୀ-ଅମ୍ବାନୀ ଦୁଇ, ଆମେ ଦୁଇ ଆମର ଦୁଇ। ମହାରାଷ୍ଟ୍ର, ଗୋଆ, ଆସାମ ଲୋକଙ୍କୁ ପଇସା ଦେଇ ଯାହା କରୁଛନ୍ତି ଏକଥା ସମସ୍ତେ ଜାଣନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ମୋଦି ଜାଣିଶୁଣି ବିରୋଧୀଙ୍କ ଘରେ ଚଢ଼ାଉ କରୁଛନ୍ତି। ବିରୋଧୀ ଦଳ ଉପନେତା କହିଲେ, ମୋଦି ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀଙ୍କ ସହଯୋଗୀ ଘରେ ଇଡି ଚଢ଼ାଉ କରିଥିଲେ। ଏଥିରୁ ସ୍ପଷ୍ଟ ଯେ ମୋଦିଙ୍କ ନିର୍ଦ୍ଦେଶରେ ରାହୁଲ ଗାନ୍ଧୀଙ୍କୁ ୫ ଦିନ ଧରି ଜେରା କରାଗଲା। ସୋନିଆ ଗାନ୍ଧୀଙ୍କୁ ଗତକାଲି ଜେରା କରାଯାଇଛି। ଆସନ୍ତା ୨୫ରେ ବି ଇଡି ଜେରା କରିବ ବୋଲି ନୋଟିସ ଦେଇଛି। ନୀରବ ମୋଦି, ବିଜୟ ମାଲ୍ୟା, ଲଳିତ ମୋଦି କୋଟି କୋଟି ଟଙ୍କା ଖାଇ କୁଆଡ଼େ ଗଲେ। ଆଦାନୀ କାହା ତାକତରେ ଦୁର୍ନୀତି କରୁଛନ୍ତି ବୋଲି ସେ କହିଥିଲେ।

# ଯେଉଁଠି ସମ୍ମାନ ମିଳୁଛି ସେଠିକି ଯାଅ

## ଶିବପାଲ-ରାଜଭରଙ୍କୁ ଅଖିଳେଶଙ୍କ ପରାମର୍ଶ

**ଲକ୍ଷ୍ନୌ, ୨୩।୭:** ଏସପି ଅଧ୍ୟକ୍ଷ ଅଖିଳେଶ ଯାଦବ ଦାଦା ଶିବପାଲ ସିଂ ଯାଦବ ଏବଂ ସୁହେଲଦେବ ଭାରତ ସମାଜ ପାର୍ଟି ଅଧ୍ୟକ୍ଷ ଓମପ୍ରକାଶ ରାଜଭରଙ୍କୁ ଏକ ଚିଠି ଲେଖି କହିଛନ୍ତି ଯେ ଯେଉଁଠାରେ ତୁମେ ଅଧିକ ସମ୍ମାନ ପାଇବ ସେଠାକୁ ଯାଇପାର। ଆପଣ ସେଠାକୁ ଯିବାକୁ ସ୍ୱାଧୀନ। ଏହି ଚିଠି ଏସ୍‌ପି ଦ୍ୱାରା ଜାରି କରାଯାଇଛି। ଶିବପାଲ ସିଂ ଯାଦବଙ୍କ ପାଇଁ ଦିଆଯାଇଥିବା ଚିଠିରେ କୁହାଯାଇଛି ଯେ ଶିବପାଲ ସିଂ ଯାଦବ ଜୀ, ଯଦି ତୁମେ ଅନୁଭବ କରୁଛ ଯେ ତୁମେ ଅନ୍ୟ କେଉଁଠି ଅଧିକ ସମ୍ମାନ ପାଇବ ତେବେ ତୁମେ ସେଠାକୁ ଯିବାକୁ ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇ ପାରିବ। ସେହିପରି ରାଜଭରଙ୍କ ଚିଠିରେ ଉଲ୍ଲେଖ କରାଯାଇଛି, ତୁମେ ଭାଜପା ସହ କାର୍ଯ୍ୟକରି ନିଜ ସ୍ୱାର୍ଥସାଧନ କରିବ। ଏହି ଚିଠି ପ୍ରକାଶ ପାଇବା ପରେ ରାଜଭରଙ୍କ ପାର୍ଟି ସୁଭାଏସପିଙ୍କ ସହ ମେଣ୍ଟ ଭାଙ୍ଗିବାକୁ ଏସପି ଆନୁଷ୍ଠାନିକ ଭାବେ ଏଭଳି ଘୋଷଣା କରାଯାଇଥିବା ଚର୍ଚ୍ଚା ହେଉଛି।

# ୨୬ରେ କଂଗ୍ରେସର ସତ୍ୟାଗ୍ରହ

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

କେନ୍ଦ୍ର ଭାଜପା ସରକାର ୮ ବର୍ଷ ଶାସନର ବିଫଳତାକୁ ଲୋକଲୋଚନରୁ ଦୂରେଇ ରଖିବା ପାଇଁ କଂଗ୍ରେସ ଦଳ ଓ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ଜନମାନସରେ ନିନ୍ଦିତ ଓ ଅପମାନିତ କରିବା ପାଇଁ ନରେନ୍ଦ୍ର ମୋଦି, ଅମିତ ଶାହା ଯେଉଁ ଅପଚେଷ୍ଟା ଚଳାଇଛନ୍ତି ତାହାର ପ୍ରତିବାଦ କରିବା ପାଇଁ ଆସନ୍ତା ୨୬ ତାରିଖ ମଙ୍ଗଳବାର ସକାଳ ୧୦ ଟାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ଅନୁଷ୍ଠିତ ହେବ। ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଓ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ ପ୍ରାର୍ଥୀ, ଜିଲା କଂଗ୍ରେସ କମିଟି ସଭାପତି ଓ ପଦାଧିକାରୀ ଯୋଗ ଦେବେ।

ନ୍ୟାଶନାଲ ହେରାଲ୍ଡ ଖବରକାଗଜ ମାମଲାରେ ଭାରତ ସରକାରଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କର ଇଙ୍ଗିତରେ ପରିଚାଳିତ ହୋଇ ଯେଉଁଭଳି ଭାବରେ ବିରୋଧୀ ଦଳର ନେତୃବର୍ଗଙ୍କୁ ଅଯଥାରେ ବ୍ୟକ୍ତିଗତ ଆକ୍ରୋଶ ଏବଂ ଉଦ୍ଦେଶ୍ୟକୁ ସାଧିତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି ତାହା ବିରୋଧରେ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହେଉଛି ବୋଲି ପିସିସି ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଭୁବନେଶ୍ୱରରେ ଆଇକନିକ ଆଦର୍ଶ ବିଦ୍ୟାଳୟ

- ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ଖର୍ଚ୍ଚ ଦାବି ବିଧାନସଭାରେ ଗୃହୀତ
- ମୋ କଲେଜ ଅଭିଯାନ ପାଇଁ ୧୧.୧୦ କୋଟି

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

୨୦୨୨-୨୩ ଆର୍ଥିକ ବର୍ଷରେ କଳିଙ୍ଗ ଶିକ୍ଷା ସାଥୀ ଯୋଜନାରେ ୧ କୋଟି ଟଙ୍କା ବଜେଟରେ ବ୍ୟୟ ବରାଦ କରାଯାଇଛି। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ୧ ପ୍ରତିଶତ ସୁଧରେ ଶିକ୍ଷା ଋଣ ଯୋଗାଇ ଦିଆଯିବ। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ମାଗଣାରେ କୋଚିଂ ଦିଆଯିବ। ଏଥିପାଇଁ ଚଳିତ ଆର୍ଥିକ ବର୍ଷରେ ୧.୫୦ କୋଟି ବ୍ୟୟବରାଦ କରାଯାଇଛି ବୋଲି ଶନିବାର ଖର୍ଚ୍ଚ ଦାବି ଆଲୋଚନା ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଗରିବ ଅସହାୟ ଛାତ୍ରୀଛାତ୍ରମାନଙ୍କୁ ସହାୟତା କରିବା ପାଇଁ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ୨୦୧୮-୧୯ରୁ ଆରମ୍ଭ କରାଯାଇଛି। ଏଥିପାଇଁ ବଜେଟରେ ୭୫ ଲକ୍ଷରୁ ବୃଦ୍ଧି କରାଯାଇ ୧ କୋଟି କରାଯାଇଛି। ସେହିପରି ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବଜେଟରେ ୧୦ରୁ ୨୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ବିଶ୍ୱବିଦ୍ୟାଳୟ ଗବେଷଣା ଯୋଜନାରେ ବ୍ୟୟ ବରାଦକୁ ୪.୧୧ କୋଟିରୁ ୬.୬୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦୨୧-୨୨ରେ ୬୫୦ ପିଏଚ୍‌ଡି ଡିଗ୍ରୀଧାରୀଙ୍କୁ ପୁରସ୍କୃତ କରାଯାଇଛି। ମୋ କଲେଜ ଅଭିଯାନ ପାଇଁ ଚଳିତ ଆର୍ଥିକ ବର୍ଷରେ ୧୧.୧୦ କୋଟି ଟଙ୍କାର କର୍ପସ ପାଣ୍ଠି କରାଯାଇଛି। ଏବେ ସୁଦ୍ଧା ୩୦ କଲେଜ ଓ ୩ଟି ବିଶ୍ୱବିଦ୍ୟାଳୟକୁ ମୋ କଲେଜ କର୍ପସ ପାଣ୍ଠିରୁ ୩,୧୩,୪୬,୭୬୮ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବିଜୁ ଯୁବ ସଶକ୍ତୀକରଣ ଯୋଜନା ପାଇଁ ୪୫.୫୦ କୋଟି ଏବଂ ଛାତ୍ରୀମାନଙ୍କ ପାଇଁ ସେଲ୍‌ଫ ଡିଫେନ୍ସ କାର୍ଯ୍ୟକ୍ରମ ବାବଦରେ ୧ କୋଟି, ବ୍ୟାସକବି ଫକୀର ମୋହନ ବୃତ୍ତି ପାଇଁ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

ଆଲୋଚନା ଶେଷରେ ଉଚ୍ଚଶିକ୍ଷା ବିଭାଗ ପାଇଁ ୨୮୩୬୬୯୦୦୦ ଟଙ୍କାର ଖର୍ଚ୍ଚ ଦାବି ଶନିବାର ବିଧାନସଭାରେ ଗୃହୀତ ହୋଇଛି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୨୦୬୩୫୯୭୯୬୦୦୦ ଟଙ୍କାର ଖର୍ଚ୍ଚ ଦାବି ବିଧାନସଭାର ଅନୁମୋଦନ ଲାଭ କରିଛି।

ଖର୍ଚ୍ଚ ଦାବି ଆଲୋଚନା ଶେଷରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କ୍ରମାଗତ ଉଦ୍ୟମ ଜାରି ରହିଛି। ଶିକ୍ଷା ବ୍ୟବସ୍ଥାକୁ ୫-ଟି ମାଧ୍ୟମରେ ପୁନର୍ବିନ୍ୟାସ କରିବାକୁ ଚେଷ୍ଟା କରାଯାଉଛି। ମୋ ସ୍କୁଲ ଅଭିଯାନ ରାଜ୍ୟର ୩୧୪ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରେ ପହଞ୍ଚିଥିବା ବେଳେ ୩୩,୪୬୮ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲର ଭିତ୍ତିଭୂମି ପରିବର୍ତ୍ତନରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଓ ଜନସାଧାରଣ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଛନ୍ତି। ଏହି ଯୋଜନା ବାବଦରେ ୬୪୫୯୦.୪୬ କୋଟି ବ୍ୟୟବରାଦ କରାଯାଇଛି। ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ପିଲାମାନଙ୍କୁ ସିବିଏସ୍‌ଇ ଆଧାରିତ ଇଂଲିଶ ମିଡିୟମରେ ପଢାଯାଉଛି। ଏହାଛଡ଼ା ଭୁବନେଶ୍ୱର ଅନ୍ଧାରୁଆଠାରେ ଏକ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। କୋରାପୁଟ ଜିଲା ପଟାଙ୍ଗୀ ବ୍ଲକରେ ୫୯ ପିଲାଙ୍କୁ ନେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଓଡ଼ିଆ ଭାଷା ବୃତ୍ତି ପାଇଁ ଚଳିତ ବଜେଟରେ ୧ କୋଟି ୭୭ ଲକ୍ଷ ୪୫ ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଉତ୍ତମ ବିଦ୍ୟାଳୟ ପୁରସ୍କାର ପାଇଁ ୧୦ କୋଟି ୨୯ ଲକ୍ଷ ବ୍ୟୟବରାଦ ହୋଇଛି। ୧୦୬୧ ସ୍କୁଲକୁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମାଗଣାରେ ସାଇକେଲ ଦେବା ସକାଶେ ବଜେଟରେ ୧୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ମନ୍ତ୍ରୀଙ୍କ ଉତ୍ତର ଅସନ୍ତୁଷ୍ଟ ହୋଇ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ।

ବିଧାନସଭା ସମାଚାର

# ଆ', ଇ'କାର ପାଇଁ ବଳିପଡୁଛନ୍ତି ଆଦିବାସୀ

- ଜନଜାତି ତାଲିକାକୁ ନେଇ ବିଧାନସଭାରେ ଉଦ୍‌ବେଗ
- ୧୬୯ ଜାତି ତାଲିକା କେନ୍ଦ୍ର ସରକାରଙ୍କ ନିକଟରେ ଝୁଲୁଛି
- ଖୁବ୍‌ଶୀଘ୍ର ଗଠନ ହେବ ଟିଏସି



**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ରାଜ୍ୟରେ ବହୁ ସଂଖ୍ୟାରେ ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି। ସେମାନଙ୍କୁ ଆଦିବାସୀ ମାନ୍ୟତା ଦିଆଯାଉନାହିଁ। ଆ'କାର, ଇ'କାର ବଦଳିଗଲେ ସେମାନଙ୍କୁ ଜାତିଗତ ମାନ୍ୟତା ମିଳୁନାହିଁ। ଶବର ଆଦିବାସୀ ହୋଇଥିଲେ ହେଁ ଶଅରଙ୍କୁ ମାନ୍ୟତା ମିଳୁନି। ଏଥିଯୋଗୁ ସେମାନେ କୌଣସି ସରକାରୀ ସୁବିଧାସୁଯୋଗ ପାଇପାରୁ ନାହାନ୍ତି। ଆଦିବାସୀ ତାଲିକାରୁ ବାଦ୍ ପଡ଼ିଥିବା ଜାତିଗୁଡ଼ିକୁ କେବେ ସୁଦ୍ଧା ମାନ୍ୟତା ମିଳିବ। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଏବଂ ଶାସକ ଦଳ ସଭ୍ୟ ସରକାରଙ୍କୁ କୈଫିୟତ ତଲବ କରିଛନ୍ତି।

ପ୍ରଶ୍ନକାଳରେ ଭାଜପା ସଭ୍ୟ ଭାସ୍କର ମଢ଼େଇ ମୂଳ ପ୍ରଶ୍ନରେ କହିଲେ ଯେ, ରାଜ୍ୟରେ ବାସ କରୁଥିବା ଏସ୍‌ସି, ଏସ୍‌ଟି ପିଲାମାନେ ଜାତିଗତ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ମାହାର, ମେହେନ୍ତର ଅନୁସୂଚିତ ଜାତି ହୋଇଥିବା ବେଳେ ପାଣ, ପାତ୍ର, ତନ୍ତି, ବିନ୍ଧାଣି, ଶଅରଙ୍କୁ ଜାତିଗତ ପ୍ରମାଣପତ୍ର ମିଳୁନାହିଁ। ପ୍ରଶାସନିକ ତ୍ରୁଟିକୁ ସଂଶୋଧନ କରି ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ କି? ଏସ୍‌ସି,ଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ବଦଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ଏସ୍‌ସି,ଏସ୍‌ଟି ବ୍ୟକ୍ତି ଜାତିଗତ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇଥିବା ସରକାରଙ୍କ ଦୃଷ୍ଟିକୁ ଆସିନାହିଁ। ୨୦୧୭ରୁ ସ୍କୁଲରେ ପିଲାଙ୍କୁ ଜାତିଗତ ପ୍ରମାଣପତ୍ର ଦିଆଯାଉଛି। ମାହାର, ମେହେନ୍ତରଙ୍କୁ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବା ଲାଗି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପଠାଯାଇଥିଲା। ମାତ୍ର କେନ୍ଦ୍ର ସରକାର ତାକୁ ଫେରାଇ ଦେଇଛନ୍ତି। କିନ୍ତୁ କମାର ସମ୍ପ୍ରଦାୟମାନେ ଏସ୍‌ଟି ତାଲିକାଭୁକ୍ତ ହେବା ପାଇଁ ଯେଉଁ ୫ଟି ମାନଦଣ୍ଡ ରହିଛି ତାହା ପୂରଣ କରୁନାହାନ୍ତି।

ବିଜେଡି ସଭ୍ୟ ଅରବିନ୍ଦ ଢାଲି, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, ଶଙ୍କର ଓରାମ, ପ୍ରକାଶ ସୋରେନ, କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ବିଜେଡି ସଭ୍ୟ ପଦ୍ମନାଭ ବେହେରା, ଭୂପିନ୍ଦର ସିଂ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ କହିଥିଲେ ଯେ ସମାନ ଜାତିର ନାଁ ଇରୁ ଈ ହୋଇଗଲେ ସେମାନଙ୍କୁ ତାଲିକାରୁ କାଟି ଦିଆଯାଉଛି। ରାଜ୍ୟରେ ଥିବା ଏସ୍‌ଇବିସିଙ୍କୁ ଓବିସି ତାଲିକାଭୁକ୍ତ କରିବା ଲାଗି କେବେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯାଇଥିଲା। ରାଜ୍ୟ ସରକାର ଆଦିବାସୀ ଉପଦେଷ୍ଟା ପରିଷଦ କେବେ ଡାକିଥିଲେ। କେଉଁ କେଉଁ ଜାତିଙ୍କୁ ଆଦିବାସୀ ତାଲିକାଭୁକ୍ତ କରିବା ଲାଗି ସରକାର କି ପଦକ୍ଷେପ ନେଇଛନ୍ତି।

ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ୨୦ ଜାତିର ତାଲିକା ପଠାଇଥିଲେ। ତାହାକୁ କେନ୍ଦ୍ର ସରକାର ନାକଚ କରିଦେଇଛନ୍ତି। ରାଜ୍ୟରେ ୨ଶହରୁ ଊର୍ଦ୍ଧ୍ୱ ଜାତି ଏସ୍‌ଇବିସି ତାଲିକାଭୁକ୍ତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଓବିସି ପରିସରଭୁକ୍ତ ଅଛନ୍ତି। କେନ୍ଦ୍ର ସରକାରଙ୍କ ନିକଟରେ ୧୬୯ଟି ଜାତିର ତାଲିକା ପଡ଼ିରହିଛି। ଜନଜାତି ଉପଦେଷ୍ଟା ପରିଷଦ(ଟିଏସି)ଖୁବ୍‌ଶୀଘ୍ର ଗଠନ ହେବ। ମୁଖ୍ୟମନ୍ତ୍ରୀ ଏନେଇ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ପରିଷଦ ଗଠନ ହେବା ପରେ ତାହା କାର୍ଯ୍ୟକାରୀ ହେବ। କେନ୍ଦ୍ର ସରକାର ୧୧ ଜାତିଙ୍କୁ ଆଦିବାସୀ ତାଲିକାଭୁକ୍ତ କରିଛନ୍ତି। ଆଉ ୨୦ଟି ଜାତି କ୍ରାଇଟେରିଆ ଭୁକ୍ତ ହୋଇ ନ ଥିବାରୁ କେନ୍ଦ୍ର ସରକାର ନାକଚ କରିଦେଇଛନ୍ତି। ୪୬ ଜାତିକୁ ରାଜ୍ୟ ସରକାର ଏସ୍‌ଇବିସି ପରିସରଭୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି।



କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଣ୍ଡାକୁଟ୍ରା ନିକଟରେ ଥିବା ହାଲେର ଜୋରରେ ଶନିବାର ପୂର୍ବାହ୍ନରୁ ବଢ଼ିପାଣି ଆସିବାରୁ ଆପ୍ରୋଚ ରୋଡ୍ ଧୋଇହୋଇଯିବାରୁ ଜୁନାଗଡ଼-ଧର୍ମଗଡ଼ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

# ଟାଙ୍ଗିଆରେ ହାଣି ଶ୍ୱଶୁରଙ୍କୁ ହତ୍ୟା

- ଅନ୍ଧାର ରାତିରେ ସ୍ତ୍ରୀଙ୍କୁ ମାରିବାକୁ ରଚିଥିଲେ ଷଡ଼ଯନ୍ତ୍ର
- ଅଭିଯୁକ୍ତ ଜ୍ୱାଇଁ ଅଟକ, ସାଇଣ୍ଟିଫିକ୍ ଟିମ୍‌ର ତନାଘନା ଜାରି

**ପରଜଙ୍ଗ, ୨୩।୭(ଡି.ଏନ.ଏ.)**

ଉଗ୍ରରୂପ ନେଇଥିଲା ଦାମ୍ପତ୍ୟ ଜୀବନର ଝଡ଼। ଏଥିରେ ଉତ୍ୟକ୍ତ ହୋଇ ଅନ୍ଧାର ରାତିରେ ସ୍ତ୍ରୀଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଯୋଜନା କରିଥିଲେ ସ୍ୱାମୀ। ଏଥିପାଇଁ ଏକ ଦଉଡ଼ିରେ ଫାଶ ମଧ୍ୟ ପ୍ରସ୍ତୁତ କରି ରଖିଥିଲେ। ତେବେ ସ୍ତ୍ରୀଙ୍କୁ ହତ୍ୟା କରିବା ଲାଗି ବିଛାଇଥିବା ଚକ୍ରବ୍ୟୂହରେ ଫସିଗଲେ ଶ୍ୱଶୁର। ଝିଅ-ଜ୍ୱାଇଁଙ୍କ ପାରିବାରିକ କଳହର ସମାଧାନ କରିବାକୁ ଆସିଥିବାବେଳେ ନିଶାସକ୍ତ ଜ୍ୱାଇଁଙ୍କ ଟାଙ୍ଗିଆ ଚୋଟରେ ଚାଲିଗଲା ତାଙ୍କ ଜୀବନ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ପଙ୍ଗାତୀରା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡ। ହତ୍ୟାର ଶିକାର ହୋଇଛନ୍ତି ପର୍ଶୁରାମ ବାରିକ। ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତ ରମଣ ବେହେରା ଜଙ୍ଗଲକୁ ଆତ୍ମହତ୍ୟା କରିବାକୁ ଯାଉଥିବାବେଳେ ଗ୍ରାମବାସୀଙ୍କ ସହାୟତାରେ ପୋଲିସ ତାଙ୍କୁ କାବୁ କରିଥିବା ଜଣାପଡ଼ିଛି।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପ୍ରାୟ ୧୦ବର୍ଷ ତଳେ ପର୍ଶୁରାମଙ୍କ ଝିଅ ସୁଲୋଚନାଙ୍କର ସେହି ଗ୍ରାମର ରମଣଙ୍କ ସହ ପ୍ରେମ ବିବାହ ହୋଇଥିଲା। ସେମାନଙ୍କର ୫ ଓ ୩ ବର୍ଷର ଦୁଇ ଝିଅ ଅଛନ୍ତି। ବିବାହ ସମୟରେ ଯୌତୁକ ବାବଦରେ ୩୦ ହଜାର ଟଙ୍କା ଦିଆଯାଇଥିଲେ ମଧ୍ୟ ଦମ୍ପତିଙ୍କ ମଧ୍ୟରେ ବିଭିନ୍ନ କାରଣରୁ ଭୟଙ୍କର ଝଗଡ଼ା ହେଉଥିଲା। ସୁଲୋଚନାଙ୍କୁ ରମଣ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ଖାଇବାକୁ ମଧ୍ୟ ଦେଉ ନ ଥିଲେ। ଦୁଇ ଝିଅଙ୍କୁ ଧରି ବଡ଼କଷ୍ଟରେ ଝିଅ ରହୁଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ଗତ ଶୁକ୍ରବାର ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ବଢ଼ିଥିଲା। ପର୍ଶୁରାମ ପହଞ୍ଚି ରମଣଙ୍କୁ ବୁଝାଶୁଝା କରୁଥିଲେ। ଏହି ସମୟରେ ସେ ଏକ ଟାଙ୍ଗିଆରେ ପର୍ଶୁରାମଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ରମଣ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଥିଲେ। ସେଠାରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

ଏ ନେଇ ମୃତକଙ୍କ ସ୍ତ୍ରୀ ଦୁଲା ବେହେରାଙ୍କ ଅଭିଯୋଗକ୍ରମେ ପରଜଙ୍ଗ ଥାନାରେ ନଂ.୩୫୪/୨୨, ଦଫା ୩୦୨ରେ ଏକ ମାମଲା ରୁଜୁ ହୋଇଛି।

# କାଶୀପୁରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଘେରିଲେ



ମନ୍ତ୍ରୀ ନବକିଶୋର ଦାସ, ଜଗନ୍ନାଥ ସାରକାଙ୍କୁ ଜିଲାପାଳ, ବିଧାୟକ ଏବଂ ଅନ୍ୟ ଅଧିକାରୀ ସ୍ୱାଗତ କରୁଛନ୍ତି।

## ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଟିକିରି ଚକାଚକ

କାଶୀପୁର ବ୍ଲକର ଟିକିରି ଅଞ୍ଚଳବାସୀ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଗାଁରେ ଦେଖି ଘେରିଥିଲେ। ଦୀର୍ଘଦିନ ଧରି ସେମାନଙ୍କ ମଧ୍ୟରେ ଥିବା ଅସନ୍ତୋଷ ପ୍ରକାଶ କରିଥିଲେ। କେବେ ଡ୍ରେନ୍ ସଫା ହେଉନି କି ବ୍ଲିଚିଂ ପାଉଡର ମିଳୁନି। ସ୍ୱାସ୍ଥ୍ୟକେନ୍ଦ୍ରରେ ବେଡ୍ ନ ଥିବାରୁ ଆମେ ସମସ୍ୟା ଭୋଗୁଛୁ। ଶନିବାର ମନ୍ତ୍ରୀ ଆସୁଛନ୍ତି ବୋଲି ଆମ ଗାଁକୁ ସଫା କରାଯାଇଛି ଏବଂ ଆଉ ୱାଟର ବ୍ୟବସ୍ଥା କରାଯାଇଛି। ଗ୍ରାମବାସୀ ମନ୍ତ୍ରୀଙ୍କ ନିକଟରେ ଏଭଳି କହିବା ସହ ଏକ ଦାବିପତ୍ର ଦେଇଥିଲେ।

## କମ୍ପାନୀଙ୍କ ସହ ଆଲୋଚନା କରିବୁ: ସ୍ୱାସ୍ଥ୍ୟମନ୍ତ୍ରୀ

ସ୍ଥାନୀୟ ଅଞ୍ଚଳରେ ଏକାଧିକ କମ୍ପାନୀ ଅଛି। ସିଏସ୍ଆର୍ ପଲିସିରେ ରାସ୍ତାଘାଟ ଓ ସ୍ୱାସ୍ଥ୍ୟସେବାରେ ଉନ୍ନତି ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ମନ୍ତ୍ରୀ ଏଠାରେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ରୋଗୀସେବା ନିମନ୍ତେ ଆଉ ୨ ଟି ମୋବାଇଲ ଭ୍ୟାନ୍ ଦେବାକୁ କୁହାଯିବ। ସେହିପରି ରାସ୍ତା ସମସ୍ୟା ନେଇ ପଞ୍ଚାୟତ ସ୍ତରରୁ ଚିଠି କଲେ ପିଡବ୍ଲ୍ୟୁଡି ପାଖକୁ ଯିବ। ଏହାପରେ କାମ ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି।

- ରାୟଗଡ଼ା, କୋରାପୁଟ, ନବରଙ୍ଗପୁରରେ ବ୍ୟାପୁଛି କଲେରା
- କାଶୀପୁରରେ ଆଉ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ

**ରାୟଗଡ଼ା ଅଫିସ/ଟିକିରି, ୨୩।୭(ଡି.ଏନ୍.ଏ.)**

ରାୟଗଡ଼ା, କୋରାପୁଟ ଏବଂ ନବରଙ୍ଗପୁର ଜିଲାରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଶନିବାର ଆଉ ଜଣେ କଲେରା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡୁଡୁକାବାହାଲ ପଞ୍ଚାୟତ ଡେଘାଗୁଡ଼ା ଗ୍ରାମର ଅର୍ଜୁନ ଜାନି(୫୫)। ଏହାକୁ ମିଶାଇ ସରକାରୀ ଭାବେ ମୃତ୍ୟୁ ସଂଖ୍ୟା ୮ ରେ ପହଞ୍ଚିଛି। ୬୧ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ସେହିପରି କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକରେ ମୃତ୍ୟୁ ସଂଖ୍ୟା ୨ ଏବଂ ଆକ୍ରାନ୍ତଙ୍କ ସଂଖ୍ୟା ୩୯ ରହିଛି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରୁ ଜଣେ ଏବଂ ନନ୍ଦାହାଣ୍ଡି ବ୍ଲକରୁ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏବଂ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଶନିବାର ରାୟଗଡ଼ା ଜିଲା ଗସ୍ତରେ ଯାଇ କାଶୀପୁରରେ କଲେରା ନିୟନ୍ତ୍ରଣ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଛନ୍ତି।

ଦୁଇ ମନ୍ତ୍ରୀ ପ୍ରଥମେ ରାୟଗଡ଼ାଠାରେ ପହଞ୍ଚି ଜିଲାପାଳ ସ୍ୱାଧାଦେବ ସିଂ, ସିଡିଏମ୍ଓ ଡା. ଲାଲମୋହନ ରାଉତରାୟ ଏବଂ ଡାକ୍ତରୀ ଟିମ୍ ସହ ଆଲୋଚନା କରି ପରିସ୍ଥିତି କିପରି ରହିଛି ସେ ବିଷୟରେ ଆଲୋଚନା କରିଥିଲେ। ପରେ କଲେରା ପ୍ରଭାବିତ ଟିକିରି ଝୋଡ଼ିଆସାହି, ଡୁଡୁକାବାହାଲ, ଉଷାପଡ଼ା ଏବଂ ଅନ୍ୟ ଅଞ୍ଚଳକୁ ଯାଇ ମୃତ ଏବଂ ଆକ୍ରାନ୍ତଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ପରିମଳ ଓ ବିଶୋଧନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉଷାପଡ଼ା ସ୍ଥିତ ଉତ୍କଳ ହସ୍ପିଟାଲକୁ ଯାଇ ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ଅଞ୍ଚଳ ପରିଦର୍ଶନ ପରେ ଉତ୍କଳ ଆଲୁମିନା ଅତିଥି ଭବନରେ ପୁଣି ଜିଲାପାଳ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର, ସିଡିଏମ୍ଓ ଏବଂ ଅନ୍ୟ ଅଧିକାରୀଙ୍କ ସହ ଆକ୍ରାନ୍ତଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇବା ଏବଂ କଲେରାକୁ କିପରି ନିୟନ୍ତ୍ରଣକୁ ଅଣାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କଲେରା ନିୟନ୍ତ୍ରଣ କରିବାକୁ ସମସ୍ତ ପଦକ୍ଷେପ ନେବାକୁ କହିଛନ୍ତି। ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ୬ ବେଡ୍‌ର ବ୍ୟବସ୍ଥା କରାଯାଉ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅତିରିକ୍ତ କୋଠା ନିର୍ମାଣ ନିମନ୍ତେ ଚିଠି କଲେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ତେଣୁ ଦୁଇ ମନ୍ତ୍ରୀଙ୍କ ସହ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଏବଂ ଡାକ୍ତରୀ ଟିମ୍ ଉପସ୍ଥିତ ଥିଲେ।


**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** (यूनियन बैंक ऑफ इंडिया / Union Bank of India, Andhra, Corporation)
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମ୍ନଲିଖିତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା / ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ସିଡିଏ ବିଡାନାସୀ ଶାଖା** ଋଣଗ୍ରହୀତାମାନେ:(୧)ମେସର୍ସ ବିଦିଶା ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ଶ୍ରୀ ଅରବିନ୍ଦ ସାମଲ, ପିତା: କୈଳାଶ ଚନ୍ଦ୍ର ସାମଲ, ଠିକଣା: ପ୍ଲଟ ନଂ.ଡି/୧୪୦୬, ସେକ୍ଟର-୧୦, ସିଡିଏ, ପୋ.: ମର୍କତନଗର, କଟକ-୭୫୩୦୧୪, (୨) ଶ୍ରୀ ଅରବିନ୍ଦ ସାମଲ, ପିତା: କୈଳାଶ ଚନ୍ଦ୍ର ସାମଲ, ଠିକଣା: ସା/ପୋ.: ଜରି, ଭାୟା: ବିଂପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୬, ଏବଂ ପ୍ଲଟ ନଂ.୩ଡି/୧୧୧୪, ସେକ୍ଟର-୧୦, ସିଡିଏ, ପୋ.: ମର୍କତନଗର, କଟକ-୭୫୩୦୧୪, ଜାମିନ୍‌ଦାରମାନେ: ଶ୍ରୀ ଦେବାଶିଷ ଜେନା, ପିତା: ତ୍ରିଲୋଚନ ଜେନା, ଠିକଣା: ପ୍ଲଟ ନଂ.୩ଡି/୧୧୧୪, ସେକ୍ଟର-୧୦, ସିଡିଏ, ପୋ.: ମର୍କତନଗର, କଟକ-୭୫୩୦୧୪, ଶ୍ରୀ ଦୁଷ୍ମନ୍ତ ବେହେରା, ପିତା: ଗୁରୁଚରଣ ବେହେରା, ସା/ପୋ.: କଲ୍ୟାଣୀ ନଗର, ମଧୁପାଟଣା, କଟକ-୭୫୩୦୧୦, ଏବଂ ଶ୍ରୀ ଦୁଷ୍ମନ୍ତ ବେହେରା, କ୍ଲିନିକ୍ ଶକ୍ତିର ସତ୍ତ୍ୱାଧିକାରୀ, ଶକ୍ତି ଲେନ୍, ମଙ୍ଗଳାବାଗ, କଟକ-୭୫୩୦୦୧। | ତା.୩୦.୦୪.୨୦୨୨ସୁଦ୍ଧା ଟ.୧୨,୧୫,୦୦୧/- + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୦୬.୦୫.୨୦୨୨ / ୨୦.୦୭.୨୦୨୨ | ଶ୍ରୀ ଦୁଷ୍ମନ୍ତ ବେହେରା, ପିତା: ଗୁରୁଚରଣ ବେହେରାଙ୍କ ନାମରେ ଥିବା ଜମି ଯାହାର ଖାତା ନଂ.୬୦୩/୩୯୬, ପ୍ଲଟ ନଂ.୭୭୭/୪୦୪୭, ଏରିଆ: ଏ୦.୦୫୫ ଡିସିମିଲି, ମୌଜା: ଚନ୍ଦକା, ଥାନା: ଚନ୍ଦକା, ଥାନା ନଂ.୩୧, ତହସିଲି: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ୨୦ଫୁଟ ଚଉଡା ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୭୭୭ର ଅଂଶ, ପୂର୍ବ- ପ୍ଲଟ ନଂ.୭୭୭ର ଅଂଶ, ପଶ୍ଚିମ- ପ୍ଲଟ ନଂ.୭୭୭ର ଅଂଶ । |
| **ସୋମପୁର ଇଏବି ଶାଖା** ଋଣଗ୍ରହୀତା: ଶ୍ରୀ ରାଜିବ ଲୋଚନ ପଣ୍ଡା, ପିତା: ପଦ୍ମ ଚନ୍ଦ୍ର ପଣ୍ଡା, ଜାମିନ୍‌ଦାର: ଶ୍ରୀ ସଚିଦାନନ୍ଦ ପଣ୍ଡା, ପିତା: ଶ୍ରୀ କୃଷ୍ଣ ପଣ୍ଡା, ଉଭୟଙ୍କ ଠିକଣା: ସା-କୋଟୁଆଁ, ପୋ.: ଅରିଲୋ, ସୋମପୁର, ଜିଲ୍ଲା:କଟକ, ରାଜ୍ୟ: ଓଡ଼ିଶା, ପିନ୍-୭୫୪୧୩୦। | ତା.୩୧.୦୧.୨୦୨୨ସୁଦ୍ଧା ଟ.୨୨,୭୮,୮୧୪.୬୦ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୦.୦୪.୨୦୨୨ / ୨୨.୦୭.୨୦୨୨ | ଶ୍ରୀ ରାଜିବ ଲୋଚନ ପଣ୍ଡାଙ୍କ ନାମରେ ଥିବା ଜମି ଗୃହ ଯାହାର ମୌଜା: କଟୁଆଁ, ଥାନା: କିସାନ ନଗର ୨୭, ତହସିଲି: କିସାନ ନଗର, ତହସିଲି ନଂ.୫୪୭, ଏମ୍ ଖାତା ନଂ.୯୯, ସ୍ଥିତିବାନ, ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୩୨୫, ଏରିଆ: ଏ୦.୧୬ ଡିସିମିଲି (କିସମ-ଘରବାରୀ), ଜିଲ୍ଲା:କଟକ । ଶ୍ରୀ ରାଜିବ ଲୋଚନ ପଣ୍ଡାଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଜିଲ୍ଲା :କଟକ, ଏସ୍ଆରଓ: ରଘୁନାଥପୁର, ମୌଜା: କୋଟୁଆଁ, ଥାନା: କିଶାନନଗର ନଂ.୨୭, ତହସିଲି: କିଶାନନଗର ନଂ.୫୪୭, ଏମ୍ ଖାତା ନଂ.୧୦୦, ସ୍ଥିତିବାନ, ଚକ ପ୍ଲଟ ନଂ.୧୭୧, ଏରିଆ: ଏ୦.୮୪୦ ଡିସିମିଲି (କିସମ- ଘରତଳ), ଚକ ନଂ.୧୪୫, ଚକ ପ୍ଲଟ ନଂ.୧୭୧, ଏରିଆ: ଏ୧.୧୨୦ ଡିସିମିଲି, (ଖଜୁରିକଳ), ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୨୨୦, ଏରିଆ: ଏ୦.୦୬୦ ଡିସିମିଲି (ବଗାୟତ), ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୩୪୨, ଏରିଆ: ଏ୦.୦୬୦ ଡିସିମିଲି (ଘରବାରି), ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୪୦, ଏରିଆ: ଏ୦.୧୬୦ ଡିସିମିଲି (ବିଆଳି ଦୋଫସଲି), ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୧୬୦, ଏରିଆ: ଏ୦.୦୧୦ ଡିସିମିଲି (ପତିତ), ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୫୩, ଏରିଆ: ଏ୦.୦୩୦ ଡିସିମିଲି (ବିଆଳି ଦୋଫସଲି), ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୧୭୫, ଏରିଆ: ଏ୦.୦୮୦ ଡିସିମିଲି (ବାଜେ ଫସଲ-୨), ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୧୮୪, ଏରିଆ: ଏ୦.୦୫୬୦ ଡିସିମିଲି (ପତିତ), ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୧୯୧, ଏରିଆ: ଏ୦.୦୮୦ ଡିସିମିଲି (ପତିତ), ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୩୪୨୪, ଏରିଆ: ଏ୦.୦୨୦ ଡିସିମିଲି (ଘରବାରି), ନନ୍ କନ୍‌ସୋଲିଡେଟ୍ଲ ପ୍ଲଟ ନଂ.୩୧୭, ଏରିଆ: ଏ୦.୧୦୦ ଡିସିମିଲି (ଘରବାରି), ସମୁଦାୟ ଏରିଆ: ଏ.୩.୦୧୦ ଡିସିମିଲି । |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୨.୦୭.୨୦୨୨ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** (यूनियन बैंक ऑफ इंडिया / Union Bank of India, Andhra, Corporation)
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୫୩୭୯୦୦

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** ର **କ୍ଷମତାପ୍ରାପ୍ତ ଅଧିକାରୀ** (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୮.୨୦୨୨ରିଖ** ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ **ଇ-ନିଲାମ** ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି । ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଜଗତସିଂହପୁର ଶାଖା, ମୋ.: ୯୪୩୯୭୯୯୬୮୬** ଋଣଗ୍ରହୀତା: ଶ୍ରୀମତୀ ମଲ୍‌କା ତରନୁମ୍, ସ୍ୱା:ଶ୍ରୀ ତାଜ୍ ଉଦ୍ଦିନ୍ ନୁରାନି(ମୃତ), ମେସର୍ସ ତାଜ୍ ଟ୍ରେଡର୍ସର ସତ୍ତ୍ୱାଧିକାରୀ, ଠିକଣା:ସା-ତଳପାଟକ, ପୋ.ଅଣଖିଆ, ଥାନା: ବିରିଡି, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା-୭୫୪୧୦୨/ବକେୟା ରାଶି:ତା.୩୦.୦୬.୨୦୨୨ରିଖ ସୁଦ୍ଧା ଟ.୧୦,୫୮,୫୧୧.୩୫ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ । | ଶ୍ରୀ ତାଜ୍ ଉଦ୍ଦିନ୍ ନୁରାନି, ପିତା: ଶ୍ରୀ ଫୟଜ ଉଦ୍ଦିନ ଖାନ୍‌ଙ୍କ ନାମରେ ଥିବା ଜମି ଏବଂ ବାସପୋଯୋଗୀ ଗୃହ ଯାହାର ଖାତା ନଂ.୧୯୩/୧୭, ପ୍ଲଟ ନଂ.୪୧୭, ମୌଜା: ତଳପାଟକ, ତହସିଲି/ଥାନା: ବିରିଡି (ନଂ.-୮୦), ଜିଲ୍ଲା: ଜଗତସିଂହପୁର, ଓଡ଼ିଶା-୭୫୪୧୦୨, ସମୁଦାୟ ଜମି ଏରିଆ: ଏ୦.୦୬୦ ଡିସିମିଲି (୨୬୧୩.୬ବର୍ଗଫୁଟ), ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ତବିର ଖାନ୍, ଦକ୍ଷିଣ- ଗ୍ରାମ ରାସ୍ତା, ପୂର୍ବ- ରାସ୍ତା, ପଶ୍ଚିମ- କାଲିମ୍ ଖାନ୍। | ଟ.୬,୬୬,୦୦୦/- / ଟ.୬୬,୬୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 600101980050000 IFSC Code: UBIN0560014 |
| ୨. | **ଜଗତସିଂହପୁର ଶାଖା, ମୋ.: ୯୪୩୯୭୯୯୬୮୬** ଋଣଗ୍ରହୀତା: ଶ୍ରୀ କ୍ଷିରୋଦ ସେଠୀ, (ମେସର୍ସ ସ୍ୱସ୍ତିକ ର ସତ୍ତ୍ୱାଧିକାରୀ), ଜାମିନ୍‌ଦାର: ଶ୍ରୀମତୀ ପୁଷ୍ପଲତା ସେଠୀ, ଉଭୟଙ୍କ ଠିକଣା: ସା- ବଗସାହି, ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୦୩ ।/ବକେୟା ରାଶି:ତା.୩୦.୦୬.୨୦୨୨ରିଖ ସୁଦ୍ଧା ଟ.୬,୭୫,୩୫୩.୫୬ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ । | ଶ୍ରୀ କ୍ଷିରୋଦ କୁମାର ସେଠୀ, ପିତା: ୰କୃଷ୍ଣ ସେଠିଙ୍କ ନାମରେ ଥିବା ଜମି ଯାହାର ପ୍ଲଟ ନଂ.୮୭/୪୯୩୧, ୮୮/୪୯୩୨, ଖାତା ନଂ.୨୭୫/୧୮, ମୌଜା: ମୁକୁନ୍ଦପୁର, ତହସିଲି/ଥାନା: ଜଗତସିଂହପୁର (ନଂ.୨୫୨), ଜିଲ୍ଲା: ଜଗତସିଂହପୁର, ଓଡ଼ିଶା-୭୫୪୧୦୩, ସମୁଦାୟ ଜମି ଏରିଆ: ଏ୦.୩୯୭୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ସୁବର୍ଣ୍ଣବରାହି ଠାକୁରାଣୀ, ଦକ୍ଷିଣ- ରାସ୍ତା, ପୂର୍ବ- ଠାକୁରାଣୀଙ୍କ ରାସ୍ତା, ପଶ୍ଚିମ- ରାସ୍ତା । | ଟ.୧,୨୦,୦୮,୦୦୦/- / ଟ.୧୨,୦୦,୮୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 600101980050000 IFSC Code: UBIN0560014 |
| ୩. | **ସିଡିଏ ବିଡାନାସୀ ଶାଖା, ମୋ.:୮୦୦୦୦୯୦୩୩୦** ଋଣଗ୍ରହୀତାମାନେ:(୧)ଶ୍ରୀ ପ୍ରଶାନ୍ତ କୁମାର ଦାସ, ପିତା: ୰ଭୋଳାନାଥ ଦାସ, (୨)ଶ୍ରୀ ତୁଷାର ରଞ୍ଜନ ଦାସ, ପିତା: ଶ୍ରୀ ପ୍ରଶାନ୍ତ କୁମାର ଦାସ, ଜାମିନ୍‌ଦାର: ଶ୍ରୀମତୀ ମିରା ଦାସ, ସ୍ୱା:ଶ୍ରୀ ପ୍ରଶାନ୍ତ କୁମାର ଦାସ, ସମସ୍ତଙ୍କ ଠିକଣା: ସବଳପୁର, ବେଣ୍ଟକାର, କଟକ,ଓଡ଼ିଶା-୭୫୪୧୧୨ । /ବକେୟା ରାଶି:ତା.୩୦.୦୬.୨୦୨୨ରିଖ ସୁଦ୍ଧା ଟ.୧୯,୬୬,୬୫୪.୦୮ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ । | ଶ୍ରୀମତୀ ମିରା ଦାସ, ସ୍ୱା:ଶ୍ରୀ ପ୍ରଶାନ୍ତ କୁମାର ଦାସଙ୍କ (ସା-ସବଳପୁର, ପୋ.-ବେଣ୍ଟକାର, ଥାନା-କଟକ ସଦର, ଜିଲ୍ଲା-କଟକ) ନାମରେ ଥିବା ଜମି ଏବଂ ବାସପୋଯୋଗୀ ଗୃହ ଯାହାର ଖାତା ନଂ.୨୨୩/୩୭, ପ୍ଲଟ ନଂ.୬୧୭( ଏରିଆ: ଏ୦.୦୮୦ ଡିସିମିଲି) ଏବଂ ପ୍ଲଟ ନଂ.୬୧୮ (ଏରିଆ:ଏ୦.୧୮୦ ଡିସିମିଲି), ସମୁଦାୟ ଏରିଆ: ଏ୦.୨୬୦ ଡିସିମିଲି, ମୌଜା: ସବଳପୁର, ତହସିଲି: କଟକ-୭୫୪୧୧୨, ନଂ.୩୨୩, ଥାନା: କଟକ, ସଦର ନଂ.-୧୧୭, କିସମ: ଘରବାରୀ-୧, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୬୧୯, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୬୧୬ ଏବଂ ୬୨୧ । | ଟ.୬୧,୭୯,୦୦୦/- / ଟ.୬,୧୭,୯୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 588601980050000 IFSC Code: UBIN0558869 |
| ୪. | **ଅନୁଗୁଳ ଇ-ସିବି ଶାଖା, ମୋ.:୯୯୩୮୦୦୩୩୬୮** ଋଣଗ୍ରହୀତା: ମେସର୍ସ ଆରପି ଆସୋସିଏଟ୍‌ସ, ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଣୟ କୁମାର ମହାନ୍ତି, ମାର୍ଫତ: ଶାନ୍ତିଲତା ମିଶ୍ର, ନିଗମାନନ୍ଦ ଲେନ୍, ସିମିଳାପଡା, ଅନୁଗୁଳ, ପିନ୍-୭୫୯୧୨୨, ଜାମିନ୍‌ଦାର: ଶ୍ରୀ ବାସୁଦେବ ସାହୁ, ପିତା: ରାମଚନ୍ଦ୍ର ସାହୁ, ମାର୍ଫତ: ବ୍ରଜମୋହନ ପ୍ରଧାନ, ୬ନଂ ଲେନ୍, ଅମଳାପଡା, ଅନୁଗୁଳ, ପିନ୍-୭୫୯୧୨୨ /ବକେୟା ରାଶି:ତା.୩୦.୦୬.୨୦୨୨ରିଖ ସୁଦ୍ଧା ଟ.୧୮,୯୭,୩୯୪.୭୫ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ । | ଶ୍ରୀ ପ୍ରଣୟ କୁମାର ମହାନ୍ତି, ପିତା: ଶ୍ରୀ ଅଭୟ କୁମାର ମହାନ୍ତିଙ୍କ ନାମରେ ଥିବା ଜମି ଯାହାର ପ୍ଲଟ ନଂ.୧୦୭୮/୧୮୮୧/୩୦୯୬/୩୬୮୫, ଖାତା ନଂ.୫୪୨/୧୪୪୯, ମୌଜା: ରାଣିଗୋଡା ଜଙ୍ଗଲ, ତହସିଲି: ବନରପାଳ, ଥାନା: ଅନୁଗୁଳ ନଂ.୬୬, ଜିଲ୍ଲା: ଅନୁଗୁଳ, ଆଦର୍ଶ ନଗର, ବାଲିଆପଡା, ବାଲିଆପଡା ପୋଖରି ନିକଟ, ପୋ.: ରାଣିଗୋଡା, ଥାନା/ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୩, ଏରିଆ: ଏ୦.୦୬୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୮୮୨, ଦକ୍ଷିଣ- ସରକାରୀ ରାସ୍ତା, ପୂର୍ବ- ଦିନବନ୍ଧୁ ଜେନା, ପଶ୍ଚିମ- ଶ୍ରୀ ବାସୁଦେବ ସାହୁ। | ଟ.୪,୬୦,୦୦୦/- / ଟ.୪୬,୦୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 143321980050000 IFSC Code: UBIN0914339 |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୯.୦୮.୨୦୨୨ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ
ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୮.୨୦୨୨ରିଖ, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୯.୦୮.୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ପୂର୍ବରୁ
ସମ୍ପତ୍ତି ଉପରେ ଏନକମ୍ବ୍ରାନ୍‌ସେସ୍ ଯଦି ଥାଏ : ନାହିଁ
ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ: **https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in** ଦେଖନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: **ଶ୍ରୀ ଋଷିକାନ୍ତ ପ୍ରସାଦ, ମୋ.: ୯୭୬୯୯୮୭୨୦୮**
ଏହି ବିକ୍ରୟ ନୋଟିସ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍୮(୬)/୯(୧)ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ୮(୬)/ରୁଲ୍୯(୧)ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପର ଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୨୨.୦୭.୨୦୨୨ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନୁହେଁ କେହି, ପିଢ଼ାରେ କୁଆ ବସେଇ ଦେଉନାହିଁ।**
କିଛି ବ୍ୟକ୍ତି ଉପରେ ପଡ଼ି ନିଜର ପଣିଆ ଦେଖେଇ ହୁଅନ୍ତି। ଅନ୍ୟ ଘରେ ଜୋର କରି ନିଜର ମୁରବୀ ପଣିଆ ଜାହିର କରିବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। ଅସ୍ତିତ୍ୱ ନ ଥାଇ ସ୍ଥିତି ଜାହିର କରିବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ; ପର ଘରେ ଲୋଡ଼େ ତିନି ତିଅଣ।**
ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭାପାଇ ନ ଥାଏ। ଦିନକୁ ଦି' ଓଳି ଦି' ମୁଠା ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ପରଘରେ ନାନା ରକମର ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ନିହାତି ହାସ୍ୟାସ୍ପଦ ମନେ ହୋଇଥାଏ। ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ପକ୍ଷପାତୀ ରାଜନୀତିରୁ ...

ଦେଖିବାକୁ ମିଳିଥାଏ। କିନ୍ତୁ ରାଷ୍ଟ୍ରର ହିତ ଦୃଷ୍ଟିରୁ ସମସ୍ତ ଏମ୍‌ପି କାର୍ଯ୍ୟ କରିବା ଉଚିତ। ବିଭିନ୍ନ ପ୍ରସଙ୍ଗରେ ଦେଶରେ ହିଂସ୍ର ବିକ୍ଷୋଭ ଦେଖାଦେଉଥିବାବେଳେ ସେଗୁଡ଼ିକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ଅଚଳାବସ୍ଥା ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ ରାମନାଥଙ୍କ ଉକ୍ତ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରେ। ବିଦାୟୀ ରାଷ୍ଟ୍ରପତିଙ୍କ ମନ୍ତବ୍ୟକୁ ସେଣ୍ଟ୍ରାଲ ହଲ୍‌ରେ ଉପସ୍ଥିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ମନ୍ତ୍ରୀଗଣ ଏବଂ ଏମ୍‌ପିମାନେ ସ୍ୱାଗତ କରିଛନ୍ତି। ବିଦାୟୀ ରାଷ୍ଟ୍ରପତି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଉପରାଷ୍ଟ୍ରପତି ନାଇଡୁ ଶନିବାର ରାତିରେ ନୈଶଭୋଜିରେ ଆପ୍ୟାୟିତ କରିଛନ୍ତି। ଉପରାଷ୍ଟ୍ରପତି ନିବାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଇଡୁ କୋବିନ୍ଦଙ୍କ ବିଗତ ୫ ବର୍ଷର ସ୍ମୃତିକୁ ମନେପକାଇ କହିଥିଲେ, ରାଷ୍ଟ୍ର ନିର୍ମାଣରେ ତାଙ୍କ ସହ କାର୍ଯ୍ୟ କରିବା ଏକ ନିଆରା ସୁଯୋଗ ଥିଲା।

# ଏସ୍ଏଚ୍‌ଜି ଗ୍ରୁପ୍‌ଙ୍କୁ ମହୁ ମିଶନରେ ଅନ୍ତର୍ଭୁକ୍ତ କରାଉଛି କେଭିଆଇସି



**ଭୁବନେଶ୍ୱର,୨୩।୭**

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି)ର ମହୁ ମିଶନ କାର୍ଯ୍ୟକ୍ରମ ଜରିଆରେ ଶନିବାର ଖୋର୍ଦ୍ଧା ଜିଲା, ଧଉଳି ଗ୍ରାମପଞ୍ଚାୟତର ନାଖୁର ଗାଁର ପାଳକ ଏସ୍ଏଚ୍‌ଜିର ୧୦ ଜଣ ସଦସ୍ୟଙ୍କୁ ମହୁମାଛି କଲୋନୀ, ଲୁହା ଷ୍ଟାଣ୍ଡ ଏବଂ ୧୦ଟି ସେଟ୍ ଟୁଲ୍‌କିଟ୍ ସହ ୧୦୦ ମହୁମାଛି ବାକ୍ସ ବଣ୍ଟନ କରାଯାଇଛି। ଏହା ପୂର୍ବରୁ କେଭିଆଇସି ଚଳିତ ବର୍ଷ ଜୁଲାଇ ୧୩ରୁ ୧୭ ମଧ୍ୟରେ ହିତାଧିକାରୀଙ୍କୁ ମହୁମାଛି ପାଳନର ତାଲିମ ପ୍ରଦାନ କରିଥିଲା। ସେହିଭଳି ସିଏସ୍ଆଇଆର୍-ଏନ୍‌ବିଆର୍‌ଆଇ ମଧ୍ୟ ସିଏସ୍ଆଇଆର୍ ଫୁଲଚାଷ ମିଶନ ଅଧୀନରେ ହିତାଧିକାରୀଙ୍କୁ ୨୦୦୦ କର୍ମସ ଟ୍ୟୁବ୍‌ରୋଜ୍ ବଣ୍ଟନ କରିଛି। ଏହି ଅବସରରେ କେଭିଆଇସିର ରାଜ୍ୟ ନିର୍ଦ୍ଦେଶକ ସମୀର କୁମାର ମହାନ୍ତି, କେଭିଆଇସିର ସହ ନିର୍ଦ୍ଦେଶକ ବି.ଏନ୍.ପଣ୍ଡା, ସହକାରୀ କେଭିଆଇସି ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ପ୍ରଧାନ ବୈଜ୍ଞାନିକ ଡ. ଚନ୍ଦ୍ରଶେଖର ମହାନ୍ତି ଏବଂ ଲକ୍ଷ୍ନୌର ସିଏସ୍ଆଇଆର୍-ଏନ୍‌ବିଆର୍‌ଆଇର ପ୍ରଧାନ ବୈଜ୍ଞାନିକ ଡ. ସୁମିତ କୁମାର ବେହେରା ଏବଂ ଖୋର୍ଦ୍ଧା ଓର୍‌ମାସର ଡେପୁଟି ସିଇଓ ଗୁରୁଚି ବେହେରା ଓ ମହୁମାଛି ପ୍ରଶିକ୍ଷକ କୃତି ସୁନ୍ଦର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗତ ସପ୍ତାହରେ ଢେଙ୍କାନାଳ ଜିଲାର ହରେକୃଷ୍ଣପୁର ଗାଁର ମା' ଜେନାଦେଈ ଏସ୍ଏଚ୍‌ଜିକୁ ମଧ୍ୟ ଉପରୋକ୍ତ ସୁବିଧା ପ୍ରଦାନ କରାଯାଇଥିଲା।

ଏ ସମ୍ପର୍କରେ ସମୀର କହିଛନ୍ତି, ଖୁବ୍‌ଶୀଘ୍ର କେଭିଆଇସି ଏବଂ ସିଏସ୍ଆଇଆର୍ ଜରିଆରେ ଜଗତ୍‌ସିଂହପୁରର ୨ଟି ଏସ୍ଏଚ୍‌ଜି ସମେତ କଟକ ଓ କେନ୍ଦୁଝର ଜିଲାର ପ୍ରତି ଏସ୍ଏଚ୍‌ଜିକୁ ଉପରୋକ୍ତ ସୁବିଧା ପ୍ରଦାନ କରାଯିବ। ସେହିଭଳି ଡ.ଚନ୍ଦ୍ରଶେଖର କହିଛନ୍ତି, ଗ୍ରାମବାସୀ ପନିପରିବା ଅମଳ ବୃଦ୍ଧି ପାଇଁ ହର୍‌ମୋନ୍ ବ୍ୟବହାର କରିବା ଉଚିତ ନୁହେଁ, କାରଣ ମହୁମାଛି ସେମାନଙ୍କ ଫସଲର ପ୍ରାକୃତିକ ପ୍ରକ୍ରିୟାରେ ସହାୟକ ହେବ ଏବଂ ସନ୍ଧ୍ୟାରେ ମହୁମାଛି ନିଜ ଘରକୁ ଫେରି ଆସିଥାନ୍ତି।

କେଭିଆଇସିର ହନି ମିଶନ ପ୍ରୋଗ୍ରାମରେ ସିଏସ୍ଆଇଆର୍ ଫ୍ଲୋରିକଲଚର ମିଶନ ସହ ଏକ ସମ୍ମିଶ୍ରଣ ରହିଛି। ସେଥିରେ ଏନ୍‌ବିଆର୍‌ଆଇ ତାଲିମ ଫି ଏବଂ କେଭିଆଇସିର ହନି ମିଶନ ପ୍ରୋଗ୍ରାମ ଅଧୀନରେ ହିତାଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ନିଜସ୍ୱ ଅବଦାନ ପ୍ରଦାନ କରୁଛି। ଏନ୍‌ବିଆର୍‌ଆଇ କୃଷକମାନଙ୍କୁ ମାଗଣାରେ ଟ୍ୟୁବ୍‌ରୋଜ୍, ମାରିଗୋଲ୍ଡ, ଗୋଲାପ, ଜସ୍ମିନ୍ ଇତ୍ୟାଦି ଫୁଲଚାରା ମଧ୍ୟ ଯୋଗାଇବ ଏବଂ ରାଜ୍ୟରେ ବିଭିନ୍ନ ଫୁଲର କ୍ଲଷ୍ଟର ବିକାଶରେ ସାହାଯ୍ୟ କରିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ପ୍ରତି ଶନିବାର ଇ-ବର୍ଜ୍ୟ ସଂଗ୍ରହ କରିବେ ସଫେଇ କର୍ମୀ

ଭୁବନେଶ୍ୱର, ୨୩।୭(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଇ-ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରାଯାଇଛି। ଏଣିକି ସପ୍ତାହର ପ୍ରତି ଶନିବାର ବିଏମ୍‌ସିର ସଫେଇ କର୍ମୀମାନେ ଘରକୁ ଘର ବୁଲି ଇ-ବର୍ଜ୍ୟ ତଥା ଘରୋଇ ସଙ୍କଟାପନ୍ନ ସାମଗ୍ରୀ ଯଥା ଟ୍ୟୁବ୍ ଲାଇଟ୍, ଇଲେକ୍ଟ୍ରିକ୍ ବଲ୍, ଭଙ୍ଗା ପୁରୁଣା ଲ୍ୟାଣ୍ଡଫୋନ, ତାର, କମ୍ପ୍ୟୁଟର, ମୋବାଇଲ ଫୋନ ଆଦିର ବିଭିନ୍ନ ଅଂଶ, ଟ୍ରିମର ଖେଳନା ଆଦିକୁ ସଂଗ୍ରହ କରିବେ। ପ୍ରତିଦିନ ଓଦା ଓ ଶୁଖିଲା ଆବର୍ଜନା ସଂଗ୍ରହ କରୁଥିବା ସଫେଇ କର୍ମଚାରୀମାନେ ଏହି ଇ-ବର୍ଜ୍ୟ ସଂଗ୍ରହ କରିବେ। ବୈଦ୍ୟୁତିକ ଏବଂ କାଚ ସାମଗ୍ରୀ ଖରାପ ହୋଇଯିବା ପରେ ସାଧାରଣତଃ ଲୋକେ ଏହାକୁ ଘର ବାହାରେ ତଥା ନାଳ ନର୍ଦ୍ଦମାରେ ଫୋପାଡ଼ି ଦେଇଥାନ୍ତି। ବିଶେଷକରି ପ୍ଲାଷ୍ଟିକ ନିର୍ମିତ ସାମଗ୍ରୀ ଥିବାରୁ ଏହାର ବିଘଟନ ନ ହୋଇ ଡ୍ରେନ୍‌ରେ ଜମା ହେଉଛି ଏବଂ ପରିବେଶକୁ ପ୍ରଦୂଷଣ କରୁଛି। ତେଣୁ ଲୋକଙ୍କୁ ସଚେତନ କରିବା ସହିତ ଏହି ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ପ୍ରତି ୱାର୍ଡର ଲୋକଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରାଯାଉଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି।

### ସଂସ୍କୃତି, ଐତିହ୍ୟକୁ ନେଇ ଲେଖୁଥିଲେ ସୁରେନ୍ଦ୍ର ମହାନ୍ତି

ଭୁବନେଶ୍ୱର, ୨୩।୭ (ବ୍ୟୁରୋ): ପ୍ରସିଦ୍ଧ କଥାକାର ସୁରେନ୍ଦ୍ର ମହାନ୍ତି ଥିଲେ ଭାରତୀୟ କଥା ପରମ୍ପରାର ଉପଯୁକ୍ତ ଅଧିକାରୀ। ତାଙ୍କ ଗଳ୍ପର ପୃଷ୍ଠଭୂମି ଭାରତୀୟ ସଂସ୍କୃତି ଓ ଐତିହ୍ୟ ଉପରେ ପର୍ଯ୍ୟବସିତ ଥିଲା ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶନିବାର ଗୀତଗୋବିନ୍ଦ ସଦନରେ କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ କବି ହରପ୍ରସାଦ ଦାସ ଉଦଘାଟନ କରି ଏହା କହିଛନ୍ତି। ଅନ୍ୟତମ ଅତିଥି ଭାବେ ମୁମ୍ବାଇର ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ ସୁରେନ୍ଦ୍ର ମହାନ୍ତି ସାହିତ୍ୟ, ରାଜନୀତି ଓ ସାମ୍ବାଦିକତାର ଜଣେ ପ୍ରଖ୍ୟାତ ବ୍ୟକ୍ତି ଥିଲେ ବୋଲି କହିଥିଲେ। ପ୍ରସ୍ତକାର ଡ. ଗୌରହରି ଦାସ କହିଛନ୍ତି, ଶ୍ରୀଜଗନ୍ନାଥ ଏବଂ ବୌଦ୍ଧ ସଂସ୍କୃତିର ବିକଶିତ ରୂପକୁ ଗଳ୍ପ ଓ ଉପନ୍ୟାସରେ ସ୍ଥାନିତ କରି ସୁରେନ୍ଦ୍ର ସ୍ମରଣୀୟ ହୋଇଛନ୍ତି। ଉତ୍ସବରେ ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରି ସୁରେନ୍ଦ୍ର ମହାନ୍ତିଙ୍କୁ ସମ୍ଭ୍ରାନ୍ତ ସାରସ୍ୱତ ପ୍ରତିଭା ବୋଲି କହିଥିଲେ। ସାହିତ୍ୟ ଏକାଡେମୀର ସଚିବ ଡ. କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଓ ଯୁବ ଲେଖକ କ୍ଷେତ୍ରବାସୀ ନାଏକ ସୂଚନା ଦେଇଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଗବେଷକ ଅସିତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନରେ ସୁବାସ ଶତପଥୀ ଓ ଡ. ପ୍ରକାଶ କୁମାର ପରିଡ଼ା ବକ୍ତବ୍ୟ ରଖିଥିଲା ବେଳେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପ୍ରଫେସର ବିଷ୍ଣୁପ୍ରିୟା ଓତା ଧନ୍ୟବାଦ ଦେଇଥିଲେ। ସେହିପରି ଡ. ଗିରୀଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଶ୍ୱେତା ମହାନ୍ତି ଏବଂ ଡ. ବାସନ୍ତି ମହାନ୍ତି ପ୍ରବନ୍ଧ ପାଠ କରିଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଡ. ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆରମ୍ଭ ହେଲା 'ମୋ ୱାର୍ଡ' ଅଭିଯାନ

ଭୁବନେଶ୍ୱର, ୨୩।୭ (ବ୍ୟୁରୋ)

## 'ମିଶନ ଜିରୋ ଜିପିଏସ୍'କୁ ଗୁରୁତ୍ୱ

ସହରକୁ ସୁନ୍ଦର କରିବା ସହ ସହରବାସୀଙ୍କୁ ସ୍ୱାସ୍ଥ୍ୟକର ପରିବେଶ ଯୋଗାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ 'ମୋ ୱାର୍ଡ' ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ଲୋକଙ୍କୁ ଏହି ଅଭିଯାନରେ ସାମିଲ କରିବା ନିମନ୍ତେ 'ମୋ ଭୁବନେଶ୍ୱର, ସ୍ୱଚ୍ଛ ଭୁବନେଶ୍ୱର' ଆଧାରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅଭିଯାନ କ୍ରମରେ ଗୋଟିଏ ପରେ ଗୋଟିଏ ୱାର୍ଡରେ 'ମୋ ୱାର୍ଡ' ବୈଠକ ଅନୁଷ୍ଠିତ ହେବ। ଶନିବାର ୱାର୍ଡ ନଂ. ୧୫ରେ ପରୀକ୍ଷାମୂଳକ ଭାବେ ବୈଠକ କରାଯାଇଥିଲା। ଏଥିରେ ସ୍ଥାନୀୟ କର୍ପୋରେଟର ପିଙ୍କି ସ୍ୱାଇଁ, ଜୋନାଲ କମ୍ୟୁନିଟି ଅର୍ଗାନାଇଜର ପ୍ରତାପ ପଟ୍ଟନାୟକଙ୍କ ସମେତ ସାନିଟାରୀ ଇନ୍ସପେକ୍ଟର ଏବଂ ୱାର୍ଡ ଅଫିସର ପ୍ରମୁଖ ଉପସ୍ଥିତ ଥିଲେ। 'ମୋ ୱାର୍ଡ' ଅଭିଯାନ ନେଇ ବିଏମ୍‌ସି ପକ୍ଷରୁ ଶନିବାର ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିରେ 'ମିଶନ ଜିରୋ ଜିପିଏସ୍'କୁ ଗୁରୁତ୍ୱ ଦିଆଯାଇଛି। ସର୍ବସାଧାରଣ ସ୍ଥାନ ବିଶେଷକରି ରାସ୍ତା ଉପରେ ଜିପିଏସ୍ (ଗ୍ରାସ୍-ପ୍ଲାଷ୍ଟିକ-ସଏଲ) ଅର୍ଥାତ ଘାସ, ପ୍ଲାଷ୍ଟିକ ଓ ମାଟି ଯେପରି ଦୃଶ୍ୟମାନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ମିଶନକୁ ସଫଳ କରିବା ପାଇଁ ସହରରୁ ଅନାବନା ଘାସ ସଫେଇ, ପ୍ଲାଷ୍ଟିକ ବ୍ୟବହାର କମ୍ କରିବା ସହ ପ୍ଲାଷ୍ଟିକ ଆବର୍ଜନା ଏଣେତେଣେ ନ ପକାଇବା ଏବଂ ବର୍ଷାରେ ବୋହି ଆସୁଥିବା ମାଟି କାଦୁଅ ଆଦି ଯେପରି ରାସ୍ତାରେ ନ ଜମେ, ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ପାଇଁ କୁହାଯାଇଛି। ସେହିପରି 'ମୋ ୱାର୍ଡ' ବୈଠକ ସମାପ୍ତ ପରେ ସମ୍ପୃକ୍ତ ୱାର୍ଡ ପରିକ୍ରମା କରି ଉପରୋକ୍ତ ବିଷୟ ଅନୁଧ୍ୟାନ କରିବା ପାଇଁ ମାର୍ଗଦର୍ଶିକାରେ ସୂଚନା ଦିଆଯାଇଛି। ଏଥିସହ ବୈଠକରେ ସ୍ଥାନୀୟ ଅଞ୍ଚଳର ପରିମଳ ବ୍ୟବସ୍ଥା, ଆଲୋକୀକରଣ, ଚାରା ରୋପଣ, ପାନୀୟ ଜଳ ଆଦି ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା ପୂର୍ବକ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୱାର୍ଡରେ ଆବଶ୍ୟକ ହେଉଥିବା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ୱାର୍ଡବାସୀ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଜଣାଇପାରିବେ। ଏହି ଯୋଜନାର ସଫଳ ରୂପାୟନ ପାଇଁ ବିଏମ୍‌ସି ସହରବାସୀଙ୍କ ସହଯୋଗ କାମନା କରାଯାଇଛି।

# କାର୍‌କୁ ପିଟିଲା କାର୍, ୭ ଆହତ


ଦୁର୍ଘଟଣାଗ୍ରସ୍ତ ଦୁଇ କାର୍।

ଭୁବନେଶ୍ୱର,୨୩।୭ (ବ୍ୟୁରୋ)

## ରସୁଲଗଡ଼ ଛକରେ ଦୁର୍ଘଟଣା

ଶହୀଦନଗର ଥାନା ଅନ୍ତର୍ଗତ ରସୁଲଗଡ଼ ଛକରେ ଶନିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ କାର୍ ଅନ୍ୟ ଏକ କାର୍‌କୁ ଧକ୍କା ଦେବାରୁ ୭ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ଜଣ ଗୁରୁତର ଅଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ଜଣଙ୍କୁ ହାଇଟେକ୍ ମେଡିକାଲ ଏବଂ ଅନ୍ୟ ୩ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଏଥିସହ ଉଭୟ ଗାଡ଼ିକୁ ଜବତ କରି ଥାନାକୁ ନେଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଆହତଙ୍କ ପରିଚୟ ଜଣାପଡ଼ି ନାହିଁ।

ମିଳିଥିବା ସୂଚନାନୁଯାୟୀ ଶନିବାର ରାତି ପ୍ରାୟ ୧୨ଟାରେ ରସୁଲଗଡ଼ ଛକ ନିକଟରେ କଟକରୁ ଭୁବନେଶ୍ୱର ବରମୁଣ୍ଡା ଅଭିମୁଖେ ଆସୁଥିବା ବାଲେନୋ କାର୍(ଓଡି୦୨-ଏଆର୍-୪୫୧୧)କୁ କଳ୍ପନା ପଟୁ ଦ୍ରୁତ ଗତିରେ ଆସୁଥିବା ଓଆର୍୦୭-ଏବି-୦୦୨୨ ନମ୍ବର ବିଶିଷ୍ଟ କାର୍ ଧକ୍କା ଦେଇଥିଲା। ଧକ୍କାର ମାତ୍ରା ଏତେ ଜୋର୍ ଥିଲା ଯେ, ଧକ୍କା ଦେଇଥିବା କାର୍‌ର ବେଲୁନ୍ ବାହାରି ଆସିଥିଲା। କଟକରୁ ଆସୁଥିବା କାର୍‌ରେ ୪ଜଣ ମହିଳାଙ୍କ ସମେତ ଜଣେ ପୁରୁଷ ଡ୍ରାଇଭର ଥିବାବେଳେ ଅନ୍ୟ କାର୍‌ରେ ୨ଜଣ ଯୁବକ ଥିଲେ। ପାଲିସ ଘଟଣାର ତଦନ୍ତ ଜାରି ରଖିବା ସହ ସମସ୍ତ ଆହତଙ୍କ ପରିଚୟ ଜାଣିବା ଲାଗି ଉଦ୍ୟମ ଚଳାଇଛି ।

# ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର


ଉତ୍କଳ ସାହିତ୍ୟ ସମାଜର ସମାବର୍ତ୍ତନ ଉତ୍ସବରେ ଡ. ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର ପ୍ରଦାନ କରାଯାଉଛି।

କଟକ ଅଫିସ, ୨୩।୭

## ଉତ୍କଳ ସାହିତ୍ୟ ସମାଜର ସମାବର୍ତ୍ତନ ଉତ୍ସବ ଉଦ୍‌ଘାଟିତ

ଉତ୍କଳ ସାହିତ୍ୟ ସମାଜର ୧୨୦ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ 'ଭାରତୀୟତା ଓ ଭାରତୀୟ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟର ପୂର୍ବତନ ବିଚାରପତି ଅରୁଣ ପରିଚ୍ଛା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସାହିତ୍ୟ ଭାରତୀୟ ସମାଜରେ ପରିଲକ୍ଷିତ ବୈଚିତ୍ର୍ୟକୁ ପରିପ୍ରକାଶ କରିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାରତୀୟ। ସ୍ରଷ୍ଟାମାନେ ଭାରତୀୟ ଚେତନାକୁ ସେମାନଙ୍କ ସୃଷ୍ଟିରେ ଲିପିବଦ୍ଧ କରିବା ଆବଶ୍ୟକ ବୋଲି ପରିଚ୍ଛା କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ କହିଥିଲେ, ବୈଦିକସୂକ୍ତଠାରୁ ଅତ୍ୟାଧୁନିକ ସାହିତ୍ୟ ପର୍ଯ୍ୟନ୍ତ ପ୍ରତିଟି ସାହିତ୍ୟରେ ଭାରତୀୟ ଦର୍ଶନ ଓ ଭାରତୀୟ ଚେତନାର ସ୍ଫୁରଣ ଘଟିଛି। ଏଥିରେ ସମ୍ମାନିତ ଅତିଥି ଭାବେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗ ଦେଇଥିଲେ। ଯୁବ ଗବେଷକ ଡ. ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ 'ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର-୨୦୨୨' ପ୍ରଦାନ କରାଯାଇଥିଲା। ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ଉପସଭାପତି ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ, ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଜୀବନାନନ୍ଦ ଅଧିକାରୀ ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ଶିବାଶିଷ କର ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନରେ ଶନିବାର ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ରାଜଧାନୀ ଶାଖାର ୧୮ଶ ତମ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

# ସରକାରୀ କଳ, ସାମାଜିକ ବ୍ୟବସ୍ଥାରୁ କ୍ଷମତା ସୃଷ୍ଟି ହୁଏ

ଭୁବନେଶ୍ୱର,୨୩।୭(ବ୍ୟୁରୋ)

ସମାଜ ଯେତେବେଳେ ସରକାରଙ୍କ ଉପରେ ନିୟନ୍ତ୍ରଣ ହରାଏ ସେତେବେଳେ ଏକଚ୍ଛତ୍ରବାଦ ହୋଇଯାଏ। ସରକାରୀ କଳ ଓ ସାମାଜିକ ବ୍ୟବସ୍ଥାରୁ କ୍ଷମତା ସୃଷ୍ଟି ହୋଇଥାଏ। ଯେଉଁଠି ଜୀବନ ଅଛି, ସେଇଠି କ୍ଷମତା ରହିଛି ଏବଂ ଯେଉଁଠି କ୍ଷମତା ରହିଛି ସେଠାରେ ଅପବ୍ୟବହାର ହେଉଛି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ପକ୍ଷରୁ ଶନିବାର 'କ୍ଷମତା ଅପବ୍ୟବହାରକୁ ରୋକିବା: ପସନ୍ଦ ଲୋକନୀତି' ଶୀର୍ଷକ ବକ୍ତୃତାମାଳାରେ ମୁଖ୍ୟ ଅତିଥି ଭାବେ ରେଳପଥ ଓ ତଟ ସୁରକ୍ଷାର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଏବଂ ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡର ଅଧ୍ୟକ୍ଷ ଡ. ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ଏହା କହିଛନ୍ତି। ବ୍ୟବସ୍ଥା ସୁଧୁରିବା ସହ ଲୋକେ ସଚେତନ ହେବା ନିତାନ୍ତ ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଡ. ଷଡ଼ଙ୍ଗୀ କହିଛନ୍ତି କ୍ଷମତାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ହେଲେ ଉପଯୁକ୍ତ ବ୍ୟକ୍ତିଙ୍କୁ ମନୋନୀତ କରାଯିବା ଆବଶ୍ୟକ। କିନ୍ତୁ ବର୍ତ୍ତମାନ ସମାଜରେ ଏହା ଦେଖାଯାଉଛି ଯେ, ବହୁ ଉଚ୍ଚ ଶିକ୍ଷିତ ଯୋଗ୍ୟ ବ୍ୟକ୍ତି କ୍ଷମତା ଆହରଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ କ୍ଷମତା ଅନୁପଯୁକ୍ତ ବ୍ୟକ୍ତିଙ୍କ ହାତକୁ ଚାଲିଯାଉଛି। ତେଣୁ କ୍ଷମତାର ଠିକ ବ୍ୟବହାର ଓ କାର୍ଯ୍ୟକାରୀ ପାଇଁ ଉପଯୁକ୍ତ ବ୍ୟକ୍ତି ମନୋନୀତ ପାଇଁ ସାମାଜିକ ସଚେତନତା ସୃଷ୍ଟି କରାଯିବା ଉଚିତ। ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମାଳୟା ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହଯୋଗୀ ପ୍ରଫେସର ପ୍ରତିମା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ 'ପବ୍ଲିକ ପଲିସି' ଅତିରିକ୍ତ ପାଠ୍ୟକ୍ରମରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସହକାରୀ ପ୍ରଫେସର ହେମନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏମ୍‌ବିଏସ୍ ପବ୍ଲିକ ସ୍କୁଲର ଶତପ୍ରତିଶତ ସଫଳତା

ଭୁବନେଶ୍ୱର, ୨୩।୭ (ବ୍ୟୁରୋ)

ଚଳିତ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଭୁବନେଶ୍ୱର ଏମ୍‌ବିଏସ୍ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଦଶମରେ ଛାତ୍ରୀ ତ୍ରିଶା ନନ୍ଦ ୯୮% ଏବଂ ଦ୍ୱାଦଶରେ ଛାତ୍ର ଗଗନ ଦାଶ ୯୭.୮% ନମ୍ବର ରଖି ସ୍କୁଲରେ ଟପ୍ପର ହୋଇଛନ୍ତି। ଦଶମରେ ୩୪% ଏବଂ ଦ୍ୱାଦଶରେ ୩୮% ଛାତ୍ରୀଛାତ୍ର ୯୦%ରୁ ଅଧିକ ମାର୍କ ପାଇଛନ୍ତି। ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ଅଧୀନରେ ଥିବା ବୁଦ୍ଧ ମନ୍ଦିର ଦ୍ୱାରା ଏମ୍‌ବିଏସ୍ ପବ୍ଲିକ ସ୍କୁଲ ପରିଚାଳିତ। ବିଦ୍ୟାଳୟର ଏହି ସଫଳତା ପାଇଁ ଅଭିଭାବକ ସଂଘ ସଭାପତି ଦୀପକ କୁମାର ସାହୁ ସ୍କୁଲ ପରିଚାଳନା ସମିତି ସଭାପତି ବେଦବତୀ ମହାନ୍ତି, ସମ୍ପାଦକ ସୌମେନ୍ଦ୍ର ମହାପାତ୍ର ଏବଂ ପ୍ରିନ୍ସିପାଲ ଜଗତକୃଷ୍ଣ ଶିଶୁ ଗୋସ୍ୱାମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସାଂସ୍କୃତିକ ସଂଦ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଶନିବାର ମଞ୍ଚସ୍ଥ ନାଟକ 'ଏମିତିକା ପୁଅଟିଏ'ର ଏକ ଦୃଶ୍ୟ।

# ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଟାଙ୍ଗୀ(ଖୋର୍ଦ୍ଧା),୨୩।୭(ଡି.ଏନ୍.ଏ.)

ବେଙ୍ଗାଲୁରୁର ଏକ କମ୍ପାନୀରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ସୋରଣ ଗ୍ରାମର ଦିଲୀପ ପ୍ରଧାନ। ସୂଚନା ମୁତାବକ, ଦିଲୀପ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ଯୋଗୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ତାଙ୍କ ମୃତଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଦୁଇ ଲୁଟେରା ଗିରଫ: ୨ ବାଇକ୍, ୧୦ ମୋବାଇଲ ଫୋନ୍ ଜବତ

ଭୁବନେଶ୍ୱର,୨୩।୭ (ବ୍ୟୁରୋ)

ରାଜଧାନୀର ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ଶହୀଦନଗର ଥାନା ଅଧୀନ ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ପୁରୀ ଜିଲାର ରାଜା ଓରଫ ସତ୍ୟବ୍ରତ ପ୍ରଧାନ (୨୧)। ତାଙ୍କଠାରୁ ୨ଟି ବାଇକ୍ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୪୩/୨୨) ରୁଜୁ କରି ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁଯାୟୀ, ରାଜା ଉକ୍ତ ବାଇକ୍ ଦୁଇଟିକୁ ଚନ୍ଦ୍ରଶେଖରପୁର ଅଞ୍ଚଳରୁ ଚୋରି କରିଥିବା ତଦନ୍ତ ବେଳେ ଜଣାପଡ଼ିଛି ।

ସେହିପରି ଶହୀଦନଗର ଥାନା ଅଧୀନ ଇନ୍ଦିରା ପାର୍କର ମୁଖ୍ୟ ଫାଟକ ନିକଟରୁ ଶନିବାର ଜଣେ ମୋବାଇଲ୍ ଫୋନ୍ ଲୁଟେରାଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବାଣୀବିହାର ରେଲୱେ ଷ୍ଟେସନ ଅଞ୍ଚଳରେ ରହୁଥିବା କଟକର ରଶ୍ମି ରଞ୍ଜନ ବଳିଆରସିଂ ଓରଫ ଲିପୁ (୨୯)। ତାଙ୍କଠାରୁ ବିଭିନ୍ନ କମ୍ପାନୀର ୧୦ଟି ଦାମୀ ମୋବାଇଲ ଫୋନ ଜବତ କରାଯାଇଛି। ଇନ୍ଦିରା ପାର୍କର ମୁଖ୍ୟ ଫାଟକ ନିକଟରେ ରଶ୍ମି ରଞ୍ଜନ ଚୋରା ମୋବାଇଲ ଫୋନ୍ ବିକ୍ରି କରିବା ଲାଗି ଲୋକଙ୍କୁ ଦେଖାଉଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏନେଇ ପୋଲିସ ଏକ ମାମଲା (ନଂ. ୩୩୫/୨୨) ରୁଜୁ କରି ରଶ୍ମି ରଞ୍ଜନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୧୫ରେ ବିଏମ୍‌ସି ନୂତନ ବିଲ୍ଡିଂ ଉଦ୍‌ଘାଟନ

ଭୁବନେଶ୍ୱର, ୨୩।୭(ବ୍ୟୁରୋ)



## ଚୂଡ଼ାନ୍ତ ପର୍ଯ୍ୟାୟରେ କାମ

- ୭୩ କୋଟି ବ୍ୟୟରେ ନିର୍ମିତ
- ୪.୦୪ ଏକର ଜମିରେ ପରିବ୍ୟାପ୍ତ

ଖୁବ୍‌ଶୀଘ୍ର ବିଏମ୍‌ସିର ନୂତନ ବିଲ୍ଡିଂ ଉଦ୍‌ଘାଟନ ହେବ। ରାଜଧାନୀର ସବୁଠାରୁ ଆକର୍ଷଣୀୟ ସରକାରୀ କୋଠା କୁହାଯାଉଥିବା ଏହି କାର୍ଯ୍ୟାଳୟରେ ଜନସାଧାରଣଙ୍କ ପାଦ ପଡ଼ିବ। ବିଏମ୍‌ସିର ନୂତନ ମୁଖ୍ୟାଳୟ ନିର୍ମାଣ କାର୍ଯ୍ୟ ସରିବା ପରେ ଇଣ୍ଟେରିୟର କାମ ଚାଲିଛି। ତେବେ ଖୁବ୍‌ଶୀଘ୍ର କାମ ସରିବା ସହ ଅଗଷ୍ଟ ୧୫ରେ ଏହି ବିଲ୍ଡିଂର ଉଦ୍‌ଘାଟନ ହେବ ବୋଲି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ସୂଚନା ଦିଆଯାଇଛି। ବିଲ୍ଡିଂକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର ଯୋଜନା ରହିଛି। ମାତ୍ର ଏପର୍ଯ୍ୟନ୍ତ ଏ ନେଇ ବିଏମ୍‌ସି ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅପରପକ୍ଷେ ଏହି ବିଲ୍ଡିଂରେ ନୂତନ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ବସିବା ନିଶ୍ଚିତ ହୋଇଛି। ପୂର୍ବତନ ବିଏମ୍‌ସି କମିଶନର କ୍ରିଷନ କୁମାର ବହୁ ସ୍ଥାନରେ ଜାଗା ଚିହ୍ନଟ କରିବା ପରେ ଏହି ସ୍ଥାନ ଚୂଡ଼ାନ୍ତ ହୋଇଥିଲା। ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିବା ପରେ କାମ ଆରମ୍ଭ ହୋଇଥିଲା। ମାତ୍ର ସେତେବେଳକୁ କ୍ରିଷନ କୁମାରଙ୍କର ବଦଳି ହୋଇଯାଇଥିଲା। ଏହାପରେ ଶୁଭମ୍ ସକ୍ସେନା, ସମର୍ଥ ବର୍ମା ବିଏମ୍‌ସି କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କପରେ ପ୍ରେମଚନ୍ଦ୍ର ଚୌଧାରୀ କମିଶନର ଭାବେ ନିଯୁକ୍ତ ହେଲେ ଏବଂ ତାଙ୍କ ସମୟରେ ନିର୍ମାଣ କାମ ଜୋର୍‌ଦାର ହୋଇଥିଲା। ମାତ୍ର କିଛିଦିନ ପରେ ସଞ୍ଜୟ ସିଂହ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ସମୟରେ ନିର୍ମାଣ କାର୍ଯ୍ୟ ସରିବା ସହିତ ଇଣ୍ଟେରିୟର କାମ ଚାଲିଥିଲା। ଏପରି କି ଖୁବ୍ ଶୀଘ୍ର ବିଲ୍ଡିଂ ଉଦ୍‌ଘାଟନ ହେବ ବୋଲି ସ୍ମାର୍ଟସିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ତେଣୁ ସଞ୍ଜୟ ସିଂହ ବିଏମ୍‌ସି ନୂତନ କାର୍ଯ୍ୟାଳୟରେ ବସିବେ ବୋଲି ଏକ ପ୍ରକାର ସ୍ଥିର ହୋଇଯାଇଥିଲା। ମାତ୍ର ତାଙ୍କୁ ବଦଳି କରାଯାଇ ଗଞ୍ଜାମର ପୂର୍ବତନ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ନୂତନ କମିଶନର ଭାବେ ନିଯୁକ୍ତ କରାଯାଇଛି। ବିଲ୍ଡିଂ ଉଦ୍‌ଘାଟନ ହେବା ପାଇଁ ହାତରେ ଆଉ କିଛି ଦିନ ଥିବାରୁ କୁଲାଙ୍ଗେ ଏଠାରେ ଦାୟିତ୍ୱ ଆରମ୍ଭ କରିବେ ବୋଲି ସ୍ପଷ୍ଟ ହୋଇଯାଇଛି।

ସୂଚନାଯୋଗ୍ୟ, ୨୦୧୯ ଜୁନ୍‌ରେ ସତ୍ୟନଗର ଶ୍ମଶାନ ସମ୍ମୁଖରେ ଏହି ବିଲ୍ଡିଂ ନିର୍ମାଣ ଆରମ୍ଭ ହୋଇଥିଲା। ଦୁଇବର୍ଷ ଅର୍ଥାତ୍ ୨୦୨୧ ଜୁନ୍ ମାସ ବେଳକୁ ଏହା ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର କରୋନା ଏବଂ ଅନ୍ୟାନ୍ୟ କାରଣ ପାଇଁ ଧାର୍ଯ୍ୟ ସମୟରେ ନିର୍ମାଣ କାର୍ଯ୍ୟ ସରି ପାରି ନଥିଲା। ୭୩ କୋଟି ଟଙ୍କାର ବ୍ୟୟ ବରାଦରେ ନିର୍ମାଣ ହୋଇଥିବା ଏହି ବିଲ୍ଡିଂରେ ବିଏମ୍‌ସିର ନୂଆ ମୁଖ୍ୟାଳୟ ସହିତ ଇଣ୍ଟେଲିଜେଣ୍ଟ ସିଟି ଅପରେଶନ୍ସ ଆଣ୍ଡ ମ୍ୟାନେଜମେଣ୍ଟ ସେଣ୍ଟର (ଆଇସିଓଏମ୍‌ସି) ନିର୍ମାଣ ହୋଇଛି। ୧୧ ମହଲା ବିଶିଷ୍ଟ ଏହି ବିଲ୍ଡିଂ ୪.୦୪ ଏକର ପରିମିତ ଜମିରେ ପରିବ୍ୟାପ୍ତ। ଏଠାରେ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଥିବାବେଳେ ଗ୍ରାଉଣ୍ଡ ଫ୍ଲୋର୍‌ରେ ବିଏମ୍‌ସି କାର୍ଯ୍ୟାଳୟ ରହିବ। ସେହିପରି ୪ର୍ଥ ମହଲାରେ ବିଏମ୍‌ସି କମିଶନରଙ୍କ ଚାମ୍ବର୍ ରହିବ ବୋଲି ସୂଚନା ଦିଆଯାଇଛି। ଏଥିସହ କୋଠାକୁ ଆକର୍ଷଣୀୟ କରିବା ପାଇଁ ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କରାଯିବ। ବଡ କନ୍‌ଫରେନ୍ସ ହଲ୍, ପ୍ରତୀକ୍ଷାଳୟ, କ୍ୟାଣ୍ଟିନ୍ ଆଦି ରହିବ। ଆଇସିଓଏମ୍‌ସି କାର୍ଯ୍ୟାଳୟରୁ ସମଗ୍ର ଭୁବନେଶ୍ୱର ଉପରେ ନଜର ରଖାଯାଇପାରିବ ବୋଲି କୁହାଯାଉଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, କଳିଙ୍ଗ ଷ୍ଟାଡିୟମ୍, ସକାଳ ୮ଟା।
- ଜାତୀୟ ଶିକ୍ଷା ଯୋଜନା ସମ୍ମିଳନୀ-୨୦୨୨, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୯ଟା।
- ଶିକ୍ଷା ସମ୍ମିଳନୀ (ଇଦୁ-ମିଟ୍ ୨୦୨୨), କିଟ୍ କ୍ୟାମ୍ପସ, ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଏବଂ ରାୟ ରାମାନନ୍ଦ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ରାୟ ରାମାନନ୍ଦ ସମ୍ମାନ, ଲୋହିଆ ଭବନ, ପୂର୍ବାହ୍ନ ୧୦ଟା।
- ବିଶ୍ୱ ଜଳବୁଡି ନିରୋଧ ଦିବସ, କଳିଙ୍ଗ ଷ୍ଟାଡିୟମ୍, ବିଜୁ ପଟ୍ଟନାୟକ ସୁଇମିଂ କମ୍ପ୍ଲେକ୍ସ, ପୂର୍ବାହ୍ନ ୧୧ଟା ୩୦।
- ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ, ଦି ନ୍ୟୁ ମ୍ୟାରିୟନ୍, ରାମ ମନ୍ଦିର ସମ୍ମୁଖ, ଅପରାହ୍ନ ୪ଟା।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ ସୂର୍ଯ୍ୟ ଦେଓଙ୍କୁ ନାଗରିକ ସମ୍ବର୍ଦ୍ଧନା, ଦୁର୍ଗାପୂଜା ମଣ୍ଡପ, ଭିଏସ୍‌ଏସ୍ ନଗର, ଅପରାହ୍ନ ୪ଟା ୩୦।
- ସ୍ୱାସ୍ଥ୍ୟ ବିଭାଗର ସାଂସ୍କୃତିକ ପରିଷଦ ଅବସରରେ ପୁରସ୍କାର ବିତରଣ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ୨୨ତମ ଭାରତ ରଙ୍ଗ ମହୋତ୍ସବ, କିଟ୍ କ୍ୟାମ୍ପସ୍, ଅଡିଟୋରିୟମ ହଲ୍, ସନ୍ଧ୍ୟା ୬ଟା ୩୦।
- ସିକନ୍ଦର ଆଲାମଙ୍କ ୮୩ତମ ଜନ୍ମବାର୍ଷିକୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଓଡ଼ିଶା ନ୍ୟାୟପାଳିକା ନିମନ୍ତେ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଶୀର୍ଷକ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପନୀ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ପୂର୍ବାହ୍ନ ୯ଟା ୩୦।
- ଏଆଇଡିଏସ୍‌ଓ କଟକ ଜିଲା କମିଟି ପକ୍ଷରୁ ଜିଲାସ୍ତରୀୟ ଷ୍ଟୁଡେଣ୍ଟ୍ସ କନ୍‌ଫରେନ୍ସର ପ୍ରସ୍ତୁତି ବୈଠକ, ଟୁଙ୍ଗି ମାର୍କେଟ କମ୍ପ୍ଲେକ୍ସ, ରାଣୀହାଟ, ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୦ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଉଦ୍‌ଯାପନୀ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା ୩୦।

# ସେଲିବ୍ରିଟିଙ୍କ ହାଇଡ୍ରାମା

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ରାଜଧାନୀ ରାଜରାସ୍ତାରେ ଶନିବାର ଓଲିଉଡ ସେଲିବ୍ରିଟିଙ୍କ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଚେନ୍ନାଇ ଯିବା ଲାଗି ଶନିବାର ସକାଳୁ ଅଭିନେତା ବାବୁସାନ ସତ୍ୟନଗର ଅଞ୍ଚଳକୁ ଆସି ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କୁ ନେଇ ବିମାନ ବନ୍ଦର ଅଭିମୁଖେ ଯାଉଥିଲେ। ହେଲେ ଏତିକି ବେଳେ ବାବୁସାନଙ୍କ ସ୍ତ୍ରୀ ତାଙ୍କ ଗାଡିକୁ ଅଟକାଇ ଟଣାଓଟରା କରିବା ସହ ପ୍ରକୃତିଙ୍କୁ ମାଡ଼ ମାରିଥିବାର ଭିଡିଓ ଦେଖିବାକୁ ମିଳିଥିଲା। ତୃପ୍ତିଙ୍କ ଏଭଳି ବ୍ୟବହାରକୁ ଉଭୟେ ବାବୁସାନ ଏବଂ ପ୍ରକୃତି ନାପସନ୍ଦ କରିଥିବାବେଳେ ନିଜ ପରିବାରକୁ ବଞ୍ଚାଇବାକୁ ଏଭଳି କରିବାକୁ ବାଧ ହେଲି ବୋଲି ତୃପ୍ତି କହିଛନ୍ତି।

ତୃପ୍ତିଙ୍କ ଅଭିଯୋଗ ଅନୁସାରେ ପ୍ରକୃତିଙ୍କ ଯୋଗୁ ଆମ ଦାମ୍ପତ୍ୟ ଜୀବନରେ କଳହ ଲାଗି ରହିଛି। କୋଭିଡ୍ ଯୋଗୁ ପ୍ରକୃତିଙ୍କ କ୍ୟାରିୟର ପ୍ରଭାବିତ ହେବା ପରେ ବାବୁସାନଙ୍କ ଉପରେ ଟଙ୍କା ପାଇଁ ନିର୍ଭର କରନ୍ତି । ଏଥିସହ ପ୍ରକୃତି ବାବୁସାନଙ୍କୁ ଗଞ୍ଜେଇ ଏବଂ ମଦ ଯୋଗାନ୍ତି । ଯାହାଫଳରେ ବାବୁସାନ ୨୪ ଘଣ୍ଟା ନିଶାରେ ରୁହନ୍ତି । ଆଉ ପ୍ରକୃତିଙ୍କ କଥାରେ ପଡ଼ି ମୋତେ ଧମକାଇ ଗାଳିଗୁଲଜ କରନ୍ତି। ଏଥିସହ ପ୍ରକୃତି ବିଭିନ୍ନ ସମୟରେ ବାବୁସାନଙ୍କୁ ଆତ୍ମହତ୍ୟାର ଧମକ ଦିଅନ୍ତି ବୋଲି ତୃପ୍ତି ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ଉଚିତ୍ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଏତଲାରେ ଦର୍ଶାଇଛନ୍ତି।





ଥାନାର ଦ୍ୱାରସ୍ଥ ହୋଇଥିବା ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର ।


ବୋହୂ ତୃପ୍ତିଙ୍କ ସହ ଅପରାଜିତା ଥାନାକୁ ଯାଉଛନ୍ତି।

## ବ୍ଲାକ୍‌ମେଲିଂ କରୁଥିଲେ ପ୍ରକୃତି: ତୃପ୍ତି

ଅନେକ ଦିନ ଚୁପ ରହିବା ପରେ ମୁହଁ ଖୋଲିଛନ୍ତି ଓଲିଉଡ୍ ଅଭିନେତା ବାବୁସାନ୍ ମହାନ୍ତିଙ୍କ ସ୍ତ୍ରୀ ତୃପ୍ତି ଶତପଥୀ। ଶନିବାର ସକାଳେ ବାବୁସାନ ଏବଂ ପ୍ରକୃତି ମିଶ୍ର ଗୋଟିଏ ଗାଡ଼ିରେ ଯାଉଥିବାବେଳେ ସେମାନଙ୍କୁ ଟଣା ଓଟରା କରି ଚର୍ଚ୍ଚାକୁ ଆସିବା ପରେ ଅପରାହ୍ନରେ ଖାରବେଳନଗର ଥାନାରେ ଉଭୟ ବାବୁସାନ ଏବଂ ପ୍ରକୃତିଙ୍କ ବିରୋଧରେ ଏତଲା ଦେଇ ନିଜ ଦାମ୍ପତ୍ୟ ଜୀବନକୁ ନେଇ ଅନେକ କଥା କହିଛନ୍ତି। ତୃପ୍ତିଙ୍କ କହିବା ହେଲା ଆମ ବୈବାହିକ ଜୀବନ ଖୁସିରେ ଚାଲିଥିଲା। ଯେତେବେଳେ ପ୍ରକୃତି ମିଶ୍ର ଆମ ଦୁହିଁଙ୍କ ଭିତରେ ପଶିଲେ ସେବେଠୁ ଆମ ପରିବାରରେ ଅଶାନ୍ତି ଆରମ୍ଭ ହେଲା। ଲକ୍‌ଡାଉନ ସମୟରେ ପ୍ରକୃତି ଓ ବାବୁସାନ ଅଧିକ ନିକଟତର ହୋଇଥିଲେ। ଏହା ଜାଣିବା ପରେ ସ୍ୱାମୀଙ୍କୁ ମୁଁ ଫେରାଇ ଆଣିବାକୁ ଚେଷ୍ଟା କରିବାରୁ ପ୍ରକୃତି ଆତ୍ମହତ୍ୟା ସହ ଆମ ସମ୍ମାନକୁ ତଳେ ପକାଇବା ପାଇଁ ବ୍ଲାକ୍‌ମେଲ କରିଥିଲେ। ମୋ ସ୍ୱାମୀ ପ୍ରକୃତିଙ୍କ ସହ ମୋ ବାପଘର ନିକଟରେ ଏକ ଭଡ଼ା ଘରେ ଥିବାର ମୁଁ ଶନିବାର ସକାଳେ ଜାଣିବାକୁ ପାଇଥିଲି। ସେଠାରେ ପହଞ୍ଚିବାବେଳକୁ ବାବୁସାନ ଓ ପ୍ରକୃତି ଚେନ୍ନାଇ ଯିବା ପାଇଁ ବିମାନବନ୍ଦର ଅଭିମୁଖେ କାର୍‌ରେ ବାହାରିଥିଲେ। ସେମାନଙ୍କୁ ପ୍ରଥମେ ଅଟକାଇ ବାବୁସାନଙ୍କୁ ମୁଁ ପାଟି କରିବା ସହ ଗାଡ଼ିରୁ ଟାଣି ବାହାର କରିବାବେଳେ ପ୍ରକୃତି ମୋତେ ବିରୋଧ କରି ଧମକ୍ ଦେଇଥିଲେ। ଫଳରେ ମୁଁ ରାଗ ସମ୍ଭାଳି ନ ପାରିବାରୁ ଏଭଳି ଘଟଣା ଘଟିଲା। ଏବେ ମୋର ଏବଂ ଓ ମୋ ପୁଅ ଜୀବନ ପ୍ରତି ବିପଦ ଅଛି ବୋଲି ତୃପ୍ତି ଗଣମାଧ୍ୟମ ନିକଟରେ କହିଛନ୍ତି।

### ବୋହୂ ସପକ୍ଷରେ ବାହାରିଲେ ଅପରାଜିତା, ଉତ୍ତମ

ବାବୁସାନଙ୍କ ସହିତ ପ୍ରକୃତି ମିଶ୍ରଙ୍କୁ ଗୋଟିଏ ଗାଡ଼ିରେ ଦେଖି ଶନିବାର ସକାଳେ ରାସ୍ତାରେ ଯେଉଁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଛି, ତାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଏପରି କି ବାବୁସାନଙ୍କ ଏଭଳି କାର୍ଯ୍ୟ ପାଇଁ ନିଜ ମାତାପିତା ମଧ୍ୟ ବିରୋଧ କରିଛନ୍ତି। ବୋହୂ ସପକ୍ଷରେ ବାହାରିଛନ୍ତି ଅପରାଜିତା ଏବଂ ଉତ୍ତମ ମହାନ୍ତି। ବାବୁସାନ ଏବଂ ପ୍ରକୃତିଙ୍କୁ ଗାଡ଼ିରୁ ଟାଣିଆଣି ମାଡ଼ ମାରିବା ଘଟଣା ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଅପରାଜିତା ସତ୍ୟନଗରରେ ରହୁଥିବା ତାଙ୍କ ବୋହୂ ତୃପ୍ତିଙ୍କ ପାଖକୁ ଯାଇଥିଲେ। ସେଠାରୁ ଉଭୟେ ଶାଶୁ ବୋହୂ ଖାରବେଳନଗର ଥାନାକୁ ଯାଇ ବାବୁସାନ ଏବଂ ପ୍ରକୃତିଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ବାବୁସାନଙ୍କ ବାପା ଉତ୍ତମ ମହାନ୍ତି ମଧ୍ୟ ପୁଅର କାର୍ଯ୍ୟକୁ ନିନ୍ଦା କରିଛନ୍ତି। ସେ ବୋହୂ ତୃପ୍ତିଙ୍କୁ ଏକ ଭଲ ଝିଅ ବୋଲି କହିବା ସହ ନିଜ ସୁନା ଭେଣ୍ଡି ବୋଲି ପୁଅ ଉଦ୍ଦେଶ୍ୟରେ କହିଛନ୍ତି।

### ପ୍ରକୃତି, ବାବୁସାନ ୨ ବର୍ଷ ହେଲା ମିଶିକି ରହୁଛନ୍ତି: ସଙ୍ଗୀତା ପ୍ରହରାଜ

ପ୍ରକୃତିଙ୍କୁ ଦୁର୍ବ୍ୟବହାର ଘଟଣାରେ ମୁହଁ ଖୋଲିଛନ୍ତି ତୃପ୍ତିଙ୍କ ମାଉସୀ ସଙ୍ଗୀତା ପ୍ରହରାଜ। ବାବୁସାନ ଏକ ବର୍ଷ ଧରି ଘରକୁ ଆସୁନାହାନ୍ତି କି ସ୍ତ୍ରୀ ଓ ଛୁଆକୁ ପଚାରୁ ନାହାନ୍ତି ବୋଲି ସଙ୍ଗୀତା କହିଛନ୍ତି। ଆସନ୍ତା ୩୦ତାରିଖରେ ବାବୁସାନ୍‌ଙ୍କ ଜନ୍ମଦିନ ପାଳିବାକୁ ପ୍ରକୃତିଙ୍କୁ ନେଇ ପୋର୍ଟବ୍ଲେୟାର ଯାଉଥିଲେ। ସେ କହିଛନ୍ତି ବାବୁସାନ୍ ଓ ପ୍ରକୃତିଙ୍କ ସମ୍ପର୍କ ନେଇ ଉଭୟ ପରିବାର ଜାଣିଛନ୍ତି । ଏପରିକି ପ୍ରକୃତିଙ୍କୁ ବୁଝାଇବା ପାଇଁ କିଛି ଦିନ ପୂର୍ବେ ତୃପ୍ତିଙ୍କ ପରିବାର ମନ୍ମଥ ମିଶ୍ରଙ୍କ ପରିବାରକୁ ଭେଟିଥିଲେ। ହେଲେ ସେ ଉଭୟ ବାବୁସାନ୍ ଓ ପ୍ରକୃତିଙ୍କ ନାମରେ ଥାନାରେ ଅଭିଯୋଗ କରିବା ପାଇଁ ତୃପ୍ତିଙ୍କୁ ପରାମର୍ଶ ଦେଇଥିଲେ। ରାଜଧାନୀର ସତ୍ୟନଗରରେ ଉଭୟ ଏକ ଭଡ଼ାଘରେ ୨ବର୍ଷ ଧରି ରହୁଥିବା ସଙ୍ଗୀତା କହିଛନ୍ତି। ଶନିବାର ସକାଳୁ ପୋର୍ଟବ୍ଲେୟାର ଯିବା ପାଇଁ ବିମାନବନ୍ଦର ଯିବା ସମୟରେ ତୃପ୍ତି ଖବର ପାଇ ଉଭୟଙ୍କୁ ଏକାଠି ଦେଖି କାବୁ କରିଥିଲା। ସେପଟେ ବାବୁସାନ୍ ସବୁବେଳେ ନିଶାସକ୍ତ ରହୁଥିବାରୁ ଗତ ଦୁଇ ବର୍ଷ ଧରି ପରିବାରରେ ତିକ୍ତତା ଲାଗି ରହିଥିଲା। ପ୍ରେମ ବିବାହ କରିଥିବାରୁ ଘଟଣାର ନିଜେ ସମାଧାନ କରିବାକୁ ତୃପ୍ତି ନିଷ୍ପତ୍ତି ନେଇଥିଲେ। ମାତ୍ର କୌଣସି ସମାଧାନ ନ ହେବାରୁ ତୃପ୍ତି ଏଭଳି କରିଥିବା କହିଛନ୍ତି ମାଉସୀ ।

### ଏଭଳି ଘଟଣା ସମାଜ ଉପରେ କୁପ୍ରଭାବ ପକାଉଛି



ବର୍ତ୍ତମାନର ଯୁବପିଢ଼ି ମା' ବାପାଙ୍କୁ ଗୁରୁତ୍ୱ ଦେଉନାହାନ୍ତି। ହାତରେ ମୋବାଇଲ ଧରିବା ପରେ ସେମାନେ ଭାବୁଛନ୍ତି ଯେ, ସବୁକିଛି ଜାଣିଛନ୍ତି। ତେଣୁ ଗୁରୁଜନଙ୍କ କଥାକୁ ସେମାନେ ଖାତିର କରୁନାହାନ୍ତି। ଷ୍ଟାର୍ ହୋଇ ନିଜର ପାରିବାରିକ ସମସ୍ୟାକୁ ଏପରି ରାସ୍ତାକୁ ଆଣିବା, ରାସ୍ତାରେ ବାଡ଼ାବାଡ଼ି ହେବା ନିହାତି ପକ୍ଷେ ଲଜ୍ଜାଜନକ ଘଟଣା। ପ୍ରକୃତି ମିଶ୍ର ନିଜର ଫିଲ୍ମ ବ୍ୟବସାୟ ବଢ଼ାଇବା ସହିତ ଓଲିଉଡ୍‌ରେ ନାୟିକା ଭାବେ ଚଳଚ୍ଚିତ୍ର ପାଇବା ପାଇଁ ବାବୁସାନ୍‌ଙ୍କୁ ମାଧ୍ୟମ କରିଛନ୍ତି। ତାଙ୍କର ଜଣେ ପୁରୁଷ ବନ୍ଧୁ ମଧ୍ୟ ଅଛନ୍ତି। ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ଆଜିଠାରୁ ବାବୁସାନ୍‌ଙ୍କ ସହ ସୀମା ମଧ୍ୟରେ ମିଶିବାକୁ ପ୍ରକୃତିଙ୍କୁ କହିବେ। ତେବେ ଏଇ କଥା ଆଗରୁ ନିଜ ଝିଅକୁ ବୁଝାଇଥିଲେ ଆଜିର ଘଟଣା ଘଟି ନ ଥାନ୍ତା। ଷ୍ଟାରମାନଙ୍କର ଲୋକଙ୍କ ଉପରେ ପ୍ରଭାବ ରହିଛି। ଏଭଳି ଘଟଣା ଲୋକଙ୍କ ଉପରେ ସର୍ବୋପରି ସମାଜ ଉପରେ କୁପ୍ରଭାବ ପକାଉଛି।

**-ଦିଲୀପ ହାଲି, ସିନେ ସମୀକ୍ଷକ**

### ଘର କଥା ବାହାରକୁ ଆସିଲେ ପର୍ସନାଲ ହୋଇ ରହେନି



ଜଣେ ଲ' ଗ୍ରାଜୁଏଟ୍ ଭାବେ କହିବାକୁ ଗଲେ, ଆଜିର ଘଟଣା ଘଟିବାର ନ ଥିଲା। ମାତ୍ର ତୃପ୍ତିଙ୍କ କଥାକୁ ଦେଖିବା ପରେ ମତେ ଲାଗିଲା ଯେ, ଏହା ଯୋଜନାଭିତ୍ତିକ ନ ଥିଲା ବରଂ ଅକସ୍ମାତ୍ ଘଟିଲା। ଆମେ ସେଠାରେ କେହି ଉପସ୍ଥିତ ନ ଥିଲୁ ତେଣୁ ବାସ୍ତବରେ ଘଟଣା କ'ଣ ତାହା କହିପାରିବୁ ନାହିଁ। ତେବେ ପରବର୍ତ୍ତୀ ସମୟରେ ଥାନାକୁ ଯାଇ ଏତଲା ଦେବା କାମ ପୂର୍ବରୁ ବି ହୋଇପାରିଥାନ୍ତା। ଅପରପକ୍ଷେ କୌଣସି ଏକ ଘଟଣା ଘଟିଲେ ତାହା ତୁରନ୍ତ ଭାଇରାଲ ହେଉଛି। ଏହି ଭାଇରାଲ ଭୟରେ ଅନେକ ଆତ୍ମହତ୍ୟା ଘଟଣା ଘଟୁଛି। ତେଣୁ ଯଦି କୌଣସି ପ୍ରକାରର ଅସୁବିଧା ଅଛି, ତେବେ ତାହାକୁ ଆପୋସ ବୁଝାମଣା କିମ୍ବା ଆଇନ ଅନୁଯାୟୀ ସମାଧାନ କରିଦେବା ଆବଶ୍ୟକ। କାରଣ ଘର ଭିତର କଥା ସବୁବେଳେ ନିଜର। ଏହା ଥରେ ବାହାରକୁ ଆସିଗଲେ ଆଉ ପର୍ସନାଲ ହୋଇ ରହେନାହିଁ, ବରଂ ଲୋକଙ୍କର ହୋଇଯାଏ।

**-ଶ୍ରୀତମ ଦାସ, ଅଭିନେତା ତଥା ନିର୍ଦ୍ଦେଶକ**

### ଘରକଥା ଘରେ ସମାଧାନ କରିବା ଉଚିତ



ଦେଶରେ କ'ଣ ଚାଲିଛି ସେ କଥା କାହାର ଚିନ୍ତା ନାହିଁ। ମାତ୍ର ଘରକଳି ବିଷୟରେ ସମସ୍ତେ ଜାଣିବାକୁ ଆଗ୍ରହୀ। ବାବୁସାନ୍‌ଙ୍କ ସହ ବହୁତ କମ୍ କାମ କରିଛି। ତେଣୁ ତାଙ୍କ ବିଷୟରେ ଭଲ ଭାବେ ଜାଣିନାହିଁ। ସେ ମତେ ଦାଦା ବୋଲି ଡାକନ୍ତି, ଦେଖିଲେ ସମ୍ମାନ ଦିଅନ୍ତି। ତାଙ୍କ ପାରିବାରିକ କଥା ବିଷୟରେ ମୁଁ ଜାଣିନାହିଁ। ଏପରି କି, ନା ତାଙ୍କ ବାହାଘରକୁ ଭୋଜି ଖାଇବାକୁ ଯାଇଥିଲି ନା ପିଲା ହେବା ପରେ ଯାଇଛି। ତେଣୁ ତାଙ୍କ ସହ ଏତେ ଜଡ଼ିତ ନୁହେଁ ଯେତେବେଳେ ବିଶେଷ କିଛି କହିବା ଠିକ୍ ହେବନାହିଁ। କେବଳ ଏତିକି କହିବି, ଘରକଥା ଘରେ ସମାଧାନ କରିବା ଉଚିତ।

**-ଅଶ୍ରୁମୋଚନ ମହାନ୍ତି, ବରିଷ୍ଠ ଅଭିନେତା**

## 'ସମାଜବାଦୀ ଚିନ୍ତା, ଚେତନା ମୋତେ ଉଦ୍‌ବୁଦ୍ଧ କରିଛି'

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋହିଆ ଭବନଠାରେ ଶନିବାର 'ଲେଖକଙ୍କ ସହିତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଥାକାର ଡ. ବିଭୂତି ପଟ୍ଟନାୟକ ଯୋଗଦେଇ କହିଛନ୍ତି, ମୋ' ଜୀବନ ଓ ସାହିତ୍ୟ ଏକ ଖୋଲା ବହି। ଗୋଟିଏ ସଂଘର୍ଷମୟ ଜୀବନ ଦେଇ ଗତିକରିଥିଲେ ମଧ୍ୟ ଆଦର୍ଶବାଦରୁ ମୁଁ ବିଚ୍ୟୁତ ହୋଇନାହିଁ। ସମାଜବାଦୀ ଚିନ୍ତା ଓ ଚେତନା ମୋତେ ଛାତ୍ରବସ୍ଥାରୁ ଉଦବୁଦ୍ଧ କରିଛି ବୋଲି ଡ ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀ ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିବା ବେଳେ ସଚିବ ଡ. କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, କଥାକାର ଡ. ଗୌରହରି ଦାସ, ଅଧ୍ୟାପକ ବିଶ୍ୱରଞ୍ଜନ ଏବଂ ଡ. ପଟ୍ଟନାୟକଙ୍କ ସହଧର୍ମିଣୀ ସୁରପ୍ରଭା ଦେବୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ନମିତା


@ ଶ୍ରୀକ୍ଷା


@ କାର୍ତ୍ତିକ


@ ଦୀପକ


@ ଜିତେନ୍ଦ୍ର

## ଅତ୍ୟାଧୁନିକ କୁଇକ୍ ରେସ୍‌ପନ୍ସ ଭେହିକଲ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଅଗ୍ନିକାଣ୍ଡ କିମ୍ବା ସଡ଼କ ଦୁର୍ଘଟଣା, ରେଳ ଦୁର୍ଘଟଣା ଘଟିଲେ ଆଉ ଲୋକଙ୍କୁ ଅଧିକ ହଇରାଣ ହେବାକୁ ପଡ଼ିବ ନାହିଁ। କାରଣ ଅଗ୍ନିଶମ ବିଭାଗ ପକ୍ଷରୁ ଆଡ୍‌ଭାନ୍ସ ରେସ୍କ୍ୟୁ ଟେଣ୍ଡର ଭ୍ୟାନ୍ ଓ କୁଇକ୍ ରେସ୍ପନ୍ସ ଭେହିକଲ୍‌ର ଶନିବାର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଫାୟର ଆଣ୍ଡ ଡିଜାଷ୍ଟର ରେସ୍‌ପନ୍ସ ଏକାଡେମୀଠାରେ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ଏହି ଭେହିକଲ୍‌ର ମୂଲ୍ୟ ୩ କୋଟି ୫୩ ଲକ୍ଷ ୪୯ ହଜାର ୮୫୩ ଟଙ୍କା ରହିଛି। ଯେଉଁଥିରେ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବସ୍ଥା ରହିବା ସହ ଗାଡ଼ିରେ ୧୦ଟି ଲକର ଅଛି। ଏଥିରେ ଫାୟାର ଏଣ୍ଟି ଶୁଟ୍, ବ୍ରେଦିଂ ଆପାରେଟସ୍, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, କେମିକାଲ ଲିକ୍, ବିଷାକ୍ତ ତରଳ ପଦାର୍ଥ ଏବଂ ଗ୍ୟାସ୍ ଲିକ୍ ଘଟଣାକୁ ପ୍ରତିହତ କରିବା ପାଇଁ ଏଥିରେ ଅତ୍ୟାଧୁନିକ ଯନ୍ତ୍ରପାତି ଲଗାଇଯାଇଛି। ଫଳରେ ଅତି ସହଜରେ ବଡ଼ ଦୁର୍ଘଟଣାରୁ ବର୍ତ୍ତିବାରେ ଏହା ସହାୟକ ହୋଇପାରିବ। ଏପରିକି ବିଲ୍ଡିଂ ଭାଙ୍ଗି ଯାଇଥିଲେ ତଳେ ଫସିଥିବା ଲୋକଙ୍କୁ ଖୁବ ଶୀଘ୍ର ଉଦ୍ଧାର କରାଯାଇପାରିବ। ଏଥିସହ ନିଆଁ ଲାଗିଲେ ଘର ଭିତରୁ ଧୂଆଁକୁ କିଭଳି ସହଜରେ ବାହାର କରାଯାଇପାରିବ ଏଥିରେ ସମସ୍ତ ପ୍ରକାର ସୁବିଧା ରହିଛି। ଉଚ୍ଚ ସ୍ଥାନରୁ ତୁରନ୍ତ ଉଦ୍ଧାର ପାଇଁ କୁଶନ ବ୍ୟବସ୍ଥା ରହିଛି। ଯାହା ଉପରେ ପଡ଼ିଲେ କୌଣସି ଅସୁବିଧା ହେବ ନାହିଁ। ଏନ୍‌ଡିଆର୍‌ଏଫ୍‌ରେ ଯେଉଁ କ୍ୟାମେରା ଲାଗେ ଯାହାର ନାମ ଥର୍ମାଲ ଇମେଜିଙ୍ଗ କ୍ୟାମେରା ମଧ୍ୟ ଅଗ୍ନିଶମ କର୍ମଚାରୀମାନେ ବ୍ୟବହାର କରିବେ। ଏପରିକି ଓଡ଼ିଶାରେ ପ୍ରଥମ ଥର ପାଇଁ ଭିକ୍ଟିମ ଲୋକେଟିଂ କ୍ୟାମେରା ବ୍ୟବହାର କରିବାକୁ ଯାଉଛି। ସେହିଭଳି ୮୦ଫୁଟ ଗର୍ତ୍ତରେ ପଡ଼ିଥିବା ଲୋକଙ୍କ ଚିତ୍ର ଉତ୍ତୋଳନ କରିବା ପାଇଁ ଅତ୍ୟାଧୁନିକ କ୍ୟାମେରା ବ୍ୟବସ୍ଥା ରହିଛି। ପାୱାର ବୋଟ ସହ ଅତ୍ୟାଧୁନିକ ଯନ୍ତ୍ରପାତି ମଧ୍ୟ ଏହି ଭେହିକଲ୍‌ରେ ବ୍ୟବସ୍ଥା ରହିଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଅଗ୍ନିଶମ ବିଭାଗର ଡିଜି ସୌମ୍ୟ ମିଶ୍ର, କଟକ-ଭୁବନେଶ୍ୱର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।



ଭୁବନେଶ୍ୱର ମହର୍ଷି ମହିଳା ମହାବିଦ୍ୟାଳୟଠାରେ ବିଚାର ଭାରତୀ ଟ୍ରଷ୍ଟ ପକ୍ଷରୁ ଶନିବାର ଶିକ୍ଷାନୁଷ୍ଠାନକୁ ରାଗିଂ ମୁକ୍ତ, ଛାତ୍ରୀଙ୍କୁ ଲିଙ୍ଗଗତ ନ୍ୟାୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ 'ସାଥୀ'କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।



ଭୁବନେଶ୍ୱରସ୍ଥିତ ଓଏଫ୍ ଡିଆର୍‌ଏଠାରେ ଶନିବାର ଓଡ଼ିଶା ଫାୟାର ସର୍ଭିସ୍ ପକ୍ଷରୁ କୁଇକ୍ ରେସ୍‌ପନ୍ସ ସର୍ଭିସର ଶୁଭାରମ୍ଭ ଅବସରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଅନ୍ୟ ଅଧିକାରୀମାନେ।

## ଦାଦାବଟି ମାଗି ୩ ଗିରଫ

ଭୁବନେଶ୍ୱର,(ବ୍ୟୁରୋ) : ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବଟି ଆଦାୟ ଅଭିଯୋଗରେ ଭରତପୁର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ପ୍ରଦୀପ୍ତ କୁମାର ପ୍ରଧାନ (୩୭), ପ୍ରାଶିଶ କୁମାର ସାହୁ (୨୩) ଓ କିଶୋର କୁମାର ବାରିକ (୪୫) । ଏମାନଙ୍କଠାରୁ ନଗଦ ୧୩ ହଜାର ୬୧୦ ଟଙ୍କା ଜବତ କରାଯାଇଛି । ଏନେଇ ଭରତପୁର ଥାନା ପୋଲିସ ଏକ ମାମଲା (ନଂ. ୨୯୫/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ସଂକ୍ଷେପରେ

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହେବ ୫୭ ହାଇସ୍କୁଲ

ଭୁବନେଶ୍ୱର,୨୩।୭(ବ୍ୟୁରୋ): ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କଳା)କୁ ରାଜ୍ୟର ୫୭ଟି ଉଚ୍ଚ ବିଦ୍ୟାଳୟ ଉନ୍ନୀତ ହେବ। ଜିଲା ଗୁଡ଼ିକରୁ ଯାଇଥିବା ପ୍ରସ୍ତାବକୁ ଶିକ୍ଷା ମନ୍ତ୍ରଣାଳୟର ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି) ମଞ୍ଜୁରୀ ଦେଇଛି। ସମଗ୍ର ଶିକ୍ଷା ଅଧୀନରେ ୨୦୨୨-୨୩ ବର୍ଷରୁ ଏହି ନୂଆ ଉଚ୍ଚ ମାଧ୍ୟମିକ ସ୍କୁଲ ଖୋଲିବା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କୁ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଚିଠି ଲେଖିଛନ୍ତି।

### ପୋଖରୀରୁ ପୂର୍ବତନ ସରପଞ୍ଚଙ୍କ ମୃତଦେହ ଜବତ

କଟକ ସଦର/ନିଶ୍ଚିନ୍ତକୋଇଲି ୨୩।୭(ଡି.ଏନ୍.ଏ./ସ୍ୱପ୍ର): କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ଇଶାଣୀ-ବ୍ରହ୍ମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପୃଥ୍ୱୀରାଜ ସାହୁ(୪୫)ଙ୍କର ମୃତଦେହ ଶନିବାର ନିକଟସ୍ଥ ପୋଖରୀରୁ ପୋଲିସ ଜବତ କରିଛି। ଶୁକ୍ରବାର ରାତିରୁ ସେ ନିଖୋଜ ଥିଲେ। ଶନିବାର ସକାଳେ ମୃତଦେହ ପୋଖରୀରେ ଭାସୁଥିବା ଲୋକମାନେ ଦେଖି ତାଙ୍କ ପରିବାର ସଦସ୍ୟ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯/୨୨) ରୁଜୁ ହୋଇଛି। ସୂଚନାଯୋଗ୍ୟ, ୨୦୦୨ରେ ସେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ଶିର୍ଲୋ ପଞ୍ଚାୟତ ବାଙ୍କଲ ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବଳଦ ମୃତ, ଚାଷୀ ଗୁରୁତର

ନରସିଂହପୁର,୨୩।୭(ସ୍ୱ.ପ୍ର.): ନରସିଂହପୁର ବ୍ଲକ କମଳାଡିହ ଗ୍ରାମରେ ଶନିବାର ଟ୍ରାନ୍ସଫର୍ମରର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୋଖରୀ ପାଣି ଚାର୍ଜ ହୋଇଥିବାରୁ ଜଣେ ଚାଷୀ ଗୁରୁତର ହୋଇଥିବାବେଳେ ଗୋଟିଏ ବଳଦର ମୃତ୍ୟୁ ଘଟିଛି। ଗୁରୁତର ଜଣକ ହେଲେ ଏହି ଗ୍ରାମର ଉପେନ୍ଦ୍ର ଦାଲୁଆ (୫୫)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏବେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଉପେନ୍ଦ୍ର ଶନିବାର ସକାଳେ ଘରୁ ବଳଦ ଓ ହଳ ଧରି ଜମିକୁ ଚାଷ କରିବାକୁ ଯାଉଥିବାବେଳେ ରାସ୍ତା କଡ ପୋଖରୀ ହୁଡାରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମରରେ ଗୋଟିଏ ବଳଦ ଘଷି ହୋଇ ଯାଇଥିଲା। ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ଉକ୍ତ ବଳଦ ଘୋଷାରି ହୋଇ ପୋଖରୀରେ ପଡ଼ିଯାଇଥିଲା। ଜୁଆଳିରେ ବନ୍ଧା ହୋଇଥିବା ଅନ୍ୟ ବଳଦଟି ଫସିଯାଇଥିଲା। ତା'ବେଳକୁ ଦଉଡି ଫିଟାଇବାକୁ ଉପେନ୍ଦ୍ର ପୋଖରୀକୁ ପଶିଥିଲେ। ମାତ୍ର ପାଣି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାର୍ଜ ହୋଇଯାଇଥିବାରୁ ସେ ଗୁରୁତର ହୋଇଥିଲେ। ଏହାସତ୍ତ୍ୱେ ସେ କୌଣସିମତେ ଦଉଡ଼ି ଫିଟାଇଦେବାରୁ ଅନ୍ୟ ବଳଦଟି ରକ୍ଷାପାଇଯାଇଛି।

### ଆଦର୍ଶ ବିଦ୍ୟାଳୟରେ ଜିଲାପାଳଙ୍କ ସମୀକ୍ଷା

ବାଲିଅନ୍ତା,୨୩।୭(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଟପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶନିବାର ପରିଦର୍ଶନରେ ଆସି ବିଦ୍ୟାଳୟର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ବିଦ୍ୟାଳୟରେ ଆୟୋଜିତ ପ୍ରଥମ ବିଦ୍ୟାଳୟ ମ୍ୟାନେଜମେଣ୍ଟ ଆଣ୍ଡ ଡେଭଲପ୍‌ମେଣ୍ଟ କମିଟି (ଭିଏମ୍‌ଡିସି) ବୈଠକରେ ଜିଲାପାଳ ଯୋଗଦେଇଥିଲେ। ଏଥିରେ ବିଡିଓ ନାରାୟଣ ଚନ୍ଦ୍ର ନାୟକ, ତହସିଲଦାର ସରୋଜ ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ଓଝା, ବିଦ୍ୟାଳୟ ଅଧକ୍ଷ ସତ୍ୟବ୍ରତ ସାମଲଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଦ୍ୟାଳୟର ସମସ୍ତ ଅଭାବ ଅସୁବିଧା ସମ୍ପର୍କରେ ଜିଲାପାଳ ଅବଗତ ହୋଇ ସମାଧାନ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟର ପ୍ରାଚୀର ଓ ମୁଖ୍ୟ ଫାଟକ ନିର୍ମାଣ, ଖେଳପଡ଼ିଆ ଉନ୍ନତୀକରଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ, ଆପ୍ରୋଚ ରୋଡ, ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ଆଦି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଖାଲି ପଡିଥିବା ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା।



ଭୁବନେଶ୍ୱରର ଏକ ହୋଟେଲରେ ଶନିବାର 'ଦ ଲିଡିଙ୍ଗ୍ ଏଜ୍' ପକ୍ଷରୁ ଆୟୋଜିତ 'ଇଣ୍ଡିଆ ଫ୍ୟାଶନ କାର୍ନିଭାଲ'ରେ ମଡେଲମାନେ କ୍ୟାଟ୍ ୱାକ୍ କରୁଛନ୍ତି।

# ଇଣ୍ଡିଆ ଫ୍ୟାଶନ କାର୍ନିଭାଲ

## ଫ୍ୟାଶନ ଶୋ' ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର

ଭୁବନେଶ୍ୱର,୨୩।୭(ବ୍ୟୁରୋ)

ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାର ଲାଗି 'ଦ ଲିଡିଙ୍ଗ୍ ଏଜ୍' ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ 'ଇଣ୍ଡିଆ ଫ୍ୟାଶନ କାର୍ନିଭାଲ' ଆୟୋଜିତ ହୋଇଯାଇଛି। ଏଭଳି କାର୍ଯ୍ୟକ୍ରମ ରାଜ୍ୟ ତଥା ଦେଶରେ ପ୍ରଥମଥର ଆରମ୍ଭ ହୋଇଛି। ଓଡ଼ିଶାର କଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ନେଇ ଏହି ଫ୍ୟାଶନ ଶୋ' ମାଧ୍ୟମରେ ଚେଷ୍ଟା କରାଯାଉଛି। କାର୍ନିଭାଲରେ ସମ୍ବଲପୁରୀ କଳାକୃତି, ଓଡ଼ିଶୀ, ଗୋଟିପୁଅ ନୃତ୍ୟ, ପଟ୍ଟଚିତ୍ର ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାଶନାଲ ଫ୍ୟାଶନ କୋରିଓଗ୍ରାଫର ଲୋକେଶ ଶର୍ମା, ରାପର ବିଗ୍ ଡିଲ୍‌ଙ୍କ ସମେତ ବହୁ ଫ୍ୟାଶନ ଡିଜାଇନର ଯୋଗଦେଇଥିବା ଅନୁଷ୍ଠାନର ମୁଖ୍ୟ ମହେଶ ଦାଶ କହିଛନ୍ତି। ସେହିପରି ବହୁ କଳାକାର, କଳାର ପୃଷ୍ଠପୋଷକ, ଶୁଭେଚ୍ଛୁ, ବିଧାୟକ ଓ ଦର୍ଶକ କାର୍ଯ୍ୟକ୍ରମରେ ଭାଗନେଇଛନ୍ତି। ଲୋକାଲ ଫର ଭୋକାଲ ଅନୁସାରେ ଗାଁ ଗହଳିର ପ୍ରତିଭାକୁ ଖୋଜିବାର ପ୍ରୟାସ ଏହି ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ଦାଶ କହିଛନ୍ତି। ଏହାପରେ ସାରା ଦେଶରେ ଏଭଳି ଶୋ' କରାଯିବ ବୋଲି ଦାଶ ସୂଚନା ଦେଇଛନ୍ତି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲା ବାପଘର

ଜଟଣୀ,୨୩।୭(ଡି.ଏନ୍.ଏ.)

ଜଟଣୀ ଥାନା ଅଧୀନ କୁସୁମାଟି ଗ୍ରାମର ଏକ ପାଇଖାନା ଘରୁ ଶନିବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଝୁମା ମହାନ୍ତି। ଅନ୍ୟପକ୍ଷରେ ଅଧିକ ଯୌତୁକ ଦାବିରେ ତାଙ୍କ ଝିଅକୁ ଶାଶୁଘର ଲୋକେ ମାରି ଟାଙ୍ଗି ଦେଇଛନ୍ତି ବୋଲି ବାପା ଅଶୋକ ମହାନ୍ତି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୬୮/୨୨)ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ ସିଦ୍ଧେଶ୍ୱର ପରିଡ଼ାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ୨୦୨୦ ମସିହାରେ କୁସୁମାଟି ଗ୍ରାମର ସିଦ୍ଧେଶ୍ୱରଙ୍କ ସହ ଅଣ୍ଡା ଗ୍ରାମର ଝୁମାଙ୍କ ବିବାହ ହୋଇଥିଲା। ବିବାହ ବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର ୬ ମାସ ପରେ ବାପଘରୁ ଅଧିକ ୨୦ ହଜାର ଟଙ୍କା ଆଣିବା ପାଇଁ ଝୁମାଙ୍କୁ ଶାଶୁଘର ଲୋକେ କହିଥିଲେ। ଝୁମା ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ଶୁକ୍ରବାର ରାତି ୧୧ଟା ୩୦ରେ ଝୁମାଙ୍କ ମୃତ୍ୟୁ ହୋଇଥିବା ବାପଘର ଲୋକେ ଜାଣିବାକୁ ପାଇଥିଲେ। ଖବର ପାଇ ଅଶୋକ ଘଟଣାସ୍ଥଳରେ ପହଞ୍ଚିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ସୂକ୍ଷ୍ମ କଳାକୃତିରେ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା

ଖୋର୍ଦ୍ଧା ଅଫିସ,୨୩।୭: ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୂକ୍ଷ୍ମ କଳାକୃତିରେ ଶୁଭେଚ୍ଛା ଜଣାଇଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ଗୋପୀନାଥପୁର ହାଟବଜାର ଅଞ୍ଚଳର ଶିଳ୍ପୀ ଏଲ୍. ଈଶ୍ୱର ରାଓ। ଏକ କାଚବୋତଲ ଭିତରେ ସାଢ଼େ ୩ ଇଞ୍ଚ ଉଚ୍ଚ ଏବଂ ସାଢ଼େ ୨ଇଞ୍ଚ ଓସାରର ଏକ ଫଟୋ ଫ୍ରେମ୍‌ରେ ରାଷ୍ଟ୍ରପତି ମୁର୍ମୁଙ୍କ ଫଟୋ ପ୍ରସ୍ତୁତ କରିଛନ୍ତି। ଏଥିଲାଗି ସେ ମାଟି, ପେପର ଗ୍ଲାସ୍ ଓ ଚୁମ୍‌କି ବ୍ୟବହାର କରିଥିବା ରାଓ କହିଛନ୍ତି। ଏହି ନିଆରା କଳାକୃତି ଲାଗି ରାଓ ଚର୍ଚ୍ଚାକୁ ଆସିଛନ୍ତି।


ଏଲ୍. ଈଶ୍ୱର ରାଓଙ୍କ କଳାକୃତି।

# ଗବେଷଣାଲବ୍ଧ ଜ୍ଞାନକୌଶଳ ଉପରେ ଆଲୋକପାତ

## ବିଦେଶୀ ସହାୟତା ପରିଯୋଜନା ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀର ପ୍ରାକୃତିକ ସମ୍ପଦ ପରିଚାଳନା ବିଭାଗ ଅନ୍ତର୍ଗତ ଭୁବନେଶ୍ୱରସ୍ଥିତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନରେ ବିଦେଶୀ ସହାୟତାପ୍ରାପ୍ତ ପ୍ରୋଜେକ୍ଟଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀର ପ୍ରାକୃତିକ ସମ୍ପଦ ପରିଚାଳନା ବିଭାଗର ଉପମହାନିର୍ଦ୍ଦେଶକ ଡ. ସୁରେଶ କୁମାର ଚୌଧୁରୀ କହିଲେ, ଗବେଷଣା ପରିଯୋଜନାଗୁଡ଼ିକୁ କେବଳ ଠିକ ଭାବେ କ୍ରିୟାନ୍ୱୟନ କରିବାର ଆବଶ୍ୟକତା ରହିଛି ତାହା ନୁହେଁ, ବରଂ ସେଗୁଡ଼ିକ କିପରି ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବ, ସେଥିପାଇଁ ବୈଜ୍ଞାନିକମାନେ ଧ୍ୟାନ ଦେବା ଆବଶ୍ୟକ। ପ୍ରତିଷ୍ଠାନ ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ରବୀନ୍ଦ୍ର କୁମାର ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିବା ସହିତ ସଂସ୍ଥାନରେ ଚାଲୁଥିବା ଜଳ ସମସ୍ୟା ସମ୍ବନ୍ଧିତ ଗବେଷଣା ବିଷୟରେ ଅବଗତ କରିଥିଲେ। ବୈଠକରେ ଦେଶର ୧୧ଟି ବିଶିଷ୍ଟ କୃଷି ଗବେଷଣା ପ୍ରତିଷ୍ଠାନର ୩୦ ଜଣ ବୈଜ୍ଞାନିକ ଯୋଗଦେଇଥିଲେ। କେନ୍ଦ୍ରୀୟ ଲୁଣି ମୃତ୍ତିକା ଅନୁସନ୍ଧାନ ପ୍ରତିଷ୍ଠାନ (କର୍ନାଲ), କେନ୍ଦ୍ରୀୟ ଶୁଷ୍କ କ୍ଷେତ୍ର ଅନୁସନ୍ଧାନ ପ୍ରତିଷ୍ଠାନ (ଯୋଧପୁର), ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଭୁବନେଶ୍ୱର), କେନ୍ଦ୍ରୀୟ ଶୁଷ୍କ ଭୂମି କୃଷି ଅନୁସନ୍ଧାନ ପ୍ରତିଷ୍ଠାନ (ହାଇଦ୍ରାବାଦ), ପୂର୍ବପ୍ରାନ୍ତ ଅନୁସନ୍ଧାନ ପରିସର (ପାଟନା), ରାଷ୍ଟ୍ରୀୟ ମୃତ୍ତିକା ସର୍ବେକ୍ଷଣ ଏବଂ ଭୂମି ଉପଯୋଗ ନିୟୋଜନ ବ୍ୟୁରୋ (ବେଙ୍ଗାଲୁରୁ), ରାଷ୍ଟ୍ରୀୟ ଅଜୈବିକ ଷ୍ଟ୍ରେସ ପ୍ରବନ୍ଧନ ପ୍ରତିଷ୍ଠାନ (ବାରାମତି), ଭାରତୀୟ ମୃତ୍ତିକା ବିଜ୍ଞାନ ପ୍ରତିଷ୍ଠାନ (ଭୋପାଳ), ଭାରତୀୟ କୃଷି ପ୍ରଣାଳୀ ଅନୁସନ୍ଧାନ ପ୍ରତିଷ୍ଠାନ (ମୋଦିପୁରମ)ରୁ ବୈଜ୍ଞାନିକମାନେ ଯୋଗଦେଇ ନିଜ ଗବେଷଣା ଉପଲବ୍ଧ ଜ୍ଞାନ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ହେମନ୍ତ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ୨୫ ମାଟ୍ରିକ କୃତୀ ଛାତ୍ରୀଛାତ୍ରଙ୍କୁ ବିଜୁ ପ୍ରତିଭା ସମ୍ମାନ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ କୃତୀ ଛାତ୍ରୀଛାତ୍ରମାନେ।

ଭୁବନେଶ୍ୱର,୨୩।୭(ବ୍ୟୁରୋ)

ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ଶନିବାର 'ଓଡ଼ିଶା ମୋ ପରିବାର' ଆନୁକୂଲ୍ୟରେ ବିଜୁ ପ୍ରତିଭା ସମ୍ମାନ-୨୦୨୨ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତା ଦଳ ସଂଯୋଜନାରେ ଆୟୋଜିତ ଏହି ସମାରୋହରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶ୍ରେଷ୍ଠ ୨୫ ଜଣଙ୍କୁ ବିଜୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୫ ଜଣଙ୍କୁ ଗୋଟିଏ ଲେଖାଁଏ ଲାପ୍‌ଟପ୍ ପ୍ରଦାନ କରାଯିବା ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଜେଡି ଉପସଭାପତି ତଥା ବିଧାୟକ ଦେବୀ ମିଶ୍ର, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ବିଜେଡି ସାଧାରଣ ସମ୍ପାଦକ (ଯୁବ- ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ, ବିଜୁ ଛାତ୍ର ଜନତା ଦଳ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲିକ, ବରୀ ବିଧାୟକ ସୁନନ୍ଦା ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ହାଇକୋର୍ଟ ବୁଲିଲେ ଆଇନ ଛାତ୍ରୀଛାତ୍ର


ହାଇକୋର୍ଟ ପରିଦର୍ଶନରେ ଆସିଥିବା ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର।

## ଜନସ୍ୱାର୍ଥ ମାମଲା ଶୁଣାଣିର ଭିଡିଓ କ୍ଲିପ୍ ଦେଖିଲେ

କଟକ ଅଫିସ, ୨୩।୭

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୨୫ ଜଣ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଶନିବାର ହାଇକୋର୍ଟ ପରିଦର୍ଶନ କରିଥିଲେ। ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଆଇନଜୀବୀ ଓ ବିଚାରପତିଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ସେମାନେ ସେଠାରେ ବିଚାରପତି ଆର୍. କେ. ପଟ୍ଟନାୟକଙ୍କ ସହ କଥୋପକଥନ କରିଥିଲେ। ଏହି ସମୟରେ ବିଚାରପତି ପଟ୍ଟନାୟକ ନିଜର ଅଭିଜ୍ଞତା ବିଷୟରେ କହିବା ସହ ପ୍ରଭାବୀ ପ୍ରଶାସନିକ ନ୍ୟାୟ ପ୍ରଦାନରେ ଦେୱାନି ଓ ଫୌଜଦାରି କୋର୍ଟର କାର୍ଯ୍ୟ ବିଷୟରେ ମତ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ହାଇକୋର୍ଟ ପରିସରସ୍ଥିତ ହେରିଟେଜ୍ ବିଲ୍ଡିଂରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ ଏବଂ ଚାମ୍ବର ସହ ହାଇକୋର୍ଟର ନୂଆ ଭବନ, ବିଚାରପତିଙ୍କ ପୁସ୍ତକାଳୟ ଏବଂ ସମ୍ମିଳନୀ କକ୍ଷ ଦେଖିଥିଲେ। ବିଚାରପତିମାନଙ୍କ ଶପଥ ଗ୍ରହଣ ସମାରୋହର ଭିଡିଓ କ୍ଲିପ ଦେଖିବା ସହ ତାହାର ପ୍ରକ୍ରିୟା ବିଷୟରେ ସେମାନଙ୍କୁ କୁହାଯାଇଥିଲା। ମୁଖ୍ୟ ବିଚାରପତିଙ୍କ କୋର୍ଟ ରୁମ୍‌ରେ ଏକ ଜନସ୍ୱାର୍ଥ ମାମଲା ଶୁଣାଣିର ଭିଡିଓ କ୍ଲିପ୍ ଛାତ୍ରୀଛାତ୍ରମାନେ ଦେଖିଥିଲେ। ଏହାପରେ ସେମାନେ ଆଇନ ସେବା ଭବନରେ ଥିବା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ହାଇକୋର୍ଟର ମଧ୍ୟସ୍ଥତା କେନ୍ଦ୍ର ପରିଦର୍ଶନ କରିଥିଲେ। ଆଇନଜୀବୀ ସାଗରିକା ସାହୁ ଓ ଜଗଦୀଶ ବିଶ୍ୱାଳ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ନ୍ୟାୟିକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ବିଷୟରେ କହିଥିଲେ। ସୂଚନାଯୋଗ୍ୟ, ୨୦୨୧ରେ ପ୍ରଥମ ଥର ପାଇଁ ହାଇକୋର୍ଟ ପରିସରକୁ ଛାତ୍ରୀଛାତ୍ରଙ୍କ ପରିଦର୍ଶନ ଲାଗି ଖୋଲା ଯାଇଥିଲା। ସେବେଠାରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସହ ଅନ୍ୟ ସଂସ୍ଥାର ଛାତ୍ରୀଛାତ୍ରମାନେ ହାଇକୋର୍ଟ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିଦର୍ଶନ କରିଛନ୍ତି। ନ୍ୟାୟପାଳିକାର ବାସ୍ତବିକ କାର୍ଯ୍ୟ ପ୍ରଣାଳୀରେ ପାରଦର୍ଶିତା ଆଣିବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ।

# ୧୬୦ ଚୋରି ମୋବାଇଲ ଫେରାଇଲା ପୋଲିସ

କଟକ ଅଫିସ,୨୩।୭

କଟକ ଡିସିପି ଅଫିସ ପରିସରରେ ଉଦ୍ଧାର ସାମଗ୍ରୀ ଫେରସ୍ତ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ କମିଶନରେଟ୍ ପୋଲିସ ଅଧୀନ ୧୮ଟି ଥାନା ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲ ଫୋନ୍‌କୁ ଉଦ୍ଧାର କରାଯାଇ ପ୍ରକୃତ ମାଲିକଙ୍କୁ ପ୍ରଦାନ କରାଯାଇଛି। ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ମୋବାଇଲ ଜବତ କରିଥିଲା। ମୋଟ୍ ୧୬୦ଟି ଚୋରି ମୋବାଇଲକୁ ସମ୍ପୃକ୍ତ ମାଲିକଙ୍କୁ ପ୍ରଦାନ କରାଯାଇଛି। ଏଥିସହ ସାଇବର କ୍ରାଇମ ସମ୍ପର୍କରେ ଡିସିପି ପିନାକ ମିଶ୍ର ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ମିଶ୍ର କହିଛନ୍ତି, ବର୍ତ୍ତମାନର ସମୟରେ ମଣିଷ ଜୀବନରେ ମୋବାଇଲ ଫୋନ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲ ଚୋରି ନେଇ ଅଭିଯୋଗ ହୋଇଥିଲା। ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ପରେ ଉକ୍ତ ମୋବାଇଲ ଜବତ କରିଥିଲା।


ଡିସିପି ପିନାକ ମିଶ୍ର ଜଣେ ବ୍ୟକ୍ତିଙ୍କୁ ଚୋରି ହୋଇଥିବା ମୋବାଇଲ ଫୋନ୍ ଫେରାଉଛନ୍ତି।

# ରାତିରେ ବି ଉଡ଼ିବ ତ୍ରିରଙ୍ଗା

**ନୂଆଦିଲ୍ଲୀ,୨୩।୭**

ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାର 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ଏହା ଅନୁସାରେ ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଦେଶବାସୀ ନିଜ ଘରେ ଜାତୀୟ ପତାକା ଉଡ଼ାଇବା ପାଇଁ କୁହାଯାଇଛି। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବୁଧବାର ପତାକା ସଂହିତା (ଫ୍ଲାଗ୍ କୋଡ୍ ଅଫ୍ ଇଣ୍ଡିଆ ୨୦୦୨)ରେ କେତେକ ସଂଶୋଧନ ଆଣିଛି। ଫଳରେ ଏଣିକି ତ୍ରିରଙ୍ଗା ରାତିରେ ମଧ୍ୟ ଉଡ଼ିପାରିବ। କୌଣସି ଜନପ୍ରତିନିଧି ପତାକା ଉତ୍ତୋଳନ କରିଥିଲେ କିମ୍ବା ଏହା ପୂର୍ବରୁ ଖୋଲା ଉଡୁଥିଲେ ତାହା ଦିନ ରାତି ୨୪ ଘଣ୍ଟା ଉଡ଼ିପାରିବ। ଏ ନେଇ ସ୍ୱରାଷ୍ଟ୍ର ସଚିବ ଅଜୟ ଭଲ୍ଲା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖି ଜଣାଇଛନ୍ତି।



■ ୧୩ରୁ କେନ୍ଦ୍ରର ହର୍ ଘର୍ ତ୍ରିରଙ୍ଗା ଅଭିଯାନ

■ ଫ୍ଲାଗ୍ କୋଡ୍‌ରେ ସଂଶୋଧନ ଅଣାଯାଇଛି

ଆଜାଦି କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଅଗଷ୍ଟ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ 'ହର ଘର ତ୍ରିରଙ୍ଗା' ଅଭିଯାନ ଆରମ୍ଭ ହେବାକୁ ଯାଉଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ କେବଳ ସୂର୍ଯ୍ୟୋଦୟ ପରେ ଏବଂ ସୂର୍ଯ୍ୟାସ୍ତ ପୂର୍ବରୁ ଜାତୀୟ ପତାକା ଉତ୍ତୋଳନ କରାଯାଉଥିଲା। ଭାରତର ପତାକା ସଂହିତା-୨୦୦୨ର ଭାଗ ୨ ଅନ୍ତର୍ଗତ ପାରା ୨.୨ର ଏକାଦଶ ଖଣ୍ଡରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ଜନସାଧାରଣଙ୍କୁ କେବଳ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ଜାତୀୟ ପତାକା ଉଡ଼ାଇବା ପାଇଁ ଅନୁମତି ଥିଲା। ସଂହିତାରେ ସଂଶୋଧନ ପରେ ଯେ କୌଣସି ବ୍ୟକ୍ତି ଏହାକୁ ନିଜ ଘରେ ୨୪ ଘଣ୍ଟା ଉଡ଼ାଇପାରିବେ। ପୂର୍ବରୁ ମେଶିନ ତିଆରି ଓ ପଲିଷ୍ଟର ପତାକା ଉଡ଼ାଇବା ପାଇଁ ଅନୁମତି ନ ଥିଲା। ଏବେ ଉଭୟ ହାତତିଆରି ଓ ମେଶିନ ଦ୍ୱାରା ପ୍ରସ୍ତୁତ କଟନ୍, ପଲିଷ୍ଟର, ଉଲ୍, ସିଲ୍କ, ଖଦିରେ ତିଆରି ପତାକାକୁ ଅନୁମତି ମିଳିଛି।

# ନାବାଳିକା ପୀଡ଼ିତାଙ୍କୁ ବିବାହ କଲେ ଅପରାଧ କମିବନି: ହାଇକୋର୍ଟ

**ନୂଆଦିଲ୍ଲୀ,୨୩।୭**

ନାବାଳିକାଙ୍କୁ ବଳାତ୍କାର ପରେ ଅଭିଯୁକ୍ତ ବିବାହ କରି ତାଙ୍କ ସନ୍ତାନର ପିତା ହେଲେ ଅପରାଧ କମିଯିବ ନାହିଁ ବୋଲି ଶନିବାର ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଜଣେ ୧୪ ବର୍ଷୀୟା ଝିଅଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ଗିରଫ ବ୍ୟକ୍ତିଙ୍କ ଜାମିନ ଆବେଦନର ଶୁଣାଣି ବେଳେ ଜଷ୍ଟିସ୍ ଅନୁପ କୁମାର ମେଣ୍ଡିରାତ୍ତା ଏ ଟିପ୍ପଣୀ ଦେଇଛନ୍ତି। ପୀଡ଼ିତାଙ୍କୁ ମନ୍ଦିରରେ ବିବାହ କରିଥିବା ଅଭିଯୁକ୍ତ କହିଥିଲେ। ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଗ୍ରହଣୀୟ ନୁହେଁ ବୋଲି ବିଚାରପତି କହିଛନ୍ତି। ନାବାଳିକା ସ୍ତ୍ରୀ ସ୍ୱଇଚ୍ଛାରେ କିମ୍ବା ଅନିଚ୍ଛା ସତ୍ତ୍ୱେ ତାଙ୍କ ସହିତ ଯୌନ ସମ୍ପର୍କ ସ୍ଥାପନ କରିବା ବଳାତ୍କାର, ଶାରୀରିକ ନିର୍ଯାତନା ଭଳି ଅପରାଧ ସଦୃଶ ବୋଲି ହାଇକୋର୍ଟ କହିଛନ୍ତି। ପୀଡ଼ିତା ଜଣକ ୨୦୧୯ ସେପ୍ଟେମ୍ବରରୁ ନିଖୋଜ ଥିଲେ। ସେ ଗର୍ଭବତୀ ଥିବାବେଳେ ତାଙ୍କୁ ୮ ମାସର ଶିଶୁ କନ୍ୟା ସହିତ ଅଭିଯୁକ୍ତଙ୍କ ଘରୁ ୨୦୨୧ ଅକ୍ଟୋବରରେ ଉଦ୍ଧାର କରାଯାଇଥିଲା। ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବାପାଇଁ ଉଦ୍ଦିଷ୍ଟ ପୋକ୍‌ସୋ ଆଇନ ବଳରେ ଯୁବକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ନାବାଳିକାଙ୍କୁ ମାତ୍ର ୧୪ ବର୍ଷ ୬ ମାସ ହୋଇଥିବାବେଳେ ୨୭ ବର୍ଷୀୟ ଅଭିଯୁକ୍ତ ତାଙ୍କୁ ପ୍ରଲୋଭିତ କରି ସମ୍ପର୍କ ସ୍ଥାପନ କରିଥିଲେ। ଅଭିଯୁକ୍ତ ନିଜ ସପକ୍ଷରେ ଯଥାର୍ଥ ଯୁକ୍ତି ବାଢ଼ି ନ ପାରିବାରୁ ତାଙ୍କ ଜାମିନ ଆବେଦନ ଖାରଜ ହୋଇଛି।

# ଦିଲ୍ଲୀ ଗଲେ ବଘେଲ, ସିଂଦେଓ

**ରାୟପୁର,୨୩।୭**

କଂଗ୍ରେସ ଶାସନାଧୀନ ଛତିଶଗଡ଼ରେ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଓ ତାଙ୍କ କ୍ୟାବିନେଟ ସହଯୋଗୀ ଟି. ଏସ୍. ସିଂଦେଓଙ୍କ ମଧ୍ୟରେ କ୍ଷମତା ଯୁଦ୍ଧ ପୁଣି ତୀବ୍ର ହୋଇଛି। କଂଗ୍ରେସ ହାଇକମାଣ୍ଡଙ୍କ ଡକରା ପାଇ ଉଭୟେ ଶନିବାର ରାତିରେ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ବିଧାନସଭା ନିର୍ବାଚନକୁ ପ୍ରାୟ ବର୍ଷେ ବାକିଥିବାବେଳେ ଏହି କନ୍ଦଳ କଂଗ୍ରେସ ପାଇଁ କାଳ ହୋଇପାରେ ବୋଲି କୁହାଯାଉଛି। ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଦଳର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ବଘେଲ କହିଛନ୍ତି, ସେ ରବିବାର କଂଗ୍ରେସ ନେତୃବୃନ୍ଦଙ୍କୁ ଭେଟିବେ। ଅନ୍ୟପକ୍ଷେ ଭୋପାଳରୁ ଦିଲ୍ଲୀ ଅଭିମୁଖେ ଯାଉଥିବାବେଳେ ସିଂଦେଓ ମଧ୍ୟ ଅନୁରୂପ କଥା କହିଥିଲେ। ପ୍ରକାଶ ଯେ, ଗତ ୧୬ ତାରିଖରେ ସିଂଦେଓ ପଞ୍ଚାୟତ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଦଳ ପକ୍ଷରୁ ବୁଝାଶୁଝା କରାଯିବା ପରେ ସେ ଇସ୍ତଫାପତ୍ର ପ୍ରତ୍ୟାହାର କରିନେଇଥିଲେ। ଦୁଇ ବରିଷ୍ଠ କଂଗ୍ରେସ ନେତାଙ୍କ ମଧ୍ୟରେ ବିବାଦର ମୂଳଦୁଆ ୨୦୧୮ରେ ପଡ଼ିଥିଲା। ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହେବା ପରେ ବଘେଲ ଓ ସିଂଦେଓ ଅଢ଼େଇ ବର୍ଷ ଲେଖାଏ ପାଳି କରି ମୁଖ୍ୟମନ୍ତ୍ରୀ ହେବେବୋଲି ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବଘେଲ ପାଖାପାଖି ୪ ବର୍ଷ ମୁଖ୍ୟମନ୍ତ୍ରୀ ପଦରେ ରହିବା ପରେ ମଧ୍ୟ ସିଂଦେଓଙ୍କୁ କ୍ଷମତାର ସ୍ୱାଦ ଚାଖିବା ସୁଯୋଗ ମିଳିନାହିଁ।

**ଛତିଶଗଡ଼ କ୍ଷମତା ଲଢ଼େଇ**



ଟି. ଏସ୍. ସିଂଦେଓ ଭୂପେଶ ବଘେଲ

# ଭାରତର ମ୍ୟାଙ୍ଗୋ ମ୍ୟାନ୍

**ବଗିଚାରେ ଫଳୁଛି ସଚିନ, ଐଶ୍ୱର୍ଯ୍ୟା ଭଳି ୩୦୦ ପ୍ରଜାତିର ଆମ୍ବ**

**ଲକ୍ଷ୍ନୌ,୨୩।୭**

ଉତ୍ତର ପ୍ରଦେଶ ମଲିହାରେ ୮୨ବର୍ଷୀୟ କଲିମ ଉଲ୍ଲାହ ଖାନ୍‌ଙ୍କ ଘର। ଉତ୍ତର ପ୍ରଦେଶ ଓ ଏହାର ଆଖପାଖ ଅଞ୍ଚଳ ସେ ମ୍ୟାଙ୍ଗୋମ୍ୟାନ୍ ଭାବେ ଜଣାଶୁଣା। କଲିମ ତାଙ୍କ ବଗିଚାରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଆମ୍ବଚାଷ କରିଛନ୍ତି। ତାଙ୍କର ଦିନଚର୍ଯ୍ୟା ଆମ୍ବ ବଗିଚାରୁ ଆରମ୍ଭ ହୋଇଥାଏ। ସକାଳୁ ଶଯ୍ୟାତ୍ୟାଗ କରିବା ପରେ ନିତ୍ୟକର୍ମ ଓ ପ୍ରାର୍ଥନା ସାରି ଲାଗିପଡ଼ନ୍ତି ବଗିଚା କାମରେ। ତେବେ ସବୁଠାରୁ ରୋମାଞ୍ଚକର କଥା ହେଉଛି, ବଲିଉଡ୍ ଅଭିନେତା, ଅଭିନେତ୍ରୀଙ୍କଠାରୁ ଆରମ୍ଭ କରି ପ୍ରଖ୍ୟାତ କ୍ରିକେଟର ସଚିନଙ୍କ ନାମରେ ଆମ୍ବ ପ୍ରଜାତିର ନାମକରଣ କରିଛନ୍ତି। କଲିମଙ୍କ ବଗିଚାରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଆମ୍ବଗଛ ଥିବାବେଳେ ଗଛଗୁଡ଼ିକର ବୟସ ୧୨୦ ବର୍ଷ ବୋଲି ସେ କହିଛନ୍ତି। ଜଣେ ସାଧାରଣ ଲୋକ ଯଦି ଖାଲି ଆଖିରେ ବଗିଚାକୁ ଦେଖେ, ତେବେ ତାଙ୍କୁ ଏଠାରେ ଖାଲି ଗଛ ହିଁ ଦେଖିବାକୁ ମିଳିବ। କିନ୍ତୁ କେହି ଯଦି ନିଜ ମନରୁ ଏ ବଗିଚାକୁ ଦେଖିବ ତେବେ ତାଙ୍କୁ ବିଶ୍ୱର ବଡ଼ ଆମ୍ବ ବଗିଚା ଦେଖାଯିବ ବୋଲି ସେ କହିଛନ୍ତି।



ପିଲାଟି ଦିନରୁ ବଗିଚା କାମରେ ତାଙ୍କ ରୁଚି। ସ୍କୁଲରୁ ବାହାରିଯିବାପରେ ତାଙ୍କ ରୁଚି ଉପରେ ଆହୁରି ଅଧିକ କାମ କରିବାକୁ ଲାଗିଲେ। ନୂଆ ଆମ୍ବ ଗଛ ସୃଷ୍ଟି କରିବା ପାଇଁ ଆମ୍ବ ଗଛର ଗୋଟିଏ ଅଂଶକୁ ଅନ୍ୟ ଆମ୍ବ ଗଛର ଅଂଶ ସହିତ ଯୋଡି ସେ ନୂଆ ପ୍ରଜାତିର ଆମ୍ବ ଗଛ ଉଦ୍ଭାବନ କରିବା ଆରମ୍ଭ କରିଦେଲେ। ୧୯୮୭ରୁ କଲିମ ଏ କାମରେ ନିୟୋଜିତ ଅଛନ୍ତି। ପ୍ରତ୍ୟେକ ଆମ୍ବର ଆକୃତି, ସ୍ୱାଦ, ରଙ୍ଗ ଅନ୍ୟ ଆମ୍ବଠାରୁ ଭିନ୍ନ। ୧୯୯୪ରେ ଯେତେବେଳେ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବିଶ୍ୱ ସୁନ୍ଦରୀ ବିଜୟିନୀ ହେଲେ ସେ ସମୟରେ କଲିମ ଏକ ନୂଆ ପ୍ରଜାତିର ଆମ୍ବ ଗଛ ଉଦ୍ଭାବନ କରିଥିବାବେଳେ ତା'ର ନାମ ଐଶ୍ୱର୍ଯ୍ୟା ବୋଲି ରଖିଲେ। ଏ ପ୍ରଜାତିର ଗୋଟିଏ ଆମ୍ବର ଓଜନ ୧ରୁ ୨ କିଲୋଗ୍ରାମ ହୋଇଥିବାବେଳେ ଏହା ସବୁ ଆମ୍ବଠାରୁ ଅଧିକ ମିଠା ଓ ସୁଆଦିଆ ବୋଲି କଲିମ କୁହନ୍ତି। କିଛି ଆମ୍ବ ପ୍ରଜାତିର ରଙ୍ଗ ହଳଦିଆ ଓ ଗ୍ଲସି ହୋଇଥିବାବେଳେ ଆଉ କିଛି ଆମ୍ବର ରଙ୍ଗ ସବୁଜ ରଙ୍ଗ। ପ୍ରତ୍ୟେକ ଆମ୍ବର ସୁଆଦ ଅନ୍ୟ ତୁଳନାରେ ଭିନ୍ନ।

ଇରାନଠାରୁ ଆରମ୍ଭ କରି ୟୁନାଇଟେଡ୍ ଆରବ ଏମିରେଟ୍ସ ପର୍ଯ୍ୟନ୍ତ କଲିମଙ୍କ ଆମ୍ବର ଚର୍ଚ୍ଚା କରାଯାଏ। କଲିମ ମରୁଭୂମିରେ ବି ଆମ୍ବ ଫଳେଇ ପାରିବେ ବୋଲି କୁହନ୍ତି। ଏଥିସହ କଲିମ ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ବଗିଚାରେ କାମ କରିବେ ବୋଲି କହିଛନ୍ତି।

# ରାଜ୍ୟ ସଭା ୨୭% ସଫଳ

**ନୂଆଦିଲ୍ଲୀ,୨୩।୭**

**ମୌସୁମୀ ଅଧିବେଶନର ପ୍ରଥମ ସପ୍ତାହ**

ଗତ ୧୮ ତାରିଖରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବାବେଳେ ପ୍ରଥମ ସପ୍ତାହରେ ରାଜ୍ୟ ସଭା ମାତ୍ର ୨୬.୯% ସଫଳ ହୋଇପାରିଛି। ସପ୍ତାହର ପ୍ରଥମ ୩ ଦିନରେ ଗୃହ ମାତ୍ର ୭୬ ମିନିଟ୍ ଚାଲିପାରିଥିଲା। ଶେଷ ଦୁଇଦିନରେ ତାହା ୫ ଘଣ୍ଟା ୩୧ ମିନିଟ୍‌କୁ ବୃଦ୍ଧି ପାଇଥିଲା। ହଟ୍ଟଗୋଳ ଓ ବାରମ୍ବାର ଗୃହ ମୁଲତବୀ ହେବା ଯୋଗୁ ମୋଟ ୧୮ ଘଣ୍ଟା ୪୪ ମିନିଟ୍ କାର୍ଯ୍ୟ ସମୟ ନଷ୍ଟ ହୋଇଛି। ଶେଷ ଦୁଇ ଦିନରେ ପ୍ରଶ୍ନକାଳ ଆରମ୍ଭ ହୋଇଥିବାବେଳେ ଏହା ମାତ୍ର ୧ ଘଣ୍ଟା ୫୦ ମିନିଟ୍ ଚାଲିପାରିଥିଲା। ତାଲିକାଭୁକ୍ତ ହୋଇଥିବା ୭୫ ତାରକା ପ୍ରଶ୍ନ ମଧ୍ୟରୁ ମାତ୍ର ୨୨ଟିର ଉତ୍ତର ରାଜ୍ୟ ସଭାରେ ରଖାଯାଇଥିଲା।


## SAMBALPUR MUNICIPAL CORPORATION

Notice No. 6913/ SMC Date 20.07.2022

**TENDER CALL NOTICE FOR HIRING OF MANPOWER FOR ABC PROGRAMME ON OUTSOURCE BASIS**

No.C-842:- Sambalpur Municipal Corporation, Sambalpur invites tenders from registered service providers for providing services of one Veterinary Doctor, one ABC Assistant and other supporting staffs on outsource basis.

The details of qualifying criteria of the manpower and other conditions of the tender can be downloaded from SMC website: www.smcsambalpur.nic.in. The interested bidder may submit the complete tender in the sealed cover addressed to Commissioner, Sambalpur Municipal Corporation, Durgapali, Sambalpur through Speed Post / Registered Post/ Courier on or before 30.07.2022 by 4.00 P.M.

Authority reserves the right to accept or reject any or all tenders without assigning any reason thereof.

**Sd./- Municipal Commissioner**
**Sambalpur Municipal Corporation**
OIPR-13122/11/0029/2223

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH

**TENDER FOR DRUGS, CONSUMABLES, REAGENT ETC FOR DHH, SUNDARGARH**

Adv. No.2498 DHH/ SNG Date 21.07.22

No.E-346:- Applications are invited from credible Agency / Firms / NGO's for Supply of Drugs Consumables, Reagent etc. for DHH, Sundargarh. The Agency / Firms/ NGOs/ SHG must be Valid Drugs Licence. It is mandatory that the Agency / Firms/ NGO's should have valid GST / TAN/ PAN/ GMP/ Drugs Licence / Authorization and other valid licence as per tender documents and should have an office in the Sundargarh District. Interested parties / organizations/ agencies should submit their proposal in prescribed format (Technical as well as financial bids under two bid systems along with all supporting documents in sealed envelope separately through Speed Post / Regd. Post. Post addressed to the CDM & PHO, SUNDARGARH on or before 01.08.2022 upto 05 P.M. in the prescribed application format available in the website http://www.sundergarh.nic.in. The application proposals shall open on 02.08.2022 at 11 A.M. in the office of the undersigned in presence of the parties / agencies/ or their authorized representatives. The authority reserves right for cancellation / modifications of the selection without assigning any reason thereof.

**Sd./- Chief District Medical & Public Health Officer, Sundargarh**
OIPR-10100/11/0017/2223

## OFFICE OF THE MUNICIPAL COUNCIL, JODA

No. 2807 / JMC, Date 20.07.2022

**QUOTATION CALL NOTICE**

No.C-836:- The Executive Officer, Joda Municipality on behalf of Joda Municipal Council, Dist.- Keonjhar invites sealed quotations from the intending registered firms/ authorized dealers/ distributors / contractors / suppliers and manufacturers of the work for Supply, Installation and Laying of Concertina Wire fencing with all accessories to Oldage home Building within Joda Municipality Area. The prescribed quotation schedule can be obtained from the Office of the Municipal Council, Joda on payment of Rs.1,000/- (Rupees one thousand) only including GST (Non-refundable) in shape of cash/ Bank Draft / Bankers Cheque drawn in favour of the Executive Officer, Joda Municipality payable at Joda from any Nationalized Bank from date 22.07.2022 to date 30.07.2022 till 01.00 P.M. during office hour except holidays.

The quotation paper along with all documents should reach the undersigned by Regd. Post / Speed Post/ Courier Service or by person on or before date 30.07.2022 upto 01.00 P.M. The quotations will be opened on dt.30.07.2022 at 03.00 P.M. in presence of the quotationer or their authorized representative, if present. The authority will in no way, be responsible for any delay in receipt of the quotation documents. The quotation received beyond the schedule date and time will not taken into consideration.

All terms and conditions may be seen inthe quotation schedule. The undersigned has the rights to accept, cancel or reject any or all the quotations without assigning any reason thereof.

**Sd./- Executive Officer, Joda Municipality**
OIPR-13124/11/0011/2223

## OFFICE OF THE MUNICIPAL COUNCIL, JODA

E-mail Id:-eojodamunicipality@rediffmail.com

**EXPRESSION OF INTEREST**

**No. 2764 Dt. 19.07.2022**

No. C-838:- Sealed quotation(s) in double cover system both technical and finance in plain paper are invited from the registered service provider(s)/ agencies having Valid license / Registration Certificate, PAN, Up to date GSTN Clearance Certificate, Labour License, Labour Insurance Certificate if any, ESI & Service Tax Certificate from the Competent Authority in order to engage Manpower indicated below in Joda Municipality on Outsourcing basis. The quotation schedule with terms and conditions may be received from office of the undersigned on payment of Rs.1000.00 (Rupees One thousand) only each set in shape of Cash/D.D drawn in favour of Executive Officer, Joda Municipality payable at Joda during Office hours from **21.07.2022 to 06.08.2022**. This quotation(s) in the prescribed format should reach the office of the Joda Municipality by **1.00 P.M up to 06.08.2022**. Quotation(s) received after due date and time will not be taken into consideration. The quotation(s) will be opened on the same date i.e **06.08.2022 at 03.00 P.M.** in presence of the quotationer or their authorized representatives. The other related information can be had in the Office of the Municipal Council, Joda during the Office hour in any working day.

The Authority reserves the right to reject any or all quotations without assigning any reason thereof.

| Sl. No. | Services | Nos. |
|---|---|---|
| 1 | Security Guard Services | As may be required |
| 2 | Process server Services | As may be required |
| 3 | Gardener Services | As may be required |
| 4 | Library Assistant | As may be required |
| 5 | Sweepers | As may be required |
| 6 | Electrician | As may be required |
| 7 | Staff Nurse | As may be required |
| 8 | Pharmacist | As may be required |
| 9 | Physiotherapist (Part Time) | As may be required |
| 10 | Yoga Trainer (Part Time) | As may be required |
| 11 | House Keeping | As may be required |
| 12 | Support Staff | As may be required |
| 13 | Accountant | As may be required |
| 14 | Laboratory Technician | As may be required |
| 15 | Health Worker (Male) | As may be required |
| 16 | Hospital Manager | As may be required |

**Sd./- Executive Officer, Joda Municipality**
OIPR-13124/11/0013/2223

No. A-416

GOVERNMENT OF ODISHA

## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## MAYURBHANJ IRRIGATION DIVISION, BARIPADA

e-mail: exen.mid@gmail.com, Fax/Tel.: 06792-295472

**"E" Procurement Notice No. 01MBJ/2022-23**

| | | |
|---|---|---|
| 1. | Name of the Works | Bank Protection works and Canal Works as mentioned in the website |
| 2. | Total No. of Works | 27 (Twenty seven) Nos. of works. |
| 3. | Estimated Cost | Varies from 8.91 lakhs to 33.30 lakhs |
| 4. | Class of Contractor | 'D' & 'C' and 'C' & 'B' |
| 5. | Period of Completion | As mentioned against work |
| 6. | Other details as follows | |
| (i) | Procurement Officer | Superintending Engineer, Mayurbhanj, Irrigation Division, Baripada |
| (ii) | Availability of Tender Online for Bidding | 27.07.2022 from 10.00 hours to 10.08.2022 upto 17.00 hours. |
| (iii) | Date, time and place of opening of Bid | On 19.08.2022 at 11.00 hours in the O/o. the Superintending Engineer, Mayurbhanj Irrigation Division, Baripada |
| (iv) | Date of Transparent Lottery to be conducted (if required) | On Dt.24.08.2022 at 11.00 A.M. |
| 7. | Further details can be seen from the 'e' Procurement Portal http://tendersorissa.gov.in. | |

OIPR-32158/11/0002/2223
**Sd./- Superintending Engineer**
**Mayurbhanj Irrigation Division, Baripada**

## DIRECTORATE OF TECHNICAL EDUCATION & TRAINING, ODISHA, KILLA MAIDAN, BUXIBAZAR, CUTTACK-753001

Email: ccrdiploma2022@gmail.com, Website: https:/www.dtetorissa.com, Ph-0671-2301061

No. KK-81 **DIPLOMA ADMISSION – 2022**

No.9719 Dt.22.07.2022

**Admission to 1st semester Diploma in Engineering/ Technology, Lateral admission to 3rd Semester Engineering/ Technology and 1st Sem./ 1st Year Non-Engineering Courses**

**Diploma Admission-2022 shall be conducted through ONLINE Application on SAMS Portal. Extended Admission Timeline (For Government & Private Institutions of Odisha)**

| SL # | Activities | Timeline (Diploma Admission 2022) 3rd Semester (LE) | 1st Sem./ 1st Year |
|---|---|---|---|
| 1 | Availability of ONLINE Common Application Form (CAF) on the SAMS Portal | 27.06.2022 | 27.06.2022 |
| 2 | Last date for applying ONLINE Common Application Form (CAF) | 17.08.2022 | 17.08.2022 |
| 3 | Commencement of document verification of applicants at selected NCCs, whose required documents have not been validated online | 29.06.2022 | 29.06.2022 |
| 4 | Last date of document verification of applicants at selected NCCs as applicable | 20.08.2022 | 22.08.2022 |
| 5 | Error free validation certificates from the NCCs | 23.08.2022 | 24.08.2022 |
| 6 | Selection of medical standard certificates of physically challenged (PC) candidates at SCB Medical College & Hospital, Cuttack | 24.08.2022 to 26.08.2022 | 25.08.2022 to 29.08.2022 |
| 7 | Verification of Merit List | 02.09.2022 | 08.09.2022 |
| 8 | Publication of Merit list | 05.09.2022 | 09.09.2022 |
| 9 | Online choice filling of institutions and branch by eligible applicants | 05.09.2022 to 09.09.2022 | 09.09.2022 to 14.09.2022 |
| 10 | Provisional Allotment of Seats (First Round) | 15.09.2022 | 21.09.2022 |
| 11 | Online payment of Part Admission fees (First Round) | 15.09.2022 to 19.09.2022 | 21.09.2022 to 27.09.2022 |
| 12 | Applicants, who are allotted first choice in the first round, after payment of part admission fee, will download the final allotment letter and report at the allotted institution | 15.09.2022 to 19.09.2022 | 21.09.2022 to 27.09.2022 |
| 13 | Online Choice Filling by left out SC/ST Candidates | 20.09.2022 | 28.09.2022 |
| 14 | Provisional Allotment of Seats (Second Round) | 27.09.2022 | 12.10.2022 |
| 15 | Online payment of Part Admission fees (Second Round) | 27.09.2022 to 30.09.2022 | 12.10.2022 to 15.10.2022 |
| 16 | Availability of final allotment letter to the applicants, except those, who have been issued final allotment letter in the first round. | 17.10.2022 | 26.10.2022 |
| 17 | Reporting of the final allotted candidates of second round only at the allotted institution | 17.10.2022 to 21.10.2022 | 26.10.2022 to 31.10.2022 |
| 18 | Redressal of Grievances of the applicants raised during admission process for settlement | 25.10.2022 | 02.11.2022 |
| 19 | Publication of institute/branch wise vacancy report on the website | 27.10.2022 | 04.11.2022 |

**NB-1**: The Detailed Eligibility Criteria was published on 13.06.2022 in All Odisha Editions of The Samaj, The Sambad, The Dharitri, The Prameya and All India Editions of The Times of India.
**NB-2:** The Diploma Admission-2022 Information Brochure and USER Manual are available on the websites: **http://www.dtetorissa.gov.in and http://skill.samsodisha.gov.in**.

OIPR-44008/11/0006/2223
**Sd./- Director of Technical Education and Training, Odisha, Cuttack**

## OFFICE OF THE DEPUTY DIRECTOR OF TEXTILES, SONEPUR

At: Thanapatipada, P.O.: Sonepur, Dist.: Subarnapur, PIN - 767017
Tele: 06654-220232, e-mail address: ddtsnp@gmail.com
Letter No. 2038 Dtd.: 21.07.2022

**QUOTATION CALL NOTICE FOR TECHNOLOGICAL INTERVENTION**

No. PP-25: Sealed quotations are invited from the registered suppliers/manufacturers/dealers/firms having valid PAN and GSTIN registration with uptodate Income Tax & GST Clearance Certificate for supply of different Handloom Items like Pit-loom and Weaving accessories for the weavers of Sonepur Textiles Zone under Technological Intervention components of promotion of Handloom Industries for the year 2021-22 & 2022-23.

Interested suppliers may quote their lowest rate with detailed specification (material to be used/size/specification/brand etc.) in the enclosed proforma along with the copy of Registration Certificate of the firm, Income Tax Clearance Certificate, GST Registration and proof of execution of such orders earlier (if any), mentioning **"Quotation for Technological Intervention"** on the top of the sealed envelope along with all documents and send it to the undersigned **by 5.00 P.M. of Dt.23.08.2022** through Registered/ Speed Post only. The quotation received either in incomplete form or after the due date & time will not be considered and will be rejected. For more details, terms & conditions etc for supply of the items, please visit the official website of SADHAC, Bhubaneswar: **www.sadhacodisha.org**, Sonepur district administration: **www.subarnapur.nic.in** and may contact the Deputy Director of Textiles (I/c), Sonepur in the above listed address, email & phone number. The undersigned reserves the right to reject or accept any or all the quotations without assigning any reason thereof.

**Sd./- Dy. Director of Textiles (I/c), Sonepur**
OIPR-31016/11/0002/2223

No. L-58

## DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR

Letter No.1S(04)01/20222-**24452** Dt.22.07.2022

**EXPRESSION OF INTEREST (EOI)**

**Engagement of Cluster Level Facilitating Agency under Crop diversification Programme in Mega Lift Irrigation Projects 2022-23 of Govt. of Odisha**

Expression of interest is invited by the Director of Agriculture & Food Production, Odisha, Bhubaneswar from the experienced and interested organizations for engagement of Facilitating Agencies for selected cluster of Bargarh, Bolangir, Boudh, Cuttack, Deogarh, Gajapati, Ganjam, Jajpur, Jharsuguda, Kendrapara, Rayagada, Sambalpur, Subarnapur and Sundargarh districts under Crop Diversification Programme in Mega Lift Irrigation Projects 2022-23. Interested organizations/agencies are required to submit the EoI in sealed envelope super scribed as ***Application for engagement of Cluster Level Facilitating Agency under Crop diversification programme in mega lift irrigation project of________ district*** as per enclosed application format by Registered/Speed Post. Proposals in E-Mail would not be entertained in this regard. The EOI should be addressed to office of the Chief District Agriculture Officer of the above mentioned concern districts. Last date for receipt of EoI is 5th August 2022 up to 1:00 PM and the same shall be opened on the same day at 3.30PM in presence of authorized signatory and representatives. The application form and detail terms & conditions are available in the official website of **www.agrisnetodisha.ori.nic.in.**

The authority shall not be responsible for any sort of postal delay and the EoI received beyond scheduled date and time shall not be entertained and out right to be rejected. The authority reserves the right to cancel/reject any or all the EOI without assigning any reason thereof.

Sd/-
**Director of Agriculture & Food Production, Odisha**
OIPR-01102/11/0008/2223

**ବିଳମ୍ବ ହେବ ବିଏସ୍ଏନ୍ଏଲ୍‌ର ୪ଜି ସେବା**

ନୂଆଦିଲ୍ଲୀ: ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ର ୪ଜି ସେବାର ଶୁଭାରମ୍ଭ ବିଳମ୍ବ ହେବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଟେଲିକମ୍ ଦୁନିଆରେ ବିଏସ୍ଏନ୍ଏଲ୍ ସବୁଠାରୁ ଅଧିକ ପ୍ରାଧାନ୍ୟ ବିସ୍ତାର କରିଥିବା ବେଳେ ବର୍ତ୍ତମାନ କିନ୍ତୁ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ବିଏସ୍ଏନ୍ଏଲ୍‌କୁ ଯଥେଷ୍ଟ ପଛରେ ପକାଇ ଦେଇଛନ୍ତି। ଏପରିକି ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ୪ଜିରୁ ୫ଜି ସ୍ପେକ୍ଟ୍ରମର ନିଲାମରେ ଅଂଶ ଗ୍ରହଣ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ବିଏସ୍ଏନ୍ଏଲ୍ ଏବେ ବି ସେହି ୩ଜି ନେଟୱାର୍କରେ ରହିଛି। ପୂର୍ବରୁ ଶୁଣାଯାଉଥିଲା ଯେ ୨୦୨୦ରେ ନିଗମ ତା'ର ୪ଜି ସେବା ଜାରି କରିବ, ମାତ୍ର ଏବେ ପର୍ଯ୍ୟନ୍ତ କମ୍ପାନୀ ଯେଉଁଠି ଥିଲା ସେଇଠି ଅଟକିଛି।

# ହ୍ରାସ ପାଉଛି ବୈଦେଶିକ ମୁଦ୍ରାଭଣ୍ଡାର

ନୂଆଦିଲ୍ଲୀ,୨୩।୭



ଗତ କିଛି ମାସ ହେବ ବିଭିନ୍ନ କାରଣରୁ ଦେଶର ବୈଦେଶିକ ମୁଦ୍ରାଭଣ୍ଡାର ଆଶାତୀତ ଭାବେ ହ୍ରାସ ପାଉଛି। ଚଳିତ ବର୍ଷ ଜୁଲାଇ ୧୫ରେ ସମାପ୍ତ ସପ୍ତାହରେ ୭.୫୪୧ ବିଲିୟନ ଡଲାର ଖସି ୫୭୨.୭୧୨ ବିଲିୟନ ଡଲାରରେ ପହଞ୍ଚିଛି। ଟଙ୍କାର ମୂଲ୍ୟ ହ୍ରାସ ରୋକିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ବାରମ୍ବାର ହସ୍ତକ୍ଷେପ ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ଆର୍‌ବିଆଇଙ୍କ ଅନୁସାରେ ଏହା ପୂର୍ବରୁ ୮ ଜୁଲାଇରେ ସମାପ୍ତ ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାର ୮.୦୬୨ ବିଲିୟନ ଡଲାର ଖସି ୫୮୦.୨୫୨ ବିଲିୟନ ଡଲାରରେ ପହଞ୍ଚିଥିଲା। ସେହିଭଳି କ୍ରମାଗତ ଭାବେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଓ ବିଦେଶୀ ନିବେଶକଙ୍କ ଦ୍ୱାରା ହେଉଥିବା ଉଠାଣ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ୮ଜୁଲାଇରେ ସମାପ୍ତ ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାରରେ ଦେଖାଯାଇଥିବା ହ୍ରାସ ବୈଦେଶିକ ମୁଦ୍ରାର ପରିସମ୍ପତ୍ତି ହ୍ରାସ ଯୋଗୁ ହୋଇଥିଲା। ଏହା ଛଡ଼ା ସଂରକ୍ଷିତ ସ୍ୱର୍ଣ୍ଣ ଭଣ୍ଡାରରେ ହ୍ରାସ ମଧ୍ୟ ବୈଦେଶିକ ମୁଦ୍ରାପାଣ୍ଠିର ହ୍ରାସର ଅନ୍ୟତମ କାରଣ ପାଲଟିଛି। ଆର୍‌ବିଆଇ ନିକଟରେ ଜାରି କରିଥିବା ସାପ୍ତାହିକ ତଥ୍ୟ ଅନୁସାରେ ସମୀକ୍ଷାଧୀନ ସପ୍ତାହରେ ବୈଦେଶିକ ମୁଦ୍ରା ପରିସମ୍ପତ୍ତି (ଏଫ୍‌ସିଏ) ୬.୫୨୭ ବିଲିୟନ ଡଲାର ହ୍ରାସ ହୋଇ ୫୧୧.୫୬୨ ବିଲିୟନ ଡଲାରରେ ପହଞ୍ଚିଥିଲା। ଡଲାର ଅଭିବ୍ୟକ୍ତିରେ ବୈଦେଶିକ ମୁଦ୍ରାଭଣ୍ଡାରରେ ରଖାଯାଇଥିବା ପରିସମ୍ପତ୍ତି ଯେପରିକି ୟୁରୋ, ପାଉଣ୍ଡ ଓ ୟେନ୍ ଭଳି ଅଣ ଆମେରିକୀୟ ମୁଦ୍ରାର ମୂଲ୍ୟ ବୃଦ୍ଧି ଅଥବା ହ୍ରାସ ଯୋଗୁ ଏପରି ପରିସ୍ଥିତି ଉପୁଜିଥିବା କୁହାଯାଇଛି। ସେହିପରି ଆଲୋଚ୍ୟ ସପ୍ତାହରେ ସ୍ୱର୍ଣ୍ଣ ଭଣ୍ଡାରର ମୂଲ୍ୟ ମଧ୍ୟ ୮୩ କୋଟି ଡଲାର ହ୍ରାସ ହୋଇ ୩୮.୩୫୬ ବିଲିୟନ ଡଲାରରେ ପହଞ୍ଚିଛି। ସମୀକ୍ଷାଧୀନ ସପ୍ତାହରେ ଅନ୍ତର୍ଜାତୀୟ ମୁଦ୍ରାକୋଷ (ଆଇଏମ୍ଏଫ୍)ରେ ଜମା ବିଶେଷ ଆହରଣ ଅଧିକାର (ଏସ୍‌ଡିଆର୍) ୧୫.୫ କୋଟି ଡଲାର ହ୍ରାସ ହୋଇ ୧୭.୮୫୭ ବିଲିୟନ ଡଲାରରେ ପହଞ୍ଚିଛି। ଆଇଏମ୍ଏଫ୍‌ରେ ଗଚ୍ଛିତ ଦେଶର ମୁଦ୍ରାଭଣ୍ଡାର ମଧ୍ୟ ୨.୯କୋଟି ଡଲାର ହ୍ରାସ ହୋଇ ୪.୯୩୭ ବିଲିୟନ ଡଲାରରେ ପହଞ୍ଚିଛି।

## ଏସ୍‌ବିଆଇର 'ମୋ ଗାଁ ମୋ ବ୍ୟାଙ୍କ'

ଭୁବନେଶ୍ୱର,୨୩।୭

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର 'ମୋ ଗାଁ ମୋ ବ୍ୟାଙ୍କ' କାର୍ଯ୍ୟକ୍ରମ ଜରିଆରେ ରାଜ୍ୟସ୍ତରୀୟ ଏକ ଚାଷୀ ସମ୍ପର୍କ ଅଭିଯାନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ସମସ୍ତ କ୍ଷେତ୍ରୀୟ ପ୍ରବନ୍ଧକ ଓ ଉପ ମହାପ୍ରବନ୍ଧକ ତଥା ମହାପ୍ରବନ୍ଧକ ପୋଣ୍ଣମବଲମ ଓ ଉତ୍ତମ କୁମାର ହଜରା ଚୌଧୁରୀ ଯଥାକ୍ରମେ ଗୁଡୁଗୁଡୁପଡ଼ା ଓ ଜଗଦୀଶପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ଜଗତ୍‌ସିଂହପୁରସ୍ଥିତ ବିଲାଶୁଣୀ ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗନେଇ ଏସ୍‌ବିଆଇର ସେବା ସମୂହ ଓ ସାମାଜିକ ସୁରକ୍ଷା ଯୋଜନାକୁ ସର୍ବସାଧାରଣଙ୍କ ପାଖରେ ପହଞ୍ଚାଇବାର ଲକ୍ଷ୍ୟ ଓ ଦେଶରେ ଅଗ୍ରଣୀ ବ୍ୟାଙ୍କର ସ୍ଥାନ ବଜାୟ ରଖିବାର ପ୍ରତିଶ୍ରୁତି ଦେଇଥିଲେ।

## ଭୁବନେଶ୍ୱରରେ ୟୋଭାଣ୍ଟ




ଭୁବନେଶ୍ୱର,୨୩।୭

ଭୁବନେଶ୍ୱରରେ କନ୍‌ସଲ୍‌ଟିଂ, ଟେକ୍ନୋଲୋଜି ଏବଂ ଡିଜିଟାଲ ଟ୍ରାନ୍ସଫର୍ମେଶନ ସେବା ଯୋଗାଉଥିବା ଗ୍ଲୋବାଲ ଆଇଟି ସର୍ଭିସ୍ କମ୍ପାନୀ ୟୋଭାଣ୍ଟର ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ମନୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଜାତୀୟ ସଫ୍ଟୱେର ଟେକ୍ନୋଲୋଜି ପାର୍କର ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ୟୋଭାଣ୍ଟର ସିଓଓ ପ୍ରବୀର କୁମାର ପଣ୍ଡା କହିଛନ୍ତି, ଏହା ନଭେମ୍ବର ୨୦୨୦ରେ ଆରମ୍ଭ ହୋଇଥିଲା ଏବଂ ଭୁବନେଶ୍ୱରରେ ଏହାର ଚତୁର୍ଥ ସେଣ୍ଟରର ଉଦ୍‌ଘାଟନ କରିବା ଆମ ସଫଳତାକୁ ଦ୍ୱିଗୁଣିତ କରିଛି। ଆମେ ଭୁବନେଶ୍ୱରରେ ୨୫୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବା ଏବଂ ୟୋଭାଣ୍ଟକୁ ରାଜ୍ୟର ସଫଳ ଆଇଟି କମ୍ପାନୀ ମଧ୍ୟରୁ ଗୋଟିଏ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଅନ୍ୟମାନଙ୍କ ମଧ୍ୟରେ ୟୋଭାଣ୍ଟର ସିଇଓ ସାମ୍ ମ୍ୟାକ୍‌ଗୁକିନ୍, ସିଟିଓ ପଲ୍ ମ୍ୟାନିଂ, ସିଏଫ୍ଓ ଅନିଲ ମଲ୍ଲିକ, ଜୟଦୀପ କୁମାର, ପ୍ରଭେଜ୍ କୁମାର, ଋଷିକେଶ ଜିଲପିଲୱାର, ସାହିଲ୍ ଅରୋରା ପ୍ରମୁଖ ଉପସ୍ଥିତ ଥିଲେ।

## 'ଉଦ୍ୟୋଗରେ ସୃଜନଶୀଳତା ଏବଂ ଉଦ୍ଭାବନ'

ଭୁବନେଶ୍ୱର,୨୩।୭

ଆଇସିସି ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନ୍‌ଡବ୍ଲ୍ୟୁଇସି) ପକ୍ଷରୁ ନିକଟରେ ସ୍ଥାନୀୟ ଜୟଦେବବିହାରସ୍ଥିତ ଏକ ହୋଟେଲ ପରିସରରେ ଆୟୋଜିତ ଏ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଉଦ୍ୟୋଗରେ ସୃଜନଶୀଳତା ଏବଂ ଉଦ୍ଭାବନ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୟନ ଏବଂ ହସ୍ତତନ୍ତ ବିଭାଗର କମିଶନର ଶୁଭା ଶର୍ମା, ଓର୍‌ମାସ ସିଇଓ ପୁନମ୍ ଗୁହା ଏବଂ ଏସ୍‌ଜେ ଡେଭେଲପର୍ସ ଆଣ୍ଡ ହାଉସିଂ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ମାତୃଦତ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାରେ ମହିଳା ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଥିବା ବିଭିନ୍ନ ସରକାରୀ ପଦକ୍ଷେପ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଆଇଏନ୍‌ଡବ୍ଲ୍ୟୁଇସି ଓଡ଼ିଶାର ଉଦ୍ୟୋକ୍ତା ସୁକୀର୍ତ୍ତି ପଟ୍ଟନାୟକଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୁକୀର୍ତ୍ତି କହିଛନ୍ତି, ଫରାହ ଖାନ୍ ଜଣେ ଜାତୀୟସ୍ତରର ସୁନାମଧନ୍ୟ ଗହଣା ଡିଜାଇନର, ଯାହାଙ୍କ ଡିଜାଇନ ଭାରତ ତଥା ବିଦେଶର ବଲିଉଡ୍ ତାରକାମାନଙ୍କ ମଧ୍ୟରେ ଅନୁଗ୍ରହ ଲାଭ କରିଛି। ଫରାହଙ୍କ ଅଭିଜ୍ଞତା ଓଡ଼ିଶାରେ ଆମର ଡିଜାଇନରମାନଙ୍କୁ ଏକ ସୁଯୋଗ ପ୍ରଦାନ ସହ ଉଚ୍ଚସ୍ତରୀୟ ଅଳଙ୍କାର ତିଆରି କରିବା ଏବଂ ବିଶ୍ୱବଜାରକୁ ଅନୁସନ୍ଧାନ କରିବ। ସେହିଭଳି ପ୍ରୀତି ପଟ୍ଟନାୟକ, କୋର୍ ସଦସ୍ୟ ଆଇଏନ୍‌ଡବ୍ଲ୍ୟୁଇସି ଓଡ଼ିଶା ଭୁବନେଶ୍ୱରରେ ଉଚ୍ଚମାନର ଡିଜାଇନ ଏବଂ ଅଳଙ୍କାର ପ୍ରଦର୍ଶନ କରି ମହିଳାମାନଙ୍କ ପାଇଁ ଏକ ଅନନ୍ୟ କ୍ରୟ ଅଭିଜ୍ଞତା ପ୍ରଦାନ କରିଥିବାରୁ ଫରାହ ଖାନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ରାସର ପ୍ରତିଷ୍ଠାତା ରଶ୍ମି ମହାପାତ୍ର ଏକ ପାରସ୍ପରିକ ଅଧିବେଶନ ପରିଚାଳନା କରିଥିଲେ।

## ଭିଆଇଟି-ଏପିରେ ଉଚ୍ଚଶିକ୍ଷା ବର୍ଗ ପାଇଁ ବୃତ୍ତି କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୩।୭

VIT-AP UNIVERSITY



ଡ. ଜି.ବିଶ୍ୱନାଥନ୍

ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଭିଆଇଟି) ଆନ୍ଧ୍ର ପ୍ରଦେଶ ବା ଭିଆଇଟି-ଏପି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳପତି ଡ. ଜି.ବିଶ୍ୱନାଥନ୍ ନିକଟରେ ଉଚ୍ଚଶିକ୍ଷା ବର୍ଗଙ୍କ ପାଇଁ ବୃତ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଛନ୍ତି। ବିଶେଷକରି ଜିଭି ମେରିଟ୍ ସ୍କଲାରଶିପ୍ ଏବଂ ରାଜେଶ୍ୱରୀ ଆମ୍ମାଲ ମେରିଟ୍ ସ୍କଲାରଶିପ୍ ଭିଆଇଟି-ଏପିର ମେଧାବୀ ବିଦ୍ୟାର୍ଥୀମାନଙ୍କୁ ପ୍ରଦାନ କରାଯିବ। ଯେଉଁମାନେ ବିଶେଷକରି ଅଣ ଇଞ୍ଜିନିୟରିଂ କାର୍ଯ୍ୟକ୍ରମ ଯଥା ବିବିଏ, ବି.କମ୍, ଆଇନ, ବି.ଏସ୍‌ସି ଏବଂ ବି.ଏ ସମେତ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷା ପାଇଁ ୨୦୨୨-୨୩ ଶିକ୍ଷାବର୍ଷରୁ ଉପରୋକ୍ତ କାର୍ଯ୍ୟକ୍ରମଗୁଡିକରେ ନାମ ଲେଖାଉଥିବା ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଏଭଳି ଘୋଷଣା କରାଯାଇଛି। ସେହିପରି ଭିଆଇଟି-ଏପିର ଉପ କୁଳପତି ଡ.ଏସ୍.ଭି.କୋଟା ରେଡ୍ଡୀ ଉକ୍ତ ବୃତ୍ତି ସମ୍ପର୍କରେ ସ୍ପଷ୍ଟ କରି କହିଛନ୍ତି, ଜିଭି ମେରିଟ୍ ସ୍କଲାରଶିପ୍ ପାଇଁ ସମଗ୍ର ଦେଶରେ ଯେ କୌଣସି ବୋର୍ଡ ଟପ୍ପର ହୋଇଥିବା ଆବଶ୍ୟକ। ଉକ୍ତ ସ୍କଲାରଶିପ୍ ଅଧୀନରେ ସ୍ୱୀକୃତିପ୍ରାପ୍ତ ପ୍ରାର୍ଥୀଙ୍କୁ ୧୦୦% ଛାତ୍ରବୃତ୍ତି ୟୁଜି ପ୍ରୋଗ୍ରାମର ସମସ୍ତ ବର୍ଷ ପାଇଁ ଦିଆଯିବ। ସେହିଭଳି ରାଜେଶ୍ୱରୀ ଆମ୍ମାଲ ମେରିଟ୍ ସ୍କଲାରଶିପ୍ ପାଇବାକୁ ପ୍ରାର୍ଥୀ ଏକ ଜିଲା ଟପ୍ପର ହୋଇଥିବା ଆବଶ୍ୟକ । ଦେଶର ଯେକୌଣସି ରାଜ୍ୟର ସ୍ୱୀକୃତିପ୍ରାପ୍ତ ପ୍ରାର୍ଥୀ ୫୦% ଛାତ୍ରବୃତ୍ତି ପାଇଁ ଯୋଗ୍ୟ ଅଟନ୍ତି। ଡିଗ୍ରୀ ପ୍ରୋଗ୍ରାମର ସମସ୍ତ ବର୍ଷ ପାଇଁ ଟ୍ୟୁଶନ ଫି ଛାଡ଼। ସେହିପରି ଯଦି ଜିଲା ଟପ୍ପର ଜଣେ ଛାତ୍ରୀ ହୋଇଥାନ୍ତି ତେବେ ସେ ଅତିରିକ୍ତ ୨୫% ଛାତ୍ରବୃତ୍ତି ପ୍ରାପ୍ତ କରିବେ। ଅପରପକ୍ଷରେ ୨୦୨୨-୨୩ ଶିକ୍ଷାବର୍ଷରୁ ଯେକୌଣସି ଅଣ ଇଞ୍ଜିନିୟରିଂ ପ୍ରୋଗ୍ରାମରେ ଆବେଦନ କରିବା ପାଇଁ ଚଳିତ ବର୍ଷ ଜୁଲାଇ ୩୧ ଶେଷ ତାରିଖ ରହିଥିବା ବେଳେ ଅଧିକ ବିବରଣୀ ଲାଗି ଭିଆଇଟି- ଏପିର ୱେବ୍‌ସାଇଟ ପରିଦର୍ଶନ କରନ୍ତୁ କିମ୍ବା ୭୯୦୧୦୯୧୨୮୩ କୁ କଲ୍ କରନ୍ତୁ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ଆଇଆଇସିଏଚ୍‌ଇ ସହ ମର୍କ୍ୟୁରିର ବୁଝାମଣାପତ୍ର

କୋଲକାତା,୨୩।୭

ଦେଶର ଏକ ପ୍ରିମିୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ୍ ହେଉଛି ମର୍କ୍ୟୁରି ଏଜୁକେଶନାଲ ସର୍ଭିସ, ଯାହା ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଇଞ୍ଜିନିୟର୍ସ (ଆଇଆଇସିଏଚ୍‌ଇ) ଯାଦବପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ବିଶେଷକରି ନିଟ୍, ଆଇଆଇଟି-ଜେଇଇ ଏବଂ ଡବ୍ଲ୍ୟୁବି-ଜେଇଇର ଆଶାୟୀ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ମାର୍ଗଦର୍ଶନ ଦେବା ପାଇଁ ଏହି ବୁଝାମଣାପତ୍ର ହୋଇଥିବା କୁହାଯାଇଛି। ଏକ ଦଶନ୍ଧିରୁ ଅଧିକ ଅଭିଜ୍ଞତା ଥିବା ବିଶେଷଜ୍ଞ ଶିକ୍ଷାବିତ୍‌ଙ୍କ ଏକ ଦଳ ଦ୍ୱାରା ଉତ୍କର୍ଷ ଏବଂ ପରିଚାଳିତ ଶିକ୍ଷା କ୍ଷେତ୍ରରେ ଉକ୍ତ ଅନୁଷ୍ଠାନ ପ୍ରତିଷ୍ଠିତ ବୋଲି କୁହାଯାଇଛି। ଉକ୍ତ ବୁଝାମଣାପତ୍ରରେ ବିଭିନ୍ନ ମାଧ୍ୟମ ଓ ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତଭାବେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଇଞ୍ଜିନିୟର୍ସର ଜାତୀୟ ସମ୍ପାଦକ ଡ. ଅଭିଜିତ ଘୋଷ କହିଛନ୍ତି, ମର୍କ୍ୟୁରିର ମହତ୍ତ୍ୱ ଛାତ୍ରୀଛାତ୍ରମାନଙ୍କ ପାଇଁ ଆମ୍ ବ୍ୟାଖ୍ୟାକାରୀ, କାରଣ ସେମାନେ ପୂର୍ବରୁ ସହଯୋଗ କରିସାରିଛନ୍ତି। ଦୀର୍ଘ ୭୫ବର୍ଷର ପ୍ରତିଷ୍ଠାନର ଏକ ସଂଗଠନ ଆଇଆଇସିଏଚ୍‌ଇ ଯାଦବପୁର ବିଶ୍ୱବିଦ୍ୟାଳୟ (କୋଲକାତା) ପରିସରରେ ରହିଛି। ସାରା ଦେଶରେ ବିଭିନ୍ନ ପ୍ରକାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଯୋଗାଉଥିବା ଆଇଆଇସିଏଚ୍‌ଇ ୪୭ଟି ଆଞ୍ଚଳିକ କେନ୍ଦ୍ର ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହଯୋଗରେ ମର୍କ୍ୟୁରି ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରିବାରେ ସାହାଯ୍ୟ କରିବ।

**ଫୁରସତ୍**

# ଦେହ ବ୍ୟବସାୟ ମୁହାଁ ଶ୍ରୀଲଙ୍କା ମହିଳା



**କଲମ୍ବୋ:** ଆର୍ଥିକ ସଙ୍କଟ ଭିତର ଦେଇ ଗତି କରୁଥିବା ଶ୍ରୀଲଙ୍କାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଛି। ଆବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ଖାଦ୍ୟ ପର୍ଯ୍ୟନ୍ତ ଦେଶରେ ପ୍ରତ୍ୟେକ ଜିନିଷର ଦାମ୍ ବୃଦ୍ଧି ପାଇବାରେ ଲାଗିଛି। ଅନେକ ଲୋକଙ୍କ ଚାକିରି ଚାଲିଯାଇଥିବାବେଳେ ସେମାନଙ୍କ ପକ୍ଷେ ଘର ଚଳାଇବା କଷ୍ଟକର ହୋଇପଡ଼ିଛି। ଦେଶରେ ଆର୍ଥିକ ସଙ୍କଟ କାରଣରୁ ହସ୍ତତନ୍ତ ଉଦ୍ୟୋଗ ଉପରେ ଏହାର ବଡ଼ ପ୍ରଭାବ ପଡ଼ିଛି। ଏଠାରେ ଅଧିକାଂଶ ମହିଳା କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରାଯାଇଛି। ଫଳରେ ପରିବାର ଚଳାଇବା ପାଇଁ ଏହି ମହିଳା ବର୍ତ୍ତମାନ ସମୟରେ ଦେହ ବ୍ୟବସାୟକୁ ଆପଣାଇଛନ୍ତି। ଶ୍ରୀଲଙ୍କାଜ୍ ଡେଲିରେ ପ୍ରକାଶିତ ଖବର ଅନୁସାରେ ଅଧିକାଂଶ ମହିଳା କର୍ମଚାରୀ ଦେହ ବ୍ୟବସାୟ ଆପଣାଇଥିବା ଖବର ପ୍ରକାଶ ପାଇଛି।

କାରଖାନାରେ କାମକରିବାବେଳେ ମାସିକ ବେତନ ୨୮ରୁ ୩୫ ହଜାର ମିଳୁଥିବାବେଳେ ଏ ବ୍ୟବସାୟରୁ ତା'ଠାରୁ ଅଧିକ ରୋଜଗାର ହେଉଥିବା ଜଣେ ଦେହବ୍ୟବସାୟ କରୁଥିବା ମହିଳା କହିଛନ୍ତି। ଏଥିରୁ ଦୈନିକ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର ହେଉଛି। ଖାଲି ଅର୍ଥ ରୋଜଗାର ନୁହେଁ ବରଂ ଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ଦୋକାନୀ ଓ ସୁରକ୍ଷା ପାଇଁ ପୋଲିସ କର୍ମଚାରୀଙ୍କ ସହ ମହିଳାମାନେ ଶାରୀରିକ ସମ୍ପର୍କ ସ୍ଥାପନ କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ଶ୍ରୀଲଙ୍କାର ଆର୍ଥିକ ସଙ୍କଟ କାରଣରୁ ଭାରତ ଓ ବାଂଲାଦେଶକୁ କପଡ଼ା ରପ୍ତାନି ୧୦ରୁ ୨୦ ପ୍ରତିଶତ କମିଛି। ଫଳରେ କିଛି କାରଖାନା ମାଲିକ କମ୍ପାନୀ ବନ୍ଦ କରିଦେଇଥିବାବେଳେ ଆଉ କେତେଜଣ କର୍ମଚାରୀ ଛଟେଇ କରିଛନ୍ତି। ଚଳିତ ବର୍ଷ ଜାନୁୟାରୀ ମାସରୁ ଏହି ମହିଳା ଦେହ ବ୍ୟବସାୟରେ ସାମିଲ ହେବା ଆରମ୍ଭ କରିଛନ୍ତି। ଦରଦାମ୍ ବୃଦ୍ଧି କାରଣରୁ ପରିବାରକୁ ଆର୍ଥିକ ସହଯୋଗ ଯୋଗାଇ ଦେବା ପାଇଁ ମହିଳାମାନେ ଏ ପ୍ରକାର ରୋଜଗାରପନ୍ଥା ଆପଣାଇଥିବା ଜଣାପଡ଼ିଛି। ଅନ୍ୟପଟେ ଦେଖିବାକୁ ଗଲେ ଖାଲି ହସ୍ତତନ୍ତ ନୁହେଁ ଉଦ୍ୟୋଗ, ଗଣମାଧ୍ୟମ ସେକ୍ଟର ଭୁଶୁଡ଼ିବା ସ୍ଥିତିରେ ରହିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଦେହ ବ୍ୟବସାୟକୁ ଛାଡ଼ିଦେଲେ ଦେଶରେ ରୋଜଗାରର ଆଉ କୌଣସି ପନ୍ଥା ନାହିଁ।

# ନିଜକୁ ପରଦାରେ ଦେଖିବା ପସନ୍ଦ ନୁହେଁ

ମୁମ୍ବାଇ

ହିନ୍ଦୀ ଫିଲ୍ମ ଏକ୍ ଭିଲେନ୍ ରିଟର୍ନସ୍‌ର ପ୍ରମୋଶନରେ ଦିଶା ପଟାନି ଏବେ ଖୁବ୍ ବ୍ୟସ୍ତ। ଏହା ଏକ ମଲ୍ଟି ଷ୍ଟାରର୍ ଫିଲ୍ମ ହୋଇଥିବାବେଳେ ଦିଶା ପଟାନିଙ୍କ ସମେତ ଫିଲ୍ମରେ ଅର୍ଜୁନ କପୁର, ଜନ୍ ଆବ୍ରାହମ୍ ଏବଂ ତାରା ସୁତାରିଆ ଅଭିନୟ କରିଛନ୍ତି। ଫିଲ୍ମର ପ୍ରମୋଶନବେଳେ ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଦିଶା କହିଛନ୍ତି, ନିଜକୁ ଟିଭି ପରଦାରେ ଦେଖିବା ତାଙ୍କୁ ପସନ୍ଦ ନୁହେଁ। ଯେତେବେଳେ ନିଜକୁ ଟିଭି କିମ୍ବା ବଡ଼ ପରଦାରେ ଦେଖିବାର ସମୟ ଆସେ ଅଧିକାଂଶ ସମୟ ସେ, ମୁହଁ ଲୁଚାଉଥିବା କହିଛନ୍ତି। ଏକ୍ ଭିଲେନ୍ ରିଟର୍ନସ ଜୁଲାଇ ୨୯ରେ ରିଲିଜ୍ ହେବାକୁ ଥିବାବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୋହିତ ସୁରି। ୨୦୧୪ରେ ଶ୍ରଦ୍ଧା କପୁର ଓ ସିଦ୍ଧାର୍ଥ ମାଲହୋତ୍ରା ଷ୍ଟାରର 'ଏକ୍ ଭିଲେନ୍'ର ଏହା ଦ୍ୱିତୀୟ ସଂସ୍କରଣ। ଏମ୍ଏସ୍ ଦୋନୀ: ଦ ଅନ୍ ଟୋଲ୍ଡ ଷ୍ଟୋରିରୁ ଦିଶା ବଲିଉଡ୍ ଡେବ୍ୟୁ କରିଥିଲେ। ଏକାଧିକ ଆଲବମ୍‌ରେ ମଧ୍ୟ ଦିଶା କାମ କରିଛନ୍ତି। ତେବେ ଆଗାମୀ ଦିନରେ ତାଙ୍କ ଦ୍ୱାରା ଅଭିନୀତ 'ଯୋଦ୍ଧା' ଫିଲ୍ମରେ ଦିଶାଙ୍କୁ ଦେଖିପାରିବେ ତାଙ୍କ ଫ୍ୟାନ୍ସ। ଏଥିରେ ସିଦ୍ଧାର୍ଥ ମାଲହୋତ୍ରା ଓ ରାଶି ଖନ୍ନା ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ବର୍ଷ ନଭେମ୍ବର ୧୧ରେ ମୁକ୍ତିଲାଭ କରିବ।



ଦିଶା ପଟାନି

# ଦେଶର ବିକାଶରେ ଆୟକର

**ଆୟକର ଦିବସ**

ସରକାରଙ୍କ ପକ୍ଷରୁ ବିଭିନ୍ନ ଟିକସ ଆଦାୟ କରାଯାଇଥାଏ। ଏହାଦ୍ୱାରା ସରକାରଙ୍କ ରାଜସ୍ୱ ସଂଗ୍ରହ ହୋଇଥାଏ। ସେହିପରି ଆୟ ଆଧାରରେ ଲୋକଙ୍କଠାରୁ ଆୟକର ଆଦାୟ କରାଯାଇଥାଏ। ଏସବୁ ଟିକସ ଦ୍ୱାରା ଦେଶର ବିକାଶ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଆୟକର ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ୨୪ରେ ଆୟକର ଦିବସ ପାଳିତ ହୋଇଥାଏ। କେନ୍ଦ୍ରୀୟ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ପକ୍ଷରୁ ଚଳିତ ବର୍ଷ ୧୬୨ ତମ ଆୟକର ଦିବସ ପାଳନ କରାଯାଉଛି। ସାର୍ ଜେମ୍ସ ୱିଲସନ୍‌ଙ୍କ ଦ୍ୱାରା ଇନ୍‌କମ ଟ୍ୟାକ୍ସ ପ୍ରଥମେ ଭାରତରେ ୧୮୬୦ ଜୁଲାଇ ୨୪ରେ ଆରମ୍ଭ କରାଯାଇଥିଲା। ୧୮୫୭ ମସିହାରେ ବ୍ରିଟିଶ ଶାସନ ବିରୋଧରେ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ସିପାହି ବିଦ୍ରୋହ ଯୋଗୁ ବ୍ରିଟିଶ ଶାସନରେ ହୋଇଥିବା କ୍ଷତିର କ୍ଷତିପୂରଣ ଦେବା ଏହି ଟ୍ୟାକ୍ସ ପ୍ରଚଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ୨୪ ଜୁଲାଇ ୨୦୧୦ରେ ପ୍ରଥମେ ଆୟକର ଦିବସ ଭାବରେ ଏହି ଦିନଟିକୁ ପାଳନ କରାଯାଇଥିଲା। ସିବିଡିଟିର ସ୍ଥାପନା ୧୯୨୪ରେ ହୋଇଥିଲା। ଆୟକର ଅଧିନିୟମ ୧୯୬୧ ଅନ୍ତର୍ଗତ ୧ ଏପ୍ରିଲ୍ ୧୯୬୨ଠାରୁ ସମଗ୍ର ଦେଶରେ ଏହା ଲାଗୁ ହୋଇଥିଲା।

# ମୃତ ମହିଳା ୨ ବର୍ଷ ଦେଉଥିଲେ ଭଡ଼ା



**ଲଣ୍ଡନ:** ଦୁଇବର୍ଷ ଧରି ଲଣ୍ଡନରେ ରହୁଥିବା ଜଣେ ୬୧ ବର୍ଷୀୟା ମୃତ ମହିଳା ଘରମାଲିକଙ୍କୁ ଭଡ଼ା ଦେଇ ଆସୁଥିଲେ। ମୃତ ମହିଳାଙ୍କ ନାମ ଶେଲା ସେଲେଓନ। ଲଣ୍ଡନର ପେକ୍‌ହାମ୍‌ରେ ଏକୁଟିଆ ଘର ଭଡ଼ା ନେଇ ରହୁଥିଲେ। ଶେଲାଙ୍କ ମୃତ୍ୟୁ ହେବାନେଇ ଘର ମାଲିକ କିମ୍ବା ଆଖପାଖ ଲୋକଙ୍କ ପାଖରେ କୌଣସି ସୂଚନା ନ ଥିଲା। ଘରୁ ଦୁର୍ଗନ୍ଧ ଆସିବା ପରେ ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ପାଖାପାଖି ଦୁଇଥର ପୋଲିସ ଆସି କିଛି ନ ପାଇ ଘର ନିକଟରୁ ଫେରି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବାରମ୍ବାର ଅଭିଯୋଗ ଆସିବା ପରେ ଗତ ଫେବୃୟାରୀରେ ପୋଲିସ ଘର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲା। ଘରେ ଥିବା ସୋଫାରେ ଏକ କଙ୍କାଳ ପଡ଼ିଥିବାର ପୋଲିସ ଦେଖିବାକୁ ପାଇଥିଲା। କଙ୍କାଳଟି ପୋଷ୍ଟମର୍ଟମ କରିବା ଅବସ୍ଥାରେ ନ ଥିବାବେଳେ ଦାନ୍ତର ଅବଶେଷର ଡିଏନ୍ଏ ଟେଷ୍ଟ କରାଯିବା ପରେ ଉକ୍ତ କଙ୍କାଳ ଶେଲାଙ୍କର ବୋଲି ଜଣାପଡ଼ିଥିଲା। ୨୦୧୯ ଏପ୍ରିଲରେ ମହିଳାଙ୍କୁ ଶେଷଥର ପାଇଁ ତାଙ୍କ ପଡ଼ୋଶୀ ଦେଖିଥିବା କୁହାଯାଉଛି। ଭଡ଼ା ଦେବାରେ ଅସୁବିଧା ହେବାପରେ ହାଉସିଂ ଗ୍ରୁପ୍ ପକ୍ଷରୁ ଆପ୍ଲିକେଶନ୍ ଦିଆଯାଇଥିଲା, ଯେଉଁଥିରେ ମହିଳାଙ୍କ ୟୁନିଭର୍ସାଲ କ୍ରେଡିଟ୍ ପେମେଣ୍ଟ ଜରିଆରେ ଘର ଭଡ଼ା ଦିଆଯିବା ନେଇ ନିଷ୍ପତ୍ତି ହେଲା। ୨୦୨୦ ମାର୍ଚ୍ଚ ପରଠାରୁ ପ୍ରତିମାସରେ ହାଉସିଂ କମିଟି ପକ୍ଷରୁ ଘର ଭଡ଼ା ଦିଆଗଲା। ୨୦୧୯ ଅଗଷ୍ଟରେ ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

# ମାତାପିତାଙ୍କ ପାଦ ତଳେ ସ୍ୱର୍ଗ

**ଜାତୀୟ ମାତୃପିତୃ ଦିବସ**

କୁହାଯାଏ ମାତାପିତାଙ୍କ ପାଦ ତଳେ ସ୍ୱର୍ଗ ଥାଏ। ତେଣୁ ସେମାନଙ୍କୁ ଈଶ୍ୱରଙ୍କ ସହିତ ତୁଳନା କରାଯାଇଥାଏ। ସନ୍ତାନର ମଙ୍ଗଳ ପାଇଁ ମାତାପିତା ବିଭିନ୍ନ କାର୍ଯ୍ୟ କରିଥାନ୍ତି। ସେମାନଙ୍କର ଆଜୀବନ ବଳିଦାନ ପ୍ରତି ସମ୍ମାନ ଜଣାଇବା ଲାଗି ପ୍ରତିବର୍ଷ ଜୁଲାଇ ମାସର ଚତୁର୍ଥ ରବିବାରକୁ ଜାତୀୟ ମାତୃପିତୃ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ଜୁଲାଇ ୨୪ ତାରିଖରେ ପାଳିତ ହେଉଛି। ମାତାପିତାମାନେ ସେମାନଙ୍କର ପିଲାମାନଙ୍କୁ ମାନସିକ, ଭାବପ୍ରବଣ ଏବଂ ଆର୍ଥିକ ସ୍ଥିରତା ପ୍ରଦାନ କରିବା ଲାଗି ପ୍ରୟାସ କରିଥାନ୍ତି। ଜୀବନରେ କେହି ସେମାନଙ୍କର ସ୍ଥାନ ନେଇପାରିବେ ନାହିଁ। ସେମାନେ ପିଲାମାନଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ମାତାପିତାଙ୍କ ଆଦର୍ଶକୁ ମନେ ପକାଇବା ମାତୃପିତୃ ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୧୯୯୪ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଏକ ପ୍ରସ୍ତାବ ସ୍ୱାକ୍ଷର କରିଥିଲେ। ଏହା ଅନୁସାରେ ଜୁଲାଇର ଚତୁର୍ଥ ରବିବାରକୁ ମାତୃପିତୃ ଦିବସ ଭାବରେ ପାଳନ କରିବା ପ୍ରସ୍ତାବକୁ ଆମେରିକା କଂଗ୍ରେସ ଦ୍ୱାରା ଅନୁମୋଦନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଦେଶରେ ନାନା ପ୍ରକାର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

## ସଂକ୍ଷେପରେ

### ଆଜି ଅନୁଗୋଳର ସବୁ ରାଜପଥରେ ୬ ଘଣ୍ଟିଆ ଅବରୋଧ

**ବାଧାପ୍ରାପ୍ତ ହେବନି ଜରୁରୀ ସେବା**

**ଅନୁଗୋଳ ଅଫିସ, ୨୩।୭:** ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବଶେଷକରି ବଅଁରପାଳରୁ ଅନୁଗୋଳ ପରିବହନ କାର୍ଯ୍ୟାଳୟ ଯାଏ ଯାତାୟାତ ଏକପ୍ରକାର ଅସମ୍ଭବ ହେଉଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଖାମଖିଆଲି ମନୋଭାବ ଓ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଅବହେଳା ପାଇଁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ କରିଛି ଅନୁଗୋଳ ଓକିଲ ସଂଘ। ଏହାର ପ୍ରତିବାଦରେ ଜିଲା ଓକିଲ ସଂଘ ପକ୍ଷରୁ ରବିବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥ ସହ ଜିଲାର ସମସ୍ତ ରାଜପଥରେ ୬ ଘଣ୍ଟିଆ ଅବରୋଧ କରାଯିବ ବୋଲି ଓକିଲ ସଂଘ ସଭାପତି ଦିଲୀପ କୁମାର ସାହୁ ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଏହି ଅବରୋଧ ସମୟରେ କୌଣସି ଜୁରୁରୀ ସେବା ବ୍ୟାହତ ହେବ ନାହିଁ ବୋଲି ସେ କହିଛନ୍ତି।

### ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ, ଜରିମାନା

**ନାବାଳିକା ବଳାତ୍କାର ମାମଲା**

**କଟକ ଅଫିସ, ୨୩।୭:** ନାବାଳିକା ବଳାତ୍କାର ମାମଲାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ ଆଡହକ ଫାଷ୍ଟଟ୍ରାକ୍ କୋର୍ଟ ଶନିବାର ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି। ଏଥିପାଇଁ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ବିଶ୍ୱଜିତ ରାୟ ପ୍ରକାଶ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୮ ଅକ୍ଟୋବର ୧୯ ତାରିଖ ସନ୍ଧ୍ୟାରେ ଟାଙ୍ଗୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ଘନ ବାଙ୍ଗରା ଘରୁ ଉଠାଇ ନେଇ ନିକଟସ୍ଥ କାଜୁ ଜଙ୍ଗଲରେ ବଳାତ୍କାର କରିଥିଲେ। ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଠେଙ୍ଗାମାଡ଼ରେ ସାଙ୍ଗ ମୃତ

**କବିସୂର୍ଯ୍ୟନଗର, ୨୩।୭ (ଡି.ଏନ୍.ଏ):** ସାଙ୍ଗ ସାଜିଲା ସଇତାନ। ସାମାନ୍ୟ ବଚସାରୁ ସାଙ୍ଗର ଜୀବନ ନେଲା ଅନ୍ୟଜଣେ ସାଙ୍ଗ। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବଡ଼ଆଗୁଳ-ଗଙ୍ଗାପୁର ରାସ୍ତାରେ ଶନିବାର ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ସୂଚନା ମୁତାବକ ସନ୍ଧ୍ୟାରେ ବଡ଼ଆଗୁଳ ଗ୍ରାମର ଅମର ମଲିକ ଓ ତାଙ୍କ ସାଙ୍ଗ ମୃଷା କରଣ ଘର ଆଗରେ ବସି ମଦ ପିଉଥିଲେ। ନିଶାଶକ୍ତ ହେବା ପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳର ହୋଇଥିଲା। ସୂତା କରଣ ରାଗରେ ଅମରଙ୍କ ମୁଣ୍ଡକୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ କାନରୁ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ସେଠାରେ ଟଳପଡ଼ିଥିଲେ ଅମର। ଗ୍ରାମବାସୀ ଓ ଅମରଙ୍କ ପରିବାର ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଅମରଙ୍କ ମୃତଦେହକୁ ଜବତ କରି କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ରାତି ହୋଇଥିବାରୁ ମୃତଦେହ ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଘଟଣାସ୍ଥଳରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୁକ୍ତ ମୃଷା କରଣ ଥାନାରେ ଆତ୍ମସମର୍ପଣ କରିଥିବା ପୋଲିସ କହିଛି।

### ଆହୁରି ଦୁଇଦିନ ବର୍ଷିବ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ସାରା ରାଜ୍ୟରେ ଏବେ ବର୍ଷା ଜାରି ରହିଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଏହିଭଳି ବର୍ଷା ଲାଗି ରହିବ। ଏ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରବିବାର ଗଜପତି, ଗଞ୍ଜାମ, କନ୍ଧମାଳ, ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ଼, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଓ କେନ୍ଦୁଝରରେ ପ୍ରବଳ ବର୍ଷା ହୋଇପାରେ। ଶନିବାର ଯାଜପୁରରେ ସର୍ବାଧିକ ୪୧ମିମି ବର୍ଷା ହୋଇଛି। ସେହିପରି ସୋନପୁରରେ ୩୫, କଟକ ୧୧, ବାଲେଶ୍ୱର ୨୨, ପାରାଦୀପ ୬ ଏବଂ ଚାନ୍ଦବାଲିରେ ୭.୫ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।



ବିକଳ୍ପ ରୋଜଗାର ଯୋଗାଇବା ଦାବିରେ ନମ୍ବର ପ୍ଲେଟ୍ ଆର୍ଟିଷ୍ଟମାନେ ଶନିବାର ଭୁବନେଶ୍ୱର ବାଣୀବିହାର ଛକରୁ ପିଏମ୍‌ଜି ଅଭିମୁଖେ ଶୋଭାଯାତ୍ରାରେ ବାହାରିଛନ୍ତି।

# ଅବହେଳାରୁ ଆଦର ହରାଉଛି

**ଯୋଜନାରେ ସୀମିତ ଶତାଧିକ ପର୍ଯ୍ୟଟନସ୍ଥଳୀର ବିକାଶ**

**ଯାଜପୁର ଅଫିସ, ୨୩।୭**

ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଛି। ୨୦୧୯ ତୁଳନାରେ ୨୦୨୦ରେ ୬୯.୯୬% ଏବଂ ୨୦୨୧ରେ ୭୬% ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି, ଯାହାକି ପର୍ଯ୍ୟଟନ କ୍ଷେତ୍ରରେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ଉପରେ ପ୍ରଭାବ ପକାଇଛି ବୋଲି ଅଭିଯୋଗ ହୋଇଛି।

ରାଜ୍ୟ ପର୍ଯ୍ୟଟନ ଶିଳ୍ପର ସ୍ୱତନ୍ତ୍ରତା ରହିଛି। ସୁଦୀର୍ଘ ବେଳାଭୂମି ସାଙ୍ଗକୁ ବିଭିନ୍ନ ଜିଲାରେ ଥିବା ବଣପାହାଡ଼ ଘେରା ପ୍ରାକୃତିକ ପରିବେଶ, ଐତିହାସିକ ସ୍ଥଳୀ, ସାଂସ୍କୃତିକ ଏବଂ ଧାର୍ମିକ ପୀଠ ଦେଶ, ବିଦେଶ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ବେଶ୍ ସକ୍ଷମ। ହେଲେ ଓଡ଼ିଶା ପର୍ଯ୍ୟଟନ ସ୍ଥଳ ସମ୍ପର୍କରେ ଦେଶ, ବିଦେଶରେ ଆବଶ୍ୟକ ପ୍ରଚାର ପ୍ରସାର ହେଉନାହିଁ। ଏହାବାଦ୍ ଅନେକ ପର୍ଯ୍ୟଟନସ୍ଥଳୀ ଲୋକଲୋଚନରୁ ଦୂରେଇ ରହିଛି। କେତେକ ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟକରଣ ସହ ଭିତ୍ତିଭୂମିର ବିକାଶ ହେଉ ନ ଥିବାରୁ ଆଗାମୀ ଦିନରେ ସେହି ସ୍ଥାନ ଜନମାନସରୁ ଦୂରେଇ ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟ ରାଜ୍ୟ ଭଳି ଓଡ଼ିଶାର ସମୁଦ୍ର ତଟରେ ସେଭଳି ଆଖିଦୃଶିଆ ପର୍ଯ୍ୟଟନସ୍ଥଳୀ ନିର୍ମାଣ କରିବାରେ ସରକାର ବିଫଳ ହୋଇଛନ୍ତି। ଏହାସହ ପର୍ଯ୍ୟଟନସ୍ଥଳର ଉନ୍ନତି ପାଇଁ ପ୍ରତିବର୍ଷ ପ୍ରସ୍ତାବ ଯାଉଛି, ଅନୁଦାନ ବି ଆସୁଛି। ହେଲେ ତାହା ଉପଯୁକ୍ତ ଭାବେ ବିନିଯୋଗ ହେଉ ନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଉଥିବା ଅଭିଯୋଗ ହୋଇଛି।

ରାଜ୍ୟ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଇ.ବି. ଜେନାଙ୍କ ରିପୋର୍ଟ ଅନୁସାରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ୨ଟି ଯୋଜନାରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଅନୁଦାନ ମିଳିଛି। ପ୍ରଥମେ ସ୍ୱଦେଶ ଦର୍ଶନ ଯୋଜନାରେ ଉପକୂଳବର୍ତ୍ତୀ ଗୋପାଳପୁର, ବାରକୋଟ, ସାତପଡ଼ା, ଟମ୍ପରା ଏବଂ ପ୍ରସାଦ ଯୋଜନାରେ ପୁରୀ ଶ୍ରୀଜଗନ୍ନାଥ ଧାମ, ରାମଚଣ୍ଡୀ–ପ୍ରାଚୀ, ଦେଉଳି–ଧଉଳିର ଭିତ୍ତିଭୂମିର ବିକାଶ କାର୍ଯ୍ୟ ହେଉଛି। ଏହାସହ ସାତକୋଶିଆ, ହୀରାକୁଦ, ଭିତରକନିକା, ଚିଲିକା, ଚନ୍ଦ୍ରଭାଗା, ଧଉଳି, ଦାରିଙ୍ଗବାଡ଼ି, ଉଦୟପୁର–ତଳସାରୀ, ବୌଦ୍ଧପୀଠ ଖଣ୍ଡଗିରି ଓ ଉଦୟଗିରି, କୋରାପୁଟ ନୃସିଂହନାଥ ଓ ହରିଶଙ୍କର, ଟମ୍ପରା, ମହେନ୍ଦ୍ରଗିରି, ବକୁଳବଣ, ରଘୁରାଜପୁର, ଶିଖରଚଣ୍ଡୀ, ଧବଳେଶ୍ୱର ସ୍ଥଳୀର ବିକାଶ ପାଇଁ ପ୍ରସ୍ତାବ ରହିଛି। ସେହିପରି ଭୁବନେଶ୍ୱର, ପୁରୀ, ସମ୍ବଲପୁର, ରାଉରକେଲା, ରମ୍ଭା, ବରକୁଳ, ଚନ୍ଦନେଶ୍ୱର, ଚାନ୍ଦିପୁର ଆଦି ୮ ପାନ୍ଥନିବାସର ନବୀକରଣ କରିବାକୁ ଯୋଜନା ହୋଇଛି। ରାଜ୍ୟରେ ଚିହ୍ନଟ ହୋଇଥିବା ୩୫୮ରୁ ୪୯ଟି ପର୍ଯ୍ୟଟନସ୍ଥଳୀର ଇନ୍‌ଫ୍ରାଷ୍ଟ୍ରକ୍ଚର ଗ୍ୟାପ୍ ଆସେସମେଣ୍ଟ ଜରିଆରେ ପର୍ଯ୍ୟାୟ କ୍ରମେ ଉନ୍ନତୀକରଣ କରାଯାଇଛି। ରାମଚଣ୍ଡୀ, ଟମ୍ପରା ଇକୋ କଟେଜ, ତ୍ରିଶୂଳିଆ ଫୁଡ୍ କୋର୍ଟ, ରାମଚଣ୍ଡୀ ଫୁଡ୍ କୋର୍ଟ, ସିଲଭର ସିଟି ବୋଟ୍ କ୍ଲବ୍, ହୀରାକୁଦ ବୋଟ୍ କ୍ଲବକୁ ସ୍ୱତନ୍ତ୍ର ପ୍ରକଳ୍ପ ଭାବେ ଗ୍ରହଣ କରି କାମ ଆରମ୍ଭ ହୋଇଛି। ବଲାଙ୍ଗୀର ଜିଲାର ହରିଶଙ୍କର ପୀଠର ଉନ୍ନତୀକରଣ ପାଇଁ ୧୫ କୋଟି ୧୨ ଲକ୍ଷ ୫୩ ହଜାର ଟଙ୍କା ଏବଂ ନୃସିଂହନାଥ ମନ୍ଦିରର ଉନ୍ନତୀକରଣ ପାଇଁ ୨୩ କୋଟି ୧ ଲକ୍ଷ ୭୪ ହଜାର ୨୦୦ ଟଙ୍କାର ବ୍ୟୟ ଅଟକଳ ହୋଇଛି। ପୌରାଣିକ ଗନ୍ଧମାର୍ଦ୍ଦନ ପାହାଡ଼ର ଉଭୟପାର୍ଶ୍ୱରେ ଥିବା ଏହି ଦୁଇ ପୀଠରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଏକାଧିକ ଝରଣା ରହିଛି। ତେବେ ହରିଶଙ୍କରଠାରୁ ନୃସିଂହନାଥ ମନ୍ଦିରକୁ ଗର୍ନ୍ଦମାର୍ଦ୍ଦନ ପାହାଡ଼ ଦେଇ ରୋପ୍‌ୱେ ଯୋଗାଯୋଗ କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଦାବି ହୋଇଆସୁଛି। ହେଲେ ଏହି ଦାବି ଅଣଦେଖା ହୋଇରହିଛି। ତେବେ ରାଜ୍ୟର କେତେକ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟାୟକ୍ରମେ ରୋପ୍‌ୱେ ନିର୍ମାଣ କରିବାକୁ ଯୋଜନା ରହିଛି ବୋଲି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟକୁ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

ସୂଚନାଥାଉ କି, ଗତ ୧୦ ବର୍ଷ ମଧ୍ୟରେ ୨୦୧୯ରେ ସର୍ବାଧିକ ୧,୫୪,୨୨,୭୬୫ ପର୍ଯ୍ୟଟକ ଓଡ଼ିଶାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧,୧୫,୧୨୮ ଜଣ ବିଦେଶୀ ପର୍ଯ୍ୟଟକ ଥିଲେ। କିନ୍ତୁ ୨୦୨୦ରେ ମାତ୍ର ୪୬,୩୨,୪୭୯ (–୬୯.୯୬%) ଏବଂ ୨୦୨୧ରେ ୩୭,୪୪,୪୯୨ ପର୍ଯ୍ୟଟକ ଆସିଛନ୍ତି। ଯାଜପୁର ଜିଲାର ଐତିହାସିକ ରତ୍ନଗିରି, ଉଦୟଗିରି, ଲଳିତଗିରି ଓ ଓଳାଶୁଣି ପର୍ଯ୍ୟଟନସ୍ଥଳୀ ଅବହେଳିତ ହୋଇ ପଡ଼ିରହିଛି।

ବଲାଙ୍ଗୀର ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଲେଇଙ୍କୁ ପଚାରିବାରେ ସେ କହିଛନ୍ତି, କରୋନା ମହାମାରୀ ପର୍ଯ୍ୟଟକ ଆଗମନ ସଂଖ୍ୟା ହ୍ରାସର ମୁଖ୍ୟ କାରଣ। ଏହାସହ ହରିଶଙ୍କର ଭଳି କେତେକ ପର୍ଯ୍ୟଟନସ୍ଥଳୀକୁ ଉପଯୁକ୍ତ ଗମନାଗମନ ସୁବିଧା ନ ଥିବାରୁ ପର୍ଯ୍ୟଟକମାନେ ସହଜରେ ଯାଇ ପାରୁନାହାନ୍ତି। ବର୍ତ୍ତମାନ ଅଧିକାଂଶ ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି।

ହରିଶଙ୍କର ମନ୍ଦିର ପରିସରର ଫେନ୍ସି ଦୋକାନୀ ସାଧୁ ଦେ କୁହନ୍ତି, କରୋନା ସମୟରେ ମନ୍ଦିର ପରିସର ଶୂନଶାନ ହୋଇ ପଡ଼ିଥିଲା। ସେତେବେଳେ ପରିବାର ଚଳାଇବା ବହୁ କଷ୍ଟକର ହୋଇଥିଲା। ସରକାର ବିଭିନ୍ନ ଦୋକାନୀଙ୍କୁ ସହାୟତା ରାଶି ଦେଇଥିବାବେଳେ ସେମାନଙ୍କୁ ବଞ୍ଚିତ କରିଛନ୍ତି। ଏହାସହ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଅନେକ ଯୋଜନା ହେଉଥିଲେ ହେଁ ଠିକ୍ ସମୟରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଫଳରେ ପର୍ଯ୍ୟଟକ ସଂଖ୍ୟା ହ୍ରାସ ପାଉଛି।

## ଆଜାଦୀ କି ରେଳଗାଡ଼ି, ଷ୍ଟେଶନ ସପ୍ତାହ ଉଦ୍‌ଯାପିତ

**ଭୁବନେଶ୍ୱର, ୨୩।୭**

ପୂର୍ବତଟ ରେଳପଥ ଦ୍ୱାରା ସପ୍ତାହବ୍ୟାପୀ ଆୟୋଜିତ ହୋଇଥିବା 'ଆଜାଦୀ କି ରେଳ ଗାଡ଼ି ଏବଂ ଷ୍ଟେଶନ' ସ୍ମରଣୀୟ ସପ୍ତାହ ଉତ୍ସବ ଶନିବାର ସମାପ୍ତ ହୋଇଛି। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ତଥା ଆଜାଦୀ କା ଅମୃତ ମହୋତ୍ସବର ଅଂଶ ଭାବେ ସ୍ମରଣୀୟ ଆଜାଦୀ କି ରେଳଗାଡ଼ି ଏବଂ ଷ୍ଟେଶନ' ସପ୍ତାହ ସାରା ଦେଶରେ ପାଳନ କରାଯାଉଛି। ଜୁଲାଇ ୧୮ରୁ ୨୩ ପର୍ଯ୍ୟନ୍ତ ଆଜାଦୀ କି ରେଳ ଗାଡ଼ି ଏବଂ ଷ୍ଟେଶନ ସପ୍ତାହ ପାଳନ ପାଇଁ ଭାରତୀୟ ରେଳ ମନ୍ତ୍ରଣାଳୟ ସମଗ୍ର ଭାରତବର୍ଷରେ ୭୫ରେଳ ଷ୍ଟେଶନକୁ ମନୋନୀତ କରିଥିଲା। ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଖୋର୍ଦ୍ଧା ରୋଡ୍, କଟକ, ସାକ୍ଷୀଗୋପାଳ, ସମ୍ବଲପୁର ଓ ବିଶାଖାପାଟଣା ଷ୍ଟେଶନକୁ ମନୋନୀତ କରାଯାଇଥିଲା। ସପ୍ତାହବ୍ୟାପୀ ଉତ୍ସବ ପାଳନ ସମୟରେ, ପଥପ୍ରାନ୍ତ ନାଟକ, ଦେଶାତ୍ମବୋଧକ ଗୀତ, ଦେଶଭକ୍ତି ନୃତ୍ୟ, ତତ୍କ୍ଷଣାତ କୁଇଜ୍, ସେଲ୍‌ଫି ପଏଣ୍ଟ, ମନୋନୀତ ରେଳ ଷ୍ଟେଶନଗୁଡ଼ିକର ଆଲୋକୀକରଣ, ସ୍ୱାଧୀନତା ସଂଗ୍ରାମୀମାନଙ୍କର ସଂକ୍ଷିପ୍ତ ଇତିହାସର ଅଡିଓ–ଭିଡିଓ ପ୍ରଦର୍ଶନ, ସ୍ୱାଧୀନତା ସଂଗ୍ରାମୀଙ୍କ ୩ଡି କଟ୍‌ଆଉଟ୍, ଆଲୋକ ଏବଂ ଧ୍ୱନି କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜନ କରାଯାଇଥିଲା। ଏହି ସ୍ମରଣୀୟ ସପ୍ତାହ ସମାପ୍ତିର ଏକ ଅଂଶ ଭାବେ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନରେ ସମାପନ ସମାରୋହ ଆୟୋଜିତ ହୋଇଥିଲା। ପୂର୍ବତଟ ରେଳପଥର ପ୍ରମୁଖ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ବାସୁଦେବ ପଣ୍ଡା ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ରିଙ୍କେଶ ରାୟ ୪ଜଣ ସ୍ୱାଧୀନତା ସଂଗ୍ରାମୀ ଓ ସେମାନଙ୍କ ପରିବାର ସଦସ୍ୟ ଏବଂ ୯ଜଣ ପାଇକ ବିଦ୍ରୋହ ଶହୀଦଙ୍କ ବଂଶଧର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। ଏହି ପରିପ୍ରେକ୍ଷୀରେ ପଣ୍ଡା କହିଛନ୍ତି, ପୂର୍ବତଟ ରେଳପଥର ସମସ୍ତ ବିଭାଗ ଆଜାଦୀ କି ରେଳ ଗାଡ଼ି ଏବଂ ଷ୍ଟେଶନର ସପ୍ତାହବ୍ୟାପୀ ଉତ୍ସବରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମର୍ପଣ କରି ଦିଆଯାଇଥିବା ମହାନ୍ ବଳିଦାନକୁ ସମ୍ମାନ ଦେବା ଏବଂ ଦେଶର ଏକତା ତଥା ଜାତୀୟତାକୁ ଆହୁରି ଆଗକୁ ବଢାଇବା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଆୟୋଜନର ମୂଳ ଉଦ୍ଦେଶ୍ୟ। ୨୦୦ବର୍ଷ ପୁରୁଣା ପାଇକ ବିଦ୍ରୋହ ପାଇଁ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନର ଏକ ସ୍ୱତନ୍ତ୍ର ପରିଚୟ ଏବଂ ଓଡ଼ିଶାର ଗର୍ବ। ସେହିପରି କଟକ ରେଳ ଷ୍ଟେଶନରେ ଉକ୍ତ ଉତ୍ସବରେ ଯୋଗଦେଇ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳପଥ ପ୍ରବନ୍ଧକ କଲ୍ୟାଣ ପଟ୍ଟନାୟକ ୩ଜଣ ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କୁ ସମ୍ମାନିତ କରିଥିଲେ। ସେହିଭଳି ଅତିରିକ୍ତ ମଣ୍ଡଳ ରେଳପଥ ପ୍ରବନ୍ଧକ ଅଶୋକ କୁମାର ୨ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ସାକ୍ଷୀଗୋପାଳଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ କରିଥିଲେ। ଏହା ବ୍ୟତୀତ ୱାଲଟିୟର ଏବଂ ସମ୍ବଲପୁର ରେଳମଣ୍ଡଳରେ ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳ ରେଳପଥ ପ୍ରବନ୍ଧକମାନେ ସ୍ୱାଧୀନତା ସଂଗ୍ରାମୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ ସମ୍ମାନିତ କରିଥିଲେ। ପରିଶେଷରେ ସମସ୍ତ ରେଳ ଷ୍ଟେଶନ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ନୂଆଦିଲ୍ଲୀରେ ଆୟୋଜିତ କେନ୍ଦ୍ରୀୟ କାର୍ଯ୍ୟକ୍ରମ ସହ ସଂଯୁକ୍ତ ହୋଇଥିଲେ। ନୂଆଦିଲ୍ଲୀରେ କେନ୍ଦ୍ରୀୟ କାର୍ଯ୍ୟକ୍ରମରେ ଭାରତର ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣିମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। କେନ୍ଦ୍ର ମନ୍ତ୍ରୀ ଜୋଷୀ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଉପସ୍ଥିତ ଥିବା ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲିକଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସ୍ୱାଧୀନତା ସମୟରେ ତାଙ୍କ ଅଭିଜ୍ଞତା ତଥା ଭାରତୀୟ ରେଳପଥର ବିଭିନ୍ନ ରେଳ ଷ୍ଟେଶନରେ ଉପସ୍ଥିତ ଥିବା ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ଯୋଗାଯୋଗ କରି ସେମାନଙ୍କର ସ୍ୱାଧୀନତା ସଂଗ୍ରାମ ବେଳର ଅନୁଭବକୁ ପଚାରି ବୁଝିଥିଲେ।



## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ଜୀବନ ଗଲା

**ବନ୍ତ, ୨୩।୭(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ଥାନା ଗୋବିନ୍ଦପୁର ପଞ୍ଚାୟତ ତରାଗୋ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ବହୁଦରଡ଼ା ଗ୍ରାମର ରବୀନ୍ଦ୍ର ଓଝା। ରବୀନ୍ଦ୍ର ତରାଗୋ ଗ୍ରାମରେ ଏକ ଟେଷ୍ଟ କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବନ୍ତ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୨) ରୁଜୁ କରାଯାଇଛି।

## କରୋନାରେ ଚାଲିଗଲା ବୃଦ୍ଧାଙ୍କ ଜୀବନ

**ବରପାଲି, ୨୩।୭(ଡି.ଏନ.ଏ.)**

ରାଜ୍ୟରେ ମହାମାରୀ କରୋନା ପୁଣି ତାର କାୟା ବିସ୍ତାର କରିବାରେ ଲାଗିଲାଣି। ଶନିବାର ଏହି ରୋଗରେ ପୀଡ଼ିତା ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ଜଣଙ୍କ ହେଲେ ବରଗଡ଼ ଜିଲା ବରପାଲି ବ୍ଲକ ତିଲେଇମାଲ ପଞ୍ଚାୟତ ପଟେଇପାଲି ଗ୍ରାମର ସନ୍ଧ୍ୟା ପୋଡ଼ (୬୩)। କରୋନାରେ ବୃଦ୍ଧାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ପଟେଇପାଲି ଗ୍ରାମର ସନ୍ଧ୍ୟାଙ୍କୁ ପ୍ରଥମେ ଜ୍ୱର, କାଶ ହେବାରୁ ସେ କୋଭିଡ୍ ପରୀକ୍ଷା କରାଇଥିଲେ। ସେ କୋଭିଡ୍ ପଜିଟିଭ ଚିହ୍ନଟ ହେବାରୁ ଗତ ୨୧ ତାରିଖରେ ବରପାଲି ସରକାରୀ ଡାକ୍ତରଖାନା ଆଇସୋଲେଶନ ୱାର୍ଡରେ ରହି ଚିକିତ୍ସିତ ହେଉଥିଲେ। ଶନିବାର ଭୋର୍ ସମୟରେ ଉକ୍ତ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା। ମୃତଦେହକୁ ତାଙ୍କ ଗ୍ରାମକୁ ନେଇ କୋଭିଡ ନିୟମାନୁସାରେ ସତ୍କାର କରାଯାଇଥିଲା। ଏ ସମ୍ପର୍କରେ ବରପାଲି ଡାକ୍ତରଖାନାର ଇନ୍‌ଚାର୍ଜ ଡାକ୍ତର ରାଜେଶ ବେହେରାଙ୍କୁ ପଚାରିବାରୁ ଉକ୍ତ ମହିଳା ଜଣଙ୍କ କରୋନା ପଜିଟିଭ ଚିହ୍ନଟ ହୋଇ ବରପାଲି ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶନିବାର ତାଙ୍କର ମୃତ୍ୟୁ ହୋଇଛି ବୋଲି ସେ କହିଥିଲେ।

## ଶିକ୍ଷକଙ୍କ ମାଡ଼ରେ ୪ ଛାତ୍ରୀ ଆହତ

- ସ୍କୁଲରେ ଉତ୍ତେଜନା
- କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଭିଭାବକ

**ବାସୁଦେବପୁର, ୨୩।୭(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଏକ ସ୍କୁଲରେ ଜଣେ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ରୀ ଗୁରୁତର ହେବା ଘଟଣା ମନରୁ ନ ଯାଉଣୁ ବାସୁଦେବପୁର ବ୍ଲକରେ ଏହାର ପୁନରାବୃତ୍ତି ଘଟିଛି। ଏହି ବ୍ଲକର ବିଦେଇପୁର କ୍ଲଷ୍ଟର ସୁନାମୁହିଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଜଣେ ଶିକ୍ଷକଙ୍କ ମାଡ଼ରେ ୪ ଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

ଶନିବାର ଥିବାରୁ ସକାଳୁଆ କ୍ଲାସ ଚାଲିଥିଲା। ଶିକ୍ଷକ କଳ୍ପତରୁ ମଲ୍ଲିକ ଅଷ୍ଟମ ଶ୍ରେଣୀକୁ ପଢ଼ାଇବାକୁ ଯାଇ କେତେଜଣ ଛାତ୍ରୀଙ୍କର ଖାତା ଦେଖିବା ପାଇଁ ମାଗିଥିଲେ। ମାତ୍ର ଏହି ବାହାନାରେ ସେ ଛାତ୍ରୀମାନଙ୍କ ଖାତାରେ ନାଲି କାଳିରେ କେତେକ ଆପତ୍ତିଜନକ କଥା ଲେଖିଥିଲେ। ଏହାକୁ ବିରୋଧ କରି ପ୍ରଧାନଶିକ୍ଷକଙ୍କୁ ଜଣାଇଦେବେ ବୋଲି କହିବାରୁ ସେ ରାଗିଯାଇ ସେମାନଙ୍କୁ ମାଡ଼ ମାରିଥିଲେ। ପ୍ରାୟ ୧୪ଜଣ ଛାତ୍ରୀଙ୍କୁ ଶିକ୍ଷକ ମାଡ଼ ମାରିଥିବା ଅଭିଯୋଗ ହେଉଛି। ଅନ୍ୟ କେତେଜଣ ଛାତ୍ରୀଛାତ୍ର ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ସ୍କୁଲର ଅନ୍ୟ ଶିକ୍ଷକ ଓ ଅଭିଭାବକ ଆହତ ଛାତ୍ରୀଙ୍କୁ ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି। ତେବେ ଏହାକୁ ନେଇ ବିଦ୍ୟାଳୟ ପରିସରରେ ଗ୍ରାମବାସୀ ଓ ଅଭିଭାବକ ଉକ୍ତ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକଙ୍କୁ ବିଦ୍ୟାଳୟରେ ଅଟକ ରଖିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ପ୍ରଧାନଶିକ୍ଷକ ପ୍ରଭାକର ମାଝି କଷିଆ ସାମୁଦ୍ରିକ ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଶିକ୍ଷକ ମଲ୍ଲିକଙ୍କୁ ଥାନାରେ ଅଟକ ରଖିଥିଲା। ପ୍ରାଥମିକ ତଦନ୍ତ ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଶିକ୍ଷକ ମଲ୍ଲିକଙ୍କୁ ପଚାରିବାରୁ ସେ ଏଭଳି ଅଭିଯୋଗକୁ ଅସ୍ୱୀକାର କରିବା ସହ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ବୋଲି କହିଛନ୍ତି।

## ଗ୍ୟାସ୍ ଏଜେନ୍ସି ମାଲିକଙ୍କ ସମେତ ୨ ଗିରଫ

**ସିଲିଣ୍ଡର ଫାଟି ଘର ଭୁଶୁଡ଼ିବା ଘଟଣା**


ଗିରଫ ଦୁଇ ଅଭିଯୁକ୍ତ।

**ଗୋପାଳପୁର, ୨୩।୭(ଡି.ଏନ୍.ଏ.)**

ଗ୍ୟାସ୍ ସିଲିଣ୍ଡର ଫାଟି ଘର ଭୁଶୁଡ଼ିବା ଘଟଣାରେ ଗୋପାଳପୁର ଥାନା ପୋଲିସ ଶନିବାର ଗ୍ୟାସ୍ ଏଜେନ୍ସିର ମାଲିକଙ୍କ ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମାଲିକ ତ୍ରିଲୋଚନ ପାଣିଗ୍ରାହୀ (୬୫) ଓ ବିସ୍ଫୋରଣରେ ଗୁରୁତର ହୋଇଥିବା ଅଶୋକ ନାୟକଙ୍କ ଭାଇ ଦଇତାରୀ (୩୪)। ଏଥିସହ ବେଆଇନ ଭାବେ ବ୍ୟବସାୟ କରାଯାଉଥିବା ୨୧ଟି ବାଣିଜ୍ୟ ସିଲିଣ୍ଡର, ୧୧ ଖାଲି ହାଣ୍ଡି ଓ ୨୭ ଖାଲି ଘରୋଇ ହାଣ୍ଡି, ୫ କେଜିବିଶିଷ୍ଟ ୩ ଖାଲି ହାଣ୍ଡି ଓ ଅଟୋକୁ ପୋଲିସ ଜବତ କରିଛି। ସୁରକ୍ଷା ଦୃଷ୍ଟିକୋଣରୁ ଜବତ ସାମଗ୍ରୀକୁ ଯୋଗାଣ ବିଭାଗକୁ ହସ୍ତାନ୍ତର କରାଯାଇଛି।

ବ୍ରହ୍ମପୁର ଇଣ୍ଡିଆନ୍ ଗ୍ୟାସ୍ ଏଜେନ୍ସିରେ ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଦେବରାଜ ନାୟକ ଓ ପୁଅ ଦଇତାରୀ ନାୟକ ଏବଂ ଅଶୋକ ନାୟକ ଡେଲିଭରି ବୟ ରୂପେ କାମ କରୁଥିଲେ। ଏଜେନ୍ସିରେ ଗ୍ୟାସ୍ ବଣ୍ଟନ ହେବା ପୂର୍ବରୁ ଏହାର ମାଲିକଙ୍କ ଜାଣତରେ ବାଣିଜ୍ୟ ଓ ଘରୋଇ ସିଲିଣ୍ଡରକୁ ଆଗୁଆ ଆଣି ଦେବରାଜ ଘରେ ଗଚ୍ଛିତ ରଖୁଥିଲେ। ପରେ ଏହାକୁ ସେ ବାହାରେ ଚଢ଼ାଦରରେ ବିକ୍ରି କରୁଥିଲେ। ଶୁକ୍ରବାର ସକାଳେ ବାଣିଜ୍ୟ ହାଣ୍ଡିରୁ ଖାଲି ହାଣ୍ଡିକୁ ଗ୍ୟାସ୍ ଭର୍ତ୍ତି କରୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଏଥିରେ ଦେବରାଜ ଓ ଅଶୋକ ଗୁରୁତର ହେବା ସହ ଘର ଭୁଶୁଡ଼ି ପଡ଼ିଥିଲା। ଏ ନେଇ ପୋଲିସ ନଂ.୧୩୫/୨୨ରେ ମାମଲା ରୁଜୁକରି ତ୍ରିଲୋଚନ ଓ ଦଇତାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ସୂଚନା ମିଳିଲେ ସେମାନଙ୍କୁ ମଧ ଗିରଫ କରାଯିବ ବୋଲି ବ୍ରହ୍ମପୁର ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

## ଆନ୍ଧ୍ରର ଅଙ୍ଗନୱାଡ଼ି ଗୃହ ଭାଙ୍ଗିଦେଲେ

- ତଳଗଞ୍ଜେଇ ପଦର ଗ୍ରାମରେ ନିର୍ମାଣାଧୀନ ଥିଲା
- ସାଲୁର ପୋଲିସ ନିକଟରେ ଅଭିଯୋଗ କଲେ କନିଷ୍ଠ ଯନ୍ତ୍ରୀ
- ଦୁଇ ରାଜ୍ୟ ମଧ୍ୟରେ ବଢ଼ିପାରେ ଅଧିକ ବିବାଦ

**ପଟ୍ଟାଙ୍ଗୀ, ୨୩।୭(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ରାଜ୍ୟ ସୀମାନ୍ତ କୋଟିଆ ପଞ୍ଚାୟତର ତଳଗଞ୍ଜେଇ ପଦର ଗ୍ରାମରେ ଆନ୍ଧ୍ର ରାଜ୍ୟ ସରକାର ପକ୍ଷରୁ ନିର୍ମାଣାଧୀନ ଅଙ୍ଗନୱାଡ଼ି ଗୃହକୁ କେହି ଭାଙ୍ଗି ଦେଇଛି। ଏନେଇ ଆନ୍ଧ୍ରର ସାଲୁର ପୋଲିସ ନିକଟରେ ଶନିବାର ଲିଖିତ ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅଙ୍ଗନୱାଡ଼ି ଗୃହ ଭଙ୍ଗାକୁ ନେଇ ଓଡ଼ିଶା–ଆନ୍ଧ୍ର ଦୁଇ ରାଜ୍ୟ ମଧ୍ୟରେ ବିବାଦ ଆଗାମୀ ଦିନରେ ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଖବରରୁ ଜଣାପଡ଼ିଛି, ତଳ ଗଞ୍ଜେଇ ପଦର ଗ୍ରାମରେ ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଅଙ୍ଗନୱାଡ଼ି ଗୃହକୁ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛି। ଏହାକୁ ନେଇ ଅଞ୍ଚଳର ସରପଞ୍ଚମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଳମ୍ବିତ ରାତିରେ ଏପରି ନିର୍ମାଣାଧୀନ ଗୃହ ଭାଙ୍ଗିବା ଠିକ ନୁହେଁ, ବରଂ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଆମେ କାମ ବନ୍ଦ କରି ଦେଇଥାନ୍ତୁ ବୋଲି ତଳ ଗଞ୍ଜେଇପଦର ସରପଞ୍ଚ ଦିବାକର ଗେମେଲ କହିଛନ୍ତି। ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ କୋଟିଆ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ ପାଇଁ ସାଲୁର ପିଆଇଟିଡିଏର କନିଷ୍ଠ ଯନ୍ତ୍ରୀ ବି. ସନ୍ତୋଷ କୁମାର ଶନିବାର କ୍ଷେତ୍ର ପରିଦର୍ଶନ କରିବାକୁ ଆସିଥିବା ବେଳେ ତଳଗଞ୍ଜେଇପଦରରେ ନିର୍ମାଣାଧୀନ ଅଙ୍ଗନୱାଡ଼ି ଗୃହ ଭଙ୍ଗା ଯାଇଥିବା ଦେଖି ସାଲୁର ବ୍ଲକ ପ୍ରଶାସନକୁ ରିପୋର୍ଟ କରିଥିଲେ। ପ୍ରଶାସନ ନିର୍ଦ୍ଦେଶରେ କନିଷ୍ଠଯନ୍ତ୍ରୀ ସନ୍ତୋଷ କୁମାର ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଓଡ଼ିଶାର କୋଟିଆ ପଞ୍ଚାୟତ ସରପଞ୍ଚ ଲିଥୁ ଗେମେଲଙ୍କୁ ଏହି ଅଙ୍ଗନୱାଡ଼ି ଗୃହ ଭଙ୍ଗାଯିବା ସମ୍ପର୍କରେ ପଚରାଯିବାରୁ ସେ କହିଲେ ଯେ, ଉକ୍ତ ଗୃହ କିଏ ଭାଙ୍ଗି କାହିଁକି ଭାଙ୍ଗିଲା ମୋ ନିକଟରେ କୌଣସି ଖବର ନାହିଁ। ତେବେ ଘଟଣାକୁ ନେଇ ମତେ ଅନେକ ଲୋକ ପ୍ରଶ୍ନ କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଗତ ବୁଧବାର ଆନ୍ଧ୍ରର ନୂତନ ଜିଲା ପାର୍ବତୀପୁରମ୍ ମାନ୍ୟମ୍ ଜିଲାର ଜିଲାପାଳ କୋଟିଆ ଗସ୍ତ କରିବା ସମ୍ପର୍କରେ ଖବର ପାଇ ଓଡ଼ିଶାର ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ଉକ୍ତ ପଞ୍ଚାୟତକୁ ଗସ୍ତ କରି ଫେରିବା ପରେ ଗୁରୁବାର ବିଳମ୍ବିତ ରାତିରେ ଆନ୍ଧ୍ରର ଏହି ଅଙ୍ଗନୱାଡ଼ି ଗୃହ ଭଙ୍ଗାଯାଇଛି।

# ଲାରାଙ୍କ ସହ ଏଲିଟ୍ କ୍ଲବରେ ନର୍ଥଇଷ୍ଟ



ସାମ୍ ନର୍ଥଇଷ୍ଟ

**ଲିସେଷ୍ଟର,୨୩।୭,(ପି.ଟି)**

ଇଂଲିଶ କାଉଣ୍ଟି କ୍ରିକେଟ ଦଳ ଗ୍ଲାମରଗାନ୍ ଖେଳାଳି ସାମ୍ ନର୍ଥଇଷ୍ଟ ଏକ ନିଆରା ମାଇଲଖୁଣ୍ଟ ହାସଲ କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଗୋଟିଏ ଇନିଂସରେ ୪୦୦ ରନ୍ ସ୍କୋର କରିବା ସହିତ ବ୍ରାଏନ ଲାରାଙ୍କ କ୍ଲବରେ ସାମିଲ ହୋଇଛନ୍ତି। ତେବେ ୧୯୯୪ରେ ଲାରା ସ୍କୋର କରିଥିବା ୫୦୧ ରନର ସ୍କୋରକୁ ଚ୍ୟାଲେଞ୍ଜ କରିବାର ସୁଯୋଗ ପାଇନଥିଲେ ନର୍ଥଇଷ୍ଟ। ସେ ୪୧୦ ରନରେ ବ୍ୟାଟିଂ କରୁଥିବା ବେଳେ ୭୯୫/୫ରେ ଗ୍ଲାମରଗାନ୍ ଇନିଂସ ଘୋଷଣା କରିଥିଲା। ୪୪୭ ବଲର ଏହି ଇନିଂସରେ ୪୫ଚୌକା ଓ ୩ ଛକା ସାମିଲ ଥିଲା। ଏହା ସହିତ କାଉଣ୍ଟି କ୍ରିକେଟରେ ଅଷ୍ଟମ ଥର ପାଇଁ କୌଣସି ଖେଳାଳି ଏହି ମାଇଲଖୁଣ୍ଟ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଅଷ୍ଟ୍ରେଲିଆର ବିଲ୍ ପନ୍ସଫୋର୍ଡ ଦୁଇଥର ଏହି କୃତିତ୍ୱ ହାସଲ କରିଥିବା ବେଳେ ଲାରା ସର୍ବାଧିକ ସ୍କୋରର ରହିଛନ୍ତି।

# ମଧ୍ୟକ୍ରମ ସଙ୍କଟ ଦୂରେଇବା ଲକ୍ଷ୍ୟରେ ଭାରତ

**ପୋର୍ଟ ଅଫ୍ ସ୍ପେନ୍,୨୩।୭(ପି.ଟି)**

ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ କଡା ସଂଘର୍ଷପୂର୍ଣ୍ଣ ବିଜୟ ପରେ ସିରିଜ ବିଜୟ ଲକ୍ଷ୍ୟରେ ପଡିଆକୁ ଓହ୍ଲାଇବ ଭାରତୀୟ ଦଳ। ପ୍ରଥମେ ବ୍ୟାଟିଂ କରି ଭାରତ ୭ ଉଇକେଟରେ ୩୦୮ ରନ୍ କରିଥିବା ବେଳେ ଘରୋଇ ଦଳ ମାତ୍ର ୩ ରନ୍ ପଛରେ ରହିଥିଲା। କାଇଲ ମେୟର୍ସ ୭୫ ଏବଂ ବ୍ରାଣ୍ଡନ୍ କିଙ୍ଗ ୫୪ ରନର ଇନିଂସ ଖେଳିଥିଲେ ହେଁ ଦଳ ଫିନିଶ ଲାଇନ ପାର କରିବାରେ ଅସମର୍ଥ ହୋଇଥିଲା। ଶେଷ ଓଭରରେ ମହମ୍ମଦ ସିରାଜଙ୍କ ବୋଲିଂ ଭାରତକୁ ବିଜୟ ପ୍ରଦାନ କରିଥିଲା। ଶେଷ ୬ ବଲରେ ୧୫ ରନ୍ ଆବଶ୍ୟକ ଥିବା ବେଳେ ଅତ୍ୟନ୍ତ ଚମତ୍କାର ବୋଲିଂ ସହିତ ସେ ଦଳକୁ ବିଜୟୀ କରାଇଥିଲେ।

ଷ୍ଟାଣ୍ଡଇନ୍ କ୍ୟାପଟେନ୍ ଶିଖର ଧାୱନଙ୍କ ଆଗରେ ରହିଥିବା ଚ୍ୟାଲେଞ୍ଜ ମଧ୍ୟରୁ ସବୁଠାରୁ ବଡ ଚ୍ୟାଲେଞ୍ଜ ହେଉଛି ମଧ୍ୟକ୍ରମ ବ୍ୟାଟିଂ। ଟପ୍ ଅର୍ଡରରେ ଧାୱନ୍ ଓ ଗିଲ୍ ଚମତ୍କାର ବ୍ୟାଟିଂ କରିଥିଲେ। ଡିଫେନ୍ସ ଓ ଆକ୍ରମଣର ଏକ ଚମତ୍କାର ସମନ୍ୱୟ ସହିତ ଉଭୟ ଦଳକୁ ଏକ ବିଶାଳ ସ୍କୋର ଦିଗରେ ନେଇଥିଲେ। ତେବେ ପ୍ରଥମ ଥର କାରିବିୟାନ ମାଟିରେ ଖେଳୁଥିବା ଭାରତର ଅନଭିଜ୍ଞ ମଧ୍ୟକ୍ରମକୁ ବଶକରି ନେଇଥିଲେ ଇଣ୍ଡିଜ ବୋଲର। ତେବେ ସିରିଜ ବିଜୟ ଲକ୍ଷ୍ୟରେ ରହିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ନିଜର ମଧ୍ୟକ୍ରମ ସମସ୍ୟା ସୁଧାରିବାକୁ ଚାହିଁବ। ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତିରେ ମିଳିଥିବା ସୁଯୋଗର ଫାଇଦା ଉଠାଇ ଟିମ୍‌ରେ ନିଜ ସ୍ଥାନ ପକ୍କା କରିବା ପାଇଁ ଏହି ଖେଳାଳିମାନଙ୍କ ନିକଟରେ ସୁଯୋଗ ରହିଥିବା ବେଳେ ସେମାନେ କିଭଳି ଏହାର ଫାଇଦା ଉଠାଉଛନ୍ତି ତାହା ଦେଖିବାକୁ ବାକି ରହିଲା। ପ୍ରତ୍ୟାବର୍ତ୍ତନ କରୁଥିବା ଗିଲ୍ ଯେଉଁଭଳି ଢଙ୍ଗରେ ବ୍ୟାଟିଂ କରିଥିଲେ ତାହା ସମସ୍ତଙ୍କୁ ପ୍ରଭାବିତ କରିଛି। ତେଣୁ ଗିଲ୍ ସମାନ ଫର୍ମ ଜାରି ରଖିବା ନେଇ ମ୍ୟାନେଜମେଣ୍ଟ ଆଶା ରଖିବ। ସେହିପରି କ୍ୟାରିୟରର ୧୮ତମ ଶତକ ଅଳ୍ପକେ ମିସ୍ କରିଥିବା ଧାୱନଙ୍କ ନିକଟରୁ ମଧ୍ୟ ଏକ ବଡ ଇନିଂସ ଆଶା କରାଯାଏ।

ମଧ୍ୟକ୍ରମରେ ଦୀପକ ହୁଡାଙ୍କ ବ୍ୟାଟିଂ ଠିକ୍ ରହିଥିବା ବେଳେ ସଞ୍ଜୁ ସାମସନ୍ ଓ ସୂର୍ଯ୍ୟକୁମାର ଅତ୍ୟନ୍ତ ସାଧାରଣ ବ୍ୟାଟିଂ କରିଥିଲେ। ତେବେ ଅନ୍ତିମ ଓଭରରେ ଉଇକେଟକିପର ଭାବରେ ଏକ ଚମତ୍କାର ବାଉଣ୍ଡ୍ରି ସେଭ୍ କରି ଭାରତକୁ ବିଜୟୀ କରିବାରେ ସାହାଯ୍ୟ କରିଥିଲେ। ତେବେ ଦ୍ୱିତୀୟ ଦିନିକିଆରେ ବ୍ୟାଟ୍ସମ୍ୟାନଙ୍କ ନିକଟରୁ ଏକ ଚମତ୍କାର ଇନିଂସ ଆଶା କରାଯାଏ। ବୋଲରମାନଙ୍କ ମଧ୍ୟରେ ମହମ୍ମଦ ସିରାଜ ବେଶ୍ ପ୍ରଭାବୀ ବୋଲିଂ କରିଥିଲେ। ତେବେ ପ୍ରସିଦ୍ଧ କ୍ରିଷ୍ଣା ଡେଥ୍ ଓଭରରେ ରନ ବ୍ୟୟ କରିବା ଏକ ଚିନ୍ତାର କାରଣ। ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତିରେ ଅକ୍ଷର ପଟେଲଙ୍କ ପ୍ରଦର୍ଶନ ଅତ୍ୟନ୍ତ ସାଧାରଣ ରହିଛି। ଦୀପକ ହୁଡାଙ୍କୁ ତୃତୀୟ ସ୍ପିନର ଭାବରେ ୫ ଓଭର ବୋଲିଂ କରିବାକୁ ପଡିଥିଲା। ନିକଟରେ ବାଂଲାଦେଶ ବିପକ୍ଷରେ ସ୍ପିନରଙ୍କ ଆଗରେ ୫୦ ଓଭର ଖେଳି ପାରିନଥିବା ୱେଷ୍ଟଇଣ୍ଡିଜ ଦଳ ବିଜୟର ନିକଟତର ହେବା ନିହାତି ଭାବରେ ଭାରତୀୟ ଶିବିର ପାଇଁ ସତର୍କଘଣ୍ଟି। ୱେଷ୍ଟଇଣ୍ଡିଜ୍ ପକ୍ଷରୁ କାଇଲ ମେୟର୍ସ, ବ୍ରାଣ୍ଡନ୍ କିଙ୍ଗ ଏବଂ ସମାରା ବ୍ରୁକ୍ସ ବି ବଢିଆ ବ୍ୟାଟିଂ କରିଥିଲେ। ଏହି ମ୍ୟାଚ ବିଜୟ ସହିତ ଭାରତ ବିପକ୍ଷରେ କ୍ରମାଗତ ୭ମ ପରାଜୟଧାରାକୁ ଭାଙ୍ଗିବାକୁ ଚାହିଁବ ୱେଷ୍ଟଇଣ୍ଡିଜ୍। ତେବେ ବିଜୟ ସହିତ ସିରିଜ୍ ଉପରେ କବ୍‌ଜା କରିବାକୁ ପ୍ରୟାସ କରିବ ଭାରତୀୟ ଦଳ।

## ଆଜି ଦ୍ୱିତୀୟ ଦିନିକିଆ

**ଭାରତୀୟ ଦଳ:** ଶିଖର ଧାୱନ(ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଶୁବମନ ଗିଲ୍, ଦୀପକ ହୁଡା, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ଇଶାନ କିଶନ, ସଞ୍ଜୁ ସାମସନ୍, ରବୀନ୍ଦ୍ର ଜାଡେଜା(ଉପ-ଅଧିନାୟକ), ଶାର୍ଦ୍ଦୁଳ ଠାକୁର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଆଭେଶ ଖାନ୍, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ୍ ଏବଂ ଅର୍ଶଦୀପ ସିଂ।

**ୱେଷ୍ଟଇଣ୍ଡିଜ ଦଳ:** ନିକୋଲାସ୍ ପୁରନ୍(ଅଧିନାୟକ), ଶାଇ ହୋପ୍(ଉପ ଅଧିନାୟକ), ଶମାରା ବ୍ରୁକ୍ସ, କେସି କାର୍ଟି, ଜାସନ୍ ହୋଲ୍ଡର, ଅକିଲ୍ ହୋସେନ୍, ଆଲଜାରି ଯୋଶେଫ୍, ବ୍ରାଣ୍ଡନ କିଙ୍ଗ, କାଇଲ ମେୟର୍ସ, ଗୁଡାକେଶ ମୋତି, କିମୋ ପଲ୍, ରୋଭମାନ ପାୱେଲ୍ ଓ ଜାଡେନ୍ ସେଲ୍ସ।

**ମ୍ୟାଚ୍ ସମୟ: ସନ୍ଧ୍ୟା ୭.୦୦**

**Birthday Wish**



Dear daughter, may your day be as radiant as your smile and as lovely as you. Happiest birthday ditty.

Best wishes from:-
Bapuni, Priya, Nayanika, Munu, Manas, Jina, Family & Relatives...

ଧ-୧୦୯୧

# ଲେକ୍‌ରେକ୍‌ଙ୍କୁ ପୋଲ୍ ପୋଜିଶନ

**ଲି କାଷ୍ଟିଲେଟ୍, ୨୩।୭**

ଟାଇଟଲ ପ୍ରତିଦ୍ୱନ୍ଦୀ ମାକ୍ସ ଭର୍ଷ୍ଟାପେନ୍ (ରେଡ୍‌ବୁଲ୍)ଙ୍କୁ ପଛରେ ପକାଇ ଚାର୍ଲ୍ସ ଲେକ୍‌ରେକ୍ (ଫେରାରି)ଫ୍ରେଞ୍ଚ ଫର୍ମୁଲା ୱାନ ଗ୍ରାଁ ପ୍ରିରେ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଲେକ୍‌ରେକ୍ ୦.୩୦୪ ସେକେଣ୍ଡରେ ଭର୍ଷ୍ଟାପେନ୍‌ଙ୍କୁ ହରାଇ ଦେଇଥିଲେ। ମର୍ସିଡିଜର ଲୁଇସ୍ ହାମିଲଟନଙ୍କ ଆଗରେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ତୃତୀୟ ହୋଇଥିଲେ।

**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

# ଆଜି ନୀରଜଙ୍କ ଲଢ଼େଇ



ଅନୁ ରାଣୀ

**ଇଉଜିନ୍,୨୩।୭(ପି.ଟି)**

ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ଅନୁ ରାଣୀ ସପ୍ତମ ସ୍ଥାନରେ ଅଭିଯାନ ଶେଷ କରିଛନ୍ତି। କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ଅନୁ ରାଣୀ ୬୧.୧୨ ମିଟର ଥ୍ରୋ ସହିତ ଷଷ୍ଠ ସ୍ଥାନରେ ରହିଥିଲେ। ଦ୍ୱିତୀୟ ଥ୍ରୋରେ ଏହି ଦୂରତା ହାସଲ କରିଥିଲେ ଅନୁ ରାଣୀ। ତେବେ ଅନ୍ୟ ୫ ଥ୍ରୋରେ ୬୦ ମିଟର ଦୂରତା ଅତିକ୍ରମ କରିବାରେ ବିଫଳ ହୋଇଥିଲେ ଏହି ଜାଭେଲିନ୍ ଥ୍ରୋୟର। ୨୯ ବର୍ଷୀୟା ଅନୁ ୫୬.୧୮, ୬୧.୧୨, ୫୯.୨୭, ୫୮.୧୪, ୫୯.୯୮ ଏବଂ ୫୮.୧୪ ମିଟର ଥ୍ରୋ କରିଥିଲେ। ଅନୁ ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବାରେ ସମର୍ଥ ହୋଇଥିଲେ ନିଶ୍ଚିତ ଭାବରେ ପଦକ ପକ୍କା କରିଥାନ୍ତେ। ୬୩.୮୨ ମିଟର ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ବ୍ରୋଞ୍ଜ ପଦକ ବିଜୟିନୀ ହାରୁକା କିଟାଗୁଚି ହାସଲ କରିଥିଲେ ୬୩.୨୭ ମିଟରର ଦୂରତ୍ୱ। ଅଷ୍ଟ୍ରେଲିଆର କେଲସି ଲି ବାର୍ବର ୬୬.୯୧ ମିଟର ସହିତ ସ୍ୱର୍ଣ୍ଣ ଓ ଆମେରିକାର କାରା ୱିଙ୍ଗର ୬୪.୦୫ ମିଟର ସହିତ ରୌପ୍ୟ ପଦକ ହାସଲ କରିଥିଲେ।

## ଫାଇନାଲରେ ଅନୁ ସପ୍ତମ

ଭାରତର ସର୍ବଶ୍ରେଷ୍ଠ ପଦକ ଆଶା ନୀରଜ ଚୋପ୍ରା ରବିବାର ନିଜ ଫାଇନାଲ ରାଉଣ୍ଡ ଲଢ଼େଇ ଖେଳିବେ। ଭାରତୀୟ ସମୟ ସକାଳ ୭.୦୫ ମିନିଟରେ ଚୋପ୍ରାଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ଚୋପ୍ରାଙ୍କ ସହିତ ରୋହିତ ଯାଦବ ମଧ୍ୟ ଏହି ମୁକାବିଲାରେ ନଜର ଆସିବେ। ଏହା ପୂର୍ବରୁ ଟ୍ରିପଲ ଜମ୍ପର ଏଲଧୋସ ପଲ ଏବଂ ପୁରୁଷ ୪ଗୁଣା ୪୦୦ ମିଟର ରିଲେ ଦଳର ହିଟ୍ସ ରହିବ।

# ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ସମ୍ମାନ ପ୍ରଦାନ




ଅତିଥି ଓ କର୍ମକର୍ତ୍ତାଙ୍କ ସହ ପୁରସ୍କାର ବିଜେତା।

**ଭୁବନେଶ୍ୱର,୨୩।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ମକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ସପ୍ତମ ମକୁନ୍ଦ ବରାଳ ସ୍ମାରକୀ କ୍ରୀଡା ପ୍ରତିଭା ସମ୍ମାନ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ଭବନଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଜୟ ଓଡ଼ିଶା ମୁଖ୍ୟ ରୁଦ୍ର ସାମନ୍ତରାୟ ଓ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଯୋଗ ଦେଇଥିଲେ। ଏହି ଅବସରରେ ଫୁଟବଲ ପାଇଁ ମମତା ପାତ୍ର, ସଫ୍ଟ ଟେନିସ ପାଇଁ ଅଜିତ ଶବର, ଭଲିବଲରେ ସୁଚିସ୍ମିତା ଡିଣ୍ଡା, କରାଟେର ସାଇ ସ୍ୱରୂପ ବେବର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦୀୟମାନ ଆଥଲେଟ ନମିତା ପ୍ରଧାନଙ୍କୁ ମକୁନ୍ଦ ବରାଳ ସ୍ମାରକୀ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ଉପଢୌକନ, ମାନପତ୍ର ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ାଗୁରୁ ସମ୍ମାନରେ ଶିବପ୍ରସାଦ ମିଶ୍ର, ମହମ୍ମଦ ଆଜମ, ପ୍ରଦୀପ କୁମାର ରାଉତ, ତାପସ କୁମାର ମହାନ୍ତି ଓ ନାରାୟଣ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ବଦ୍ରିନାଥ ପଟ୍ଟନାୟକ, ଡ. ସୌରେନ୍ଦ୍ର ମହାପାତ୍ର, ଗୌରୀଶଙ୍କର ମିଶ୍ର, ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ଡ. ହରିପ୍ରସାଦ ପଟ୍ଟନାୟକ, ନବକିଶୋର ବରାଳ, କୈବଲ୍ୟ ବରାଳ, ଦିଲୀପ ଦାସ, ଟ୍ରଷ୍ଟର ଅଧ୍ୟକ୍ଷ ନବରଞ୍ଜନ ପଟ୍ଟନାୟକ ଓ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଞ୍ଚାଳନ କରିଥିଲେ।




ଚାଉଳିଆଗଞ୍ଜ ଏବଂ ରୟାଲ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପଏଣ୍ଟ ବାଣ୍ଟିଲେ ଚାଉଳିଆଗଞ୍ଜ, ରୟାଲ

## ଫାଓ ଲିଗ୍ ୨୦୨୨

**ଭୁବନେଶ୍ୱର,୨୩।୭,(ସ୍ପୋର୍ଟ୍ସ ବ୍ୟୁରୋ)**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍ ୨୦୨୨ରେ ଶନିବାର ଦୁଇଟି ମୁକାବିଲା ଖେଳା ଯାଇଥିଲା। ବର୍ଷା ଏବଂ ଓଦା ପଡିଆ କାରଣରୁ ମ୍ୟାଚ୍ ନମ୍ବର ୨୩କୁ ବାତିଲ କରାଯାଇଥିବା ବେଳେ ଚାଉଳିଆଗଞ୍ଜ ଏବଂ ରୟାଲ କ୍ଲବ୍ ପଏଣ୍ଟ ବାଣ୍ଟିଛନ୍ତି। ଓଡ଼ିଶା ପୋଲିସ ଏବଂ ରାଧାରମଣ କ୍ଲବ୍ ମଧ୍ୟରେ ଖେଳାଯିବାକୁ ଥିବା ମୁକାବିଲାଟି ବର୍ଷା କାରଣରୁ ଧୋଇଯାଇଥିବା ବେଳେ ଏହାକୁ ପୁନର୍ବାର ଖେଳାଯିବ।

ମ୍ୟାଚ୍ ନମ୍ବର ୨୪ଟି ଚାଉଳିଆଗଞ୍ଜ ଏବଂ ରୟାଲ କ୍ଲବ ମଧ୍ୟରେ ଖେଳା ଯାଇଥିବା ବେଳେ ଉଭୟ କ୍ଲବ୍ ପଏଣ୍ଟ ବାଣ୍ଟିଛନ୍ତି। ରୟାଲ କ୍ଲବ ପକ୍ଷରୁ ଅଜୟ ବରୁଆ(୧ ମିନିଟ୍), ଆଶିଷ ସାମଲ(୩୬ ମିନିଟ୍) ଓ ସବିର ଖାନ୍(୨୯ ମିନିଟ୍) ୩ଟି ଗୋଲ ସ୍କୋର କରିଥିଲେ। ଚାଉଳିଆଗଞ୍ଜ ପକ୍ଷରୁ ରମେଶ ଚନ୍ଦ୍ର ମୁର୍ମୁ(୩୨ ଓ ୫୦ ମିନିଟ) ଡବଲ ଗୋଲ ସ୍କୋର କରିଥିଲେ। ତେବେ ମ୍ୟାଚର ତୃତୀୟ ମିନିଟରେ ଆଶିଷ ସାମଲଙ୍କ ଆତ୍ମଘାତୀ ଗୋଲ କାରଣରୁ ପଏଣ୍ଟ ହାସଲରେ ସମର୍ଥ ହୋଇଥିଲା ଚାଉଳିଆଗଞ୍ଜ। ରବିବାର ଦୁଇଟି ମ୍ୟାଚ ଖେଳାଯିବ। ସନ୍‌ରାଇଜ୍ କ୍ଲବ୍ ଓ ୟୁଥ୍ ଉତ୍କଳ କ୍ଲବ ମଧ୍ୟରେ ଅପରାହ୍ନ ୩ଟାରେ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ସ୍ପୋର୍ଟସ କ୍ଲବ୍ ଓ ଆଜାଦ ହିନ୍ଦ୍ କ୍ଲବ୍ ମଧ୍ୟରେ ଦିନ ୧ଟାରେ ମ୍ୟାଚ୍ ଖେଳାଯିବ।

**CLASSIFIED DISPLAY** — MORE SPACE • SAME PRICE — ALL EDITION - B/W (Everyday)

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**KUBER FINANCE**
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ ଠୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

**ଧନଲକ୍ଷ୍ମୀ ଫାଇନାନ୍ସ**
ରେଜିଷ୍ଟର୍ଡ କମ୍ପାନୀ
ସବୁ ବ୍ୟାଙ୍କ ଦ୍ୱାରା ଋଣ
ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଟର, ଏଜୁକେଶନ, ଗୃହ ଉଦ୍ୟୋଗ, ଗାଡ଼ି, ଗୃହ ଋଣ 36 ଘଣ୍ଟାରେ
2% ସୁଧ
50% ଛାଡ଼
(ସିବିଲ ଖରାପ ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
7599195877

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶାରୁ ଭାଗନେବେ ଶ୍ରଦ୍ଧା ସୁମନ

## ବିଶ୍ୱ କ୍ୟାଡେଟ୍ ଟାଏକୋଣ୍ଡୋ

**ଭୁବନେଶ୍ୱର, ୨୩।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଆସନ୍ତା ୨୮ ରୁ ୩୧ ରିଖ ପର୍ଯ୍ୟନ୍ତ ବୁଲଗେରିଆର ସୋଫିଆଠାରେ ବିଶ୍ୱକ୍ୟାଡେଟ୍ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ କଟକ ଶ୍ରଦ୍ଧା ସୁମନ ସାହୁ ଭାରତ ଟାଏକୋଣ୍ଡୋ ଟିମ୍‌ରେ ସ୍ଥାନ ପାଇଛନ୍ତି। ସେ ୫୯ କେଜିରୁ ଊର୍ଦ୍ଧ୍ୱ ବର୍ଗରେ ମୁକାବିଲା କରିବେ। ଶ୍ରଦ୍ଧା ସୁମନ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ପାଠ ପଢ଼ନ୍ତି। ତାଙ୍କ ପିତାଙ୍କ ନାମ ଜିତେନ୍ଦ୍ର ସାହୁ ଓ ମା'ଙ୍କ ନାମ ସ୍ନିଗ୍ଧା ରାଣୀ ସାହୁ। ବିଶ୍ୱକ୍ୟାଡେଟ୍ ଟାଏକୋଣ୍ଡୋରେ ସମଗ୍ର ବିଶ୍ୱରୁ ୧୫୦ ରୁ ଅଧିକ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା ଟାଏକୋଣ୍ଡୋ ସଂଘ ଚେୟାରପର୍ସନ ଡକ୍ଟର ହରପ୍ରସାଦ ପଟ୍ଟନାୟକ, ଓଡ଼ିଶା କରାଟେ ସଂଘ ସଂପାଦକ ଡକ୍ଟର ଗୌରୀ ମହାନ୍ତି, ଏସିଆ ପାୱାର ଲିଫ୍ଟ ସ୍ୱର୍ଣ୍ଣ ପଦକ ବିଜୟିନୀ ଅନୁପମା ସ୍ୱାଇଁ, ଓଡ଼ିଶା ଟାଏକୋଣ୍ଡୋ ସଭାପତି ସୁନ୍ଦରମଣି ପଟେଲ, ସମ୍ପାଦକ ଚିନ୍ମୟ ବେହେରା ଶ୍ରଦ୍ଧା ସୁମନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରଦ୍ଧା ସୁମନ ହେଉଛନ୍ତି ପ୍ରଥମ ଝିଅ ଯିଏକି ଭାରତୀୟ କ୍ୟାଡେଟ୍ ଦଳରେ ସ୍ଥାନ ପାଇଛନ୍ତି।



ଶ୍ରଦ୍ଧା ସୁମନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ମନେ ପଡ଼ନ୍ତି**

**୧୫ତମ ଶ୍ରାଦ୍ଧବାର୍ଷିକୀ**



୰ଶରତ କୁମାର ମିଶ୍ର
ଆବିର୍ଭାବ: ୧୯।୦୫।୧୯୩୬
ତିରୋଧାନ: ୨୦।୦୭।୨୦୦୬
ନନା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କୁ ଅନୁପ୍ରାଣିତ କରୁଥିବ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଝିଅ: ପିଙ୍କି (ସରିତା), ଜ୍ୱାଇଁ: ସିନୁ (ଶ୍ରୀନିବାସ), ନାତି: ବାବୁ (କୁମାର କାର୍ତ୍ତିକ)।
ଧ-୧୦୮୩

**୧୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ଇଂ. କୀର୍ତ୍ତନ ସାହୁ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୦୧।୦୮।୨୦୦୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୫୩୬

**ବିଂଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ମନୋରମା ସେଠୀ
ଆବିର୍ଭାବ : ୧୯୪୩
ତିରୋଧାନ : ୦୪.୦୮.୨୦୦୨
ମାଆ, ଠିକ୍ ଆଜିକୁ ୨୧ ବର୍ଷ ତଳେ ଏହି ଦିନରେ ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ପରମ ଧାମକୁ ପ୍ରାପ୍ତ ହେଲେ କିନ୍ତୁ ଆଜିବି ଆମ୍ଭେମାନେ ଆପଣଙ୍କର ତ୍ୟାଗ, ସହନଶୀଳତା ଓ ସମଦର୍ଶୀଭାବକୁ ଝୁରି ହେଉଛୁ। ଆପଣ ସର୍ଗରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ ଆପଣଙ୍କ ଚରଣତଳେ ଏତିକି ପ୍ରାର୍ଥନା।
-: ଇତି ଆପଣଙ୍କର ଗୁଣମୁଗ୍ଧ :-
ପୁତ୍ର, ପୁତ୍ରବଧୂ : ବାବୁ-କୁନି, ବୁଲୁ-ସୁଇଟି, ମୁନା-ମିତାଲି, କନ୍ୟା, ଜ୍ୱାଇଁ : ଜୟନ୍ତି-ରତ୍ନାକର, ମଞ୍ଜୁ-ଲକ୍ଷ୍ମଣ, ସଞ୍ଜୁ-ସୁଦର୍ଶନ, ଇତି-ପ୍ରଶାନ୍ତ, ନାତି-ନାତୁଣୀ : ଜିପୁ, ବାପି, ଡୁଗୁ, ଶୁଭମ୍, ଚନ୍ଦୁ, ଶାନ୍, ଅଂଶୁଲ୍, ମିତୁଲ୍, ଅଭିକ୍, ଲିଜା, ରୋଜି, ଗୁଡି ଓ ମାନ୍ୟା, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୩୩୭

**In the loving memory of**



Shreekant Dash
(Tulu/Bapu)
10.07.1988 - 04.08.2021
You will be in our heart forever and you will always be remembered as being a loving,dedicated and affectionate brother who was loved by one and all.
Deeply mourned by:-
SK, BG, Grandmother, father, mother, sisters, brothers friends and relatives.
ଧ-୧୦୭୪

**ପ୍ରଥମ ଶ୍ରାଦ୍ଧ ବାର୍ଷିକ**



୰ନବ କିଶୋର ମଲ୍ଲ
ଆବିର୍ଭାବ - ତା ୧୪.୧୧.୧୯୫୦ ରିଖ
ତିରୋଧାନ - ତା ୦୪.୦୮.୨୦୨୧ ରିଖ
ମଣିଷ ମରିବ ଦିନେ ଜନ୍ମ ହେଲେ ଦେବତା ବି ମରେ
ସାର୍ଥକ ମଣିଷ ସେହି ଯାହା ଲାଗି ମାଟି ଗୋଡି ଝୁରେ
ଆଜିବି ବିଶ୍ୱାସ ହେଉନାହିଁ, ଆପଣ ଆମମାନଙ୍କୁ ଛାଡି ଚାଲିଯାଇଛନ୍ତି। ଜନ୍ମ ମାଟିକୁ ଭଲ ପାଇବା, ଆପଣଙ୍କ ସ୍ନେହ ବୋଳା କଥା ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ବିନତି କରୁଛୁ।
ଶୋକସନ୍ତପ୍ତ ପରିବାର ବର୍ଗ ଓ ବନ୍ଧୁ ପରିଜନ
ଧ-୧୦୮୪

# ୱାଟରପ୍ରୁଫ୍ ଫୁଟ୍‌ୱେର







ନିଜକୁ ଟ୍ରେଣ୍ଡି ଏବଂ ଆଇକ୍ୟାଚି ଲୁକ୍ ଦେବାକୁ ବିଭିନ୍ନ ଆଉଟ୍‌ଫିଟ୍‌କୁ ନେଇ ଏକ୍ସପେରିମେଣ୍ଟ କରିବାରେ ବେଶ୍ ଆଗଭର ଯୁବପିଢ଼ି। ଯେଉଁଥିରୁ ବାଦ୍ ପଡ଼େନି ସେମାନଙ୍କ ଫୁଟ୍‌ୱେର ସିଲେକ୍ସନ। ହେଲେ ବର୍ଷାଦିନ ଆସିଲେ କିଭଳି ଫୁଟ୍‌ୱେର ପିନ୍ଧିଲେ ସୁନ୍ଦର ଦେଖାଯିବା ସହ ପାଣି କାଦୁଅରେ ନଷ୍ଟ ନ ହେବ, ତା'କୁ ନେଇ ବଢ଼ିଯାଏ ଅନେକଙ୍କ ଟେନ୍‌ସନ୍। ଯାହାକୁ ଦୂର କରିବା ଲାଗି ଏବେ ମାର୍କେଟ୍‌ରେ ମିଳୁଛି ଭଳିକି ଭଳି ୱାଟରପ୍ରୁଫ୍ ଫୁଟ୍‌ୱେର କଲେକ୍ସନ...

**ଫ୍ୟା**ଶନେବଲ୍ ଓ ଟ୍ରେଣ୍ଡି ଲୁକ୍ ପାଇଁ ଆଉଟ୍‌ଫିଟ୍ ସହିତ ମ୍ୟାଚିଂ ଜୋତା ପିନ୍ଧିବା ଯୁବପିଢ଼ିଙ୍କର ଏକ ସଉକ। ଯେଉଁଥିପାଇଁ ଅନେକଙ୍କ ପାଖେ ଥାଏ ବିଭିନ୍ନ ପ୍ରକାରର ସୁଜ୍ କଲେକ୍ସନ। ହେଲେ ବର୍ଷାଦିନେ ବିଭିନ୍ନ ଡିଜାଇନର ୱାର୍କ ଥିବା ଚପଲ, ଲେଦର କିମ୍ବା କାନ୍‌ଭାସ୍ ଫୁଲ୍‌ଶୁ ଆଦି ପିନ୍ଧିବା ହୋଇଯାଏ ମୁସ୍କିଲ। ଏମିତିରେ ମାର୍କେଟ୍‌ରେ ମିଳୁଥିବା ଅନେକ ପ୍ରକାରର ୱାଟରପ୍ରୁଫ୍ ଫୁଟ୍‌ୱେର ପାଲଟିଛି ସେମାନଙ୍କ ପାଇଁ ରେନି ଡେ' ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ...

## ମନେରଖନ୍ତୁ...

➔ଏଦିନେ ଲେଦର, ଜିନ୍ସ, କାନ୍‌ଭାସ୍ ଭଳି ଜୋତା ଆଦୌ ପିନ୍ଧନ୍ତୁ ନାହିଁ। କାରଣ ବର୍ଷା ପାଣି ଲାଗି ଏହା ନା କେବଳ ଶୀଘ୍ର ନଷ୍ଟ ହୋଇଯିବାର ଆଶଙ୍କା ରହିଛି ବରଂ ସହଜରେ ନ ଶୁଖିବା କାରଣରୁ ଥଣ୍ଡା ଜ୍ୱର ଭଳି ସମସ୍ୟା ସୃଷ୍ଟି କରିଥାଏ।

➔ଏଦିନେ ଅଧିକ ଟାଇଟ୍ ଜୋତା ପିନ୍ଧନ୍ତୁ ନାହିଁ। କାରଣ ପାଦ ଅଧିକ ସମୟ ଓଦା ରହିଲେ ଆଙ୍ଗୁଠି ଫାଙ୍କଗୁଡ଼ିକରେ ପାଣି ରହି ପାଣିଖିଆ ଏବଂ ଫଙ୍ଗାଲ ଇନ୍‌ଫେକ୍ସନ ଦେଖାଦେଇଥାଏ।

➔ଏଦିନେ ହାଇ ହିଲ୍ ଚପଲ ଆଦୌ ବ୍ୟବହାର କରନ୍ତୁ ନାହିଁ। କାରଣ ବର୍ଷା ପାଣିରେ ଖାଲ, ଢିପ ସବୁ ସ୍ଥାନ ଏକାପରି ଲାଗୁଥିବାରୁ ଗୋଡ଼ ମୋଡ଼ି ହୋଇଯିବା, ପଡ଼ିଯିବା କିମ୍ବା ଅନ୍ୟ ଅଘଟଣ ଘଟିବାର ଆଶଙ୍କା ରହିଛି। ଏହା ବଦଳରେ ଚାଲିବାରେ ସୁବିଧା ହେବା ଭଳି ସ୍ଲିପର ଅବା ରେନି ଶୁଜ୍ ପିନ୍ଧନ୍ତୁ।

➔ଯଦିଓ ମାର୍କେଟ୍‌ରେ ମିଳୁଥିବା କଲରଫୁଲ୍ ୱାଟରପ୍ରୁଫ୍ ଚପଲ ଦେଖିବାକୁ ଖୁବ୍ ଆକର୍ଷଣୀୟ, ହେଲେ ସବୁ ପିନ୍ଧିବା ବେଳେ କମ୍ଫର୍ଟେବଲ୍ ଲାଗିବ ତାହା ଠିକ୍ ନୁହେଁ। କାରଣ କେତେକ ରବର ଏବଂ ପ୍ଲାଷ୍ଟିକ୍ ଚପଲ ବର୍ଷାରେ ପିନ୍ଧିଲେ ନଷ୍ଟ ହୁଏ ନାହିଁ ସତ, ହେଲେ ଏଥିରେ ଗୋଡ଼ ଖସିବାର ଆଶଙ୍କା ଥାଏ। ତେଣୁ କିଣିବା ପୂର୍ବରୁ ଭଲ ଭାବେ ଚେକ୍ କରିନିଅନ୍ତୁ।

## କ'ଣ କରନ୍ତି ଏମାନେ...

**ବିନୋଦ କୁମାର ବେହେରା** (ଯାଜପୁର)–



ବର୍ଷାଦିନେ ଯାହା ପିନ୍ଧିଲେ ବି ସବୁ ଓଦା ରହିବାର ଭୟ ଥାଏ। ତେଣୁ ଏ ସମୟରେ ମୁଁ କୌଣସି ଟ୍ରିପ୍‌ରେ ବାହାରିଲେ କଟନ୍ ପରିବର୍ତ୍ତେ ସିନ୍ଥେଟିକ୍ ଡ୍ରେସ୍ କ୍ୟାରି କରିବାକୁ ଭଲପାଏ। କାରଣ ସେସବୁ ଓଦା ହେଲେ ବି ଖୁବ୍‌ଶୀଘ୍ର ଶୁଖିଯାଏ। ତା'ସହ ଷ୍ଟାଇଲିଶ୍ ଲାଗିବା ଭଳି ମ୍ୟାଚିଂ ୱାଟରପ୍ରୁଫ୍ ଫୁଟ୍‌ୱେର ବି ବ୍ୟବହାର କରିଥାଏ।

**ମହେଶ୍ୱତା ନାଥ** (ଯାଜପୁର ଟାଉନ୍)



ବର୍ଷାଦିନେ ମୁଁ ଜମ୍ପସୁଟ୍ ପିନ୍ଧିବାକୁ ଭଲପାଏ। ଖାସ୍ କରି ଆଙ୍କେଲ ଲେନଥ୍‌କୁ ବେଶି କ୍ୟାରି କରେ। ତା' ସହ ୱାଟରପ୍ରୁଫ୍ ବୁଟ୍ କିମ୍ବା ଫ୍ଲିପ୍ ଫ୍ଲପ ସ୍ୟାଣ୍ଡେଲ୍ ପିନ୍ଧିବାକୁ ଭଲପାଏ। ବର୍ଷାପାଣିରେ ଏସବୁ ନଷ୍ଟ ହେବାର ଭୟ ବି ନ ଥାଏ। ସୁବିଧାରେ ସବୁଜାଗାକୁ ପିନ୍ଧି ଯାଇପାରେ।







**ଫ୍ଲିପ୍ ଫ୍ଲପ:** ବର୍ତ୍ତମାନ ବିଭିନ୍ନ ଡିଜାଇନ୍‌ର କଲରଫୁଲ୍ ଫ୍ଲିପ୍ ଫ୍ଲପ୍ ମାର୍କେଟ୍‌ରେ ଉପଲବ୍ଧ। ଯାହାକି ବଜେଟ ଫ୍ରେଣ୍ଡଲୀ ଏବଂ ଖୁବ୍ ହାଲୁକା ହୋଇଥିବାରୁ କ୍ୟାରି କରିବାକୁ ମଧ୍ୟ ଖୁବ୍ ସହଜ। ତା'ଛଡ଼ା ପ୍ରତ୍ୟେକ ଡ୍ରେସ୍ ସହିତ ମ୍ୟାଚିଂ କଲରର ଫ୍ଲିପ୍ ଫ୍ଲପ୍ ମିଳୁଥିବାରୁ ବର୍ତ୍ତମାନ ଯୁବପିଢ଼ି ଏହାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**କ୍ଲଗ୍ ସ୍ୟାଣ୍ଡେଲ୍:** ବର୍ଷାରେ ଏଭଳି ଚପଲ ସବୁଠୁ ବେଷ୍ଟ ଅପ୍ସନ। ଏହା ପାଦକୁ ଆରାମଦାୟକ ଲାଗିବା ସହ ଦେଖିବାକୁ ମଧ୍ୟ ଖୁବ୍ ଆଇକ୍ୟାଚି। ଏହାକୁ ଯେକୌଣସି କାଜୁଆଲ୍ ଆଉଟଫିଟ୍ ସହିତ ବ୍ୟବହାର ପରି ହେଉଥିବାରୁ ଯୁବପିଢ଼ିଙ୍କର ଏହାକୁ ନେଇ କ୍ରେଜ୍ ବଢ଼ୁଛି। ଏହା ଉପରେ ଥିବା ଛୋଟ ଛୋଟ କଣା ଯୋଗୁ ଓଦା ହେଲେ ପାଦ ଶୀଘ୍ର ଶୁଖିବା ମଧ୍ୟ ସହଜ ହୋଇଥାଏ।

**ଷ୍ଟାଇଲିଶ୍ ରେନି ଶୁ, ଫଙ୍କି ଗନ୍ ବୁଟ୍:** ରବର ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ବିଭିନ୍ନ ଆକର୍ଷଣୀୟ ଡିଜାଇନର ଏଭଳି ଜୋତା ବର୍ତ୍ତମାନ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି। ଏହା ସବୁ ପ୍ରକାର ଗେଟ୍‌ଅପ୍‌ରେ ଟ୍ରେଣ୍ଡି ଲାଗୁଛି। ବିଶେଷକରି ଆଜିର ମଡର୍ନ ତଥା ୱେଷ୍ଟର୍ନ ଆଉଟ୍‌ଫିଟ୍ କ୍ୟାରି କରୁଥିବା ଯୁବପିଢ଼ିଙ୍କ ପାଇଁ ଏହା ବେଷ୍ଟ ଅପ୍ସନ।

**ଜେଲି ପ୍ଲେଟ୍ସ:** ଏଦିନେ ଲେଦର, କାନ୍‌ଭାସ୍ ଭଳି ଜୋତା ପରିବର୍ତ୍ତେ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ନ ହେବା ଭଳି ଜେଲି ପ୍ଲେଟ୍ସ ଫୁଟ୍‌ୱେରର ଡିମାଣ୍ଡ ଅଧିକ। ଏହା କଲରଫୁଲ୍ ହୋଇଥିବାରୁ ଷ୍ଟାଇଲିଶ୍ ଲାଗିଥାଏ ଏବଂ ଖୁବ୍ କମ୍ଫର୍ଟେବଲ୍ ମଧ୍ୟ।

## ଏ ସପ୍ତାହର ପ୍ରଶ୍ନ

୧– ପ୍ରଥମ ଜୈନ ପରିଷଦ .......... ଠାରେ ଆୟୋଜିତ ହୋଇଥିଲା ?
୨– ମହାଭାରତରେ ପାର୍ଥ ........ ଙ୍କୁ କୁହାଯାଏ ?
୩– ରୌଫ୍ ଲୋକନୃତ୍ୟ ............... ରାଜ୍ୟରେ ଦେଖିବାକୁ ମିଳେ ?
୪– ଏ ୱିକ୍ ୱିଥ୍ ଗାନ୍ଧୀ ପୁସ୍ତକର ଲେଖକ ............ ?
୫– ପୋର୍ଟ ବ୍ଲେୟାର୍ ..................... ଦ୍ୱୀପରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ୨୦୦୧
୨ ଯୋଗା ଫର୍ ହ୍ୟୁମାନିଟି
୩ ଦକ୍ଷିଣ କୋରିଆ
୪ ଚାରୋନ୍
୫ ଓଡ଼ିଶା

## ଉତ୍ତରଦାତା



ଶେଖ୍ ଯାକୁବ୍, ଗୋପ



ଓମ୍ ପ୍ରକାଶ ଦାସ, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଧନୀ ୟୁଟ୍ୟୁବର୍–୨୦୨୨

୧. ଜଷ୍ଟିନ୍ ବିବର୍........................................ ୨୮୫ ମିଲିୟନ୍ ଡଲାର୍
୨. ଜାଫ୍ରି ଷ୍ଟାର୍ ........................................ ୨୦୦ ମିଲିୟନ୍ ଡଲାର୍
୩. ଷ୍ଟେଭିନ୍ ଜନ୍ ........................................ ୪୦ ମିଲିୟନ୍ ଡଲାର୍
୪. ଫେଲିକ୍ସ କେଲବର୍ଗ ........................................ ୪୦ ମିଲିୟନ୍ ଡଲାର୍
୫. ଲୋଗାନ୍ ପଲ୍ ........................................ ୩୫ ମିଲିୟନ୍ ଡଲାର୍
୬. ମାର୍କ ଫିଶ୍ଚବାଚ୍ ........................................ ୩୫ ମିଲିୟନ୍ ଡଲାର୍
୭. ଡାନିଏଲ୍ ମିଡିଲ୍‌ଟନ୍........................................ ୩୫ ମିଲିୟନ୍ ଡଲାର୍
୮. ର୍ୟାନ୍ କାଜି ........................................ ୩୨ ମିଲିୟନ୍ ଡଲାର୍
୯. ଜାକେ ପଲ୍ ........................................ ୩୦ ମିଲିୟନ୍ ଡଲାର୍
୧୦. ଜିମି ଡୋନାଲ୍ଡଶନ୍ ........................................ ୨୫ ମିଲିୟନ୍ ଡଲାର୍

## କଲେଜ ବେଳର ଅନୁଭୂତି

# ଗୁରୁ ସର୍ବଦା ନମସ୍ୟ



**କ**ଲେଜବେଳର ଅନେକ ଏଭଳି ଅନୁଭୂତି ରହିଛି, ଯାହା ସତରେ ଅଭୁଲା। ତେବେ ମନେପଡୁଛି ଗୋଟିଏ ଘଟଣା। ୧୯୭୭ ମସିହାରେ ଇଣ୍ଟରମିଡିଏଟ୍ ବିଜ୍ଞାନ ପରୀକ୍ଷା ସରିଥାଏ। ଭଲ ନମ୍ବର ମଧ୍ୟ ରହିଥାଏ। ଏହାପରେ ସାଧାରଣତଃ ପିଲାମାନେ ପରବର୍ତ୍ତୀ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତି। ମୋର ପଦାର୍ଥ ବିଜ୍ଞାନ(ଥିଓରୀରେ ଶତ ପ୍ରତିଶତ), ଗଣିତରେ ପାଖାପାଖି ଶତ ପ୍ରତିଶତ ମାର୍କ ଥିବାରୁ କୌଣସି ବିଜ୍ଞାନ ବିଷୟ କିମ୍ବା ଇଞ୍ଜିନିୟରିଂ କଲେଜରେ ପଢ଼ିବା ପାଇଁ ସ୍ଥିର କରିଥିଲି। ଏପରିକି ରିଜିଓନାଲ ଇଞ୍ଜିନିୟରିଂ କଲେଜ ଓ ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ ଡିଗ୍ରୀ ପାଇଁ ଦେଇଥିବା ପ୍ରବେଶିକା ପରୀକ୍ଷାରେ ଯଥାକ୍ରମେ ୨ୟ ଓ ପ୍ରଥମ ସ୍ଥାନ ରଖିଥିଲି। ସେହିପରି ୟୁନିଅନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଚାକିରି ନିମନ୍ତେ(ଟିଏସ୍‌ସି) ପାଇଁ ଦେଇଥିବା ପରୀକ୍ଷାରେ ବିହାର ଓ ଓଡ଼ିଶାରେ ପ୍ରଥମ ହୋଇଥିଲି। ମାତ୍ର ମୋର ଡାକ୍ତରୀ ସ୍ନାତକ ପଢ଼ିବା ପାଇଁ ଆଗ୍ରହ ନ ଥିଲା। କିନ୍ତୁ ଏଥିନିମନ୍ତେ ଆବେଦନ କରିଥିବାରୁ ପ୍ରବେଶିକା ପରୀକ୍ଷା ନ ଦେଇଥିଲେ ମଧ୍ୟ ମାର୍କ ଅନୁସାରେ ଚୟନ ହୋଇଥିଲା ଏସ୍‌ସିବି ମେଡିକାଲ କଲେଜରେ। ସେ ସମୟରେ ୧୦ଟି ସିଟ୍ (ଉତ୍କଳ–୪, ବ୍ରହ୍ମପୁର–୩, ସମ୍ବଲପୁର ବିଶ୍ୱବିଦ୍ୟାଳୟର– ୩) ମାର୍କ ଭିତ୍ତିରେ ଆଡମିଶନ୍ ପାଇଁ ରଖାଯାଉଥିଲା।

ମାତ୍ର ମୁଁ ପୁନଶ୍ଚ ମନେ ମନେ ସ୍ଥିର କରିଥିଲି ରେଭେନ୍ସାରେ ଇଂଲିଶ୍ କିମ୍ବା ଓଡ଼ିଆ ଅନର୍ସ ରଖି ପଢ଼ିବା ପାଇଁ। କାରଣ ମୋତେ ସାହିତ୍ୟ ଓ କାବ୍ୟ କବିତା ଭଲ ଲାଗୁଥିଲା। ଫଳରେ ମୁଁ କଲେଜରୁ ସିଏଲ୍‌ସି ନେଇ ନ ଥିଲି। କିନ୍ତୁ ସେ ସମୟରେ ବାଙ୍କି କଲେଜରେ ଅଧ୍ୟକ୍ଷ ଥିବା ସ୍ୱର୍ଗତ ଧୀରେନ୍ଦ୍ର କୁମାର ସାମନ୍ତରାୟ ମୋତେ ପାଖକୁ ଡାକି ବୁଝାଇବା ପରେ ଶେଷ ଦିନ (ନାମଲେଖାର ଶେଷ ଦିନ) ସିଏଲ୍‌ସି ଦେଇ ଡାକ୍ତରୀ ଶିକ୍ଷାରେ ନାମ ଲେଖାଇବା ପାଇଁ ବାଧ୍ୟ କରିଥିଲେ ଓ କହିଥିଲେ, ରାମ ତୁମେ ଡାକ୍ତର ହେଲେ ସାହିତ୍ୟ ପଢ଼ିପାରିବ, ମାତ୍ର ସାହିତ୍ୟିକ କିମ୍ବା ମୋ ପରି ଇଂଲିଶ୍ ଅଧ୍ୟାପକ ହେଲେ କାହାର କ'ଣ ଉପକାରରେ ଆସିପାରିବ? ପରବର୍ତ୍ତୀ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବ ହୋଇଥିଲେ ଓ ମୋର ଏମ୍‌ବିବିଏସ୍‌ର ପରବର୍ତ୍ତୀ ତାଲିମର କିଛି ଅଂଶ କମାଣ୍ଡ ହସ୍ପିଟାଲରେ ପୂରଣ କରିବା ପାଇଁ ଅନୁମତି ମଧ୍ୟ ପ୍ରଦାନ କରିଥିଲେ। ମୋତେ ବହୁତ ଦିନ ପଦାର୍ଥ ବିଜ୍ଞାନ ନ ପଢ଼ିଥିବାରୁ ଦୁଃଖ ଲାଗୁଥିଲା। ମାତ୍ର ଡାକ୍ତର ହୋଇ ରୋଗୀ ସେବା ଆରମ୍ଭ କଲା ପରେ ସେହି ଦୁଃଖ ମନରୁ ଦୂରେଇ ଯାଇଥିଲା।

ଏବେ ମଧ୍ୟ ନିୟମିତ ମୁଁ ପଦାର୍ଥ ବିଜ୍ଞାନ, ଗଣିତ ଓ ସାହିତ୍ୟ ବିଷୟରେ ଆଗ୍ରହ ସହକାରେ ଅଧ୍ୟୟନ କରେ। ଆଗରୁ ଶିକ୍ଷକମାନେ କିଭଳି ଛାତ୍ରୀଛାତ୍ରମାନଙ୍କର ମାର୍ଗ ପ୍ରଦର୍ଶନ କରାଉଥିଲେ ଏହା ଏକ ବିଶେଷ ଉଦାହରଣ। ଗୁରୁମାନେ ସର୍ବଦା ନମସ୍ୟ ଅଟନ୍ତି। – **ଡା. ରାମଚନ୍ଦ୍ର ରାଉତ,**
ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସୂଚନା ଓ ପରିସଂଖ୍ୟାନ, ଓଡ଼ିଶା



## ଜାଣନ୍ତୁ ଦୁନିଆ

# ନିଆରା ଦେଶ

ପୃଥିବୀରେ ଅନେକ ଏଭଳି ଦେଶ ରହିଛି, ଯାହାର କିଛି ବିଶେଷତ୍ୱ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରେ। ଜାଣିବା ସେଭଳି କିଛି ଦେଶ ସମ୍ପର୍କରେ...

➤ସ୍ୟାନ୍ ମ୍ୟାରିନୋକୁ ପୃଥିବୀର ସବୁଠୁ ପୁରୁଣା ଦେଶ ଭାବେ ଗ୍ରହଣ କରାଯାଏ। ଏହା ଏକମାତ୍ର ଦେଶ, ଯେଉଁଠି ଜନସଂଖ୍ୟା ତୁଳନାରେ କାର ସଂଖ୍ୟା ଅଧିକ।

➤ ନିଉଇ ହେଉଛି ଖୁବ୍ କମ୍ ଜନସଂଖ୍ୟା ଥିବା ଏକ ଦ୍ୱୀପରାଷ୍ଟ୍ର, ଯାହାକି ପୃଥିବୀର ପ୍ରଥମ ଏବଂ ଏକମାତ୍ର ୱାଇଫାଇ ଦେଶ।

➤ୟୁଏନ୍ ୱାର୍ଲ୍ଡ ହାପିନେସ୍ ରିପୋର୍ଟ ମୁତାବକ ଡେନ୍‌ମାର୍କ ହେଉଛି ପୃଥିବୀର ସବୁଠୁ ଖୁସିପୂର୍ଣ୍ଣ ଦେଶ।



➤ ନାଇଜର୍ ହେଉଛି ପୃଥିବୀର ସର୍ବାଧିକ ଯୁବବର୍ଗ ଥିବା ଦେଶ। ଅର୍ଥାତ୍ ଏହି ଦେଶର ସମୁଦାୟ ଜନସଂଖ୍ୟାର ୫୦% ହେଉଛନ୍ତି ୧୪ ବର୍ଷ ବୟସରୁ କମ୍।

➤ ଭାରତ ବ୍ୟତୀତ ଫିଜି ହେଉଛି ଏକ ମାତ୍ର ଦେଶ, ଯାହାର ଅଫିସିଆଲ୍ ଲାଙ୍ଗୁଏଜ୍ ହିନ୍ଦୀ।

➤ ପୃଥିବୀରେ ବର୍ତ୍ତମାନ ସୁଦ୍ଧା ୨୨ଟି ଦେଶରେ ସେନାବାହିନୀ ନାହାନ୍ତି।

➤ପ୍ରଶାନ୍ତ ମହାସାଗର ମଧ୍ୟରେ ଥିବା ମାର୍ଶାଲ ଦ୍ୱୀପ ପୃଥିବୀର ସବୁଠାରୁ ସଂକଟଗ୍ରସ୍ତ ଦ୍ୱୀପରାଷ୍ଟ୍ର। କାରଣ ଏଠାରେ ପାଣିପାଗ ପରିବର୍ତ୍ତନ ସହ ବନ୍ୟା ଆଶଙ୍କା ସର୍ବାଧିକ।

➤ ପାପୁଆ ନ୍ୟୁ ଗିନୀ ପୃଥିବୀର ସର୍ବାଧିକ ଭାଷାଗତ ବିବିଧତା ଥିବା ଦେଶ। ତେବେ ଏଠାକାର ରାଷ୍ଟ୍ରୀୟ ଭାଷା ଇଂଲିଶ୍ ହୋଇଥିଲେ ହେଁ ମାତ୍ର ୧–୨ ପ୍ରତିଶତ ବାସିନ୍ଦା ଏହି ଭାଷାରେ କଥା ହୋଇପାରନ୍ତି।

➤ ପୃଥିବୀର ସର୍ବାଧିକ ସଂଖ୍ୟକ ଯମଜ ନାଇଜେରିଆରେ ଜନ୍ମ ଗ୍ରହଣ କରୁଥିବାର ରେକର୍ଡ ରହିଛି।

➤ ପୃଥିବୀର ପ୍ରାୟ ୯୦% ମଧୁର ଜଳ ଆଣ୍ଟାର୍କଟିକାରେ ରହିଛି।



# ଭାରତୀୟ ଦଳରେ ଟଙ୍କଧର


ଟଙ୍କଧର ବାଗ୍

## ୨୦ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୨୩।୭**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ୨୦ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍ ପାଇଁ ଶନିବାର ମୁଖ୍ୟ କୋଚ୍ ଶନମୁଗମ ଭେଙ୍କଟେଶ ୨୩ ଜଣିଆ ଭାରତୀୟ ଫୁଟ୍‌ବଲ ଦଳ ଘୋଷଣା କରିଛନ୍ତି। ଏଥିରେ ଓଡ଼ିଶାର ଟଙ୍କଧର ବାଗ୍‌ଙ୍କୁ ସ୍ଥାନ ମିଳିଛି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଭାରତ ପାଖାପାଖି ୨ ବର୍ଷ ବ୍ୟବଧାନରେ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଖେଳିବ। ଦଳ ବାଂଲାଦେଶ ବିପକ୍ଷ ମ୍ୟାଚ ସହ ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଏହାଛଡ଼ା ୨୦ବର୍ଷରୁ କମ୍ ଭାରତୀୟ ବାଳକ ଦଳ ପରେ ସେପ୍ଟେମ୍ବରରେ ୨୦ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଖେଳିବ। ଦଳ ଗ୍ରୁପ୍ ଏଚ୍‌'ରେ ଅଷ୍ଟ୍ରେଲିଆ, କୁଏତ୍ ଓ ଆୟୋଜକ ଇରାକ ସହିତ ସ୍ଥାନ ପାଇଛି। ଉଭୟ ସାଉଥ ଏସିଆ ଓ କଣ୍ଟିନେଣ୍ଟାଲ ଲେଭଲରେ ଭଲ ପ୍ରଦର୍ଶନ ଆଶା ରଖିଛି ଭାରତ। ସୂଚନାଯୋଗ୍ୟ, ଭାରତର ୨୦ବର୍ଷରୁ କମ୍ ଦଳ ଗତ ଦୁଇ ସିଜନ ଧରି ଘରୋଇ ସ୍ତରରେ ଆଇ-ଲିଗ୍ ଓ ଆଇଏଫ୍‌ଏ ଶିଲ୍‌ଡରେ ଖେଳି ଆସୁଛି।

**ଭାରତୀୟ ଦଳ**

ଗୋଲକିପର: ସୟଦ ଜାହିଦ ହୁସେନ ବୁଖାରି, ମୋହିତ ସିଂ ଧାମି, ସୋମ୍ କୁମାର। ଡିଫେଣ୍ଡର: ଅମନଦୀପ, ହାଲେନ୍ ନଙ୍ଗଟିଡୁ, ବିକାଶ ଜୁମନାମ, ସାଜାଦ ହୁସେନ ପରାୟ, ରାଜ୍ ବାସ୍‌ଫୋରେ, ବ୍ରିଜେଶ ଗିରି, ଟଙ୍କଧର ବାଗ୍, ପ୍ରୀତମ ମିତେଇ, ସେରୋଖାଇବାମ୍। ମିଡ୍‌ଫିଲ୍ଡର: ସିବଜିତ୍ ସିଂ ଲିମାପୋକ୍‌ପାମ୍, ଭିବିନ୍ ମୋହାନାନ୍, ବିନୟ ହାର୍ଜି, ମେହଶନ ସିଂ ତୋଙ୍ଗବ୍ରାମ୍, ସୁଜିତ୍ ସିଂ, ହର୍ଶ ଶୈଳେସ ପାତ୍ରେ, ଟାଇସନ ସିଂ ଲୋଇଟଙ୍ଗବାମ୍, ମାକାର୍ଟନ ଲୋଇସ୍ ନିକ୍‌ସନ। **ଫରୱାର୍ଡ:** ଗୁର୍‌କିରଟ ସିଂ, ପାର୍ଥ ସୁନ୍ଦର ଗୋଗୋଇ, ହିମାଂଶୁ ଜାଙ୍ଗ୍ରା, ଶୁଭୋ ପଲ୍। **ମୁଖ୍ୟ କୋଚ୍:** ଶନ୍‌ମୁଗମ ଭେଙ୍କଟେଶ।

# ପେରାଙ୍କୁ ୭ଦିନ ଭିତରେ ଦ୍ୱିତୀୟ ଟାଇଟଲ

**ହାମ୍‌ବର୍ଗ (ଜର୍ମାନୀ), ୨୩।୭ (ଏପି)**

ଆମେରିକାର ବର୍ନାର୍ଡା ପେରା ହମବର୍ଗ ୟୁରୋପିଆନ ଓପନ ଚାମ୍ପିୟନ ହୋଇଛନ୍ତି। ଶନିବାର ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଟପ୍ ସିଡ୍ ତଥା ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଆନେଟ୍ କୋଣ୍ଟାଭିଟ୍‌ଙ୍କୁ ୬-୨, ୬-୪ରେ ହରାଇ ଦେଇଛନ୍ତି। ଏକ ସପ୍ତାହ ମଧ୍ୟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ଟାଇଟଲ। ୮୧ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ପେରା ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ଗତ ସପ୍ତାହରେ ବୁଦାପେଷ୍ଟରେ ହାସଲ କରିଥିଲେ। ବୁଦାପେଷ୍ଟ କ୍ୱାଲିଫାୟର୍ସଠାରୁ ଏପର୍ଯ୍ୟନ୍ତ ପେରାଙ୍କର ଏହା ହେଉଛି କ୍ରମାଗତ ଦ୍ୱାଦଶ ବିଜୟ। ୨୭ ବର୍ଷୀୟା ପେରା ଗତ ରବିବାର ଅନୁଷ୍ଠିତ ବୁଦାପେଷ୍ଟ ଫାଇନାଲରେ ସର୍ବିୟାର ଆଲେକ୍‌ସାଣ୍ଡ୍ରା କ୍ରୁନିକ୍‌ଙ୍କୁ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ କୋଣ୍ଟାଭିଟ୍ ତାଙ୍କ କ୍ୟାରିୟରର ୧୬ତମ ଫାଇନାଲ ଖେଳିଥିଲେ। ଫେବୃୟାରୀ ପରଠାରୁ ଏହା ପ୍ରଥମ ଥିଲା। ସେତେବେଳେ ସେ ଦୋହାରେ ଇଗା ସ୍ୱିଟେକ୍‌ଙ୍କଠାରୁ ହାରିଯାଇଥିଲେ। ଏଠାରେ ପେରାଙ୍କ ବିପକ୍ଷ ଫାଇନାଲରେ ସେ ତାଙ୍କ ୭ମ ସିଙ୍ଗଲ୍ସ ଟାଇଟଲ ସନ୍ଧାନରେ ଥିଲେ। କିନ୍ତୁ ପେରା ଏହି ମ୍ୟାଚ ଜିତି ତାଙ୍କ ପୂର୍ବ ପରାଜୟର ପ୍ରତିଶୋଧ ନେଇଛନ୍ତି। ଗତ ଜୁନ୍‌ରେ ୱିମ୍ବଲଡନ ପ୍ରଥମ ରାଉଣ୍ଡରେ କୋଣ୍ଟାଭିଟ୍ ୭-୫, ୬-୧ରେ ପେରାଙ୍କୁ ହରାଇ ଦେଇଥିଲେ।


ବର୍ନାର୍ଡା ପେରା

# ସିରିଜକୁ ଫେରିଲା ଇଂଲଣ୍ଡ

**ମାଞ୍ଚେଷ୍ଟର,୨୩।୭,(ପି.ଟି):** ଦକ୍ଷିଣ ଆଫ୍ରିକା ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ପରାଜୟ ପରେ ଦ୍ୱିତୀୟ ମ୍ୟାଚ ଜିତି ନେଇଛି ଇଂଲଣ୍ଡ। ବର୍ଷା ବାଧାପ୍ରାପ୍ତ ମୁକାବିଲାକୁ ଘରୋଇ ଦଳ ୧୧୮ ରନରେ ଜିତିନେବାରୁ ସିରିଜ ବର୍ତ୍ତମାନ ୧-୧ ସ୍ତରରେ ରହିଛି। ମ୍ୟାଚକୁ ୨୯ ଓଭରକୁ ହ୍ରାସ କରାଯାଇଥିବା ବେଳେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୨୦୧ ରନ୍ କରିଥିଲା। ଦକ୍ଷିଣ ଆଫ୍ରିକା ୮୩ ରନରେ ଅଲଆଉଟ ହୋଇଥିଲା।









# ବିନୋ ଇଷ୍ଟବେଙ୍ଗଲର ରିଜର୍ଭ କୋଚ୍

**କୋଲକାତା, ୨୩।୭ (ପି.ଟି.)**

ସନ୍ତୋଷ ଟ୍ରଫି ବିଜୟୀ କେରଳ କୋଚ୍ ବିନୁ ଜର୍ଜ ଫୁଟ୍‌ବଲ ଜାଏଣ୍ଟ ଇଷ୍ଟବେଙ୍ଗଲର ରିଜର୍ଭ କୋଚ୍ ଭାବେ ନିଯୁକ୍ତି ପାଇବେ। ରିଜର୍ଭ ଟିମ୍ ଆଗାମି ଡୁରାଣ୍ଡ କପ୍ ଓ କୋଲକାତା ଫୁଟ୍‌ବଲ ଲିଗ୍ ପ୍ରିମିୟର ଡିଭିଜନରେ ଅଂଶଗ୍ରହଣ କରିବ ବୋଲି ଜଣେ ବରିଷ୍ଠ ଅଫିସିଆଲ କହିଛନ୍ତି। ଆସନ୍ତା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଲାଗି ରେଡ୍ ଆଣ୍ଡ ଗୋଲ୍ଡ ବ୍ରିଗେଡ୍ ଆଗାମି ଦିନରେ ସହରଭିତ୍ତିକ ପୁଞ୍ଜିନିବେଶକାରୀ ଇମାମି ଗ୍ରୁପ୍ ସହିତ ଚୁକ୍ତି ସ୍ୱାକ୍ଷର କରିବ। ଅନ୍ୟପକ୍ଷରେ ମୁଖ୍ୟ ଦଳ ପାଇଁ ପୂର୍ବତନ ଭାରତ ମୁଖ୍ୟ କୋଚ୍ ଷ୍ଟିଫେନ୍ କନଷ୍ଟାଣ୍ଟିନ୍ ଓ ପୂର୍ବତନ ମୁମ୍ବାଇ ସିଟି ମୁଖ୍ୟ ଜର୍ଜ କୋଷ୍ଟାଙ୍କ ସହ ମଧ୍ୟ କଥାବାର୍ତ୍ତା ଜାରି ରହିଛି। ଜର୍ଜଙ୍କ ସହିତ ଏକ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି।






## ବୋନେକ୍ସପର୍ଟ ସଫ୍ଟୱେର୍ ବ୍ୟବହାର କରିବ ବିସିସିଆଇ

**ନୂଆଦିଲ୍ଲୀ, ୨୩।୭(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପରୀକ୍ଷାମୂଳକ ଭାବେ ବୟସ ଚିହ୍ନଟ ସଫ୍ଟୱେର ବ୍ୟବହାର କରିବ। ଏହାଦ୍ୱାରା ୮୦ ପ୍ରତିଶତ ଖର୍ଚ୍ଚ କାଟ୍ କରାଯାଇପାରିବ। ବୟସ ଜାଲିଆତି ରୋକିବା ଉଦ୍ଦେଶ୍ୟରେ ବର୍ତ୍ତମାନ ଟିଡବ୍ଲ୍ୟୁ୩ ପଦ୍ଧତିର ସହାୟତା ନିଆଯାଇଆସୁଛି। ଏହା ବାମହାତ ଓ ମଣିବନ୍ଧର ଏକ୍ସ-ରେ ଭିତ୍ତିରେ କରାଯାଇଥାଏ। ବର୍ତ୍ତମାନର ପଦ୍ଧତିରେ ଏକ ବୋନ୍ ଟେଷ୍ଟରେ ୨୪୦୦ ଟଙ୍କା ଖର୍ଚ୍ଚ ହେଉଛି। ଫଳାଫଳ ପାଇଁ ୩ରୁ ୪ ଦିନ ଅପେକ୍ଷା କରିବାକୁ ହେଉଛି। ସେ ତୁଳନାରେ ପ୍ରସ୍ତାବିତ ବୋନେକ୍ସପର୍ଟ ସଫ୍ଟୱେର୍ ଦ୍ୱାରା ଫଳାଫଳ ଶୀଘ୍ର ମିଳିଯିବ। ଏ ବାବଦରେ ଖର୍ଚ୍ଚ ମାତ୍ର ୨୮୮ ଟଙ୍କା ପଡ଼ିବ। ହେଲେ ବର୍ତ୍ତମାନ ସାମୟିକ ଭାବେ ଟିଡବ୍ଲ୍ୟୁ୩ ପଦ୍ଧତି ସହ ବୋନେକ୍ସପର୍ଟ ସଫ୍ଟୱେର୍‌କୁ ଏକାଠି ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯିବ। ସୂଚନାଯୋଗ୍ୟ, ଟିଡବ୍ଲ୍ୟୁ୩ ପଦ୍ଧତିରେ ଖେଳାଳିଙ୍କ ଏକ୍ସ-ରେ ସେମାନଙ୍କ ରାଜ୍ୟ ଆସୋସିଏଶନ ହୋମ୍ ସେଣ୍ଟରରେ ହୋଇଥାଏ। ସେତେବେଳେ ବିସିସିଆଇର ଜଣେ ସ୍ୱାଧୀନ ପର୍ଯ୍ୟବେକ୍ଷକ ଉପସ୍ଥିତ ରହିବେ। ଏକ୍ସ-ରେ ରିପୋର୍ଟକୁ ବିସିସିଆଇ-ଏଭିପି ଡିପାର୍ଟମେଣ୍ଟକୁ ପଠାଯିବ। ଏହି ଡିପାର୍ଟମେଣ୍ଟ ତାହାକୁ ଉପଯୁକ୍ତ ଫର୍ମାଟରେ ପକାଇ ଦୁଇଜଣ ସ୍ୱାଧୀନ ରେଡିଓଲୋଜିଷ୍ଟଙ୍କ ନିକଟକୁ ପଠାଇବ, ଯେଉଁମାନେ କି ବିସିସିଆଇ ପ୍ୟାନେଲ ଫର୍ ଇଣ୍ଟରପ୍ରିଟେଶନ ଅଫ୍ ବୋନ୍ ଏକ୍ସ୍‌ର ସଦସ୍ୟ। ୩୮ ଆସୋସିଏଶନ ପାଇଁ ମୋଟ ୪ଜଣ ରେଡିଓଲୋଜିଷ୍ଟ ରହିଛନ୍ତି। ପ୍ରତିଟି ରେଡିଓଲୋଜିଷ୍ଟ ୮ରୁ ୯ଟି ଆସୋସିଏଶନର କଥା ବୁଝିଥାନ୍ତି। ତେଣୁ ଫଳାଫଳ ପାଇଁ ଗୋଟିଏ ଦିନରୁ ଆରମ୍ଭ କରି ୩ରୁ ୪ଦିନ ସମୟ ଲାଗିଥାଏ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

### ଚାରା ରୋପଣ କରି ଜନ୍ମଦିନ ପାଳିଲେ

କୃଷ୍ଣପ୍ରସାଦ,(ଡି.ଏନ୍.ଏ.): ସାରସ୍ୱତ ସାଧକ ସାହିତ୍ୟିକ ତଥା ଇଂ. ଅଜୟ କୁମାର ମହାପାତ୍ରଙ୍କ ଜନ୍ମଦିବସ ଏକ ନିଆରା ଢଙ୍ଗରେ କୃଷ୍ଣପ୍ରସାଦ ଅଞ୍ଚଳରେ ପାଳିତ ହୋଇଛି। ମହାପାତ୍ରଙ୍କ ପରିବାର ପକ୍ଷରୁ ମାଲୁଦ ଆଦର୍ଶ ବିଦ୍ୟାଳୟ, ଜୟ ଚଣ୍ଡୀ କ୍ଲବ ପରିସରରେ ଚାରା ରୋପଣ କରାଯାଇଥିଲା। ଚିଲିକାର ରିଙ୍ଗ୍ ବନ୍ଧକୁ ସୁରକ୍ଷା ଦେବା ପାଇଁ ତାଳଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ, ବ୍ଲକ ଯୁବ ଜନତା ଦଳ ସଭାପତି ଅଭୟ କୁମାର ମହାପାତ୍ର, ଜିଲା ଛାତ୍ର ବିଜେଡି ଉପସଭାପତି ଶାନ୍ତନୁ ମାଝୀ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ବଡ଼ଝାଡ଼ ସରପଞ୍ଚ ସୁମିତ୍ରା ପାହାଣ, ସମିତି ସଭ୍ୟ ଉମାକାନ୍ତ ସେଠୀଙ୍କ ସମେତ ବହୁ ସଙ୍ଗଠନର ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବ୍ୟାୟାମ କେନ୍ଦ୍ରରେ ଅସୁସ୍ଥ ଛାତ୍ରଙ୍କ ମୃତ୍ୟୁ

**ବାଲୁଗାଁ,୨୩।୭(ଡି.ଏନ୍.ଏ.):** ବାଣପୁରସ୍ଥିତ ଏକ ବ୍ୟାୟାମ କେନ୍ଦ୍ରରେ ବ୍ୟାୟାମରତ ଜଣେ ଛାତ୍ର ଗତ ଗୁରୁବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ଲାଗି ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବାଲୁଗାଁ ଏନ୍ଏସି ଅଧୀନ ୧୧ନଂ. ୱାର୍ଡ ସରଳାପଦର ଗ୍ରାମର ଦିଲୀପ ସାହୁ(୧୬)। ସେ ପଞ୍ଚୁପଲ୍ଲୀ ମହାବିଦ୍ୟାଳୟର ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ର ଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ ରିପୋର୍ଟ ଲେଖାହେବା ବେଳକୁ ପରିବାର ପକ୍ଷରୁ ଏନେଇ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଦିଲୀପଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନାଥାଉ କି, ବାଲୁଗାଁ ଏବଂ ବାଣପୁର ଅଞ୍ଚଳରେ ବହୁ ବ୍ୟାୟାମ କେନ୍ଦ୍ର ବିନା ପଞ୍ଜୀକରଣରେ ଚାଲୁଥିବା ନଜିର ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

### ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୨୩।୭(ଡି.ଏନ୍.ଏ.):** ବେଙ୍ଗାଲୁରୁର ଏକ କମ୍ପାନୀରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ସୋରଣ ଗ୍ରାମର ଦିଲୀପ ପ୍ରଧାନ। ସୂଚନା ମୁତାବକ, ଦିଲୀପ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ଯୋଗୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ତାଙ୍କ ମୃତଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଡ୍ରାଇଭରଙ୍କୁ ଧମକାଇ ଗାଡ଼ି ନେଇଯିବା ଘଟଣା, ୨ ଗିରଫ

**ନିରାକାରପୁର,୨୩।୭(ଡି.ଏନ୍.ଏ.):** ଏକ ଟାଟା ଏସିଇ ଚାଳକଙ୍କୁ ଧମକାଇ ଗାଡ଼ି ନେଇଯିବା ଘଟଣାରେ ଶନିବାର ନିରାକାରପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଙ୍କିଆ ଥାନା ଅଧୀନ ଛଣଗିରି ଗ୍ରାମର ଏସ୍.କେ. ଅକ୍ତର ଓ ଓଲସିଂହ ଗ୍ରାମର ରାକେଶ ତ୍ରିପାଠୀ। ସୂଚନାଥାଉ କି, ଗତ ଗୁରୁବାର ରାମେଶ୍ୱର ଗଡ଼ସ୍ଥିତ ମଲାଗୁଣୀ ବ୍ୟାରେଜ ନିକଟରୁ କେତେଜଣ ଦୁର୍ବୃତ୍ତ ଏକ ଟାଟା ଏସିଇ ଚାଳକଙ୍କୁ ଧମକ ଦେବା ସହ ଗାଡ଼ି ନେଇଯାଇଥିଲେ। ଚାଳକ ଗଣେଶ ଡାକୁଆଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୧୪୧/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

### ୭୧ ବୁଣାକାରଙ୍କୁ ଚଷମା ବଣ୍ଟନ

**ଖୋର୍ଦ୍ଧା ଅଫିସ,୨୩।୭:** ସର୍ବଭାରତୀୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ସୁନେତ୍ର) ଅନ୍ତର୍ଗତ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରଯୋଜନାରେ ଖୋର୍ଦ୍ଧା ବୟନ ମଣ୍ଡଳ ଆନୁକୂଲ୍ୟରେ ଗୋଲବାଇ ଭଗବତୀ ତନ୍ତୁବାୟ ସହଯୋଗ ସମିତି ଲିଃ ସହଯୋଗରେ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ବୁଣାକାର ଓ ଆନୁଷଙ୍ଗିକ କର୍ମୀଙ୍କ ନିମନ୍ତେ ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ କରାଯାଇଛି। ଏହି ଶିବିରରେ ଗୋଲବାଇ, କାୟା, ଗୁଣ୍ଣୀ, ଓଲସିଂ, ରତାମାଟି, ବୋଡଙ୍ଗରାପାଟଣା, କଳାମାଟି, ସାମନ୍ତରାପୁର, ଦିବ୍ୟସିଂହପୁର, ପାଣିଛତ୍ର, ଲହଙ୍ଗା, ମଳିପଡା ଆଦି ଅଞ୍ଚଳର ୭୧ଜଣ ହିତାଧିକାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରାପ୍ତ ଚଷମା ବଣ୍ଟନ କରାଯାଇଛି। ଖୋର୍ଦ୍ଧା ସହକାରୀ ବୟନଶିଳ୍ପ ନିର୍ଦ୍ଦେଶାଳୟର ବୟନ ନିରୀକ୍ଷକ ସୁରେଶ କୁମାର ସାହୁ ଉଦ୍‌ଘାଟନ କରି ସରକାରଙ୍କ ପକ୍ଷରୁ ପ୍ରଚଳନ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ବୁଣାକାରଙ୍କୁ ଅବଗତ କରାଇଥିଲେ। ବୟନଶିଳ୍ପ କର୍ମଚାରୀ ଏବଂ ଭଗବତୀ ତନ୍ତୁବାୟ ସମିତିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସମବାୟ ଉପସଭାପତି ପଦ ପାଇଁ ନାମାଙ୍କନ ଦାଖଲ

**କୃଷ୍ଣପ୍ରସାଦ,୨୩।୭(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ନୂଆପଡ଼ା ସେବା ସମବାୟ ସମିତିର ଉପସଭାପତି ପଦ ପାଇଁ ଝୁନାରାଣୀ ମହାନ୍ତି ଓ କନକଲତା ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆସନ୍ତା ୩୦ ତାରିଖରେ ଏହି ପଦ ପାଇଁ ନିର୍ବାଚନ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନିର୍ବାଚନ ଅଧିକାରୀ ଜିତେନ୍ଦ୍ର ନାୟକ ପ୍ରାର୍ଥିପତ୍ର ଗ୍ରହଣ କରିଥିବା ବେଳେ ନୂଆପଡ଼ା ସମ୍ପାଦକ ସୁରେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

# ଗୃହ ପାଇବାରୁ ୧୭୮୬ ଫାଇଲିନ୍ କ୍ଷତିଗ୍ରସ୍ତ ବଞ୍ଚିତ

**କୃଷ୍ଣପ୍ରସାଦ,୨୩।୭(ଡି.ଏନ୍.ଏ.)**

ଫାଇଲିନ୍ ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ ବାସଗୃହ ଯୋଗାଣ ଦାବିରେ ଶୁକ୍ରବାର ଠାରୁ ପୁରୀ ଜିଲା କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ଅଞ୍ଚଳର ବାତ୍ୟା ନିରୋଧକ ମଞ୍ଚ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ଆଗରେ ଧାରଣା ଦିଆଯାଇଛି। ମଞ୍ଚ ଆବାହକ ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ମହିଳା ପୁରୁଷ ହିତାଧିକାରୀ ଏଥିରେ ସାମିଲ ହୋଇଛନ୍ତି। ବ୍ଲକ ଛକରୁ ଶୋଭାଯାତ୍ରାରେ ଫାଇଲିନ କ୍ଷତିଗ୍ରସ୍ତମାନେ ଗୃହ ଯୋଗାଣର ନାରା ଦେଇ ବ୍ଲକ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ୨୦୧୩ ମସିହାରେ ହୋଇଥିବା ଫାଇଲିନ ବାତ୍ୟାର କ୍ଷତିଗ୍ରସ୍ତଙ୍କୁ ଓଡିଆର୍‌ପି ଯୋଜନାରେ ଗୃହ ଯୋଗାଇଦେବା ପାଇଁ ୪୮୩୨ ହିତାଧିକାରୀଙ୍କୁ ସରକାର ତାଲିକାଭୁକ୍ତ କରିଥିଲେ। ୩୦୪୬ ଜଣଙ୍କୁ ଏହି ସୁବିଧା ମିଳିଥିବା ବେଳେ ୧୭୮୬ ଜଣ ଏଥିରୁ ଏବେ ବି ବଞ୍ଚିତ ଅଛନ୍ତି। ତନ୍ମଧ୍ୟରୁ ଫାଇଲିନ କ୍ଷତିଗ୍ରସ୍ତ କାର୍ତ୍ତିକ ଦଳେଇ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାରୁ ବାତ୍ୟା ନିରୋଧକ ବାସଗୃହ ପାଇପାରିଥିଲେ। ସେହିଭଳି ୫୬ଟି ମାମଲା ଉଚ୍ଚ ନ୍ୟାୟାଳୟ କାର୍ଯ୍ୟକାରୀ କରିବାକୁ ଅନୁମତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଏହାର ପ୍ରତିବାଦରେ ବ୍ଲକ ସମ୍ମୁଖରେ ଅହୋରାତ୍ର ଧାରଣା ଆରମ୍ଭ ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲୁପିସି ନିର୍ଦ୍ଦେଶ ଏବଂ ରାଜ୍ୟ ସରକାରଙ୍କ ଓଡିଆର୍‌ପି ତାଲିକାକୁ କାର୍ଯ୍ୟକାରୀ କରିବା ଦାବିରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜିଲାପାଳ, କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ କୌଣସି ଅଧିକାରୀ ଆନ୍ଦୋଳନସ୍ଥଳରେ ନ ପହଞ୍ଚିବାରୁ ଶନିବାର ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ମଞ୍ଚ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ଉପେନ୍ଦ୍ର ଜେନା, ତ୍ରିନାଥ ଜେନା, ଖଗେଶ୍ୱର ପ୍ରଧାନ, ଅଭିମନ୍ୟୁ ଜଗଦେବ, ହଜାରୀ ପାହାନ, ସୁଲୋଚନା ନାୟକ, ମାଟିଆଣି ଘଡେଇ, ଚିତ୍ରସେନ ପାହାନଙ୍କ ସମେତ ଶତାଧିକ ହିତାଧିକାରୀ ଧାରଣାରେ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ମଞ୍ଚର ଆବାହକ ସୁବାସ ଚନ୍ଦ୍ର ଜେନା କହିଛନ୍ତି।


କୃଷ୍ଣପ୍ରସାଦ ବ୍ଲକ୍ ଆଗରେ ବାତ୍ୟା ନିରୋଧକ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

### 'ଗୋପବନ୍ଧୁଙ୍କ ଉଦାରତାକୁ ଅନୁସରଣ କର'

**ବେଗୁନିଆ,୨୩।୭(ଡି.ଏନ.ଏ.)**

ବେଗୁନିଆ ସଦର ମହକୁମା ସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବାସୁଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ– ୧ରେ ସର୍ବାଧିକ ନଂ. ରଖିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଦୀପାଳି ସୁନ୍ଦରାୟ, ଆଦର୍ଶ ରାୟ, ଶୀତଲ ପଣ୍ଡା, ସ୍ୱୟଂଶ୍ରୀ ରଥଙ୍କୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ହରିପ୍ରସାଦ ଦାସଙ୍କ ସମେତ ଅନ୍ୟ ସଭ୍ୟମାନେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଉଦାରତାକୁ ଆପଣେଇବାକୁ ପ୍ରଧାନ ଶିକ୍ଷକ ବେହେରା ପରାମର୍ଶ ଦେଇଥିଲେ। ଅଭିଭାବକ, ପରିଚାଳନା କମିଟି ସଭ୍ୟ ଓ ସ୍ଥାନୀୟ ନାଗରିକ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ।

## 'ଶହୀଦ ଯବାନଙ୍କ ସାହସିକତା ସମସ୍ତଙ୍କ ପାଇଁ ପ୍ରେରଣା'


ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପ ମାଲ୍ୟାର୍ପଣ ଅବସରରେ ଅତିଥି ଓ ଏନ୍‌ସିସି କ୍ୟାଡେଟ୍।

**ବୋଲଗଡ଼,୨୩।୭(ଡି.ଏନ୍.ଏ.)**

କାର୍‌ଗିଲ ବିଜୟ ଉତ୍ସବ ପାଳନ ଉପଲକ୍ଷେ ଶନିବାର ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ଏନ୍‌ସିସି ୱିଙ୍ଗ୍ ପକ୍ଷରୁ ସୌର୍ଯ୍ୟ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବୋଲଗଡ଼ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଯୋଗଦେଇ ମଶାଲ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସକାଳେ ଏନ୍‌ସିସି ଅଧିକାରୀ ଅଧ୍ୟାପକ ଡ. ରଞ୍ଜନ କୁମାର ଦାଶଙ୍କ ନେତୃତ୍ୱରେ କ୍ୟାଡେଟ୍‌ମାନେ କଲେଜ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ କାର୍‌ଗିଲ ଯୁଦ୍ଧର ସଫଳତା ଶହୀଦ ଯବାନଙ୍କ ତ୍ୟାଗ ଓ ସମର୍ପଣ ମନୋଭାବ ଯୋଗୁ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ପରେ କ୍ୟାଡେଟ୍‌ମାନେ ବିଭିନ୍ନ ରାଷ୍ଟ୍ରୀୟ ସଚେତନଧର୍ମୀ ପ୍ଲାକାର୍ଡ ଧରି ସ୍ଲୋଗାନ ଦେବା ସହ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଉଦ୍ୟାନ ନିକଟରେ ପହଞ୍ଚିଥିଲେ। ସ୍ଥାପିତ ଶହୀଦ ସ୍ମୃତିସ୍ତମ୍ଭରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ କଲେଜ ସମ୍ମିଳନୀ କକ୍ଷରେ ଏକ ରାଷ୍ଟ୍ରୀୟ ସଚେତନଧର୍ମୀ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ୟାଡେଟ୍ ପୁଷ୍ପଶ୍ରୀ ପଶ୍ଚିମକବାଟ, ହୃଦାନନ୍ଦ ମହାପାତ୍ର, ଅଜୟ ଖଟେଇଙ୍କ ସମେତ ବହୁ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ, ଅଧ୍ୟାପକ ଗାନ୍ଧୀ କୁମାର ସାହୁ, ଗଣେଶ ପଣ୍ଡା, ଡେମୋନ୍‌ଷ୍ଟ୍ରେଟର ବୈଦ୍ୟନାଥ ହୋତା, ମୁଖ୍ୟ କିରାଣି ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଭଞ୍ଜକିଶୋର ଯତି ଓ କର୍ମଚାରୀ ମାୟାଧର ବରାଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନନ୍ୟା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

### ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ,୨୩।୭(ଡି.ଏନ୍.ଏ.)**

ଶିଶୁ, ଗର୍ଭବତୀଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଥିଲା। ମା' ହରଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ, ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଙ୍ଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡ଼ାସ୍ଥିତ ମା' ପାଦୁକାଇ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଗୋଷ୍ଠୀ ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ମାଗୁଣି ପ୍ରଧାନ, ଲିନା ମହାପାତ୍ର, ରମାମଣି ନାୟକ, ଦୀପ୍ତିରାଣୀ ଦଣ୍ଡପାଟଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।

### ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା

**ଖୋର୍ଦ୍ଧା ଅଫିସ,୨୩।୭**

ଭାରତ ବର୍ଷର ପ୍ରଥମ ଆଦିବାସୀ ମହିଳା ଭାବେ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହୋଇଛନ୍ତି। ଏନେଇ ସବୁଠି ଖୁସିର ମାହୋଲ ଦେଖାଦେଇଛି। ଅଞ୍ଜୁମାନିଆ– ଇ– ଇସ୍‌ଲାମିଆ ଅନୁଷ୍ଠାନ ପକ୍ଷରୁ ପଲ୍ଲା ତୋଟାପଡ଼ା ସ୍ଥିତ କାର୍ଯ୍ୟାଳୟରେ ସଭାପତି ରମ୍‌ଜାନ ଖାଁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶେକ୍ ମାଲିକ ଗୋଲାବନମୀ ତରଫଦାର, ଏସ୍. ଅଲ୍ଲୀ ଶାହା, ମହମ୍ମଦ କେଫାତୁଲ୍ଲା, ଅତିତୁର ରହେମାନ, ସୟଦ ଲିଆକତ୍ ଅଲ୍ଲୀ ପ୍ରମୁଖ ରାଷ୍ଟ୍ରପତି ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ସହ ଭଗବାନ(ଆଲ୍ଲା)ଙ୍କ ନିକଟରେ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଖୋର୍ଦ୍ଧା ଆଡ୍‌ଭୋକେଟ କ୍ଲବ ଆସୋସିଏଶନ ପକ୍ଷରୁ ସଭାପତି ତୁଷାରକାନ୍ତି ମହାନ୍ତି, ସମ୍ପାଦକ ବିଜୟ ଘଡେଇ, ସଭ୍ୟ ସୋମନାଥ ସାହୁ, ବିଶ୍ୱଜିତ ଜିତସିଂ, ଚିରଞ୍ଜୀବୀ ପ୍ରଧାନ, ଶେଷଦେବ ବେହେରା, କାମେଶ୍ୱର ବାରିକ, ଅକ୍ଷୟ ମିଶ୍ର ରାଷ୍ଟ୍ରପତି ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ରାହ୍ମଣଦେଓ ହାଇସ୍କୁଲର ବାର୍ଷିକୋତ୍ସବ

**କୃଷ୍ଣପ୍ରସାଦ,୨୩।୭(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ପଞ୍ଚାୟତ ଅଧୀନ ବ୍ରାହ୍ମଣଦେଓ ହାଇସ୍କୁଲର ୨୯ତମ ବାର୍ଷିକ ଉତ୍ସବ ଶନିବାର ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋଚିରାମ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସବିତା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ରୁବି ପ୍ରିୟଦର୍ଶିନୀ ରଣସିଂ, ବିଦ୍ୟାଳୟ ମୁଖ୍ୟ ସହଯୋଗୀ ଲକ୍ଷ୍ମୀ ଚରଣ ବିଶ୍ୱାଳ, ବ୍ରାହ୍ମଣଦେଓ ଗ୍ରାମ୍ୟ କମିଟି ସଭାପତି ସୁକାନ୍ତ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ବିଶ୍ୱାଳ, ଯୁବନେତା ଦିଲୀପ ରଣସିଂ, ସୁରେନ୍ଦ୍ର ବିଶ୍ୱାଳ, ଅଞ୍ଚଳ ବିଶ୍ୱାଳ, ମହଲା ସଭ୍ୟ ହଳଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପ୍ରବୀର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ଶତ ପ୍ରତିଶତ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବିଭୁ ନାରାୟଣ ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

## ବାଲୁଗାଁ–ବାଣପୁର ରୋଟାରି କ୍ଲବ୍‌ର ଅଧିଷ୍ଠାନ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବାଲୁଗାଁ,୨୩।୭(ଡି.ଏନ୍.ଏ.)**

ବାଲୁଗାଁ–ବାଣପୁର ରୋଟାରି କ୍ଲବ୍‌ର ଅଧିଷ୍ଠାନ ଉତ୍ସବ ବାଲୁଗାଁ ଅଶୋକନଗର ସ୍ଥିତ ଉମାମହେଶ୍ୱର ଦେବ ବଣିକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ୨୦୨୪–୨୫ ପାଇଁ ନିର୍ବାଚିତ ହୋଇଥିବା ଗଭର୍ନର ଯଜ୍ଞାଶୀଶ ମହାପାତ୍ର ଯୋଗଦେଇଥିବା ବେଳେ ଜିଲା ସେକ୍ରେଟାରି ଜେନେରାଲ ମନୋଜ କୁମାର ତ୍ରିପାଠୀ, ଜୋନ୍ ଚେୟାରମ୍ୟାନ ଶାକ୍ୟସିଂହ ପଟ୍ଟନାୟକ ଓ ଆସିଷ୍ଟାଣ୍ଟ ଗଭର୍ନର ନୀରଜ ଝା ଅତିଥିଭାବେ ଯୋଗଦେଇଥିଲେ। କ୍ଲବ୍‌ର ନୂତନ ସଭାପତି ଭାବେ ରବିନାରାୟଣ ପାଲଙ୍କୁ ପୂର୍ବତନ ସଭାପତି ଗୋପାଳ ଚନ୍ଦ୍ର ନାୟକ ଦାୟିତ୍ୱ ହସ୍ତାନ୍ତର କରିବା ପରେ ନୂତନ ସଭାପତି ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଉପସଭାପତି ଭାବେ ନନ୍ଦ କିଶୋର ମିଶ୍ର ଓ ହିମାଂଶୁ କୁମାର ପାତ୍ର, କୋଷାଧ୍ୟକ୍ଷ ଭାବେ ଶ୍ୟାମସୁନ୍ଦର ପୃଷ୍ଟି ଏବଂ ବିଭିନ୍ନ କମିଟିର ଚେୟାରମ୍ୟାନ ଭାବେ ବିଜୟ କୁମାର ନନ୍ଦ, ଓମ୍ ପ୍ରକାଶ ଅଗ୍ରୱାଲ, ଡା.ଯୋଗୀନ୍ଦ୍ର ସେନାପତି, ଧୀରେନ୍ଦ୍ରନାଥ ପାତ୍ର, ରବିନାରାୟଣ ନାୟକ, ପ୍ରବୀଣ କୁମାର ଜେନା, ବିଜୟ କୁମାର ବେହେରା, ଗଗନ ବିହାରୀ ବେହେରା, ରବିନ୍ଦ୍ରନାଥ ପ୍ରଧାନ, ସରୋଜିନୀ ଦାଶ, ପଦ୍ମନାଭ ମାଝୀ, ଜଗଦୀଶ ଲାଖୋଟିଆ ଏବଂ ଗୀତା ସେନାପତିଙ୍କ ନାମ ଘୋଷଣା କରାଯାଇଥିଲା। ଏହି ଅବସରରେ କ୍ଲବ୍ ପକ୍ଷରୁ ପତ୍ରିକା 'ସାଳିଆ' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ବାଣପୁର ମାଟିର ଜୁଡିସିଆଲ ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ ଶିବାନୀ ମିଶ୍ର ଏବଂ ବାଣପୁର ଓ ଚିଲିକା ବ୍ଲକ୍‌ରେ ଗତ ହାଇସ୍କୁଲ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଅମ୍ଳାନ କୁମାର ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବର ନୂତନ ସଭ୍ୟ ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମନୋଜ କୁମାର ଅଗ୍ରୱାଲ ଏବଂ ବ୍ୟବସାୟୀ ସୂର୍ଯ୍ୟନାରାୟଣ ସୁବୁଦ୍ଧିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ମାମୁ ଭଣଜା ପାହାଡ଼ ଏବଂ ସାଇ ମନ୍ଦିର ପରିସରରେ ଚାରାରୋପଣ କରାଯାଇଥିଲା। କ୍ଲବ୍‌ର ସଭ୍ୟ ବିପ୍ଳବ କୁମାର ମୁଦୁଲି, ହିମାଂଶୁ କୁମାର ପାତ୍ର, ସୂର୍ଯ୍ୟନାରାୟଣ ସେନାପତି, କିରଣ କୁମାର ପାତ୍ର, ଅଶୋକ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିଭାଇଡରରେ ପିଟିହେଲା କାର୍, ୩ ଆହତ

**ଖୋର୍ଦ୍ଧା ଅଫିସ,୨୩।୭**




ଭୁବନେଶ୍ୱର–ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବରୁଣେଇ ଓଭରବ୍ରିଜ୍‌ରେ ଶନିବାର ଏକ କାର୍ ଡିଭାଇଡରରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏଥିରେ ଥିବା ଦୁଇ ମହିଳାଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଶିଳ୍ପାଞ୍ଚଳ ଫାଣ୍ଡି ଓ ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ଆହତଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱରରୁ ରାୟଗଡ଼ ଅଭିମୁଖେ ଏକ କାର୍ ଦ୍ରୁତଗତିରେ ଯାଉଥିଲା। ବରୁଣେଇ ଓଭରବ୍ରିଜ୍ ଉପରେ ଡ୍ରାଇଭର ନିୟନ୍ତ୍ରଣ ହରାଇ ଆଗରେ ଯାଉଥିବା ଏକ ଗାଡ଼ିକୁ ଧକ୍କା ଦେଇ ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ୩ ଜଣ ଆହତ ହୋଇଥିଲେ। ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ସୂଚନାଥାଉ କି, କିଛିଦିନ ପୂର୍ବେ ବରୁଣେଇ ଓଭରବ୍ରିଜ୍ ନିକଟରେ ଏକ ଯାତ୍ରୀବାହୀ ବସ୍‌ର ଡ୍ରାଇଭର ନିୟନ୍ତ୍ରଣ ହରାଇ ଟ୍ରକ୍‌ରେ ପିଟିଦେଇଥିଲେ। ଘଟଣାସ୍ଥଳରେ ବସ୍ ହେଲ୍ପରଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ଜଣ ଆହତ ହୋଇଥିଲେ।

## ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ



**ନିରାକାରପୁର,୨୩।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଅଚ୍ୟୁତପୁର ପଞ୍ଚାୟତର ଦାଶରଥି ମହାପାତ୍ର ସରକାରୀ ହାଇସ୍କୁଲ ପ୍ରାଙ୍ଗଣରେ ଶନିବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ କର ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ସାମାଜିକ କର୍ମୀ ଟଙ୍କଧର ମହାପାତ୍ର, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ କର ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ନୀଳାଦ୍ରି ପ୍ରସାଦ ସିଂ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## 'ଆଜାଦୀ କୀ ରେଲ୍‌ଗାଡ଼ି ଔର ଷ୍ଟେଶନ' ସପ୍ତାହ ଉଦ୍‌ଯାପିତ

**କଟଣୀ,୨୩।୭(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପକ୍ଷରୁ ଆୟୋଜିତ 'ଆଜାଦୀ କୀ ରେଲ୍‌ଗାଡ଼ି ଔର ଷ୍ଟେଶନ' ସ୍ମରଣୀୟ ସପ୍ତାହ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତଟ ରେଳପଥର ପ୍ରମୁଖ ବିଦ୍ୟୁତ୍ ଯନ୍ତ୍ରୀ ବାସୁଦେବ ପଣ୍ଡା, ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟ ଯୋଗଦେଇ ୪ଜଣ ସ୍ୱାଧୀନତା ସଂଗ୍ରାମୀ ଓ ପାଇକ ବିଦ୍ରୋହରେ ଶହୀଦ ହୋଇଥିବା ୯ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ଅନୁପସ୍ଥିତିରେ ପରିବାର ସଦସ୍ୟ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ବାସୁଦେବ କହିଥିଲେ, ପୂର୍ବତଟ ରେଳପଥର ସମସ୍ତ ବିଭାଗ 'ଆଜାଦୀ କୀ ରେଲ୍‌ଗାଡ଼ି ଔର ଷ୍ଟେଶନ'ର ସପ୍ତାହବ୍ୟାପୀ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଭାରତୀୟ ରେଳପଥର ୭୫ଟି ରେଳ ଷ୍ଟେଶନ, ଯାହା ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନର ମହାନ୍ ଇତିହାସ ସହ ଜଡ଼ିତ। ପାଇକ ବିଦ୍ରୋହ ପାଇଁ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନର ସ୍ୱତନ୍ତ୍ର ପରିଚୟ ରହିଛି। ଏହି ଅବସରରେ ପୂର୍ବତଟ ରେଳପଥ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍ସ ଏବଂ ରେଳ କର୍ମଚାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କଟକ ଏବଂ ସାକ୍ଷୀଗୋପାଳ ରେଳ ଷ୍ଟେଶନରେ ମଧ୍ୟ ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା। କଟକରେ ୪ଜଣ ସ୍ୱାଧୀନତା ସଂଗ୍ରାମୀ ଏବଂ ସାକ୍ଷୀଗୋପାଳରେ ୨ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରାଯାଇଥିଲା।



କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

**ଅବସରପ୍ରାପ୍ତ ଶିକ୍ଷକ ଛାତ୍ରୀଛାତ୍ରଙ୍କ କର୍ଣ୍ଣଧାର**

ଗୋପ,(ଡି.ଏନ୍.ଏ.): ଶିକ୍ଷା ଏପରି ଏକ ଶବ୍ଦ, ଯାହା ସମସ୍ତଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବାରେ ସହାୟକ ହୋଇଥାଏ। ହେଲେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ କର୍ଣ୍ଣଧାର। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସଂଘ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ମିଶ୍ର ଯୋଗଦେଇ ଏହା କହିଥିଲେ। ସଂଘ ସଭାପତି ଶିବଦତ୍ତ ନାୟକଙ୍କ ସଭାପତିତ୍ୱରେ ନୟାହାଟସ୍ଥିତ ହାଡିବନ୍ଧୁ କଲ୍ୟାଣ ମଣ୍ଡପ ପରିସରରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଭାତ ତରାଇ, ରବୀନ୍ଦ୍ର ଦାଶ, ଅସ୍ତରଙ୍ଗ ଅତିରିକ୍ତ ଶିକ୍ଷାଧିକାରୀ ମମତା ମଞ୍ଜରୀ ଦେଇ, କୈଳାସ ଚନ୍ଦ୍ର ଦାଶ, ସୁଶାନ୍ତ ନାୟକ, ଯୁବରାଜ ବିଶ୍ୱାଳ, ସତ୍ୟନାରାୟଣ ସାହୁ ଉପସ୍ଥିତ ଥିଲେ। ନୟାହାଟସ୍ଥିତ ଶିଙ୍ଘ ପାନିଆ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟୁନରମା ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ୧୨ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇଥିଲା।






୨୩।୭।୨୦୨୨

| | |
|---|---|
| ୪,୬୮,୮୨୪ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୦ ଗ୍ରାମ |

## ସଂକ୍ଷେପରେ

### ଆକ୍ରମଣରେ ଗୁରୁତର ଆହତ ଯୁବକଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୨୩।୭(ସ୍ୱ.ପ୍ର./ଡି.ଏନ୍.ଏ.)- ସାକ୍ଷୀଗୋପାଳ ରେଳ ଷ୍ଟେଶନର ୪ ନମ୍ବର ପ୍ଲାଟଫର୍ମ ରାସ୍ତାରେ ଚଳିତ ମାସ ୧୩ ତାରିଖ ବିଳମ୍ବିତ ରାତିରେ ସୁଭଦ୍ରା କଲୋନୀ ହରିଜନ ସାହିରେ ଶ୍ୱଶୁର ଘରେ ରହୁଥିବା ନିଆଳି ଥାନା ଅନ୍ତର୍ଗତ ଅଠାନ୍ତର ଗ୍ରାମର ବୁଲୁ ଜେନା (୩୫) ନିଶାସକ୍ତ ଅବସ୍ଥାରେ ଘରକୁ ଫେରୁଥିବାବେଳେ ଏକ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିଲେ। ଗୁରୁତର ଆହତ ହୋଇ ପ୍ରଥମେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ହେଉଥିଲେ। ଏ ନେଇ ବୁଲୁଙ୍କ ଶ୍ୱଶୁର ଶିବ ମଳିକ ଶୁକ୍ରବାର ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଏକ ମାମଲା (ନଂ.୨୧୧/୨୨) ରୁଜୁ କରି ତଦନ୍ତ ଚଳାଇଛି। କିନ୍ତୁ ଚିକିତ୍ସାଧିନ ଅବସ୍ଥାରେବା ବେଳେ ଶୁକ୍ରବାର ରାତିରେ ବୁଲୁଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ କହିଛନ୍ତି। ଫଳରେ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନାରେ ଏକ ମାମଲା କରାଯାଇ ଶବ ବ୍ୟବଚ୍ଛେଦ ପରେ ତାଙ୍କ ଶଶୁର ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏଥିସହ ସତ୍ୟବାଦୀ ଥାନା ପକ୍ଷରୁ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ଅନୁସନ୍ଧାନ ଜାରି ରହିଛି।

### ସାକ୍ଷୀଗୋପାଳ ମନ୍ଦିର ସେବାୟତଙ୍କ ପରଲୋକ

ସାକ୍ଷୀଗୋପାଳ,୨୩।୭(ସ୍ୱ.ପ୍ର.)- ସାକ୍ଷୀଗୋପାଳ ମନ୍ଦିରର ସେବାୟତ ରବି ମହାପାତ୍ରଙ୍କ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଦୀର୍ଘଦିନରୁ ସେ ଶାରୀରିକ ଅସୁସ୍ଥ ଥିଲେ। ହେଲେ ଗୁରୁବାର ହଠାତ୍ ରବିଙ୍କ ଦେହ ଅଧିକ ଖରାପ ହୋଇଥିଲା। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରିବା ପାଇଁ ପରିବାର ଲୋକ ଭର୍ତ୍ତି କରିଥିଲେ। ଚିକିତ୍ସା ଅବସ୍ଥାରେ ରବିଙ୍କ ଦେହାନ୍ତ ହୋଇଛି। ରବି ଜଣେ ସ୍ନେହୀ, ମେଳାପୀ ବ୍ୟକ୍ତି ଥିଲେ। ସେ ଦୀର୍ଘଦିନ ହେବ ସାକ୍ଷୀଗୋପାଳ ମନ୍ଦିରରେ ସେବା ଯୋଗାଇ ଆସୁଥିଲେ। ରବିଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଏବେ ମୁରବୀଶୂନ୍ୟ ହୋଇପଡ଼ିଛନ୍ତି। ତାଙ୍କର ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସରୁନି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ

**ପ୍ରଶାନ୍ତ କୁମାର ବାରିକ**
**ସାକ୍ଷୀଗୋପାଳ, ୨୩।୭(ସ୍ୱ.ପ୍ର.)**

- ୨୦୧୯ରୁ ସମୟ ସୀମା ଶେଷ ହେଲାଣି
- ନିମ୍ନମାନର ପାଇପ ବ୍ୟବହାର ଅଭିଯୋଗ

ପୁରୀ ଜିଲା ସତ୍ୟବାଦୀ ବ୍ଲକର ଲୋକଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇଦେବା ପାଇଁ ପଞ୍ଚାୟତିରାଜ ବିଭାଗ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ମିଳିତ ଭାବେ ଏକ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ହେଲେ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ କାର୍ଯ୍ୟ ବିଳମ୍ବ ହେଉଛି। ୨୦୧୯ରୁ ସମୟ ସୀମା ସରିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୪୬ଟି ରାଜସ୍ୱ ଗ୍ରାମର ଲୋକେ ସ୍ୱଚ୍ଛ ପାନୀୟ ଜଳ ପାଇପାରିବେ।

ସତ୍ୟବାଦୀର ଜଳକ୍ଲିଷ୍ଟ ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବସୁଧା ଯୋଜନାରେ ୩୩ କୋଟି ଟଙ୍କା ବ୍ୟୟରେ ଏକ ବୃହତ ପାନୀୟ ଜଳ ପ୍ରକଳ୍ପ ଗତ ୨୦୧୫-୧୬ରେ ଆରମ୍ଭ କରିଥିଲେ। ଏହି ପ୍ରକଳ୍ପ ଶୀଘ୍ର ସାରିବା ଲାଗି ଏକ ଘରୋଇ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏପରି କି ୨୦୧୮-୧୯ ଆର୍ଥିକ ବର୍ଷ ସୁଦ୍ଧା ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରାଯାଇ ଲୋକାର୍ପଣ କରାଯିବା ପାଇଁ ସ୍ଥିର ହୋଇଥିଲା। ହେଲେ ଅବଧି ସମୟ ସରି ୨୦୨୨ର ଅଧା ସମୟ ମଧ୍ୟ ଶେଷ ହୋଇଗଲାଣି। ଅଥଚ ବର୍ତ୍ତମାନ ସୁଦ୍ଧା



ପାନୀୟଜଳ ପ୍ରକଳ୍ପ ପାଇଁ ବିଛେଇ ହୋଇ ପଡ଼ିଥିବା ପାଇପ ।

ପ୍ରକଳ୍ପର ମାତ୍ର ୬୦ ପ୍ରତିଶତ କାମ ସରିଛି। ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ସେନେଇ ସରକାରୀ ସ୍ତରରେ ବାରମ୍ବାର ବୈଠକ ବସୁଛି। ଗତ ମେ ୪ରେ ପଞ୍ଚାୟତ ସମିତି ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ବିଧାୟକ, ସମିତି ଅଧ୍ୟକ୍ଷା, ୩ଟି ଜୋନ ଜିଲା ପରିଷଦ ପ୍ରାର୍ଥୀ, ସମସ୍ତ ପଞ୍ଚାୟତ ପ୍ରତିନିଧି, ବିଡିଓ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଏବଂ ପ୍ରକଳ୍ପ ଦାୟିତ୍ୱରେ ଥିବା ଅଧିକାରୀ ଉପସ୍ଥିତ ଥିଲେ। ଜୁନ ୩୦ ସୁଦ୍ଧା କାମ ସାରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜୁଲାଇ ମାସ ସରିବାକୁ ଥିବାବେଳେ ନିର୍ଦ୍ଦେଶ ମୁତାବକ ପ୍ରକଳ୍ପର ଅଧା କାମ ମଧ୍ୟ ହୋଇନାହିଁ। ଜିଲା ପରିଷଦ ବୈଠକରେ ଏ ସମ୍ପର୍କରେ ବାରମ୍ବାର ଆଲୋଚନା ହେଉଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲାପାଳ ନିଜେ ଏହି ପ୍ରକଳ୍ପର ତଦାରଖ କରୁଥିଲେ ସୁଦ୍ଧା କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଅନ୍ୟପଟେ ପ୍ରକଳ୍ପ ପାଇଁ ମାଟି ତଳେ ବିଛାଯାଉଥିବା ପାଇପ ଅତି ନିମ୍ନମାନର ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ କାର୍ଯ୍ୟର ମାନକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହାର ଠିକ୍ ତଦାରଖ କରି କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ନେଇ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ବାରିକ କହିଛନ୍ତି, ଏକ ବର୍ଷ ହେଲା କାର୍ଯ୍ୟର ଦାୟିତ୍ୱ ନେଇଛି। ପ୍ରତିଦିନ ପ୍ରକଳ୍ପର କାର୍ଯ୍ୟକୁ ତଦାରଖ କରୁଛି। ମୁଖ୍ୟତଃ ପ୍ରକଳ୍ପ ଦାୟିତ୍ୱରେ ଥିବା ଅଧିକାରୀ ବିଭାଗକୁ ସେଭଳି ସହଯୋଗ କରୁନାହାନ୍ତି। ଫଳରେ କାମ ବିଳମ୍ବ ହେଉଛି। ଅପରପକ୍ଷେ ଠିକା ସଂସ୍ଥା ଦାୟିତ୍ୱରେ ଥିବା ଅଧିକାରୀ ସୁଜିତ ଗିରିଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ୩୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ବିଷ୍ଣୁପ୍ରିୟା ବରାଳଙ୍କ କହିବା ଅନୁଯାୟୀ, ଏହି ପ୍ରକଳ୍ପର ଅବଧି ସମୟ ୨୦୧୯ରୁ ସରିଲାଣି। ହେଲେ ଆହୁରି ୪୦% କାମ ବାକି ଅଛି। ଏଥିସହ କାର୍ଯ୍ୟରେ ନିମ୍ନମାନର ଯନ୍ତ୍ରାଂଶ ବ୍ୟବହାର କରାଯାଉଛି। ଏନେଇ ଭିଜିଲାନ୍ସରେ ଅଭିଯୋଗ କରିବା ସହିତ ସମ୍ପୃକ୍ତ ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ପାଇଁ ଡିଆର୍‌ଡିଏ ବୈଠକରେ ଦାବି ଉଠାଇବି। ସେହିଭଳି ପେଣ୍ଡପଡ଼ା ସରପଞ୍ଚ ଚିନ୍ମୟୀ ରାଉତଙ୍କ ମତରେ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସମ୍ପନ୍ନ ହେଲେ ପଞ୍ଚାୟତବାସୀ ଜଳକଷ୍ଟରୁ ରକ୍ଷା ପାଇବେ। ସ୍ଥାନୀୟ ଅଞ୍ଚଳର ବିକ୍ରମ ଦାସ କହିଛନ୍ତି, ଏହି ପ୍ରକଳ୍ପଟି ମୋ' ସରକାର ଅନ୍ତର୍ଭୁକ୍ତ ହୋଇଥିବାରୁ ଯଥାଶୀଘ୍ର କାର୍ଯ୍ୟ ଶେଷ କରି ପ୍ରକଳ୍ପ କାର୍ଯ୍ୟକ୍ଷମ ଲାଗି ୫-ଟି ସଚିବ ଓ ଜିଲା ପ୍ରଶାସନ ପଦକ୍ଷେପ ନେବା ଉଚିତ।

## ଜିଲା ଆଇନସେବା ପ୍ରାଧିକରଣର ସଚେତନତା କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅତିଥି ।

**ପୁରୀ ଅଫିସ,୨୩।୭**

ଜିଲା ଆଇନସେବା ପ୍ରାଧିକରଣ ତରଫରୁ ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଗିରଫ ବ୍ୟକ୍ତି, ସନ୍ଦିଗ୍ଧ ତଥା ମୁଦାଲାଙ୍କ ଗିରଫ ପୂର୍ବରୁ ଏବଂ ରିମାଣ୍ଡ (ହାଜତକୁ ପୁନର୍ବାର ପ୍ରେରଣ) ସମ୍ପର୍କିତ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଧନେଶ୍ୱର ମଲ୍ଲିକ୍ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ପରିବାର ଅଦାଲତର ବିଚାରପତି ଅରୁଣ ମଲ୍ଲିକ୍, ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା, ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଅମିୟ ରଞ୍ଜନ ଜେନା, ପ୍ରାଧିକରଣ ସଚିବ ଦେବାଶିଷ ଦାସ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଦେବାଶିଷ ଦାଶ ଏବଂ ସିଭିଲକୋର୍ଟ ରେଜିଷ୍ଟ୍ରାର ନିଖିଳ ଭରତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜିଲା ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ଧନେଶ୍ୱର ମଲ୍ଲିକ୍ ଧାରା ୪୧ ଘ ଅନୁଯାୟୀ ଗିରଫ ବ୍ୟକ୍ତିର ଜଣେ ଓକିଲ ନିଯୁକ୍ତି କରିବାର ଅଧିକାର, ଗିରଫ ମେମୋକୁ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଯାଞ୍ଚ କରିବାର ଅଧିକାର, ଗିରଫ ହେବାର କାରଣ ଏବଂ ଗିରଫ ସମ୍ପର୍କରେ ସମ୍ପର୍କୀୟ ବନ୍ଧୁ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଜଣାଇବାର ଅଧିକାର, ଗିରଫ ପରେ ଡାକ୍ତରଙ୍କ ଦ୍ୱାରା ଏବଂ ମହିଳାଙ୍କ କ୍ଷେତ୍ରରେ ଜଣେ ମହିଳା ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇବା ଅଧିକାର ଆଦି ଅଧିକାର ଥିବା ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରାଧିକରଣର ସଚିବ ଦେବାଶିଷ ଦାଶ ପ୍ରାଧିକରଣର ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ପୀଡ଼ିତାଙ୍କ କ୍ଷତିପୂରଣ ଯୋଜନା, ନ୍ୟାୟ ସଂଯୋଗ, ସମ୍ମୁଖ କାର୍ଯ୍ୟାଳୟ ମଧ୍ୟସ୍ଥତା କେନ୍ଦ୍ରର କାର୍ଯ୍ୟକାରିତା ଉପରେ ବିଶଦ୍ ବିବରଣୀ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ତାଲିମପ୍ରାପ୍ତ ଅଧିବକ୍ତା (ପାନେଲ ଲୟର) ଏବଂ ଜିଲା ଆଇନସେବା ପ୍ରାଧିକରଣ ଅଧୀନରେ ଥିବା ଥାନାର ଭାରପ୍ରାପ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରାଧିକରଣର ସଚିବ ଦେବାଶିଷ ଦାଶ ଧନ୍ୟବାଦ ଦେଇଥିଲେ।






ସାକ୍ଷୀଗୋପାଳ ରେଳ ଷ୍ଟେଶନରେ ଆୟୋଜିତ ଆଜାଦୀ କା ରେଲ୍‌ଗାଡି ୱ୍ର ଷ୍ଟେଶନ ସପ୍ତାହର ଉଦ୍‌ଯାପନ ଦିବସରେ ଉପସ୍ଥିତ ଅତିଥି ।

## 'ମନଛୁଆଁ ଭଜନ' ପୁସ୍ତକ ଲୋକାର୍ପଣ ଉତ୍ସବ

**ପୁରୀ ଅଫିସ,୨୩।୭:**

ରୁକ୍ମିଣୀ ପ୍ରଦ୍ୟୁମ୍ନ ପକ୍ଷରୁ ଗୀତିକାର ବିଜୟ କୁମାର ମିଶ୍ରଙ୍କ ଦ୍ୱିତୀୟ ଭକ୍ତି ସଙ୍ଗୀତ ପୁସ୍ତକ 'ମନଛୁଆଁ ଭଜନ'ର ଲୋକାର୍ପଣ ଉତ୍ସବ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସ୍ମୃତିପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଅଧ୍ୟକ୍ଷତା କରିଥିଲେ। ଗୀତି କବିତା ଧାରାରେ 'ମନଛୁଆଁ ଭଜନ' ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ବୋଲି ସେ ମତ ପ୍ରକାଶ କରିଥିଲେ। ଅତିଥି ଭାବେ କବି ମାନସ ରଞ୍ଜନ ମହାପାତ୍ର, ଡ. ଦିଲୀପ ସ୍ୱାଇଁ , ଦିଲୀପ ବେହେରା ପ୍ରମୁଖ ଯୋଗଦେଇ ଭଜନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିବା ସହ ଗୀତି କବିତା ହୃଦୟକୁ ରାସ୍ତା ତିଆରି କରେ ବୋଲି କହିଥିଲେ। ବିଶିଷ୍ଟ ଗାୟକ ଅଶୋକ କୁମାର ମହାନ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଭକ୍ତି ଗୀତି କବିତା ସଂକଳନ ମନଛୁଆଁ ଭଜନ ଲୋକାର୍ପିତ ହୋଇଥିଲା। ପୁସ୍ତକର ସ୍ରଷ୍ଟା ଗୀତି କବି ମିଶ୍ର ଗୀତ ରଚନାର ପ୍ରେରଣା ଓ ପୃଷ୍ଠଭୂମି ସମ୍ପର୍କରେ କହିଥିଲେ। ଅଭିନନ୍ଦନିକା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଗୀତିକାର ବଦ୍ରି ମିଶ୍ର, ସଂସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସଙ୍ଗୀତଜ୍ଞ ବିପିନ ବାରିକ୍, ସାହିତ୍ୟିକ ବିପିନ୍ ବିହାରୀ ଦଳାଇ, କାଶୀନାଥ ଖୁଣ୍ଟିଆ, ଦାମୋଦର ମହାନ୍ତି, କଣ୍ଠଶିଳ୍ପୀ ରାମକୃଷ୍ଣ ବେହେରା, ରୋଟାରିଆନ୍ ପଞ୍ଚାନନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜାଦୀ କୀ ରେଲ୍‌ଗାଡି ଔର ଷ୍ଟେଶନ ସପ୍ତାହ ସରିଲା

**ସାକ୍ଷୀଗୋପାଳ,୨୩।୭(ଡି.ଏନ୍.ଏ.)**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ୍ ଡିଭିଜନ ପକ୍ଷରୁ କାର୍ମିକ ବିଭାଗ ଆନୁକୂଲ୍ୟରେ ଚଳିତ ମାସ ୧୮ତାରିଖରୁ ପୁରୀ ଜିଲା ସାକ୍ଷୀଗୋପାଳ ରେଳ ଷ୍ଟେଶନରେ ଆୟୋଜିତ ଆଜାଦୀ କୀ ରେଲଗାଡି ୱ୍ର ଷ୍ଟେଶନର ସ୍ମରଣୀୟ ସପ୍ତାହ ଉତ୍ସବ ଅମୃତ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବ କଟକ, ଖୋର୍ଦ୍ଧା ଓ ସାକ୍ଷୀଗୋପାଳରେ ସପ୍ତାହ ବ୍ୟାପୀ ପାଳନ କରାଯାଉଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ନରସିଂହ ପାତ୍ରଙ୍କ ସହଧର୍ମିଣୀ ଲକ୍ଷ୍ମୀ ପାତ୍ର ଓ ସମ୍ମାନିତ ଅତିଥି ଭାବେ ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ବଳରାମ ବେହେରାଙ୍କ ସୁପୁତ୍ର ରାଜେନ୍ଦ୍ର କୁମାର ବେହେରା ଓ ଅତିରିକ୍ତ ରେଳ ପ୍ରବନ୍ଧକ ଅଶୋକ କୁମାର ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅତିଥି ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀ ଓ ଅନ୍ୟତମ ସଂଗ୍ରାମୀଙ୍କ ପୁତ୍ରଙ୍କୁ ରେଳ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଳ ବିଭାଗ ଉତ୍ସର୍ଗୀକୃତ ଭାବେ ଦେଶର ଜନସାଧାରଣଙ୍କ ସେବାରେ ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି ଅତିଥି ଅଶୋକ କୁମାର କହିଥିଲେ। ରେଲ ସୁରକ୍ଷା ବଳ ବିଭାଗର ପ୍ରଭାତ ସାହୁ ଦେଶାତ୍ମବୋଧ ସଂଗୀତ ଗାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଲକ୍ଷ୍ମୀ ସାହୁ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀର ଖବରଦାତା, ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ସାମାଜିକ କର୍ମୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ବନ ମହୋତ୍ସବରେ ଚାରା ରୋପଣ

**କୋଣାର୍କ,୨୩।୭(ଡି.ଏନ୍.ଏ.)**

୭୩ତମ ବନ ମହୋତ୍ସବ ପାଳନ ଅବସରରେ କୋଣାର୍କ ବନ ବିଭାଗ ଓ ବାଣପଦା - ଡାଳିମ୍ବଗୋରଡି ଇଡିସି ମିଳିତ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଡିସିର ସଭାପତି ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ବନପାଳ ରବୀନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ ଚାରା ରୋପଣ ଦ୍ୱାରା ପରିବେଶ ଉପରେ ଉପକାରିତା ନେଇ କହିବା ସହ ବିଭିନ୍ନ ପ୍ରକାରର ଚାରା ଲଗାଇଥିଲେ। ଏହି କାର୍ଯ୍ୟକ୍ରମରେ ଫରେଷ୍ଟ ଗାର୍ଡ ଦୁର୍ଯ୍ୟୋଧନ ପରିଡା, ଇଡିସିର ସମ୍ପାଦକ କାଳନ୍ଦୀ ନାୟକ, କୋଷାଧ୍ୟକ୍ଷ ଦେବେନ୍ଦ୍ର କାଣ୍ଡି, ସୁମନ୍ତ ବେଉରା, ମନ୍ଦରଧର ନାୟକ, ଗଗନ ବେଉରା, ପ୍ରଫୁଲ୍ଲ କାଣ୍ଡି ଓ ରବୀନ୍ଦ୍ର ବେଉରା ପ୍ରମୁଖ ଯୋଗଦେଇ ବିଭିନ୍ନ ଔଷଧୀୟ ଚାରା ରୋପଣ କରିଥିଲେ।

## ସିପିଆଇ ଚାଷୀ, ଦଳିତ, ଶ୍ରମିକଙ୍କ ପାଇଁ ସଂଗ୍ରାମ କରୁଛି

**ନିମାପଡ଼ା,୨୩।୭(ଡି.ଏନ୍.ଏ.):**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୨୩ତମ ପୁରୀ ଜିଲା ସମ୍ମିଳନୀ ନିମାପଡ଼ା ଟାଉନହଲ୍‌ଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ସିପିଆଇ ନେତା ସୋମନାଥ ପାତ୍ର ଦଳୀୟ ପତାକା ଉଡାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସିପିଆଇ ରାଜ୍ୟ ସାଧାରଣ ସମ୍ପାଦକ ଆଶିଷ କାନୁନ୍‌ଗୋ, ସମ୍ପାଦକ କ୍ଷୀରୋଦ ସିଂଦେଓ, ପୁରୀ ଜିଲା ସମ୍ପାଦକ ପ୍ରଦୀପ୍ତ ମହାନ୍ତି, ଜିଲା ସହସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଦେବେନ୍ଦ୍ର ସାହୁ, ନିମାପଡ଼ା ଜୋନ୍ ସମ୍ପାଦକ ପ୍ରଫୁଲ୍ଲ ସାହୁ, ରାଜ୍ୟ କୃଷକ ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ସନାତନ ପାତ୍ର, ଅଭ୍ୟର୍ଥନା କମିଟିର ସଭାପତି ଆଇନଜୀବୀ ବାମନଚରଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ସମ୍ମିଳନୀରେ ଜିଲା ସମ୍ପାଦକ ପ୍ରଦୀପ୍ତ ମହାନ୍ତି ପାର୍ଟିର ସାଂଗଠନିକ ଓ ରାଜ୍ୟନୈତିକ ରିପୋର୍ଟ ପାଠ କରିଥିଲେ। ସ୍ୱାଧୀନତା ପୂର୍ବ ଓ ପରଠାରୁ ସର୍ବଜନ ହିତାୟ, ସର୍ବଜନ ସୁଖାୟ ନୀତିକୁ ଅବଲମ୍ବନ କରି ସିପିଆଇ ଦେଶ ଓ ରାଜ୍ୟରେ ଚାଷୀ, ମୂଲିଆ, ମଧ୍ୟବିତ୍ତ, ଛାତ୍ର, ଯୁବକ, ଶ୍ରମିକ, କର୍ମଚାରୀ ଓ ଦଳିତ ଆଦିବାସୀଙ୍କ ମୌଳିକ ଅଧିକାର, ନ୍ୟାଯ୍ୟ ଦାବି ପାଇଁ ଅହରହ ସଂଗ୍ରାମ କରି ଆସିଥିବା ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପୁରୀ ଜିଲାର ବିଭିନ୍ନ ସମସ୍ୟା ନେଇ ସ୍ୱାମୀନାଥନ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରିବା, ପ୍ରତ୍ୟେକ କେନାଲ ସୁଦୃଢ଼ ଓ ମରାମତି କରାଯାଇ ଶେଷମୁଣ୍ଡ ପର୍ଯ୍ୟନ୍ତ ପାଣି ଯୋଗାଣ, ଜଳ ନିଷ୍କାସନର ସୁବ୍ୟବସ୍ଥା, କୃଷି ଋଣ ଛାଡ, ସମସ୍ତ ଉପଭୋକ୍ତାଙ୍କୁ ୨ଶହ ୟୁନିଟ୍ ବିଦ୍ୟୁତ୍ ଶୁଳ୍କ ଛାଡ, କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ରଦ୍ଦ ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଉକ୍ତ ସମ୍ମିଳନୀରେ ପୁରୀ ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୩ଶହ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ସିପିଆଇ ନେତା ଓ କର୍ମୀଙ୍କର ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ଫସଲ କ୍ଷୟକ୍ଷତିର ତଦନ୍ତ ଦାବି

**କଣାସ,୨୩।୭(ସ୍ୱ.ପ୍ର):**

ଦୁଇ ଦିନ ଧରି କଣାସ ଅଞ୍ଚଳରେ ୧୬୦ ମି.ମି. ବର୍ଷା ହୋଇ ମଲାଗୁଣୀ ନଦୀରେ ବନ୍ୟାଜଳ ଆସି ଦିବ୍ୟସିଂହପୁର ପଞ୍ଚାୟତ ତୋଟାପଡା ନିକଟରେ ଘାଇ ସୃଷ୍ଟି ହୋଇଛି। ଫଳରେ ଦିବ୍ୟସିଂହପୁର, ଦେଇପୁର, ଗଡଖାରଦ, ବକ୍କୁ, ସାହୁପଡା, ବଡାଲ, ଦୋଛିଆଁ, କାଦୁଆ ପଞ୍ଚାୟତର ଧାନ ଜମି କ୍ଷତିଗ୍ରସ୍ତ ହୋଇଛି। ଜମିରେ ଗଜା ଧାନଗୁଡିକ ପାଣିରେ ବୁଡି ରହି ପଚି ନଷ୍ଟ ହୋଇଗଲାଣି। କ୍ଷତିପୂରଣ ପାଇଁ ବିଡିଓ, ତହସିଲଦାର ଓ କୃଷି ଅଧିକାରୀଙ୍କ ନିକଟରେ ବାରମ୍ବାର କରାଯାଇଥିଲେ ମଧ୍ୟ ଏହାର ତଦନ୍ତ ହୋଇ ନ ଥିବା ଜଣାପଡିଛି। ଏହି କ୍ଷୟକ୍ଷତିର ତଦନ୍ତ ନ ହେଲେ ଆଗାମୀ ଦିନରେ ଲିଙ୍ଗରାଜ ପାଇକରାୟ, ଅଜୟ ପ୍ରଧାନ, କପିଳ ଗୁମାନସିଂ, ଗଦାଧର ସୁବୁଦ୍ଧି, ନନ୍ଦ ଜୟସିଂ, ତେଲାଙ୍ଗାପଡା ଗ୍ରାମର ଭାସ୍କର ବିଶ୍ୱାଳ, ମନୁ ପାତାଳସିଂ, ହାରାଧନ ମଙ୍ଗରାଜ ପ୍ରମୁଖ ତହସିଲ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିବା ବୋଲି ଚେତାବନୀ ଦେଇଛନ୍ତି।

## ଶଙ୍କର ବେଦାନ୍ତର ନୀତି ସମ୍ପର୍କିତ ଚର୍ଚ୍ଚାସୂତ୍ର

**ପୁରୀ ଅଫିସ,୨୩।୭**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହଲ୍‌ରେ ଆଇସିଆର ନ୍ୟୁ ଦିଲ୍ଲୀ ଦ୍ୱାରା ଅନୁବନ୍ଧିତ ସର୍ବଦର୍ଶନ ବିଭାଗ ଦ୍ୱାରା ଆୟୋଜିତ ଦ୍ୱିଦିବସୀୟ ଚର୍ଚ୍ଚାସୂତ୍ର ଶନିବାର ଉଦ୍‌ଯାପିତ ହୋଇଛି। ଦ୍ୱିତୀୟ ଦିବସରେ ମୁଖ୍ୟବକ୍ତା ରୂପେ ସର୍ବଦର୍ଶନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇ ଶଙ୍କର ବେଦାନ୍ତର ବ୍ରହ୍ମ ବିଷୟକ ଜ୍ଞାନକୁ ସରଳ ଏବଂ ସୁବୋଧ ଶୈଳୀରେ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଦ୍ୱୈତ ବେଦାନ୍ତ ବିଭାଗର ଅଧାପିକା ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନ୍ୟାୟ ଦର୍ଶନର ମୁଖ୍ୟ ଡ. ଜୟ ମାଣିକ୍ୟ ଶାସ୍ତ୍ରୀ ମଞ୍ଚ ପରିଚାଳନା କରିଥିଲେ। ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ରୂପେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ସୁବାସ ଚନ୍ଦ୍ର ଦାଶ ଯୋଗଦେଇ ଶଙ୍କରଙ୍କ ସ୍ତୋତ୍ର ସାହିତ୍ୟରେ ନୀତିମୀମାଂସା ଉପରେ ମତ ରଖିଥିଲେ। ଅଧ୍ୟକ୍ଷତା କରିଥିଲେ ସାହିତ୍ୟ ବିଭାଗର ମୁଖ୍ୟ ଡ.ବସନ୍ତ କୁମାର ମିଶ୍ର। ଉକ୍ତ କାର୍ଯ୍ୟକ୍ରମର ତୃତୀୟ ସୂତ୍ର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ସର୍ବଦର୍ଶନ ବିଭାଗର ମୁଖ୍ୟ ଡ.ପ୍ରଦୀପ୍ତ ନନ୍ଦଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ଭୁବନେଶ୍ୱରସ୍ଥିତ ରାଜଧାନୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ଓ ମୁଖ୍ୟ ଡ. ସୁରେଶ୍ୱର ମେହେର ଯୋଗଦେଇ ଅଦ୍ୱୈତ ବେଦାନ୍ତର ବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ଗଭୀର ଆଲୋକପାତ କରିଥିଲେ। ବେଦ ବିଭାଗର ଅଧ୍ୟାପକ ଡ. ଚନ୍ଦନ ମିଶ୍ର ଏବଂ ଜ୍ୟୋତିଷ ବିଭାଗର ଅଧ୍ୟାପକ ଡ. ଶ୍ରୀନିବାସ ପଣ୍ଡା ପରିଚାଳନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମର ମୁଖ୍ୟ ଆବାହିକା ଓ ଆୟୋଜିକା ଡ. ସସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

# ଛାତ୍ରୀଛାତ୍ରଙ୍କୁ ଉଦ୍ଧବଙ୍କ ମାଗଣା ଅଟୋ ସେବା

**ପୁରୀ ଅଫିସ,୨୩।୭:**

ସମାଜରେ ଅନେକ ଲୋକ ଏପରି ଅଛନ୍ତି, ଯେଉଁମାନେ ସମାଜ ସେବା କରି ଏକ ସୁସମାଜ ଗଠନ ଦିଗରେ ଲକ୍ଷ୍ୟ ରଖନ୍ତି। ସେମାନଙ୍କ ନିରନ୍ତର ସେବା ହିଁ ସମାଜକୁ ଏକ ଭଲ ବାର୍ତ୍ତା ଦେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥାଏ। ଏଭଳି କ୍ଷେତ୍ରରେ ଜଣେ ଅଟୋ ଚାଳକ ଏକ ସୁସ୍ଥ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ଥିବା ଆଶା କରି ସେମାନଙ୍କ ପାଇଁ ମାଗଣା ଅଟୋ ସେବା ଯୋଗାଉଛନ୍ତି। ସେ ହେଉଛନ୍ତି ପୁରୀ କୁମ୍ଭାରପଡ଼ା ଅଞ୍ଚଳର ଉଦ୍ଧବ ଚରଣ ସାହୁ। ଉଦ୍ଧବ ପ୍ରତିଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ଅଟୋ ଚଳାଇଥାନ୍ତି। ତେବେ ତାଙ୍କ ଅଟୋର ସ୍ୱତନ୍ତ୍ରତା ହେଉଛି, ସ୍କୁଲ ଓ କଲେଜ ପଢୁଆ ଛାତ୍ରୀଛାତ୍ରଙ୍କଠାରୁ ସେ ଟଙ୍କା ନିଅନ୍ତି ନାହିଁ। ସେମାନଙ୍କୁ ମାଗଣା ଯାତାୟାତର ସୁବିଧା ଦିଅନ୍ତି। ଯେଉଁ ରୁଟ୍‌ରେ ତାଙ୍କ ଅଟୋ ଚାଲୁଥାଏ, ସେହି ରୁଟ୍‌ରେ କେହି ଛାତ୍ରୀଛାତ୍ର ତାଙ୍କ ଅଟୋରେ ବିନା ମୂଲ୍ୟରେ ଯାତାୟାତ କରନ୍ତି। ମୋଦିଙ୍କ ମନ୍ କି ବାତ୍‌ରୁ ତାଙ୍କୁ ଏହି ପ୍ରେରଣା ମିଳିଥିଲା। ଦେଶର ଛାତ୍ରୀଛାତ୍ରମାନେ ଭଲ ଶୈକ୍ଷିକ ପରିବେଶ ପାଇବା ସମସ୍ତଙ୍କର ଦାୟିତ୍ୱ ବୋଲି ମୋଦି ମନ୍ କି ବାତ୍ କାର୍ଯ୍ୟକ୍ରମରେ କହିବା ପରେ ଏହାକୁ ଜୀବନର ଏକ ଲକ୍ଷ୍ୟ କରିଛନ୍ତି ଅଟୋ ଚାଳକ ଉଦ୍ଧବ। ତେଣୁ ନିଜ ଅଟୋର ପଛ ପାର୍ଶ୍ୱରେ ସେ ନିଃଶୁଳ୍କ ସେବା ସମ୍ପର୍କରେ ସ୍ପଷ୍ଟ ଭାବେ ଲେଖିଛନ୍ତି। 'ମୋ ପୁରୀ ସ୍କୁଲ, କଲେଜ ପିଲାଙ୍କୁ ଫ୍ରି' ବୋଲି ଲେଖାରହିଛି। ତେବେ ଗତ ମେ' ୨୬ ତାରିଖଠାରୁ ସେ ଏଭଳି ସମାଜସେବା କରିବା ଆରମ୍ଭ କରିଛନ୍ତି।

ମୋଦିଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ତାଙ୍କ ଜୀବନକୁ ସକାରାତ୍ମକତାରେ ଭରି ଦେଇଛି ଓ କିଛି ଭଲ କାମ କରିବାକୁ ପ୍ରେରଣା ଦେଇଛି ବୋଲି ଉଦ୍ଧବ କହିଛନ୍ତି। ସେ କହିଛନ୍ତି ଯେ, ଅନେକ ପିଲା ଟ୍ରେନ ଓ ବସ୍ ଯୋଗେ ପୁରୀ ପଢ଼ିବାକୁ ଆସୁଛନ୍ତି। ସେମାନଙ୍କ ପାଠପଢ଼ା ଜୀବନକୁ ସାମାନ୍ୟ ସରଳ କରିପାରିଲେ ମୋତେ ଖୁସି




ଉଦ୍ଧବଙ୍କ ଅଟୋରେ ଲେଖାଯାଇଥିବା ବାର୍ତ୍ତା ।



ଚାଳକ ଉଦ୍ଧବ ଚରଣ ସାହୁ।

ମିଳିବ। ପୁରୀ ସହରର ସବୁ ସ୍ଥାନରେ ମୁଁ ଅଟୋ ଧରି ବୁଲେ। କଲେଜ କିମ୍ବା ସ୍କୁଲ ପିଲା ଦେଖିଲେ, ଆପେ ଅଟକିଯାଏ। ସେମାନଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇଦିଏ। ତେବେ ଏସବୁ ମୋତେ ଜୀବନରେ ଖୁସି ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଆମେ ସମସ୍ତ ଏହିଭଳି ପରସ୍ପର ସହଯୋଗ କରିପାରିଲେ ଭଲ ସମାଜଟିଏ ଗଠନ ହୋଇପାରିବ ବୋଲି

### ମନ୍ କୀ ବାତ୍‌ରୁ ମିଳିଛି ପ୍ରେରଣା

ମୋର ବିଶ୍ୱାସ। ସେହିଭଳି ସେ ସାଙ୍ଗରେ ଏକ ଛୋଟ ଡାଏରୀ ରଖିଛନ୍ତି। ଯେଉଁ ଛାତ୍ରୀଛାତ୍ର ନିଃଶୁଳ୍କ ସେବାର ସୁଯୋଗ ନେଇଛନ୍ତି, ସେମାନଙ୍କଠାରୁ ଛୋଟ ବାର୍ତ୍ତା ଓ ସେମାନଙ୍କ ପରିଚୟ ଲେଖି ରଖୁଛନ୍ତି। ପିଲାମାନେ ଅଟୋ ଭାଇନାଙ୍କୁ ଶୁଭେଚ୍ଛା ଦେବା ସହ ଦୀର୍ଘାୟୁ କାମନା କରି ବାର୍ତ୍ତା ଲେଖୁଛନ୍ତି। ତେବେ ଉଦ୍ଧବ ଯେତେଦିନ ଅଟୋ ଚଳାଇବେ ସେତେଦିନ ପିଲାଙ୍କୁ ନିଃଶୁଳ୍କ ସେବା ଯୋଗାଇବେ ବୋଲି କହିଛନ୍ତି। ସୁରଜ ମଲ୍ଲ ଶାହା କଲେଜର ଛାତ୍ରୀ ସୁଶ୍ରୀ ସଙ୍ଗୀତା ନାୟକ ନିଃଶୁଳ୍କ ସେବା ପାଇଥିବା ପ୍ରଥମ ଛାତ୍ରୀ। ସେ କହିଛନ୍ତି, ଅଙ୍କଲ୍ ସବୁବେଳେ ଆମକୁ ମାଗଣା ନେବା ଆଣିବା କରନ୍ତି। ଅଠରନଳାରୁ ସାଙ୍ଗମାନେ ସବୁବେଳେ ତାଙ୍କ ଅଟୋରେ କଲେଜ ଯାଉ। ଜାଗା ନ ଥିଲେ ଖୁନ୍ଦି ହୋଇ ବସୁ, ହେଲେ ଅଙ୍କଲ୍ କେବେ ନେବାକୁ ମନା କରିନାହାନ୍ତି। ସେ ମଜାଳିଆ ବ୍ୟକ୍ତି ଓ ତାଙ୍କ ବ୍ୟକ୍ତିତ୍ୱ ଆମକୁ ଆନନ୍ଦିତ କରେ ବୋଲି କହିଛନ୍ତି।

## ଆଜାଦୀ କା ରେଲ୍‌ଗାଡ଼ି ଔର ଷ୍ଟେଶନ ଉତ୍ସବ ଉଦ୍‌ଯାପିତ

**କଟକ ଅଫିସ:** ଖୋର୍ଦ୍ଧାରୋଡ ମଣ୍ଡଳ ଦ୍ୱାରା ଆଜାଦୀ କା ରେଲ୍‌ଗାଡ଼ି ଔର ଷ୍ଟେଶନ ସ୍ମରଣୀୟ ସପ୍ତାହବ୍ୟାପୀ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ପାଳନ ପାଇଁ ଭାରତୀୟ ରେଳପଥରେ ୭୫ଟି ଷ୍ଟେଶନକୁ ଚିହ୍ନଟ କରାଯାଇଛି। ଏଥିରେ ଖୋର୍ଦ୍ଧାରୋଡ୍ ମଣ୍ଡଳର ତିନୋଟି ରେଳ ଷ୍ଟେଶନ ଖୋର୍ଦ୍ଧା ରୋଡ୍, କଟକ ଓ ସାକ୍ଷୀଗୋପାଳ ଷ୍ଟେଶନକୁ ମନୋନୀତ କରାଯାଇଥିଲା। ସପ୍ତାହବ୍ୟାପୀ ଉତ୍ସବ ପାଳନ ଅବସରରେ କଟକ ରେଳ ଷ୍ଟେଶନରେ ନୁକ୍କଡ ନାଟକ, ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ, ପ୍ରଶ୍ନୋତ୍ତର, ସେଲ୍‌ଫି ପଏଣ୍ଟ, ସ୍ୱାଧୀନତା ସଂଗ୍ରାମୀଙ୍କ ସଂକ୍ଷିପ୍ତ ଐତିହାସିକ ଅଡିଓ ଭିଡିଓ ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ୪ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରାଯାଇଥିଲା।

## ସଂକ୍ଷେପରେ

### ନାବାଳିକା ଉଦ୍ଧାର

**ମଙ୍ଗୁଳି,୨୩।୭(ଡି.ଏନ୍.ଏ.):** ଜଗତ୍‌ପୁର ଥାନା ଅଧୀନ ପୂର୍ବକଚ୍ଛ ଗ୍ରାମର ସାମଲ ସାହିରୁ ଶନିବାର ଜଣେ ନାବାଳିକାଙ୍କୁ ଚାଇଲ୍ଡ ଲାଇନ୍ ପକ୍ଷରୁ ଉଦ୍ଧାର କରାଯାଇଛି। ଗତ ୬ ମାସ ହେବ ସାମଲ ସାହିର ଜଣେ ନାବାଳକ ଫେସ୍‌ବୁକ୍‌ରେ ଚୌଦ୍ୱାର ଥାନା ଅଧୀନ ବଡ଼ପଦା ଗ୍ରାମର ସମ୍ପୃକ୍ତା ନାବାଳିକାଙ୍କୁ ଭଲ ପାଉଥିଲେ। ହେଲେ ୮ ଦିନ ତଳେ ନାବାଳିକାଙ୍କୁ ତାଙ୍କ ଘରୁ ଆଣି ନାବାଳକ ଜଣଙ୍କ ନିଜ ଘରେ ରଖିଥିଲେ। ପରେ ନାବାଳକଙ୍କ ବାପା ଉଭୟଙ୍କ ବିବାହ ପାଇଁ ଯୋଜନା କରୁଥିଲେ। ଏ ସମ୍ପର୍କରେ ଚାଇଲ୍ଡଲାଇନ ସଂଯୋଜକ ନାରାୟଣ ଶୁକ୍ଳା ଶନିବାର ବିଶେଷ ସୂତ୍ରରୁ ଖବର ପାଇଥିଲେ। ପରେ ଶୁକ୍ଳାଙ୍କ ନିର୍ଦ୍ଦେଶରେ ବାଲ୍ୟବିବାହ ଟାସ୍କ ଫୋର୍ସ ସଦସ୍ୟ ନରୋତ୍ତମ ଦାସ, ଉଦ୍ଧାର ଫାଉଣ୍ଡେଶନ ସଦସ୍ୟା ଗୋଲାପ ସିଂ, ଖୁଲଣା ସାହୁ, ଅଙ୍ଗନୱାଡି କର୍ମୀ ଅନିତା ନାୟକ ଓ ଜଗତ୍‌ପୁର ଥାନା ଅଧିକାରୀଙ୍କ ସହ ପୋଲିସ କର୍ମଚାରୀ ନାବାଳକଙ୍କ ଘର ଉପରେ ଚଢାଉ କରିଥିଲେ। ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରି କଟକସ୍ଥିତ ବସୁନ୍ଧରାରେ ରଖାଯାଇଛି।

### ମହିଳା ସୁବିକାଶ ସମବାୟ ସମିତିର କର୍ମକର୍ତ୍ତା ନିର୍ବାଚନ

**କଟକ ଅଫିସ, ୨୩।୭:** ମହିଳା ସୁବିକାଶ ସମବାୟ ସମିତିର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ସଂଯୁକ୍ତା ସିଂ ଓ ଉପସଭାପତି ଭାବେ ଜାଗୃତି ସିଂ ନିର୍ବାଚିତ ହୋଇଥିଲେ। ଏହାପରେ ମହିଳା ସୁବିକାଶ ସମବାୟ ସମିତି କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ଜଣ ନିର୍ଦ୍ଦେଶିକାଙ୍କ ସହିତ ସମ୍ପାଦିକା ଅଞ୍ଜଳି ରାଉତ, ଏମ୍‌ଡି ନିବେଦିତା ରାଉତ ଓ ସଂଯୋଜକ ପ୍ରସାଦ ଦାସ ଯୋଗ ଦେଇଥିଲେ। ଏହାପରେ ନବନିର୍ବାଚିତ ସଭାପତି ଓ ଉପସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ।

### ଶୈଳବାଳା ମହିଳା କଲେଜରେ ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଇଁ କର୍ମଶାଳା

**କଟକ ଅଫିସ,୨୩।୭:** କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୃଷ୍ଟିବାଧିତ ଦିବ୍ୟାଙ୍ଗଙ୍କ ପାଇଁ ଜାତୀୟ ଯୋଜନାର ଖସଡା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଉକ୍ତ ଖସଡାର ଚୂଡାନ୍ତ ରୂପ ପ୍ରସ୍ତୁତ ପାଇଁ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଦୃଷ୍ଟିବାଧିତ ଦିବ୍ୟାଙ୍ଗ ସଂଘ ସଭାପତି ସନ୍ନ୍ୟାସୀ କୁମାର ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ରଥ, ଅନୁପମା ଘୋଷ, ଶିଶୁ ମହିଳା ବିକାଶ ପରିଷଦ ସଭାପତି ମେଜର କଳ୍ପନା ଦାସ, ଏନ୍‌ଏସ୍‌ଏସ୍ ୟୁନିଟ-୧ର କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା, ଡ. ଦୀପ୍ତି ପଣ୍ଡା, ଶିବାନୀ ଦାସ, ଛାତ୍ରୀ ଯାଜ୍ଞସେନୀ ପ୍ରଧାନ ଉପସ୍ଥିତ ଥିଲେ।

# ଯୁବକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

**କଣ୍ଟାପଡା, ୨୩।୭(ଡି.ଏନ୍.ଏ.)**

ଗୋବିନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ବଜାର ନିକଟରୁ ଶନିବାର ସକାଳେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରାଯାଇଛି। ସେ ହେଲେ ସେହି ଗ୍ରାମର ଦେବେନ୍ଦ୍ର ବେହେରା(୩୫)। ତାଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ବଡଭାଇ ଶ୍ୟାମସୁନ୍ଦର ବେହେରା ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀକୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୧୦୩/୨୨) ରୁଜୁ ହୋଇଛି। ତୁରନ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀ ନୂଆଗାଁ ଛକଠାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ରାଜମିସ୍ତ୍ରିଙ୍କ ହେଲ୍‌ପର ଭାବେ କାମ କରୁଥିବା ଦେବେନ୍ଦ୍ର ଶୁକ୍ରବାର ରାତିରେ ଘରକୁ ନ ଫେରି ନ ଥିଲେ। ଫଳରେ ଶ୍ୟାମସୁନ୍ଦର ରାତି ପ୍ରାୟ ୧୧ଟାରେ ଭାଇଙ୍କୁ ଖୋଜିବା ପାଇଁ ନିକଟସ୍ଥ ବଜାର ଆଡକୁ ଯାଉଥିବାବେଳେ ରାସ୍ତାରେ ତାଙ୍କର ସାଇକେଲ ରଖାଯାଇଥିବା



ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀ ଟାୟାରଜାଳି ରାସ୍ତାରୋକୋ କରିଛନ୍ତି।

### ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ

ଦେଖିବାକୁ ପାଇଥିଲେ। ସେଥିରେ ଏକ ପଲିଥିନରେ ପିଜୁଳି ଓ କିଛି ପରିବା ଟଙ୍ଗା ହୋଇଥିଲା। ସେ ସେଠାରେ ଖୋଜାଖୋଜି କରିଥିଲେ ମଧ୍ୟ ଦେବେନ୍ଦ୍ରଙ୍କୁ ନ ପାଇ ସାଇକେଲ ନେଇ ଘରକୁ ପଳାଇ ଆସିଥିଲେ। ଶନିବାର ସକାଳୁ ସେ ବଜାରଆଡେ ଯାଇ ଖୋଜାଖୋଜି କରୁଥିବାବେଳେ ଦେବେନ୍ଦ୍ରଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଫୋନ୍‌ରେ ଗୋବିନ୍ଦପୁର ଥାନାକୁ ଜଣାଇଥିଲେ। ଥାନା ଅଧିକାରୀ ଅନାମ ଚରଣ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହେଲେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ତୁରନ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ନିରପେକ୍ଷ ତଦନ୍ତ ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କଟକ ସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠା ଯାଇଥିଲା।

## ‘ଦେଶ ସେବାରେ ନିୟୋଜିତ ହୁଅନ୍ତୁ ଛାତ୍ରୀଛାତ୍ର’

**ଖୁଣ୍ଟୁଣୀ,୨୩।୭(ଡି.ଏନ୍.ଏ.)**

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ‘ଶ୍ରୀମଦ୍ ଭାଗବତ ଗୀତାରେ ପଞ୍ଚଦଶ ଅଧ୍ୟାୟର ମହତ୍ତ୍ୱ’ ଶୀର୍ଷକ ପାଠଚକ୍ର ଓ ସଂସ୍କୃତ ବିଭାଗର ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ବାବୁଜୀ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଡ. ଶଶିଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଦେଶ ସେବାରେ ନିୟୋଜିତ ହୁଅନ୍ତୁ। ଏଥିରେ ଇଂଲିଶ ବିଭାଗର ମୁଖ୍ୟ ଅଧ୍ୟାପକ ଜିତେନ୍ଦ୍ର କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଶୁଭଦର୍ଶୀ ଦାଶ ସନ୍ଦର୍ଭ ପାଠ ଓ ଅଧ୍ୟାପିକା କୁନ୍ତଳା ବେହୁରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅତିଥିମାନେ ବିଦାୟୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## କରୋନା ଗାଇଡ୍‌ଲାଇନ ଉପରେ ଗୁରୁତ୍ୱ

**ଆଠଗଡ଼,୨୩।୭(ସ୍ୱ.ପ୍ର.)**

### ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରଶାସନ ପକ୍ଷରୁ ଆଠଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଏଥିରେ ଯୋଗଦେଇ କରୋନାର ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରୀ ଗାଇଡ୍‌ଲାଇନ୍ ପାଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ପତାକା ଉତ୍ତୋଳନ କରାଯିବ। ସକାଳ ୯ଟା ୩୦ରେ ଆଠଗଡ ଷ୍ଟାଡିୟମରେ ମିଳିତ ପରେଡ ଅନୁଷ୍ଠିତ ହେବ। ଏହି ଅବସରରେ ଉପଖଣ୍ଡରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷ, ଚାଷୀ ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ସ୍ୱାଧୀନତା ଦିବସରେ ପରିମଳ, ପାନୀୟ ଜଳ ଯୋଗାଣ, ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଆଠଗଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାଶ ଏହାକୁ ସଂଯୋଜନା କରିଥିବାବେଳେ ତହସିଲଦାର ପ୍ରିୟବ୍ରତ ଦାସ, ଆଠଗଡ଼ ଉପଖଣ୍ଡ ଚିକିତ୍ସା ନିରୀକ୍ଷକ ଡା.ବିଜୟ କୁମାର ମିଶ୍ର, ଆଠଗଡ ଥାନା ଅଧିକାରୀ ବାମଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପେନ୍ଦ୍ର କୁମାର ଜେନା ଧନ୍ୟବାଦ ଦେଇଥିଲେ।



କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀ ସଭାଗୃହରେ ଶନିବାର ଅନୁଷ୍ଠିତ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଶୀର୍ଷକ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀ ଓ ଅନ୍ୟମାନେ।

## କାର୍‌ଗିଲ୍ ବିଜୟ ଦିବସ ପାଳିତ

**ବାଙ୍କୀ,୨୩।୭(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପୁରୁଷ ବିଭାଗ ତରଫରୁ କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଏନ୍‌ସିସି ପୁରୁଷ ବିଭାଗ ଅଧିକାରୀ କ୍ୟାପଟେନ୍ ଗୁରୁବାରୀ ସାହୁ ଏହାକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଓ‌କ ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କାରଗିଲ୍ ଯୁଦ୍ଧର ବିବରଣୀ ପ୍ରଦାନ କରିଥିଲେ।

## ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କର



ବୈଠକରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

**ଟିଗିରିଆ,୨୩।୭(ଡି.ଏନ୍.ଏ.)**

### ଜିଲା ପ୍ରାଥମିକ ଶିକ୍ଷକ ସଂଘ ଟିଗିରିଆ ଶାଖାର ବୈଠକ

ଜିଲା ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ଟିଗିରିଆ ନିଜିଗଡ଼ସ୍ଥିତ ପବିତ୍ର ମୋହନ ନୋଡାଲ ବିଦ୍ୟାପୀଠ ପରିସରରେ ଏନପିଏସ୍ ଅନ୍ତର୍ଭୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ନେଇ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ କାର୍ତ୍ତିକଚନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କଟକ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଟିଗିରିଆ ଶାଖା ଗଢ଼ାଯିବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିସହ ପୁରୁଣା ପେନସନ୍ ବ୍ୟବସ୍ଥାକୁ ସରକାର ଲାଗୁ କରିବାକୁ ଦାବି କରାଯାଇଛି। ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରମୋଦ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଟିଗିରିଆ ବ୍ଲକ ଶାଖା ସଭାପତି ଭାବେ ଚନ୍ଦ୍ରକାନ୍ତ ମିଶ୍ର, ସମ୍ପାଦକ ରାଜେଶ କୁମାର ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ବିଶ୍ୱରଞ୍ଜନ ଜେନାଙ୍କୁ ଚୟନ କରାଯାଇଛି। ସେହିପରି ବ୍ଲକ ପ୍ରତିନିଧି ଭାବେ ପ୍ରମୋଦ କୁମାର ଗୋଛି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ସଭାପତି କର୍ଣ୍ଣାର୍ଜ୍ଜୁନ ନାଏକ, ସମ୍ପାଦକ ବେହେରା,କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ରାଉଳ ଏବଂ କାର୍ତ୍ତିକ ଚନ୍ଦ୍ର ସାହୁ ସଂଘର ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ବୈଠକରେ କର୍ଣ୍ଣାର୍ଜ୍ଜୁନ ଏନପିଏସ୍‌ଏବଂ ଓପିଏସ୍ ମଧ୍ୟରେ ରହିଥିବା ପାର୍ଥକ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୁରୁଣା ପେନ୍‌ସନ୍ ଦାବିନେଇ ଟିଗିରିଆ ବ୍ଲକ ପ୍ରାଥମିକ ସଂଘ ତାର ସ୍ୱର ଅଧିକ ଶାଣିତ କରିବା ଉପରେ ଜୋର ଦିଆଯାଇଥିଲା। ଏଥିରେ ବିଇଡି ସଂଘ ସଭାପତି ପ୍ରଭାତ କୁମାର ପଣ୍ଡା, ବରିଷ୍ଠ ଶିକ୍ଷକ ସୁବ୍ରତ କୁମାର ମିଶ୍ର, ଚନ୍ଦ୍ରମଣି ସ୍ୱାଇଁ, ଉଲ୍ଲାସିନୀ ମିଶ୍ର, ସୁବାସ ରଣା ଓ ପ୍ରହ୍ଲାଦ ସାହୁ ପ୍ରମୁଖ ଯୋଗଦେଇଥଲେ।

## ସ୍ଥଗିତ ପାଇଁ ହାଇକୋର୍ଟରେ ମାମଲା

**କଟକ ସଦର,୨୩।୭(ଡି.ଏନ୍.ଏ.)**

### ବ୍ଲକ ଅଧ୍ୟକ୍ଷା ଉପ ନିର୍ବାଚନ

କଟକ ସଦର ବ୍ଲକ ଅଧ୍ୟକ୍ଷା ଉପ ନିର୍ବାଚନ ଆସନ୍ତା ୨୭ ତାରିଖରେ ହେବ। ଏଥିପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। କିନ୍ତୁ ଏହି ଉପ ନିର୍ବାଚନକୁ ସ୍ଥଗିତ ରଖିବା ପାଇଁ ୧୮ ଜଣ ସମିତିସଭ୍ୟାସଭ୍ୟଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଆସନ୍ତା ସୋମବାର ଏହାର ଶୁଣାଣି ହେବ। ଏହାପରେ ଉପ ନିର୍ବାଚନ ହେବ କି ନାହିଁ ତାହା ଜଣାପଡିବ।

ମାମଲାର ବିବରଣୀରୁ ପ୍ରକାଶ, ଉକ୍ତ ବ୍ଲକରେ ମୋଟ୍ ୨୩ଟି ପଞ୍ଚାୟତ ରହିଥିବାବେଳେ ୨୨ ଜଣ ସମିତି ସଭ୍ୟାସଭ୍ୟ ଅଛନ୍ତି। କେବଳ ଗତିରାଉତ ପାଟଣା ପଞ୍ଚାୟତର ସମିତି ସଭ୍ୟା ପଦବୀ ଖାଲି ରହିଛି। ପ୍ରଥମେ ଗତିରାଉତ ପାଟଣା ସମିତି ସଭ୍ୟା ନିର୍ବାଚନ ସରିବା ପରେ ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ କରାଯାଉ ବୋଲି ଆବେଦନକାରୀମାନେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ଗତ ଏପ୍ରିଲ ୨୧ ତାରିଖରେ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷା ତଥା ଗତିରାଉତ ପାଟଣା ସମିତି ସଭ୍ୟା ବିଷ୍ଣୁପ୍ରିୟା ରାଉତଙ୍କର ଅକାଳ ବିୟୋଗ ଘଟିଥିଲା। ଫଳରେ ଉପ ନିର୍ବାଚନର ଆବଶ୍ୟକତା ପଡିଥିଲା। ସେଥିପାଇଁ ଜୁଲାଇ ୬ରେ ଅଧ୍ୟକ୍ଷା ଉପନିର୍ବାଚନ ପାଇଁ ଆୟୋଗ ବିଜ୍ଞପ୍ତି ପ୍ରକାଶ କରିଥିଲେ। ମାତ୍ର କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିଲେ। ତେଣୁ ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୩୮(୧) ଅନୁଯାୟୀ, ପୁନର୍ବାର ଜୁଲାଇ ୧୩ରେ ଦ୍ୱିତୀୟ ଥର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦି ୨୭ ତାରିଖରେ କେହି ନାମାଙ୍କନପତ୍ର ଦାଖଲ ନ କରନ୍ତି ତା’ହେଲେ ନିର୍ବାଚନ ଅଧିକାରୀ ପଞ୍ଚାୟତ ସମିତି ଆଇନ ଧାରା ୪୫(ଗ)ରେ ଥିବା କ୍ଷମତାର ପ୍ରୟୋଗ କରି ଜିଲାପାଳଙ୍କ ଜରିଆରେ ଅଧ୍ୟକ୍ଷା ମନୋନୟନ କରିବା ପାଇଁ ସରକାରଙ୍କୁ ଜଣାଇ ପାରିବେ ବୋଲି ପଞ୍ଚାୟତିରାଜ ବିଭାଗର ଜଣେ ବରିଷ୍ଠ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି।

## ଓଡ଼ିଶାରେ ଆୟୋଡିନ୍‌ଯୁକ୍ତ ଲୁଣ ଉପଲବ୍ଧ ଶୀର୍ଷକ କର୍ମଶାଳା

**କଟକ ଅଫିସ, ୨୩।୭**

ନୂଆଦିଲ୍ଲୀସ୍ଥିତ କଞ୍ଜ୍ୟୁମର ଭଏସ୍ ଓ ଅର୍ଗାନାଇଜେଶନ ଫର୍ କଞ୍ଜ୍ୟୁମର୍ସ ରାଇଟ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ‘ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣର ଆୟୋଡିନ୍‌ଯୁକ୍ତ ଲୁଣ ଓ ସାର୍ବଭୌମିକ ଆୟୋଡିନ ଲୁଣ ଉପଲବ୍ଧ’ ଶୀର୍ଷକ ଏକ କର୍ମଶାଳା ହାଇକୋର୍ଟ ବାର୍ ଆସୋସିଏଶନ ସଭାକକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟର ପୂର୍ବତନ ବିଚାରପତି ଅନନ୍ତ ସୂର୍ଯ୍ୟ ନାରାୟଣ ନାଇଡୁ ମୁଖ୍ୟ ପୃଷ୍ଠପୋଷକ ଓ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ହେମନ୍ତ ଉପାଧ୍ୟାୟ, ଅଭିଷେକ ମହାନ୍ତି, ସୁରଜ କୁମାର, ରଞ୍ଜନ କୁମାର ଝା, ଡା. ବସନ୍ତ ପ୍ରଧାନ, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଆୟୋଡିନ ଲୁଣର ଉପକାରିତା ସମ୍ପର୍କରେ କହିଥିଲେ। ଅର୍ଗାନାଇଜେଶନ ଫର କଞ୍ଜ୍ୟୁମର ରାଇଟ୍‌ର ସଭାପତି ଧ୍ରୁବ ଚରଣ ବାରିକ ଧନ୍ୟବାଦ ଦେଇଥିଲେ।

## ମଙ୍ଗୁଳି-ଧୁମାବତୀ ରାସ୍ତା ଶୋଚନୀୟ

**ଚୌଦ୍ୱାର,୨୩।୭(ଡି.ଏନ୍.ଏ.)**

### ମରାମତି ପାଇଁ ଠିକାଦାରଙ୍କୁ ତାଗିଦ କଲେ ବିଧାୟକ

୫୫ ନମ୍ବର ଜାତୀୟ ରାଜପଥର ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାବେଳେ ବର୍ଷା ହେଲେ ସେଥିରେ ପାଣି ଜମିରହୁଛି। ଫଳରେ ପଥଚାରୀ ଓ ଗାଡ଼ି ଚାଳକମାନେ ଖାଲରେ ପଡି ଖଣ୍ଡିଆଖାବରା ହେଉଛନ୍ତି। ଅନ୍ୟପକ୍ଷରେ ଜାତୀୟ ରାଜପଥ ସମ୍ପ୍ରସାରଣ ନିମନ୍ତେ ବର୍ଷାଜଳ ନିଷ୍କାସନ ପାଇଁ ପୂର୍ବରୁ ଥିବା ବିଭିନ୍ନ ସୋଠ ମୁହଁକୁ ଠିକାସଂସ୍ଥା ବନ୍ଦ କରିଦେଇଛି। ଫଳରେ ବର୍ଷାଜଳ ଠିକ୍ ଭାବେ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ଏପରି କି ଉଦ୍‌ବୃତ୍ତ ଜଳ ରାସ୍ତାପାର୍ଶ୍ୱ ବାସଗୃହ ଓ ଦୋକାନରେ ପଶୁଛି। ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ହାତକୁ ନେଇଥିବା ଠିକାସଂସ୍ଥା କଚ୍ଛପ ଗତିରେ କାମ କରୁଥିବା ନେଇ ଲୋକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା କାମ ଶେଷ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହେଉଛି। କିଛିଦିନ ପୂର୍ବରୁ ପୌରପାଳିକା ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଓ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଠିକାସଂସ୍ଥାର ଢେଙ୍କାନାଳସ୍ଥିତ କାର୍ଯ୍ୟାଳୟକୁ ଯାଇ ରାସ୍ତା ଅବସ୍ଥା ସମ୍ପର୍କରେ ଅବଗତ କରାଇବା ସହିତ ସ୍ଥିତି ଅନୁଧ୍ୟାନ କରିବା ପାଇଁ କହିଥିଲେ। ଶୁକ୍ରବାର ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉକ୍ତ ରାସ୍ତାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ରାସ୍ତା ସମ୍ପ୍ରସାରଣ ଦାୟିତ୍ୱରେ ଥିବା ଠିକାଦାର ଓ ପୌରଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ରାସ୍ତାର ଦୁଇପାର୍ଶ୍ୱରେ ଥିବା ସର୍ଭିସ ରୋଡ୍ ସମ୍ପୂର୍ଣ୍ଣ କରିବା, ରାଜପଥକୁ ସଂଯୋଗ କରୁଥିବା ଆପ୍ରୋଚ୍ ରୋଡ୍‌ଗୁଡ଼ିକର ମରାମତି ଓ ରାଜପଥର ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ସହିତ ଆବଶ୍ୟକ ସ୍ଥଳେ ଛୋଟ କଲଭର୍ଟ କରି ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଠିକାଦାରଙ୍କୁ ତାଗିଦ୍ କରିଥିଲେ।



ରାସ୍ତାର ସ୍ଥିତି ଅନୁଧ୍ୟାନ କରୁଛନ୍ତି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ।

## ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର

**କଟକ ଅଫିସ, ୨୩।୭**

ଉତ୍କଳ ସାହିତ୍ୟ ସମାଜର ୧୨୦ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ‘ଭାରତୀୟତା ଓ ଭାରତୀୟ ସାହିତ୍ୟ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟର ପୂର୍ବତନ ବିଚାରପତି ଅରୁଣ ପରିଚ୍ଛା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସାହିତ୍ୟ ଭାରତୀୟ ସମାଜରେ ପରିଲକ୍ଷିତ ବୈଚିତ୍ର୍ୟକୁ ପରିପ୍ରକାଶ କରିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାରତୀୟ। ସ୍ରଷ୍ଟାମାନେ ଭାରତୀୟ ଚେତନାକୁ ସେମାନଙ୍କ ସୃଷ୍ଟିରେ ଲିପିବଦ୍ଧ କରିବା ଆବଶ୍ୟକ ବୋଲି ପରିଚ୍ଛା କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ କହିଥିଲେ, ବୈଦିକସୂକ୍ତଠାରୁ ଅତ୍ୟାଧୁନିକ ସାହିତ୍ୟ ପର୍ଯ୍ୟନ୍ତ ପ୍ରତିଟି ସାହିତ୍ୟରେ ଭାରତୀୟ ଦର୍ଶନ ଓ ଭାରତୀୟ ଚେତନାର ସ୍ଫୁରଣ ଘଟିଛି। ଏଥିରେ ସମ୍ମାନିତ ଅତିଥି ଭାବେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଯୁବ ଗବେଷକ ଡ. ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ‘ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର-୨୦୨୨’ ପ୍ରଦାନ କରାଯାଇଥିଲା। ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଜୀବନାନନ୍ଦ ଅଧିକାରୀ ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ଶିବାଶିଷ କର ଧନ୍ୟବାଦ ଦେଇଥିଲେ।





ସମାବର୍ତ୍ତନ ଉତ୍ସବରେ ଡ. ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର ପ୍ରଦାନ କରାଯାଉଛି।

### ଉତ୍କଳ ସାହିତ୍ୟ ସମାଜର ସମାବର୍ତ୍ତନ ଉତ୍ସବ ଉଦ୍‌ଘାଟିତ